

ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-352 • SATURDAY • 20 JUNE 2026 • PAGE-12 • ₹ 7.00 | PANIKOILI | ବର୍ଷ-୪୩ • ସଂଖ୍ୟା-୩୫୨ • ଶନିବାର • ୨୦ ଜୁନ୍ ୨୦୨୬ • ପୃଷ୍ଠା-୧୨ • ଟ.୭.୦୦

15001/76/2627

ଓଡ଼ିଶା ଶାସନ | ୨ ବର୍ଷରେ ଗୁଣା ବିକାଶ



ବିକାଶର ଧାରା
ଓଡ଼ିଶା ସାରା



# ₹୪୭,୬୦୦ କୋଟିର
## ବିଭିନ୍ନ ଜନକଲ୍ୟାଣ ପ୍ରକଳ୍ପର ଲୋକାର୍ପଣ ତଥା ଭିତ୍ତିପ୍ରସ୍ତର ସ୍ଥାପନ

**ମୁଖ୍ୟ ଅତିଥି**
**ଶ୍ରୀମତୀ ଦ୍ରୌପଦୀ ମୁର୍ମୁ**
ମାନ୍ୟବର ରାଷ୍ଟ୍ରପତି

**ଗରିମାମୟ ଉପସ୍ଥିତି**
**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଡ. ହରି ବାବୁ କମ୍ଭମପାଟି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶାର ମନ୍ତ୍ରୀଗଣ | ଓଡ଼ିଶାର ସାଂସଦଗଣ | ଓଡ଼ିଶାର ବିଧାୟକ/ ବିଧାୟିକାଗଣ

### ଲୋକାର୍ପଣ
₹୮୧୧ କୋଟିର ରାସ୍ତା ଓ ସେତୁ

₹୫୩୦ କୋଟିର
ସୁଦୃଢ଼ ପରିବହନ ଓ ଗମନାଗମନ ବ୍ୟବସ୍ଥା

ସୁରକ୍ଷିତ ସଡ଼କ, ସ୍ମାର୍ଟ ପରିବହନ ଓ
ଉନ୍ନତ ଜନସେବା ଦିଗରେ ଆଉ ଏକ ପଦକ୍ଷେପ

**ଅନ୍ୟାନ୍ୟ ପ୍ରକଳ୍ପ ₹୩,୨୧୮ କୋଟି**

### ଭିତ୍ତିପ୍ରସ୍ତର ସ୍ଥାପନ
₹୨୫ ହଜାର କୋଟିର 'ବିସିଜିସିଏଲ୍ କୋଲ୍ ଗ୍ୟାସିଫିକେସନ ପ୍ରକଳ୍ପ'

₹୧୭,୧୧୭ କୋଟିର
ଉନ୍ନତ ବିଦ୍ୟୁତ୍ ଶକ୍ତି ଭିତ୍ତିଭୂମି

ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ବୃଦ୍ଧି
ରାଜ୍ୟର ବିଦ୍ୟୁତ ଭିତ୍ତିଭୂମିର ହେବ ବିକାଶ

**ଅନ୍ୟାନ୍ୟ ପ୍ରକଳ୍ପ ₹୯୨୭ କୋଟି**

### ରେଳ ପ୍ରକଳ୍ପ ଲୋକାର୍ପଣ
- ହିନ୍ଦୋଳ - ମେରାମଣ୍ଡଳୀ ମଲ୍ଟି-ଟ୍ରାକିଂ ପ୍ରକଳ୍ପ
- ଯଖପୁରା- ଯାଜପୁର କେନ୍ଦୁଝର ରୋଡ୍ - ବୈତରଣୀ ରୋଡ୍ ମଲ୍ଟି-ଟ୍ରାକିଂ ପ୍ରକଳ୍ପ

ରାଜ୍ୟର ଆଞ୍ଚଳିକ ସଂଯୋଗୀକରଣକୁ ସୁଦୃଢ଼ କରିବା ସହିତ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବ

୨୦ ଜୁନ୍ ୨୦୨୬ | ମଧ୍ୟାହ୍ନ ୧୨:୧୫ | ରାଇରଙ୍ଗପୁର, ମୟୂରଭଞ୍ଜ

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/15001/2/26-27/0076

# ପଶ୍ଚିମବଙ୍ଗ, ହିମାଚଳରେ ଭୂସ୍ଖଳନ; ବନ୍ୟା ସ୍ଥିତି



କୋଲକାତା/ଶିମଲା, ୧୯ ।୬(ଏଜେନ୍ସି): ସାରା ଦେଶର ବିଭିନ୍ନ ପ୍ରାନ୍ତରେ ପ୍ରବଳ ବର୍ଷା ଏବଂ ଝଡ଼ ତୋଫାନ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଶୁକ୍ରବାର ଦିନ କୋଲକାତା ବିମାନବନ୍ଦରରେ ଏକ ବଡ଼ ଧରଣର ଦୁର୍ଘଟଣା ଟଳିଯାଇଛି, ଯେଉଁଠାରେ ଆଗରତାଲା ଅଭିମୁଖେ ଯାତ୍ରା କରିବାକୁ ଥିବା ଏକ ବେସରକାରୀ ବିମାନ ଉପରେ ହଠାତ୍ ବଜ୍ରପାତ ହୋଇଥିଲା। ଏହି ସମୟରେ ବିମାନ ମଧ୍ୟରେ ୧୪୨ ଜଣ ଯାତ୍ରୀ ଥିଲେ। ସୌଭାଗ୍ୟବଶତଃ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ଏବଂ ସେମାନଙ୍କୁ ଅନ୍ୟ ଏକ ବିମାନ ଯୋଗେ ପଠାଯାଇଛି। ତେବେ ଏହି ଘଟଣାରେ ବିମାନବନ୍ଦରର ଦୁଇ ଜଣ କର୍ମଚାରୀ ସାମାନ୍ୟ ଆହତ ହୋଇଛନ୍ତି। ଅପରପକ୍ଷରେ, ପଶ୍ଚିମବଙ୍ଗର ଦାର୍ଜିଲିଂ ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ବାଲାସନ ନଦୀର ଜଳସ୍ତର ବୃଦ୍ଧି ପାଉଛି, ଯାହା ଫଳରେ ଏକ ପ୍ରମୁଖ ପୋଲ ସମ୍ପୂର୍ଣ୍ଣ ରୂପେ ଭାସିଯାଇଛି। ଏହାଦ୍ୱାରା ମିରିକ୍-ଶିଲିଗୁଡ଼ି ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଛି। ସେହିପରି ଉତ୍ତର ବଙ୍ଗଳାର ପାର୍ବତ୍ୟାଞ୍ଚଳରେ କ୍ରମାଗତ ବର୍ଷା ଯୋଗୁଁ ମହାନଦୀ ନିକଟରେ ଏକ ବଡ଼ ଭୂସ୍ଖଳନ ଘଟି ଜାତୀୟ ରାଜପଥ ଅବରୋଧ ହୋଇଛି। ହିମାଚଳ ପ୍ରଦେଶର ଶିମଲାରେ ମଧ୍ୟ ପ୍ରବଳ ବର୍ଷା ପରେ ପାହାଡ଼ ଧସିବା ଯୋଗୁଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ବଜ୍ରପାତ ଯୋଗୁଁ ଝାଡ଼ଖଣ୍ଡରେ ଏକ ବଡ଼ ବିପତ୍ତି ଦେଖାଦେଇଛି। ବିଭିନ୍ନ ଜିଲ୍ଲାରେ ଚଡ଼କ ପଡ଼ି ଦୁଇ ଜଣ ମହିଳା ଏବଂ ଜଣେ ଦୁଇ ବର୍ଷର ଶିଶୁଙ୍କ ସମେତ ମୋଟ ୮ ଜଣଙ୍କର ମୃତ୍ୟୁ ଘଟିଛି। ହଜାରିବାଗ୍ ଜିଲ୍ଲାରେ ସର୍ବାଧିକ ୩ ଜଣ ପ୍ରାଣ ହରାଇଥିବା ବେଳେ ପଲାମୁ, ଲୋହରଦଗା, ଗାମଗଡ଼, ପଶ୍ଚିମ ସିଂହଭୂମ ଏବଂ ଗୋଡ୍ଡା ଜିଲ୍ଲାରୁ ମଧ୍ୟ ମୃତାହତଙ୍କ ଖବର ଆସିଛି। ଏହି ପ୍ରବଳ ବର୍ଷାର ପ୍ରଭାବ ମୁମ୍ବାଇରେ ମଧ୍ୟ ଦେଖିବାକୁ ମିଳିଛି। ନବୀ ମୁମ୍ବାଇ ଆନ୍ତର୍ଜାତୀୟ ବିମାନବନ୍ଦରର ଛାତରୁ ପାଣି ଗଳିବା ଯୋଗୁଁ ଯାତ୍ରୀମାନଙ୍କ ଜିନିଷପତ୍ର ଆସୁଥିବା ଦୁଇଟି କନଭେୟର ବେଲ୍ଟକୁ ସାମୟିକ ଭାବେ ବନ୍ଦ କରିବାକୁ ପଡ଼ିଥିଲା। ପରବର୍ତ୍ତୀ ସମୟରେ ବିମାନବନ୍ଦର କର୍ତ୍ତୃପକ୍ଷ ତୁରନ୍ତ ମରାମତି ଏବଂ ସଫେଇ କାର୍ଯ୍ୟ କରି ସ୍ଥିତିକୁ ସ୍ୱାଭାବିକ କରିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରେ ମୌସୁମୀ ଏବଂ ପ୍ରାକ୍-ମୌସୁମୀ ଜନିତ ବର୍ଷାର ପ୍ରକୋପ ଜାରି ରହିଛି। ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଏବଂ ସମତଳ ଅଞ୍ଚଳରେ ବଜ୍ରପାତ ସାଧାରଣ ଜନତାଙ୍କ ପାଇଁ ବଡ଼ ବିପଦ ସୃଷ୍ଟି କରିଛି।

■ ବିମାନ ଉପରେ ପଡ଼ିଲା ଚଡ଼କ
■ ଝାଡ଼ଖଣ୍ଡରେ ବଜ୍ରପାତରେ ୮ ମୃତ


## ପରୀକ୍ଷା ଦୁର୍ନୀତି: ଶିକ୍ଷାମନ୍ତ୍ରୀଙ୍କ ବହିଷ୍କାର ଦାବିରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ସିଜେପି ମୁଖ୍ୟ

ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ପରୀକ୍ଷାରେ ଅନିୟମିତତା ଏବଂ ପ୍ରଶ୍ନପତ୍ର ଲିକ୍ ମାମଲାକୁ ନେଇ କେନ୍ଦ୍ର ସରକାରଙ୍କ ବିରୋଧରେ ଆନ୍ଦୋଳନ ତେଜିବାରେ ଲାଗିଛି। ଯୁବ ସଂଗଠନ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ର ପ୍ରତିଷ୍ଠାତା ଅଭିଜିତ ଦୀପକେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପତ୍ର ଲେଖି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପଦରୁ ବହିଷ୍କାର କରିବାକୁ ଦାବି କରିଛନ୍ତି। ଅଭିଜିତ ତାଙ୍କ ପତ୍ରରେ ଦର୍ଶାଇଛନ୍ତି ଯେ, ପରୀକ୍ଷା ବିବାଦ ଓ ଅନିଶ୍ଚିତତା ଯୋଗୁଁ ନିକଟରେ ୧୧ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଋଣ କରି ପିଲାଙ୍କୁ ପଢ଼ାଉଥିବା ଏବଂ ମୃତ ଛାତ୍ରଛାତ୍ରୀଙ୍କ ପରିବାରକୁ ତୁରନ୍ତ ୧ କୋଟି ଟଙ୍କା ଲେଖାଏଁ ଆର୍ଥିକ କ୍ଷତିପୂରଣ ପ୍ରଦାନ କରିବାକୁ ସେ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଦେଶର ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ଓ ଦାୟିତ୍ୱବୋଧ ଆଣିବା ପାଇଁ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଜରୁରୀ ବୋଲି ସେ କହିଛନ୍ତି। ଏହି ଦାବିରେ ଜୁନ୍ ୨୦ ତାରିଖରୁ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଛାତ୍ରଛାତ୍ରୀମାନେ ଦିଲ୍ଲୀର ଯନ୍ତର ମନ୍ତରଠାରେ ଏକ ବଡ଼ ଧରଣର ବିକ୍ଷୋଭ ପ୍ରଦର୍ଶନ କରିବେ। ପୂର୍ବରୁ ଗତ ଜୁନ୍ ୬ ତାରିଖରେ ମଧ୍ୟ ସିଜେପି ପକ୍ଷରୁ ପ୍ରଶ୍ନପତ୍ର ଲିକ୍ ବିରୋଧରେ ପ୍ରଦର୍ଶନ କରାଯାଇଥିଲା। ଶିକ୍ଷାମନ୍ତ୍ରୀଙ୍କୁ ବହିଷ୍କାର କଲେ ହିଁ ସରକାରଙ୍କ ଛାତ୍ରଛାତ୍ରୀଙ୍କ ପ୍ରତି ଥିବା ପ୍ରତିବଦ୍ଧତା ପ୍ରମାଣିତ ହେବ ବୋଲି ସଂଗଠନ ଚେତାବନୀ ଦେଇଛି।

## 'ପୁଷ୍ପା-୨' ଦଳାଚକଟା ମାମଲା: ଅଲ୍ଲୁ ଅର୍ଜୁନଙ୍କୁ କୋର୍ଟ ସମନ୍

ହାଇଦରାବାଦ୍, ୧୯ ।୬(ଏଜେନ୍ସି): ତେଲୁଗୁ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ତାଙ୍କ ଅଭିନୀତ ଚଳଚ୍ଚିତ୍ର 'ପୁଷ୍ପା ୨: ଦି ରୁଲ୍'ର ପ୍ରମୋସନ ସମୟରେ ଘଟିଥିବା ଦଳାଚକଟା ମାମଲାରେ ହାଇଦ୍ରାବାଦର ନାମପଲ୍ଲୀ କୋର୍ଟ ଅଭିନେତାଙ୍କ ସମେତ ୨୦ ଜଣଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବା ପାଇଁ ସମନ୍ ଜାରି କରିଛନ୍ତି। ସେମାନଙ୍କୁ ଆସନ୍ତା ସୋମବାର, ଜୁନ୍ ୨୨ ତାରିଖରେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ପୋଲିସ ଦାଖଲ କରିଥିବା ଚାର୍ଜସିଟ୍‌ରେ ଅଲ୍ଲୁ ଅର୍ଜୁନଙ୍କୁ ୧୧ ନମ୍ବର ଆସାମୀ ଭାବେ ନାମିତ କରାଯାଇଛି। ଅପରପକ୍ଷରେ ସନ୍ଧ୍ୟା ଥିଏଟରର ପରିଚାଳନା କର୍ତ୍ତୃପକ୍ଷଙ୍କୁ ୧ ରୁ ୧୦ ନମ୍ବର ଆସାମୀ କରାଯାଇଛି। ୨୦୨୪ ଡିସେମ୍ବର ୪ ରେ ହାଇଦ୍ରାବାଦର ସନ୍ଧ୍ୟା ଥିଏଟରରେ ଅଲ୍ଲୁ ଅର୍ଜୁନଙ୍କୁ ଦେଖିବା ପାଇଁ ହଜାର ହଜାର ପ୍ରଶଂସକଙ୍କ ଭିଡ଼ ଜମିଥିଲା। ଏହି ସମୟରେ ଭିଡ଼ ଓ ଦୌଡ଼ାଦୌଡ଼ି ଯୋଗୁଁ ଜଣେ ୩୫ ବର୍ଷୀୟା ମହିଳାଙ୍କର ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ପୁଅ ଗୁରୁତର ଆହତ ହୋଇଥିଲା।

## ରାହୁଲଙ୍କ ଜନ୍ମଦିନରେ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା



ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): କଂଗ୍ରେସ ନେତା ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ଦିନ ୫୬ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଇଣ୍ଡିଆ ମେଣ୍ଟର ପ୍ରମୁଖ ନେତାମାନଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ଶୀର୍ଷ ନେତୃବୃନ୍ଦ ତାଙ୍କୁ ଜନ୍ମଦିନର ଶୁଭକାମନା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ 'ଏକ୍ସ' ରେ ପୋଷ୍ଟ କରି ଲେଖିଛନ୍ତି, 'ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଜୀଙ୍କୁ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା। ମୁଁ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ ପାଇଁ ପ୍ରାର୍ଥନା କରୁଛି।' କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାଡ଼ଗେ ରାହୁଲଙ୍କ ନେତୃତ୍ୱକୁ ପ୍ରଶଂସା କରି କହିଛନ୍ତି ଯେ ସମ୍ବିଧାନର ସୁରକ୍ଷା, ସାମାଜିକ ନ୍ୟାୟ ଏବଂ ଶୋଷିତ ଓ ଅବହେଳିତ ଲୋକଙ୍କ ସ୍ୱରକୁ ସାମ୍ନାକୁ ଆଣିବା ପାଇଁ ରାହୁଲଙ୍କ ସଂଗ୍ରାମ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରିତ କରିଛି। ସେ ତାଙ୍କର ସୁସ୍ଥ ଓ ଦୀର୍ଘ ଜୀବନ କାମନା କରିଛନ୍ତି। ଇଣ୍ଡିଆ ମେଣ୍ଟର ସହଯୋଗୀ ଆରଜେଡି ନେତା ତେଜସ୍ୱୀ ଯାଦବ, ଏନସିପି ନେତା ସୁପ୍ରିୟା ସୁଲେ ଏବଂ ଟିଭିକେ ମୁଖ୍ୟ ସି. ଜୋସେଫ୍ ବିଜୟ ମଧ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# 'ଇରାନ ସମ୍ପୂର୍ଣ୍ଣ ରୂପେ ଶେଷ ହୋଇଯାଇଛି'

ୱାଶିଂଟନ, ୧୯ ।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ନେଇ ଏକ ବଡ଼ ବୟାନ ଦେଇଛନ୍ତି। ଯୁଦ୍ଧ ପରେ ଇରାନ ଅଧିକ ଶକ୍ତିଶାଳୀ ହୋଇ ଉଭା ହୋଇଥିବା ନେଇ ଚାଲିଥିବା ଚର୍ଚ୍ଚାକୁ ସେ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛନ୍ତି। ଟ୍ରମ୍ପ ଦାବି କରିଛନ୍ତି ଯେ ସାମ୍ପ୍ରତିକ ଯୁଦ୍ଧ ଯୋଗୁଁ ଇରାନ ସମ୍ପୂର୍ଣ୍ଣ ରୂପେ ଶେଷ ହୋଇଯାଇଛି ଏବଂ ଆମେରିକା ପକ୍ଷରୁ ତାକୁ କୌଣସି ଆର୍ଥିକ ସହାୟତା ବା ଆଶ୍ୱସ୍ତି ମିଳିବ ନାହିଁ। ନିଜର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ୍'ରେ ଏକାଧିକ ବାର୍ତ୍ତା ସେୟାର କରି ଟ୍ରମ୍ପ ନିଜର ରାଜନୈତିକ ବିରୋଧୀ ଡେମୋକ୍ରାଟ୍ସମାନଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ ଲେଖିଛନ୍ତି, 'ଯୁଦ୍ଧ ଯୋଗୁଁ ଇରାନର ଶକ୍ତି ସମ୍ପୂର୍ଣ୍ଣ ହ୍ରାସ ପାଇଛି। ବର୍ତ୍ତମାନ ତାହା ପାଖରେ ନା ବାୟୁସେନା ଅଛି, ନା ନୌସେନା, ନା କୌଣସି ଆଣ୍ଟି-ଏୟାରକ୍ରାଫ୍ଟ ଉପକରଣ ବା ରାଡାର ବ୍ୟବସ୍ଥା ବାକି ରହିଛି। ସେ ପ୍ରାୟ ସର୍ବସ୍ୱାନ୍ତ ହୋଇଯାଇଛି।' ୪ ମାସ ପୂର୍ବ ଅପେକ୍ଷା ଇରାନ ଏବେ ଭଲ ସ୍ଥିତିରେ ଅଛି ବୋଲି ବିରୋଧୀ ଦଳ କହୁଥିବାରୁ ସେ ସେମାନଙ୍କ ଜ୍ଞାନକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ଆମେରିକା କୌଣସି ନିରାଶା ବା ବାଧ୍ୟବାଧକତାରେ ଆଲୋଚନା ପାଇଁ ଆଗେଇ ନାହିଁ, ବରଂ ନିଜର ସର୍ବନାଶ ଦେଖି ଇରାନ ହିଁ ଚୁକ୍ତି ପାଇଁ ବ୍ୟାକୁଳ ହୋଇଥିଲା। ନିକଟରେ ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ପ୍ରାଥମିକ ବୁଝାମଣା ପତ୍ର ଅନୁଯାୟୀ ଆଗାମୀ ୬୦ ଦିନର ସମୟସୀମା ମଧ୍ୟରେ ବାକି ପ୍ରସଙ୍ଗର ଆଲୋଚନା କରାଯିବ। କିନ୍ତୁ ଏହି ସମୟ ମଧ୍ୟରେ ଇରାନକୁ କୌଣସି ଅର୍ଥ ପ୍ରଦାନ କରାଯିବ ନାହିଁ ବୋଲି ଟ୍ରମ୍ପ କହିଛନ୍ତି। ଟ୍ରମ୍ପଙ୍କ ଏହି ତୀବ୍ର ପ୍ରତିକ୍ରିୟା ଇରାନର ସର୍ବୋଚ୍ଚ ନେତା ମୋଜତାବା ଖାମେନେଇଙ୍କ ବୟାନର ଗୋଟିଏ ଦିନ ପରେ ଆସିଛି। ଗୁରୁବାର ଦିନ ଖାମେନେଇ ଦେଶବାସୀଙ୍କୁ ସମ୍ବୋଧିତ କରି କହିଥିଲେ ଯେ ଚୁକ୍ତି କରିବା ପାଇଁ ପ୍ରେସିଡେଣ୍ଟ ଟ୍ରମ୍ପ ନିଜେ ବ୍ୟାକୁଳ ଥିଲେ ଏବଂ ଏଥିପାଇଁ ସେ ସମସ୍ତ ପ୍ରକାର ଚାପ ପ୍ରୟୋଗ କରିଥିଲେ। ଖାମେନେଇ କହିଥିଲେ ଯେ ସେ ବ୍ୟକ୍ତିଗତ ଭାବେ ଏହି ଚୁକ୍ତିର ବିରୋଧୀ ଥିଲେ, କିନ୍ତୁ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଏବଂ ଜାତୀୟ ସୁରକ୍ଷା ପରିଷଦର ପ୍ରତିଶ୍ରୁତି ପରେ ଦେଶର ସ୍ୱାର୍ଥ ରକ୍ଷା ପାଇଁ ଏହାକୁ ଅନୁମତି ଦେଇଛନ୍ତି। ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧର ଅନ୍ତ ଘଟାଇବା ପାଇଁ ଏକ ପ୍ରାଥମିକ ଚୁକ୍ତିନାମା



ସ୍ୱାକ୍ଷରିତ ହୋଇସାରିଥିଲେ ମଧ୍ୟ ଉଭୟ ଦେଶ ମଧ୍ୟରେ ବାକ୍‌ଯୁଦ୍ଧ ଏବଂ ଅବିଶ୍ୱାସର ପରିବେଶ କମିନାହିଁ।

## ଟ୍ରମ୍ପଙ୍କ ଇରାନ ନୀତିରେ ଆମେରିକାବାସୀ ଅସନ୍ତୁଷ୍ଟ

ୱାସିଂଟନ, ୧୯ ।୬(ଏଜେନ୍ସି): ଇରାନ ସହିତ ଚାଲିଥିବା ଯୁଦ୍ଧ ଓ କୂଟନୀତି ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଲୋକପ୍ରିୟତାକୁ ନେଇ ଏକ ନୂତନ ସର୍ଭେ (ଏପି-ଏନ୍‌ଓଆରସି ପୋଲ) ସାମ୍ନାକୁ ଆସିଛି। ଏହି ସର୍ଭେ ଅନୁଯାୟୀ, ଅଧିକାଂଶ ଆମେରିକୀୟ ନାଗରିକ ଟ୍ରମ୍ପଙ୍କ ଇରାନ ନୀତିକୁ ନାପସନ୍ଦ କରିଛନ୍ତି। ପ୍ରାୟ ୬୫ ପ୍ରତିଶତ ଆମେରିକୀୟ ନାଗରିକ ଇରାନ ପ୍ରସଙ୍ଗରେ ଟ୍ରମ୍ପଙ୍କ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିଛନ୍ତି। ମାତ୍ର ୨୮ ପ୍ରତିଶତ ରିପବ୍ଲିକାନ୍ ସଦସ୍ୟ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି, ଯାହା ଦର୍ଶାଉଛି ଯେ ଏହି ବିଷୟରେ ଦେଶରେ ତୀବ୍ର ରାଜନୈତିକ ବିଭାଜନ ରହିଛି। ଇରାନ ପ୍ରସଙ୍ଗରେ ବିରୋଧ ସତ୍ତ୍ୱେ ରାଷ୍ଟ୍ରପତି ଭାବେ ଟ୍ରମ୍ପଙ୍କ ସାମଗ୍ରିକ ଲୋକପ୍ରିୟତା ବା ସମର୍ଥନ ହାର ୩୭ ପ୍ରତିଶତରେ ସ୍ଥିର ରହିଛି।

## ଟ୍ରମ୍ପଙ୍କ ଫଟୋ ଦାବି ଉପରେ ଗର୍ଜିଲେ ମେଲୋନି

ରୋମ, ୧୯ ।୬(ଏଜେନ୍ସି): ଜି-୭ (ଏ୭) ସମ୍ମିଳନୀରେ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ଫଟୋ ଉଠାଇବା ପାଇଁ ଅନୁରୋଧ କରୁଥିଲେ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିବା ପରେ ଦୁଇ ନେତାଙ୍କ ମଧ୍ୟରେ ବିବାଦ ଚରମ ସୀମାରେ ପହଞ୍ଚିଛି। ମେଲୋନି ଏହାର କଡ଼ା ଜବାବ ଦେଇ ଟ୍ରମ୍ପଙ୍କ ଏହି ମନ୍ତବ୍ୟକୁ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି। ଏକ ଇଟାଲୀୟ ଟେଲିଭିଜନ ଚ୍ୟାନେଲକୁ ସାକ୍ଷାତକାର ଦେଇ ଟ୍ରମ୍ପ କହିଥିଲେ, 'ମେଲୋନି ମୋ ସହ ଫଟୋ ଉଠାଇବାକୁ ବ୍ୟାକୁଳ ଥିଲେ ଏବଂ ଅନୁରୋଧ କରୁଥିଲେ। ମୁଁ ତାଙ୍କୁ ଦୟା କରି ଫଟୋ ଉଠାଇବାକୁ ଅନୁମତି ଦେଇଥିଲି।' ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି ମେଲୋନି କହିଛନ୍ତି, 'ଟ୍ରମ୍ପଙ୍କ କଥା ସମ୍ପୂର୍ଣ୍ଣ ମନଗଢ଼ା। ଆମେରିକା ରାଷ୍ଟ୍ରପତି ନିଜର ବନ୍ଧୁ ରାଷ୍ଟ୍ରମାନଙ୍କ ପ୍ରତି ଏଭଳି ବ୍ୟବହାର କରୁଥିବା ବେଳେ ପଶ୍ଚିମ ଦେଶଗୁଡ଼ିକର ଶତ୍ରୁମାନଙ୍କ ପ୍ରତି ନରମ ଆଭିମୁଖ୍ୟ ପୋଷଣ କରୁଛନ୍ତି, ଯାହା ଅତ୍ୟନ୍ତ ନିରାଶାଜନକ। ଗୋଟିଏ କଥା ମନେ ରଖିବା ଉଚିତ ଯେ ମୁଁ କିମ୍ବା ଇଟାଲୀ କେବେ କାହାକୁ ଭିକ ମାଗନ୍ତି ନାହିଁ।' ଇରାନ ଯୁଦ୍ଧ ଏବଂ ପୋପ୍‌ଙ୍କୁ ସମାଲୋଚନା ପ୍ରସଙ୍ଗରେ ଉଭୟଙ୍କ ମଧ୍ୟରେ ପୂର୍ବରୁ ତିକ୍ତତା ଥିଲା। ଏହି ନୂତନ ବିବାଦ ପରେ ଇଟାଲୀର ବୈଦେଶିକ ମନ୍ତ୍ରୀ ଆଣ୍ଟୋନିଓ ତାଜାନୀ ଏହାକୁ ସମଗ୍ର ଇଟାଲୀର ଅପମାନ ବୋଲି କହି ନିଜର ଆଗାମୀ ଆମେରିକା ଗସ୍ତ ବାତିଲ କରିଦେଇଛନ୍ତି।

## ଗୋଆ ନାଇଟ୍‌କ୍ଲବ୍ ଅଗ୍ନିକାଣ୍ଡ; ଇଡି ପକ୍ଷରୁ ଚାର୍ଜସିଟ୍ ଦାଖଲ

ପାଣାଜୀ, ୧୯ ।୬(ଏଜେନ୍ସି): ଗତବର୍ଷ ଗୋଆର ଏକ ନାଇଟ୍ କ୍ଲବ୍‌ରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି) ପକ୍ଷରୁ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। 'ବିର୍ଚ୍ଚ ବାଏ ରୋମିଓ ଲେନ୍' ନାଇଟ୍ କ୍ଲବ୍‌ର ମାଲିକ ଓ ଅଂଶୀଦାରମାନଙ୍କ ବିରୋଧରେ ମନି ଲଣ୍ଡରିଂ (ଅର୍ଥ ହେରଫେର) ଅଭିଯୋଗରେ ଇଡି ଏକ ଚାର୍ଜସିଟ୍ ଦାଖଲ କରିଛି। ଇଡିର ତଦନ୍ତରୁ ଜଣାପଡ଼ିଛି ଯେ, ଉତ୍ତର ଗୋଆର ଆରପୋରାସ୍ଥିତ ଏହି ନାଇଟ୍ କ୍ଲବ୍‌ଟି କୌଣସି ଜରୁରୀକାଳୀନ ସରକାରୀ ଅନୁମତି ବା ମଞ୍ଜୁରୀ ବିନା ବେଆଇନ ଭାବେ ଚାଲୁଥିଲା। ଗତ ବର୍ଷ ଡିସେମ୍ବର ୬ ତାରିଖରେ ଏହି କ୍ଲବ୍‌ରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡରେ ୫ ଜଣ ପର୍ଯ୍ୟଟକଙ୍କ ସମେତ ମୋଟ ୨୫ ଜଣ ପ୍ରାଣ ହରାଇଥିଲେ।

## ଗ୍ରାମୀଣ ବିକାଶରେ ଡିଜିଟାଲ୍ ବିପ୍ଳବ: ଗାଁ ରାସ୍ତାକୁ ମିଳିବ କୋଡ୍

ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ଦେଶର ପ୍ରତିଟି ଗାଁ ଗହଳିର ଆଭ୍ୟନ୍ତରୀଣ ରାସ୍ତାଘାଟର ଉନ୍ନତି ଓ ସହଜ ଯୋଗାଯୋଗ ପାଇଁ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛି। ଏଣିକି ପ୍ରତିଟି ଗାଁ ରାସ୍ତାକୁ ଏକ ସ୍ୱତନ୍ତ୍ର ଡିଜିଟାଲ୍ କୋଡ୍ ଏବଂ ପରିଚୟ ପ୍ରଦାନ କରାଯିବ। ଗ୍ରାମାଞ୍ଚଳର ରାସ୍ତାଗୁଡ଼ିକୁ ମୁଖ୍ୟ ରାସ୍ତା, କ୍ରସ୍ ରୋଡ୍ ଏବଂ ସଂଯୋଗୀକରଣ ରାସ୍ତା ଭଳି ତିନୋଟି ଶ୍ରେଣୀରେ ବିଭକ୍ତ କରାଯିବ। ପ୍ରତ୍ୟେକ ରାସ୍ତାକୁ ଏକ ସ୍ୱତନ୍ତ୍ର ଆଲଫାନ୍ୟୁମେରିକ କୋଡ୍ ଦିଆଯିବ। ଏହି ବ୍ୟବସ୍ଥାରେ ଡାକ ବିଭାଗର 'ଡ଼ିଜିପିନ୍' ଏବଂ 'ଗ୍ରାମ ମାନଚିତ୍ର' ଭଳି ଡିଜିଟାଲ୍ ଉପକରଣ ବ୍ୟବହାର କରି ରାସ୍ତାର ଜିଓ-ସ୍ପେସିଆଲ୍ ମ୍ୟାପିଂ କରାଯିବ। ଏହାସହ ରାସ୍ତାକଡ଼ରେ କ୍ୟୁଆର କୋଡ୍ ସହିତ ସାଇନବୋର୍ଡ ଲଗାଯିବ, ଯାହାଦ୍ୱାରା ଜୀବନରକ୍ଷାକାରୀ ଆମ୍ବୁଲାନ୍ସ, ଚିଠିପତ୍ର ଓ ଜରୁରୀକାଳୀନ ସେବା ତୁରନ୍ତ ଲୋକଙ୍କ ପାଖରେ ପହଞ୍ଚିପାରିବ।

## ଚୀନ୍‌ର ମେଗା ଡ୍ୟାମ୍ ନିର୍ମାଣକୁ ଜବାବ ଦେବ ଭାରତ

ଗୌହାଟୀ, ୧୯ ।୬(ଏଜେନ୍ସି):ଭାରତୀୟ ସୀମାନ୍ତକୁ ଲାଗି ଚୀନ୍ ବିଶ୍ୱର ସବୁଠାରୁ ବଡ଼ ଜଳବିଦ୍ୟୁତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି। ତିବ୍ବତର ୟାରଲୁଙ୍ଗ ସାଙ୍ଗପୋ (ବ୍ରହ୍ମପୁତ୍ର) ନଦୀର ତଳ ମୁଣ୍ଡରେ, ଅରୁଣାଚଳ ପ୍ରଦେଶ ସୀମାରୁ ମାତ୍ର ୫୦ କିଲୋମିଟର ଦୂରରେ ଏହି ମେଗା ପ୍ରକଳ୍ପ ପ୍ରସ୍ତୁତ ହେଉଛି। ଏହାର କଡ଼ା ଜବାବ ଦେବା ପାଇଁ ଭାରତ ମଧ୍ୟ ଏକ ପ୍ରତିରକ୍ଷାମୂଳକ ବଡ଼ ଯୋଜନା ପ୍ରସ୍ତୁତ କରିଛି। ଚୀନର ଏହି ପଦକ୍ଷେପ ବିରୋଧରେ ଭାରତ ଅରୁଣାଚଳ ପ୍ରଦେଶର ସିଆଙ୍ଗ ନଦୀରେ 'ସିଆଙ୍ଗ ଅପର୍ ମଲ୍ଟିପର୍ପଜ୍ ପ୍ରୋଜେକ୍ଟ' (ଏସ୍‌ୟୁଏମ୍‌ପି) ନିର୍ମାଣ କରିବାକୁ ଯାଉଛି। ଏହା ଏକ ୧୧, ୦୦୦ ମେଗାୱାଟ୍ ବିଶିଷ୍ଟ ଜଳବିଦ୍ୟୁତ ଓ ବନ୍ୟା ନିୟନ୍ତ୍ରଣ ପ୍ରକଳ୍ପ, ଯାହା ଭାରତର ସବୁଠାରୁ ବଡ଼ ପ୍ରକଳ୍ପ ହେବ। ଏଥିପାଇଁ ପ୍ରାୟ ୧.୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବାର ଅନୁମାନ କରାଯାଇଛି। ସାମର୍ଥ୍ୟ ଦୃଷ୍ଟିରୁ ଚୀନର ପ୍ରକଳ୍ପ ଭାରତ ତୁଳନାରେ ଯଥେଷ୍ଟ ବଡ଼। ଚୀନ୍ ସେଠାରେ ୬୦, ୦୦୦ ମେଗାୱାଟ୍ ବିଶିଷ୍ଟ ମେଦୋଗ୍ ଜଳବିଦ୍ୟୁତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଦେଇଥିବା ବେଳେ ଭାରତର ପ୍ରକଳ୍ପ ଏବେ ପ୍ରାଥମିକ ସର୍ବେକ୍ଷଣ ସ୍ତରରେ ରହିଛି। ୟାରଲୁଙ୍ଗ ସାଙ୍ଗପୋ ନଦୀ ଭାରତରେ



ପ୍ରବେଶ କରି ବ୍ରହ୍ମପୁତ୍ର ନାମରେ ନାମିତ ହୋଇଛି, ଯାହା ଆସାମ ଓ ଅରୁଣାଚଳର ଜୀବନରେଖା। ଚୀନର ଏହି ବିଶାଳ ଡ୍ୟାମ୍ ଯୋଗୁଁ ଭାରତର ନଦୀ ପ୍ରବାହ ପ୍ରଭାବିତ ହେବା ସହ କୃଷି ଓ ପରିବେଶ ନଷ୍ଟ ହେବା ଏବଂ ଭୟଙ୍କର ବନ୍ୟା ଆସିବାର ଆଶଙ୍କା ରହିଛି।



## ସ୍ତ୍ରୀକୁ ବାନ୍ଧି ମାଡ଼, ଲଣ୍ଡା କରି ପରିସ୍ରା ପିଇବାକୁ ବାଧ କଲା ସ୍ୱାମୀ

କୋରିଆ (ଛତିଶଗଡ଼), ୧୯ ।୬(ଏଜେନ୍ସି): ଛତିଶଗଡ଼ର କୋରିଆ ଜିଲ୍ଲାରୁ ଏକ ଅମାନୁଷିକ ଘଟଣା ସାମ୍ନାକୁ ଆସିଛି। ଚରିତ୍ରକୁ ସନ୍ଦେହ କରି ଜଣେ ବ୍ୟକ୍ତି ନିଜ ପିଲାମାନଙ୍କ ସମ୍ମୁଖରେ ସ୍ତ୍ରୀକୁ ବାନ୍ଧି ନିର୍ମମ ଭାବେ ମାଡ଼ ମାରିବା ସହ ଲଣ୍ଡା କରି ପରିସ୍ରା ପିଇବାକୁ ବାଧ କରିଥିବା ଅଭିଯୋଗ ହୋଇଛି। ପୀଡ଼ିତା ତାରା ଏବଂ ଜିତେନ୍ଦ୍ର ଘାସିଆଙ୍କର ୧୫ ବର୍ଷ ପୂର୍ବେ ବିବାହ ହୋଇଥିଲା ଓ ସେମାନଙ୍କର ୪ଟି ସନ୍ତାନ ଅଛନ୍ତି। ସ୍ୱାମୀଙ୍କ ନିର୍ଯାତନା ଯୋଗୁଁ ମହିଳା ଜଣକ ନିଜ ପିଲାମାନଙ୍କ ସହ ଅଲଗା ରହି କାମଧନ୍ଦା କରୁଥିଲେ। ଗତ ୧୪ ତାରିଖରେ ସ୍ୱାମୀ ଜିତେନ୍ଦ୍ର ସେଠାରେ ପହଞ୍ଚି ମହିଳାଙ୍କ ଚରିତ୍ରକୁ ସନ୍ଦେହ କରି ଗାଳିଗୁଲଜ କରିଥିଲା। ପରେ ତାଙ୍କ ହାତଗୋଡ଼ ବାନ୍ଧି ନିସ୍ତୁକ ମାଡ଼ ମାରିବା ସହ ମୁଣ୍ଡ ଲଣ୍ଡା କରି ମୁହଁରେ କଳା ବୋଳି ଦେଇଥିଲା। ଏପରିକି ପିଲାମାନଙ୍କୁ ମଧ୍ୟ ମା'କୁ ଚାପୁଡ଼ା ମାରିବା ଓ ପରିସ୍ରା ପିଆଇବା ପାଇଁ ବାଧ କରିଥିଲା। ଏହି ଘଟଣାର ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ମହିଳାଙ୍କ ଅଭିଯୋଗ ଏବଂ ଭିଡିଓ ସାମ୍ନାକୁ ଆସିବା ପରେ ପୁଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ବିଭିନ୍ନ ଗମ୍ଭୀର ଧାରା ଅଧୀନରେ ମାମଲା ରୁଜୁ କରିଛି। ଅଭିଯୁକ୍ତ ସ୍ୱାମୀକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଉଥିବା ପୁଲିସ ସୂଚନା ଦେଇଛି।

## ଟେଲିଗ୍ରାମ୍ ଉପରୁ ହଟିବନି ବ୍ୟାନ୍

ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ନିଟ୍ ପୁନଃ-ପରୀକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ଦ୍ୱାରା ଟେଲିଗ୍ରାମ୍ ଆପ୍ ଉପରେ ଲଗାଯାଇଥିବା ସାମୟିକ କଟକଣାକୁ ଦିଲ୍ଲୀ ହାଇକୋର୍ଟ ଗ୍ରହଣ କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଟେଲିଗ୍ରାମ୍ ପକ୍ଷରୁ ଦାୟର ହୋଇଥିବା ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି। ଜଷ୍ଟିସ ତେଜସ କାରିଆଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ସ୍ପଷ୍ଟ କରିଛନ୍ତି ଯେ, ଆଗାମୀ ନିଟ୍ ପୁନଃ-ପରୀକ୍ଷାକୁ ଆଖିରେ ରଖି ଆସନ୍ତା ଜୁନ୍ ୨୨ ତାରିଖ ପର୍ଯ୍ୟନ୍ତ ଟେଲିଗ୍ରାମ୍ ଉପରେ କଟକଣା ଜାରି ରହିବ। ଗତ ଜୁନ୍ ୧୬ ତାରିଖରେ କେନ୍ଦ୍ର ସରକାର ଏହି ସାମୟିକ ବ୍ୟାନ୍ ଲଗାଇଥିଲେ। କୋର୍ଟରେ ଦାଖଲ ହୋଇଥିବା ସତ୍ୟପାଠରେ କେନ୍ଦ୍ର ସରକାର ଦର୍ଶାଇଛନ୍ତି ଯେ, ଟେଲିଗ୍ରାମ୍‌ର ଗୋପନୀୟତା ଓ ଅଜ୍ଞାତ ରହିବାର ସୁବିଧା ଯୋଗୁଁ ଏହାକୁ ସାଇବର ଅପରାଧ, ପ୍ରଶ୍ନପତ୍ର ଲିକ୍, ଆତଙ୍କବାଦୀ ପ୍ରଚାର ଏବଂ ଆର୍ଥିକ ପ୍ରତାରଣା ପାଇଁ ବହୁଳ ଭାବେ ବ୍ୟହାର କରାଯାଉଛି। ଟେଲିଗ୍ରାମ୍ ପକ୍ଷରୁ କୁହାଯାଇଥିଲା ଯେ, କେବଳ ଗୋଟିଏ ଘଟଣା ପାଇଁ ସମ୍ପୂର୍ଣ୍ଣ ଆପ୍‌କୁ ବ୍ୟାନ୍ କରିବା ଅନୁଚିତ। ସରକାରଙ୍କ ସୂଚନା ପାଇବା ପରେ କମ୍ପାନୀ ନିଟ୍ ସମ୍ବନ୍ଧିତ ପ୍ରାୟ ୯୦୦ରୁ ଅଧିକ ବେଆଇନ ଲିଙ୍କ୍‌କୁ ହଟାଇ ଦେଇଛି ଏବଂ ଏଥିପାଇଁ ଏଆଇ ଉପକରଣର ସାହାଯ୍ୟ ନିଆଯାଉଛି।

## ସିନ୍ଧୁ ଜଳ ଚୁକ୍ତି ପୁରୁଣା ହୋଇଯାଇଛି: ଭାରତ

ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ଜାତିସଂଘରେ ପାକିସ୍ତାନକୁ ଏକ 'ଫ୍ରାଙ୍କେନଷ୍ଟାଇନ ରାଷ୍ଟ୍ର' (ନିଜେ ସୃଷ୍ଟି କରିଥିବା ସଂକଟରେ ନିଜେ ବୁଡ଼ିଥିବା ଦେଶ) ବୋଲି ଅଭିହିତ କରି ଭାରତ ଶୁକ୍ରବାର ଦିନ କଡ଼ା ସମାଲୋଚନା କରିଛି। ଏଥିସହିତ ଦୀର୍ଘ ଦଶନ୍ଧି ପୁରୁଣା 'ସିନ୍ଧୁ ଜଳ ଚୁକ୍ତି' ବର୍ତ୍ତମାନ ସମୟ ଅନୁଯାୟୀ ଅପ୍ରାସଙ୍ଗିକ ବା ପୁରୁଣା ହୋଇଯାଇଛି ବୋଲି ଭାରତ ପ୍ରକାଶ କରିଛି। ଜାତିସଂଘ ମାନବାଧିକାର ହାଇକମିଶନରଙ୍କ ବାର୍ଷିକ ରିପୋର୍ଟ ଉପରେ ଚାଲିଥିବା ଆଲୋଚନାରେ ଭାରତର ପ୍ରଥମ ସଚିବ ଅନୁପମା ସିଂହ ପାକିସ୍ତାନକୁ ଜବାବ ଦେଇଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, ଜମ୍ମୁ-କାଶ୍ମୀର ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ଥିଲା, ଅଛି ଏବଂ ସଦାସର୍ବଦା ରହିବ। ଭାରତ ପକ୍ଷରୁ କୁହାଯାଇଛି ଯେ, ବର୍ତ୍ତମାନ ଏହି ପ୍ରସଙ୍ଗରେ କେବଳ ଗୋଟିଏ ହେଲେ ସମସ୍ୟାର ସମାଧାନ ବାକି ରହିଛି, ତାହା ହେଉଛି ପାକିସ୍ତାନ ଦ୍ୱାରା ବେଆଇନ ଭାବେ ଅଧିକୃତ ହୋଇଥିବା ଭାରତୀୟ ଭୂଭାଗ (ପିଓଜେକେ) କୁ ମୁକ୍ତ କରି ଭାରତକୁ ଫେରସ୍ତ କରିବା। ସିନ୍ଧୁ ଜଳ ଚୁକ୍ତିକୁ ପୁରୁଣା ବୋଲି ଦର୍ଶାଇ ଭାରତ ଏଥିରେ ପରିବର୍ତ୍ତନର ଆବଶ୍ୟକତା ଥିବା ସଙ୍କେତ ଦେଇଛି। ଅନ୍ତର୍ଜାତୀୟ ମଞ୍ଚରେ ପାକିସ୍ତାନ ସଦାସର୍ବଦା କାଶ୍ମୀର ପ୍ରସଙ୍ଗ ଉଠାଇ ଭାରତକୁ ଘେରିବାକୁ ଚେଷ୍ଟା କରିଆସୁଛି।

## ରାଜ୍ୟସଭାରେ ଏନ୍‌ଡିଏର ଶକ୍ତି ବୃଦ୍ଧି

# ଦୁଇ-ତୃତୀୟାଂଶ ସଂଖ୍ୟାଠାରୁ ୧୩ ଆସନ ଦୂରରେ

ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି):ଭାରତୀୟ ଜନତା ପାର୍ଟି (ବିଜେପି) ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ) ରାଜ୍ୟସଭାରେ ନିଜର ସ୍ଥିତିକୁ ଆହୁରି ମଜବୁତ କରିଛି। ସାମ୍ପ୍ରତିକ ପରିପ୍ରେକ୍ଷୀରେ ଅନୁଷ୍ଠିତ ୨୬ଟି ଆସନର ନିର୍ବାଚନ ମଧ୍ୟରୁ ଏନଡିଏ ୧୯ଟି ଆସନରେ ବିଜୟ ହାସଲ କରିଛି। ଅପରପକ୍ଷରେ, କଂଗ୍ରେସ ନେତୃତ୍ୱାଧୀନ 'ଇଣ୍ଡିଆ' ମେଣ୍ଟକୁ ମାତ୍ର ୬ଟି ଆସନ ମିଳିଥିବା ବେଳେ ମିଜୋରାମର ଆଞ୍ଚଳିକ ଦଳ ଜୋରାମ ପିପୁଲ୍ସ ମୁଭମେଣ୍ଟ (ଜେଡପିଏମ) ଗୋଟିଏ ଆସନ ଜିତିବାରେ ସଫଳ ହୋଇଛି। ଏହି ସଫଳତା ସହ ୨୪୫ ସଦସ୍ୟ ବିଶିଷ୍ଟ ଉଚ୍ଚ ସଦନରେ ଏନଡିଏର ସଦସ୍ୟ ସଂଖ୍ୟା ୧୪୮ ରୁ ୧୫୦କୁ ବୃଦ୍ଧି ପାଇଛି।

ସମ୍ବିଧାନ ସଂଶୋଧନ ଭଳି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ କରିବା ପାଇଁ ରାଜ୍ୟସଭାରେ ଦୁଇ-ତୃତୀୟାଂଶ ବହୁମତ ଅର୍ଥାତ ୧୬୩ଟି ଆସନର ଆବଶ୍ୟକତା ରହିଛି। ଏହି ନୂତନ ନିର୍ବାଚନ ଫଳାଫଳ ପରେ ଏନଡିଏ ଏହି ମାଜିକ



ନମ୍ବରଠାରୁ ମାତ୍ର ୧୩ଟି ଆସନ ଦୂରରେ ରହିଛି। ଜୁନ୍ ୧୧ ତାରିଖରେ ୮ ଟି ରାଜ୍ୟରୁ ୨୪ ଜଣ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇସାରିଥିବା ବେଳେ ଝାଡ଼ଖଣ୍ଡ ଏବଂ ମିଜୋରାମର ଫଳାଫଳ ଏହି ଚିତ୍ରକୁ ସ୍ପଷ୍ଟ କରିଛି। ଝାଡ଼ଖଣ୍ଡରେ 'ଇଣ୍ଡିଆ' ମେଣ୍ଟର ବହୁମତ ଥାଇ ମଧ୍ୟ କ୍ରସ୍-ଭୋଟିଂ ଯୋଗୁଁ ଏନଡିଏ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ପରିମଳ ନଥୱାନୀ ଆଶ୍ଚର୍ଯ୍ୟଜନକ ଭାବେ ବିଜୟୀ ହୋଇଛନ୍ତି।

ବିରୋଧୀ ଦଳଗୁଡ଼ିକ ମଧ୍ୟରେ ଚାଲିଥିବା ଆଭ୍ୟନ୍ତରୀଣ କନ୍ଦଳ ଯୋଗୁଁ ଏନଡିଏର ଆସନ ସଂଖ୍ୟା ଆଗକୁ ଆହୁରି ବଢ଼ିବାର ସମ୍ଭାବନା ଅଛି। ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମସି) ର ତିନିଜଣ ସାଂସଦ ଦଳୀୟ ବିବାଦ ଯୋଗୁଁ ଇସ୍ତଫା ଦେଇଛନ୍ତି। ଯଦି ସେହି ତିନୋଟି ଉପ-ନିର୍ବାଚନରେ ଏନଡିଏ ଜିତେ, ତେବେ ଏହାର ସଂଖ୍ୟା ୧୫୩କୁ ବୃଦ୍ଧି ପାଇବ ଏବଂ ଦୁଇ-ତୃତୀୟାଂଶ ବହୁମତ ପାଇଁ ମାତ୍ର ୧୦ଟି ଆସନ ବାକି ରହିବ। ଏହା ପୂର୍ବରୁ ଆମ ଆଦମୀ ପାର୍ଟି (ଆପ୍) ମଧ୍ୟରେ ବିଭାଜନ ଘଟି ରାଘବ ଚଢ଼ାଙ୍କ ନେତୃତ୍ୱରେ ୭ ଜଣ ସାଂସଦ ଏନଡିଏ ଶିବିରକୁ ସମର୍ଥନ କରିବା ଫଳରେ 'ଇଣ୍ଡିଆ' ମେଣ୍ଟର ଶକ୍ତି ହ୍ରାସ ପାଇ ପ୍ରାୟ ୬୪ରେ ପହଞ୍ଚିଛି। ଏନଡିଏ ଦୁଇ-ତୃତୀୟାଂଶ ବହୁମତର ନିକଟତର ହେଉଥିଲେ ମଧ୍ୟ ଏହି ଲକ୍ଷ୍ୟ ହାସଲ କରିବା ଏତେ ସହଜ ହୋଇନପାରେ। ଚଳିତ ବର୍ଷ ଶେଷ ଆଡ଼କୁ ଉତ୍ତରପ୍ରଦେଶରୁ ୧୦ ଜଣ ରାଜ୍ୟସଭା ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଏହା ବ୍ୟତୀତ ୱାଇଏସଆର କଂଗ୍ରେସ (୭ ସାଂସଦ) ଏବଂ ବିଜୁ ଜନତା ଦଳ (୬ ସାଂସଦ) ଭଳି ଆଞ୍ଚଳିକ ଦଳଗୁଡ଼ିକ ଆଗାମୀ ଦିନରେ ଗୁରୁତ୍ୱପୂର୍ଣ୍ଣ ବିଲ୍ ଗୁଡ଼ିକର ଭୋଟିଂ ସମୟରେ କିଙ୍ଗମେକର ସାଜିବେ। ଉଚ୍ଚ ସଦନ ବା ରାଜ୍ୟସଭାରେ ଏହି ସଫଳତା ଶାସକ ଦଳ ପାଇଁ ବଡ଼ ଆଶ୍ୱସ୍ତି ଆଣିଦେଇଛି, କିନ୍ତୁ ନିମ୍ନ ସଦନ ବା ଲୋକସଭାରେ ଦୁଇ-ତୃତୀୟାଂଶ ବହୁମତ (୩୬୩ ଆସନ) ଠାରୁ ଏନଡିଏ ଏବେ ମଧ୍ୟ ବହୁତ ଦୂରରେ ରହିଛି।



ପ୍ରତ୍ୟାଶାଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ

▸ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-352 ◆SATURDAY ◆20 JUNE 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୫୨ ◆ଶନିବାର ◆୨୦ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ୟୁକ୍ରେନର ଭୟାବହ ଆକ୍ରମଣରେ ଥରିଲା ରୁଷିଆ

■ମସ୍କୋ, ୧୯ ।୬ (ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଅତି ଭୟଙ୍କର ରୂପ ଧାରଣ କରିଛି । ୟୁକ୍ରେନ ପକ୍ଷରୁ ରୁଷିଆର ରାଜଧାନୀ ମସ୍କୋ ଉପରେ ଏକ ବଡ଼ ଧରଣର ଡ୍ରୋନ ଆକ୍ରମଣ କରାଯାଇଛି, ଯାହା ଫଳରେ ସେଠାରେ ଥିବା ଏକ ପ୍ରମୁଖ ତୈଳ ବିଶୋଧନାଗାରରେ ନିଆଁ ଲାଗିଯାଇଛି । ଏହି ଅଗ୍ନିକାଣ୍ଡ ଯୋଗୁଁ ସାରା ମସ୍କୋ ସହର କଳା ଧୂଆଁର ଚାଦରରେ ଢାଙ୍କି ହୋଇଯାଇଥିବା ବେଳେ କେତେକ ସ୍ଥାନରେ 'କଳା ବର୍ଷା' ବା ତେଲ ମିଶ୍ରିତ ଜଳବିନ୍ଦୁ ପଡ଼ୁଥିବାର ଦେଖାଯାଇଛି । ସୁରକ୍ଷା ଦୃଷ୍ଟିରୁ ସହରର ବିମାନ ଚଳାଚଳକୁ ମଧ୍ୟ ସାମୟିକ ଭାବେ ବନ୍ଦ କରିଦିଆଯାଇଛି । ରୁଷିଆ ରାଷ୍ଟ୍ରପତିଙ୍କ ସରକାରୀ କାର୍ଯ୍ୟାଳୟ ▸ପୃଷ୍ଠା-୭

**ମସ୍କୋ ଆକାଶରେ କଳା ଧୂଆଁ ଓ କଳା ବର୍ଷା**



## ଇସ୍ରାଏଲ ଆକ୍ରମଣରେ ୧୮ ମୃତ, ୪ ସୈନ୍ୟ ନିହତ

■ ତେଲ ଅଭିଭ୍, ୧୯ ।୬ (ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ସ୍ୱାକ୍ଷରିତ ଶାନ୍ତି ଚୁକ୍ତି ସତ୍ତ୍ୱେ ମଧ୍ୟପ୍ରାଚ୍ୟରେ ହିଂସା ଥମିବାର ନାଁ ନେଉନାହିଁ । ଦକ୍ଷିଣ ଲେବାନନରେ ଇସ୍ରାଏଲ ସେନାର ଭୟାବହ ଏୟାର ଷ୍ଟ୍ରାଇକ ଯୋଗୁଁ ଅତିକମରେ ୧୮ ଜଣ ପ୍ରାଣ ହରାଇଛନ୍ତି । ଏହି ଆକ୍ରମଣ ପୂର୍ବରୁ ହିଜବୁଲ୍ଲା ସହ ହୋଇଥିବା ସଂଘର୍ଷରେ ଇସ୍ରାଏଲର ଜଣେ ଲେଫ୍ଟନାଣ୍ଟ କର୍ଣ୍ଣେଲଙ୍କ ସମେତ ୪ ଜଣ ସୈନିକ ମଧ୍ୟ ନିହତ ହୋଇଛନ୍ତି । ହିଜବୁଲ୍ଲାର ଆକ୍ରମଣରେ ନିଜ ସୈନିକଙ୍କ ମୃତ୍ୟୁ ପରେ ଇସ୍ରାଏଲର ଜାତୀୟ ସୁରକ୍ଷା ମନ୍ତ୍ରୀ ବେନ୍-ଗଭୀର ଏକ ଅତ୍ୟନ୍ତ କଠୋର ଓ ବିବାଦୀୟ ବୟାନ ଦେଇଛନ୍ତି । ସେ କହିଛନ୍ତି, "ସାରା ଲେବାନନ ଜଳିବା ଦରକାର! ପ୍ରତ୍ୟେକ ଇସ୍ରାଏଲୀ ମା'ର ଲୁହ ▸ପୃଷ୍ଠା-୭

**'ସମ୍ପୂର୍ଣ୍ଣ ଲେବାନନ ଜଳିବା ଦରକାର!'**



# କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଦଳବଦଳ ଆସନ୍ନ !

■ ନୂଆଦିଲ୍ଲୀ ୧୯।୬ (ସମିସ): ପ୍ରଧାନମନ୍ତ୍ରୀଙ୍କ ତୃତୀୟ ପାଳିର ଦ୍ୱିତୀୟ ବର୍ଷ ଇତିମଧ୍ୟରେ ପୂରଣ ହୋଇଛି । ଏହି ପରିପ୍ରେକ୍ଷୀରେ ମନ୍ତ୍ରିମଣ୍ଡଳରେ ଏକ ବଡ଼ଧରଣର ଅଦଳବଦଳ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଆସନ୍ତାକାଲି ଓଡ଼ିଶାରୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ପ୍ରତ୍ୟାବର୍ତ୍ତନ କରିବା ପରେ ଯେକୌଣସି ମୁହୂର୍ତ୍ତରେ ମନ୍ତ୍ରିମଣ୍ଡଳର ରୂପରେଖ ପରିବର୍ତ୍ତନ ହୋଇପାରେ ବୋଲି କୁହାଯାଉଛି ।

ଦିଲ୍ଲୀର ରାଜନୈତିକ ଏବଂ ପ୍ରଶାସନିକ ମହଲରୁ ମିଳିଥିବା ସୂଚନା ଅନୁସାରେ, ଏହି ଅଦଳବଦଳରେ ପ୍ରାୟ ୩୮ ମନ୍ତ୍ରଣାଳୟ ବା ବିଭାଗକୁ ମିଳିବ ନୂଆ ମନ୍ତ୍ରୀ । ମନ୍ତ୍ରିମଣ୍ଡଳରୁ ଅନ୍ୟୂନ ୧୨ ଜଣ ମନ୍ତ୍ରୀ ବାଦ ପଡ଼ିବେ ଓ କିଛି ମନ୍ତ୍ରୀମାନଙ୍କର ବିଭାଗ ପରିବର୍ତ୍ତନ ହେବ । ଏପରିକି କିଛି ମନ୍ତ୍ରଣାଳୟର ଏକୀକରଣ ବା ପୁନର୍ଗଠନ କରାଯାଇ ଜଣେ ମନ୍ତ୍ରୀଙ୍କ ଅଧୀନରେ ରଖାଯିବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଗାମୀ ସମ୍ପ୍ରସାରଣରେ ଯୁବ ନେତୃତ୍ୱ ଉପରେ ଗୁରୁତ୍ୱ ଦେବେ ବୋଲି କୁହାଯାଉଛି । ଏପରିକି ନୂତନ ଭାବରେ ମନ୍ତ୍ରୀ ପଦ ପାଇବାକୁ ଥିବା ବିଜେପି ଓ ଏନ୍‌ଡିର ଅଂଶୀଦାର ଦଳଗୁଡ଼ିକରୁ ୪୦ରୁ ୫୫ ବର୍ଷ ବୟସର ନେତାମାନଙ୍କୁ ଅଗ୍ରାଧିକାର ଦିଆଯିବ । ୨୦୨୯ ଲୋକସଭା ନିର୍ବାଚନ ପାଇଁ ଏକ ନୂତନ ପିଢ଼ିର ନେତୃତ୍ୱ ତିଆରି କରିବା ଓ ଯୁବ ଭୋଟରଙ୍କ ମଧ୍ୟରେ ଦଳର ଗ୍ରହଣୀୟତା ବଢ଼ାଇବାକୁ ଏହାକୁ ଏକ କୌଶଳାତ୍ମକ ପଦକ୍ଷେପ ବୋଲି କୁହାଯାଉଛି । ସେହିପରି ଆଞ୍ଚଳିକ ସମୀକରଣକୁ ଗୁରୁତ୍ୱ ଓ ୨୦୨୭ରେ ହେବାକୁଥିବା ଉତ୍ତରପ୍ରଦେଶ ଓ ପଞ୍ଜାବ ପରି ରାଜ୍ୟର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖାଯିବ ।

ସୂଚନା ଅନୁସାରେ ମନ୍ତ୍ରିମଣ୍ଡଳରୁ ବରିଷ୍ଠ ମନ୍ତ୍ରୀ ଗିରିରାଜ ସିଂହ, ହରଦୀପ ପୁରୀ, ରାଓ ଇନ୍ଦ୍ରଜିତ୍ ସିଂଙ୍କ ପରି ବୟସ୍କ ନେତାଙ୍କ ସହ ଜର୍ଜ କୁରିଆନ ଓ ରଭନୀତ ସିଂହ ବିଟ୍ଟୁ ମଧ୍ୟ ବାଦ ପଡ଼ିପାରନ୍ତି । ଅନୁରୂପ ଭାବରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଓ କର୍ପୋରେଟ ବ୍ୟାପାର ମନ୍ତ୍ରୀ ହର୍ଷ ମାଲହୋତ୍ରା ମନ୍ତ୍ରୀ ପଦ ହରାଇପାରନ୍ତି ବୋଲି କୁହାଯାଉଛି । ନୂତନ ▸ପୃଷ୍ଠା-୭

- ଅର୍ଥମନ୍ତ୍ରୀ ପଦ ଚର୍ଚ୍ଚାରେ ପୀୟୂଷ ଓ ଅଶ୍ୱିନୀଙ୍କ ନାମ
- ବାଦ ପଡ଼ିପାରନ୍ତି ଗିରିରାଜ ସିଂହ, ହରଦୀପ ସିଂହ ପୁରୀ
- ପଦ ହରାଇବେ ଜର୍ଜ କୁରିଆନ ଓ ରଭନୀତ ସିଂହ ବିଟ୍ଟୁ
- ରେଳ ଓ ଭୂପୃଷ୍ଠ ପରିବହନ ମିଶି ହେବ ନୂଆ ମନ୍ତ୍ରଣାଳୟ
- ୩୮ ଟି ମନ୍ତ୍ରଣାଳୟର ହେବ ଆମୂଳଚୂଳ ପରିବର୍ତ୍ତନ
- କେନ୍ଦ୍ର ପରେ ରାଜ୍ୟରେ ହେବ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

# ଜନ୍ମମାଟିରେ ମହାମହିମ

## ପ୍ରଧାନମନ୍ତ୍ରୀଙ୍କ ସହ ଆଜି ୪୭,୬୦୦ କୋଟିର ପ୍ରକଳ୍ପ କରିବେ ଶିଳାନ୍ୟାସ, ଉଦ୍‌ଘାଟନ

■ବାରିପଦା, ୧୯ ।୬ (ସମିସ): ଦୁଇଦିନିଆ ଓଡ଼ିଶା ଗସ୍ତ ଅବସରରେ ଶୁକ୍ରବାର ସନ୍ଧ୍ୟାରେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରେ ପହଞ୍ଚିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ପ୍ରତିକୂଳ ପାଗ ଯୋଗୁଁ କେଲେଇକୁଣ୍ଡାରୁ ସଡ଼କ ପଥରେ ଆସି ରାଇରଙ୍ଗପୁରରେ ପହଞ୍ଚିବାବେଳେ ରାଜ୍ୟପାଳ ହରିବାବୁ କମ୍ଭମ୍ପାଟୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ ଜଣାଇଛନ୍ତି । ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଇରଙ୍ଗପୁର ଆସିବେ ଏବଂ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ୪୭ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ନିଜ ଜନ୍ମଭୂମି ଓ ପ୍ରଥମ କର୍ମଭୂମିରେ ପହଞ୍ଚିବା ପରେ ରାଷ୍ଟ୍ରପତି ଏମ୍ସ ଭୁବନେଶ୍ୱରର ସହାଭାଗିତାରେ ଆୟୋଜିତ ପ୍ରଥମ ମାଗଣା ସ୍ୱାସ୍ଥ୍ୟ ଶିବିରର ଶୁଭାରମ୍ଭ କରିଛନ୍ତି । ଏହାପରେ ରାଷ୍ଟ୍ରପତି କୁସୁମୀ ବ୍ଲକ ପାଇଁ ମେଗା ପାଇପ୍ ▸ପୃଷ୍ଠା-୭

**ପ୍ରତିକୂଳ ପାଗ ପାଇଁ କୋଲେଇକୁଣ୍ଡାରୁ ସଡ଼କ ପଥରେ ଆସିଲେ ରାଷ୍ଟ୍ରପତି**

**ରାଇରଙ୍ଗପୁରରେ ସ୍ୱେଶାଲ ସର୍କିଟ ହାଉସ, ନୂତନ ଏସ୍‌ପି ଅଫିସ ଉଦ୍‌ଘାଟନ**



ରାଇରଙ୍ଗପୁରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ମୁଁ କାଲି ମୟୂରଭଞ୍ଜରେ ରହିବି: ମୋଦୀ




■ ଭୁବନେଶ୍ୱର, ୧୯।୬ (ସମିସ): "ମୁଁ ଆସନ୍ତାକାଲି, ୨୦ ଜୁନରେ ଓଡ଼ିଶାର ମୟୂରଭଞ୍ଜରେ ରହିବି । ଏହି ଗସ୍ତ ଉଲ୍ଲେଖନୀୟ ହେବ; କାରଣ ରାଷ୍ଟ୍ରପତି ଜୀ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ମୟୂରଭଞ୍ଜ ମଧ୍ୟ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜୀଙ୍କ ଗୃହ ଜିଲ୍ଲା । ରାଷ୍ଟ୍ରପତି ଏବଂ ମୁଁ ପାହାଡପୁର ଗାଁକୁ ଯିବୁ ଏବଂ ତାହା ପରେ ଆମେ ବର୍ତ୍ତମାନର ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବୁ ।" ଆସନ୍ତାକାଲି ମୟୂରଭଞ୍ଜ ଗସ୍ତକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସାମାଜିକ ଗଣମାଧ୍ୟମ ଏକ୍ସରେ ଓଡ଼ିଆ ଭାଷାରେ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି ।

### ଭତ୍ତା ଦୁର୍ଦ୍ଦଶା: ମୋହନଙ୍କୁ ଚିଠି ଲେଖିଲେ ନବୀନ

## ଶାସନ ବ୍ୟବସ୍ଥାର ଗମ୍ଭୀର ବିଫଳତା

■ ଭୁବନେଶ୍ୱର, ୧୯।୬ (ସମିସ): ରାଜ୍ୟରେ ଲକ୍ଷ ଲକ୍ଷ ଭତ୍ତା ହିତାଧିକାରୀ ଭତ୍ତା ଟଙ୍କା ନପାଇ ଦୁର୍ଦ୍ଦଶାରେ କାଳ କାଟୁଛନ୍ତି । ସରକାରଙ୍କ ଦାୟିତ୍ୱହୀନତାକୁ ନେଇ ବିଭିନ୍ନ ମହଲରେ କ୍ଷୋଭ ପ୍ରକାଶ ପାଉଥିବା ବେଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଏନେଇ ନିଜର ଚିନ୍ତା ପ୍ରକାଶ କରିଛନ୍ତି । ଏହିକ୍ରମରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି ନବୀନ । ଲଗାତାର ତିନି ମାସ ପାଇଁ ପେନସନ୍ ବନ୍ଦ କରିବା କେବଳ ଏକ ପ୍ରକ୍ରିୟାଗତ ବିଳମ୍ବ ନୁହେଁ; ଏହା ଶାସନ ବ୍ୟବସ୍ଥାର ଏକ ଗମ୍ଭୀର ବିଫଳତା ବୋଲି ଚିଠିରେ ନବୀନ କ୍ଷୋଭ ପ୍ରକାଶ କରିଛନ୍ତି । ସମାଜର ଦୁର୍ବଳ ବର୍ଗର ଅନେକ ଲୋକେ ନିଜର ଦୈନନ୍ଦିନ ଜୀବନଧାରଣ ପାଇଁ ଏହି ଭତ୍ତା ଟଙ୍କା ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ ଥାଆନ୍ତି । ତେଣୁ ତୁରନ୍ତ ମାନୁଆଲ ବଣ୍ଟନ ପଦ୍ଧତିରେ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ପ୍ରଦାନ ସହ ଭବିଷ୍ୟତରେ ଯେପରି ଏପରି ତ୍ରୁଟିର ପୁନରାବୃତ୍ତି ନହୁଏ, ତାହା ସୁନିଶ୍ଚିତ କରିବାକୁ ଚିଠିରେ ନବୀନ ଦାବି କରିଛନ୍ତି ।

ଚିଠିରେ ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରି କହିଛନ୍ତି ଯେ ଓଡ଼ିଶାର ପ୍ରାୟ ୧୮ ଲକ୍ଷ ହିତାଧିକାରୀଙ୍କୁ ଗତ ତିନି ମାସ ହେଲା ଭତ୍ତା ପ୍ରଦାନ ନ କରାଯିବା ନେଇ ମୁଁ ଗଭୀର ଉଦବେଗ ଓ କ୍ଷୋଭ ପ୍ରକାଶ ▸ପୃଷ୍ଠା-୭



**ପ୍ରଯୁକ୍ତିବିଦ୍ୟାର ବିଫଳତା ଦର୍ଶାଇ ଲୋକଙ୍କୁ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରାଯାଇ ପାରିବ ନାହିଁ**

**୨୪ ବର୍ଷ ଧରି ମୋ ସରକାର ପ୍ରତି ୧୫ ତାରିଖରେ ଦେଉଥିଲା ଭତ୍ତା**

**ଏହି ମଡେଲ ସୁପ୍ରିମକୋର୍ଟଙ୍କ ଦ୍ୱାରା ହୋଇଥିଲା ପ୍ରଶଂସିତ**

## ଅଲେଖ ଧର୍ମୀ ବାବାଙ୍କୁ ପଥରରେ ଛେଚି ହତ୍ୟା

■ କେନ୍ଦୁଝର, ୧୯।୬ (ସମିସ): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଆମୁଣି ଗାଁରେ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି । ଜଣେ ଅଲେଖ ଧର୍ମୀ ବାବାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି । ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଅଁରା ଗ୍ରାମର ଅଲେଖ ଦୀକ୍ଷା ଗ୍ରହଣ କରିଥିବା ବାବା ଶ୍ରୀକାନ୍ତ ମହାକୁଡ଼ଙ୍କୁ ପଥରରେ ଛେଚି ହତ୍ୟା କରିଛନ୍ତି ଜଣେ ଦୁର୍ବୃତ୍ତ । ଘଟଣା ପରେ ଗାଁରେ ଚାପା ଉତ୍ତେଜନା ଦେଖା ଦେଇଛି । ସଦର ଥାନା ପୁଲିସ ତଦନ୍ତ ଜାରି ରଖିଛି । ଶ୍ରୀକାନ୍ତ ବାବା ଗାଁ ପାଖରେ ଥିବା ବିନିଦା ଅଲେଖ ମହିମା ମଠରେ ପୂଜାପାଠ କରନ୍ତି । ପ୍ରତିଦିନ ପରି ଶୁକ୍ରବାର ମଧ୍ୟ ତାଙ୍କ ଘରଠାରୁ କିଛି ଦୂରରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ କେହି ଦୁର୍ବୃତ୍ତ ତାଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିଥିଲା । ତେବେ ହତ୍ୟାକାଣ୍ଡର କାରଣ ଜଣାପଡିନାହିଁ । ସଦର ଥାନା ପୁଲିସ ଓ ଶୁଆକାଟୀ ଫାଣ୍ଡି ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ହତ୍ୟାକାରୀକୁ ଧରିବାକୁ ପ୍ରୟାସ ଜାରି ରଖିଛି ।

## ଯନ୍ତ୍ରୀ ନା ଜମିଦାର !

**କୋଟି କୋଟି ଟଙ୍କାର ଫାର୍ମ, ୪୯ ପ୍ଲଟ୍ ଠାବ**

■ ଜୟପୁର/କୋଟପାଡ଼, ୧୯ ।୬ (ସମିସ): ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟନାରାୟଣ ସେଠୀଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରାଯାଇଛି । ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ନିର୍ଦ୍ଦେଶକ୍ରମେ ଆଜି ଭୋର୍‌ରୁ ଶ୍ରୀ ସେଠୀଙ୍କ ଜୟପୁର ପାରାବେଡ଼ା ଶ୍ରୀରାମ ନଗର ଅଞ୍ଚଳ ସ୍ଥିତ ଭଡ଼ାଘର, କୋଟପାଡ଼ ସରକାରୀ କାର୍ଯ୍ୟାଳୟ ଓ ବାସଗୃହ, ଖୋର୍ଦ୍ଧା ଜିଲ୍ଲା ଏବଂ ତାଙ୍କ ପୈତୃକ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ଥାନା ଅନ୍ତର୍ଗତ ଜହାଙ୍ଗର ଗ୍ରାମ ସମେତ ସମୁଦାୟ ୭ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଛି ।




ଏହି ଚଢ଼ଉ ବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ସେଠୀଙ୍କ ବୋରିଗୁମ୍ମା ତହସିଲର ତାରା ଗାଁ ମୌଜାରେ ୧୦ ଏକର ୩ ଡେସିମିଲର ଆମ୍ବ ଏବଂ ନୀଳଗିରି ଗଛ ବଗିଚା ଏବଂ ଉକ୍ତ ମୌଜାରେ ୪ ଏକର ୩୫ ଡେସିମିଲ ଜମିକୁ ମିଶାଇ ସମୁଦାୟ ୧୪ ଏକର ୪୦ ଡେସିମିଲର ୨ଟି ଫାର୍ମ ହାଉସ ଏବଂ କୋରାପୁଟ ଜିଲ୍ଲାର ବୋରିଗୁମ୍ମା, କୋଟପାଡ଼, ଜୟପୁର, କୋରାପୁଟ ଏବଂ ପଟାଙ୍ଗି ତହସିଲ ଅଞ୍ଚଳରେ ପ୍ରାୟ ୩୧ ଏକରରୁ ଅଧିକ ଘରବାରି ଜମି ଏବଂ ଅନ୍ୟାନ୍ୟ ଜମକୁ ମିଶାଇ ସମୁଦାୟ ୪୯ଟି ପ୍ଲଟ ଠାବ କରାଯାଇଛି । ସେହିପରି ଖୋର୍ଦ୍ଧା ଜିଲ୍ଲା ଜଟଣୀ ନିକଟସ୍ଥ ହାଇଟେକ୍ ପ୍ଲାଜାରେ ଏକ ହଜାର ବର୍ଗଫୁଟର ଗୋଟିଏ ଫ୍ଲାଟ୍ ଏବଂ ଜୟପୁର ପ୍ରସାଦରାଓ ପେଟା ଇନ୍ଦାର ଛକଠାରେ ବେନାମୀ ଭାବେ ଗୋଟିଏ ଫ୍ଲାଟ୍ ▸ପୃଷ୍ଠା-୭

### ଯୁଦ୍ଧ ବନ୍ଦ: ଅଶୋଧିତ ତୈଳ ୭୫ ଡଲାରକୁ ଖସିଲା

## କେବେ କମିବ ପେଟ୍ରୋଲ, ଡିଜେଲ ଦର

■ ନୂଆଦିଲ୍ଲୀ, ୧୯।୬ (ଏଜେନ୍ସି): ଶେଷରେ ଆମେରିକା ଓ ଇରାନ୍ ମଧ୍ୟରେ ହୋଇଛି ଶାନ୍ତି ଚୁକ୍ତି । ଏହାପରେ ବିଶ୍ୱବ୍ୟାପୀ ତେଲ ଦର ବୃଦ୍ଧିରେ ଲାଗିଛି ବ୍ରେକ୍ । ଇରାନ-ଆମେରିକା ଯୁଦ୍ଧ ସମୟରେ ଭାରତୀୟ ବାସ୍କେଟ୍ ଅନୁଯାୟୀ ଅଶୋଧିତ ତୈଳ ମୂଲ୍ୟ ସର୍ବାଧିକ ବ୍ୟାରେଲ୍ ପିଛା ୧୪୨ ଡଲାର ଟପିଯାଇଥିଲା । ବର୍ତ୍ତମାନ ଯୁଦ୍ଧ ଶେଷ ହେବା ପରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୭୫ ଡଲାରକୁ ଖସିଯାଇଛି । ତେଲ ଦରରେ ଏହି ସାରା ବିଶ୍ୱରେ ଖାଉଟିଙ୍କୁ ଆଶ୍ୱସ୍ତି ଦେଇଛି । ହେଲେ ଭାରତରେ ଖାଉଟିଙ୍କୁ ଏ ଯାଏ ଉଚ୍ଚ ତୈଳ ଦରକୁ ନିସ୍ତାର ମିଳିପାରୁନାହିଁ । ବିଶ୍ୱ ବଜାରରେ ଅଶୋଧିତ ତୈଳ ଦରରେ ହ୍ରାସ ଘଟୁଥିବାରୁ ଦେଶରେ ଲୋକମାନେ ଆଶା କରୁଛନ୍ତି ଯେ ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜି ଗ୍ୟାସ ମୂଲ୍ୟ ଶୀଘ୍ର ହ୍ରାସ ପାଇବ । ହେଲେ ଏଠାରେ ସେମିତି କିଛି ଘଟୁନାହିଁ । ଏ ସମ୍ପର୍କରେ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ କହିଛନ୍ତି ଯେ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟରେ ହ୍ରାସର ପ୍ରଭାବ ଦେଶ ମଧ୍ୟରେ ପେଟ୍ରୋଲ ପମ୍ପରେ ପହଞ୍ଚିବାକୁ ସମୟ ଲାଗିବ ।

ମଧ୍ୟ ପ୍ରାଚ୍ୟ ଯୁଦ୍ଧ ସମୟରେ ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବାବେଳେ କେନ୍ଦ୍ର ସରକାର ତୈଳ ଦର ବୃଦ୍ଧି ଦ୍ୱାହି ଦେଇ ସରକାରୀ ତେଲ କମ୍ପାନୀଙ୍କ ସପକ୍ଷରେ ପେଟ୍ରୋଲ ଏବଂ ଡିଜେଲ ଦରରେ ବୃଦ୍ଧିକୁ ସମର୍ଥନ କରିଥିଲେ । ଆମେରିକା-ଇରାନ ଉତ୍ତେଜନା ୨୮ ଫେବୃଆରୀରେ ଆରମ୍ଭ ହୋଇଥିଲା, ଯାହା ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ଘଟାଇଥିଲା । ଯାହାଫଳରେ କ୍ରମାଗତ ଭାବେ ୪ ଥରରେ ଦେଶରେ ପେଟ୍ରୋଲ ଏବଂ ଡିଜେଲ ଲିଟର ପିଛା ପାଖାପାଖି ୮ ଟଙ୍କା ବୃଦ୍ଧି ଘଟିଥିଲା । ▸ପୃଷ୍ଠା-୭



**ପେଟ୍ରୋଲ ପମ୍ପରେ ମୂଲ୍ୟ ହ୍ରାସ ପାଇଁ ସମୟ ଲାଗିବ: ପେଟ୍ରୋଲିୟମ ରାଷ୍ଟ୍ରମନ୍ତ୍ରୀ**

# ମୌସୁମୀକୁ ରୁନ୍ଧିଛି ବହୁମୁଖୀ ପାଣିପାଗ

■ ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ଭାରତରେ ଚଳିତ ବର୍ଷ ନିର୍ଦ୍ଧାରିତ ସମୟ ପୂର୍ବରୁ ମୌସୁମୀ ବାୟୁ ଆଗମନ କରିଥିଲେ ମଧ୍ୟ ଏବେ ଏହାର ଗତିପଥ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ସକ୍ରିୟ ଥିବା ମୌସୁମୀ ହଠାତ୍ ସ୍ଥାଣୁ ପାଲଟିଯିବା ଫଳରେ ସାରା ଦେଶରେ ବର୍ଷାର ପରିମାଣ ହ୍ରାସ ପାଇଛି, ଯାହା ଚାଷୀକୂଳ ଏବଂ ଜଳ ପରିଚାଳକମାନଙ୍କ ଚିନ୍ତା ବଢ଼ାଇ ଦେଇଛି । ପାଣିପାଗ ବିଜ୍ଞାନୀଙ୍କ ଅନୁସାରେ, କେବଳ ଗୋଟିଏ କାରଣ ନୁହେଁ, ବରଂ ଏକାଧିକ ପ୍ରତିକୂଳ ପାଣିପାଗ ସ୍ଥିତିର ମିଳିତ ପ୍ରଭାବ ଯୋଗୁଁ ମୌସୁମୀର ଅଗ୍ରଗତି ଏଭଳି ଭାବେ ଅଟକି ଯାଇଛି । ପାଣିପାଗ ବିଶେଷଜ୍ଞଙ୍କ ସୂଚନା ଅନୁଯାୟୀ, ଜୁନ୍ ପ୍ରାରମ୍ଭରେ ଭାରତ ମହାସାଗରରେ ସୃଷ୍ଟି ହୋଇଥିବା ମୌସୁମୀ ପ୍ରବାହର କିଛି ଅଂଶ ପ୍ରଶାନ୍ତ ମହାସାଗରର ବାୟୁମଣ୍ଡଳୀୟ ଚଳନ ସହ ମିଶି ପୂର୍ବ ଦିଗକୁ ମୁହାଁଇଥିଲା । ଏହି ଶକ୍ତି ପରବର୍ତ୍ତୀ ସମୟରେ ଏକ ସାମୁଦ୍ରିକ ବାତ୍ୟାର ରୂପ ନେଇଥିଲା । ଫଳରେ ବଙ୍ଗୋପସାଗରରେ ଯେଉଁ ଲଘୁଚାପ ସୃଷ୍ଟି ହେବା କଥା, ତାହା ହୋଇପାରିଲା ନାହିଁ । ଏଥିସହିତ ଉତ୍ତର ଭାରତରେ ସୃଷ୍ଟି ହୋଇଥିବା ପଶ୍ଚିମା ଝଡ଼ ଯୋଗୁଁ ଶୁଷ୍କ ବାୟୁ ପ୍ରବାହିତ ହେଲା, ଯାହା ମେଘ ସୃଷ୍ଟି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ କରିଥିଲା । ନିୟମିତ ଭାବେ ବର୍ଷା କରାଉଥିବା ମୌସୁମୀ ଅକ୍ଷରେଖା ମଧ୍ୟ ଏଥର ସ୍ୱାଭାବିକ ଆଚରଣ କରିନାହିଁ । ବାୟୁର ଗତି ସଳଖ ରହିବା ଯୋଗୁଁ ବଙ୍ଗୋପସାଗରରେ ଆବଶ୍ୟକୀୟ ଜଳୀୟବାଷ୍ପ ଏକାଠି ହୋଇପାରିଲା ନାହିଁ । ଏହା ସହିତ ଏଲ୍ ନିନୋର ସକ୍ରିୟତା ଏବଂ ବିଶ୍ୱବ୍ୟାପୀ ବାୟୁମଣ୍ଡଳୀୟ ପ୍ରବାହ ବା ମାଡେନ୍-ଜୁଲିଆନ୍ ଦୋଳନ ଅନୁକୂଳ ପର୍ଯ୍ୟାୟରେ ନ ଥିବା ଯୋଗୁଁ ଭାରତ ମହାସାଗର ଅଞ୍ଚଳରେ ମେଘ ସୃଷ୍ଟି ହେବା ପାଇଁ କୌଣସି ସହଯୋଗ ମିଳିନଥିଲା । ପଶ୍ଚିମ ଉପକୂଳରେ ଦେଖାଦେଇଥିବା ସାମାନ୍ୟ ବର୍ଷାର ପ୍ରଭାବ ମଧ୍ୟ ଅଳ୍ପ ଦିନରେ ଶେଷ ହୋଇଯାଇଥିଲା । ସାମ୍ପ୍ରତିକ ସ୍ଥିତି ନିରାଶାଜନକ ଥିଲେ ମଧ୍ୟ ପାଣିପାଗ ପୂର୍ବାନୁମାନ ଅନୁଯାୟୀ ଆଗାମୀ ଦିନରେ ସ୍ଥିତି ସୁଧୁରିବାର ସମ୍ଭାବନା ରହିଛି । ଜୁନ୍ ଚତୁର୍ଥ ସପ୍ତାହ ଆଡ଼କୁ ବାୟୁମଣ୍ଡଳୀୟ ସ୍ଥିତି ଅନୁକୂଳ ହେବା ସହ ନିମ୍ନ ଭାଗର ବାୟୁ ପ୍ରବାହ ଏବଂ ପୂର୍ବୀବାୟୁ ଶକ୍ତିଶାଳୀ ହେବ । ଏହି ପରିବର୍ତ୍ତନ ଶୁଷ୍କ ବାୟୁର ପ୍ରଭାବକୁ ଦୂର କରି ଭାରତରେ ମୌସୁମୀକୁ ପୁନର୍ବାର ସକ୍ରିୟ କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି ।



**କୃଷିକ୍ଷେତ୍ରକୁ ମାଡ଼ିଆସୁଛି ମହାସଂକଟ**



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମଦିନ ଉପଲକ୍ଷେ ବାଲୁକା କଳା ମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି ଶିଳ୍ପୀ ଅଜୟ କୁମାର ଘୋଷ

## ଜିଲ୍ଲା ବିଜେପିର ସାଂଗଠନିକ ବୈଠକ

ବାଲେଶ୍ୱର,୧୯।୬ (ସମିସ): ଭୋଇ ସାହିସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ବିଜେପି ପକ୍ଷରୁ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ସରକାରଙ୍କ ଓ ରାଜ୍ୟ ସରକାରଙ୍କ ସଫଳତା କିପରି ପଞ୍ଚାୟତ ଓ ବୁଥ୍ ସ୍ତରରେ ଜନ ସାଧାରଣଙ୍କ ନିକଟରେ ପହଞ୍ଚିବ ସେ ବିଷୟରେ ଜିଲ୍ଲା ସଭାପତି ଶ୍ରୀ ବେହେରା ଆଲୋଚନା କରିଥିଲେ। ସାଂଗଠନିକ ଜିଲ୍ଲା ବାଲେଶ୍ୱର ଜିଲ୍ଲାର ମୋଟ ୩୩ ଟି ମଣ୍ଡଳର ପ୍ରଭାରୀଙ୍କ ସହ ଜିଲ୍ଲା ବିଜେପିର ସଧାରଣ ସମ୍ପାଦକ ତଥା ନୀଳଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ପର୍ଶୁରାମ ପରିଡ଼ା, ଜିଲ୍ଲା ସାଧାରଣ ସମ୍ପାଦକ ତଥା ସୋରୋ ବିଧାନ ସଭା ପ୍ରଭାରି ଚନ୍ଦ୍ର ଶେଖର ନନ୍ଦ, ଜିଲ୍ଲା ସଂପାଦକ ତଥା ସିମୁଳିଆ ବିଧାନ ସଭା ପ୍ରଭାରି ରାଜେଶ ମହାପାତ୍ର, ରେମୁଣା ପ୍ରଭାରୀ ତଥା ଜିଲ୍ଲା ସଂପାଦକ ଚିତ୍ତରଞ୍ଜନ ପଣ୍ଡା, ସଦର ବିଧାନ ସଭା ପ୍ରଭାରି ତଥା ଜିଲ୍ଲା ବିଜେପି ଉପ ସଭାପତି ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ରାଷ୍ଟ୍ରିୟ ବନ୍ଦନା ଓ ଶେଷରେ ରାଷ୍ଟ୍ରୀୟ ସଙ୍ଗୀତ ସାମୂହିକ ଭାବେ ଗାନ କରାଯାଇଥିଲା।

## ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ମକଡ୍ରିଲ

# ୧୪୪ ଆଶ୍ରୟସ୍ଥଳୀରେ ଏକକାଳୀନ ଅଭ୍ୟାସ

ବାଲେଶ୍ୱର, ୧୯।୬ (ସମିସ)

ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଏକ ବ୍ୟାପକ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ୍ ଆୟୋଜନ କରାଯାଇଛି। ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ଗ୍ରାମପଞ୍ଚାୟତର ବଡ଼କିଆ ବାତ୍ୟା ଆଶ୍ରୟସ୍ଥଳୀରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲାର ସମସ୍ତ ବ୍ଲକର ୧୪୪ ଟି ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀରେ ଏକାସାଙ୍ଗରେ ମକଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା ମାଧ୍ୟମରେ ବିପର୍ଯ୍ୟୟ ସମୟରେ ଉଦ୍ଧାର, ସ୍ଥାନାନ୍ତରଣ, ରିଲିଫ ବ୍ୟବସ୍ଥା ଓ ଜରୁରୀ ସେବାର ପ୍ରସ୍ତୁତିକୁ ପରଖା ଯାଇଥିଲା। ମକଡ୍ରିଲ୍‌କୁ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂ ଉଦ୍‌ଘାଟନ କରି କହିଥିଲେ ଯେ ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶା ପାଇଁ ଏକ ଚିରନ୍ତନ ଚ୍ୟାଲେଞ୍ଜ। ତେଣୁ ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତି ସୁରକ୍ଷା ପାଇଁ ପୂର୍ବ ପ୍ରସ୍ତୁତି ହିଁ ସବୁଠାରୁ ବଡ଼ ଅସ୍ତ୍ର। ମକଡ୍ରିଲ୍ ମାଧ୍ୟମରେ ଉଦ୍ଧାରକାରୀ ଦଳ, ପ୍ରଶାସନ ଓ ସାଧାରଣ ଲୋକଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି ପାଇବା ସହ ଜରୁରୀ ପରିସ୍ଥିତିରେ ଦ୍ରୁତ ଓ ଫଳପ୍ରଦ ପଦକ୍ଷେପ ନେବା ସମ୍ଭବ ହୋଇଥାଏ। କାର୍ଯ୍ୟକ୍ରମରେ ଏନଡିଆରଏଫ୍, ଓଡ୍ରାଫ୍, ଅଗ୍ନିଶମ ବିଭାଗ, ଜିଲ୍ଲା ଜରୁରୀକାଳୀନ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ ଓ ସ୍ଥାନୀୟ ସ୍ୱେଚ୍ଛାସେବକମାନେ ଅଂଶଗ୍ରହଣ କରିଥିଲେ। ବାତ୍ୟା ଓ ବନ୍ୟା ସମୟରେ ବିପଦଗ୍ରସ୍ତ ଅଞ୍ଚଳରୁ ଲୋକଙ୍କୁ କିପରି ସୁରକ୍ଷିତ ସ୍ଥାନକୁ ନିଆଯିବ, ଆହତଙ୍କୁ କିପରି ଉଦ୍ଧାର କରାଯିବ ଏବଂ ଜରୁରୀ ଚିକିତ୍ସା ସହାୟତା ଯୋଗାଇ ଦିଆଯିବ, ମକଡ୍ରିଲ ମାଧ୍ୟମରେ ତାହାର ଜୀବନ୍ତ ପ୍ରଦର୍ଶନ କରାଯାଇଥିଲା। ଉଦ୍ଧାରକାରୀ ଦଳ ରସି, ଲାଇଫ୍ ଜାକେଟ୍, ଷ୍ଟ୍ରେଚର୍, ରେସ୍କ୍ୟୁ ବୋଟ୍ ଓ ଅନ୍ୟାନ୍ୟ ଅତ୍ୟାଧୁନିକ ଉପକରଣ ବ୍ୟବହାର କରି ଉଦ୍ଧାର କୌଶଳ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ବିଭିନ୍ନ ଜରୁରୀ ଉପକରଣ ଓ ଯନ୍ତ୍ରପାତିର କାର୍ଯ୍ୟକ୍ଷମତା




ଯାଞ୍ଚ କରାଯାଇଥିଲା। ବିପର୍ଯ୍ୟୟ ସମୟରେ ବ୍ୟବହୃତ ହେଉଥିବା ଉପକରଣଗୁଡ଼ିକର ସ୍ଥିତି, ପ୍ରସ୍ତୁତି ଓ ପ୍ରୟୋଗ ସମ୍ପର୍କରେ ଅଧିକାରୀମାନେ ସମୀକ୍ଷା କରିଥିଲେ। ଅଧିକାରୀଙ୍କ ମତରେ, ଏଭଳି ମକଡ୍ରିଲ୍ ମାଧ୍ୟମରେ ଉଦ୍ଧାର ବ୍ୟବସ୍ଥାର ଦୁର୍ବଳତା ଚିହ୍ନଟ ହେବା ସହ ବାସ୍ତବ ବିପର୍ଯ୍ୟୟ ସମୟରେ ଦ୍ରୁତ ପ୍ରତିକ୍ରିୟା ଦେବାର କ୍ଷମତା ବୃଦ୍ଧି ପାଏ ବୋଲି ପ୍ରକାଶ କରିଥିଲେ। ଓସଡମାର ସହଯୋଗରେ ଆୟୋଜିତ ଏହି ଜିଲ୍ଲାସ୍ତରୀୟ ମକଡ୍ରିଲ୍‌ରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟର ପର୍ଯ୍ୟବେକ୍ଷକ ଆରଣ୍ୟକ ମିଶ୍ର ଉପସ୍ଥିତ ରହି ସମଗ୍ର କାର୍ଯ୍ୟକ୍ରମକୁ ପର୍ଯ୍ୟବେକ୍ଷଣ କରିଥିଲେ। ସେହିପରି ସହାୟକ ଜିଲ୍ଲାପାଳ ପ୍ରତାପ କୁମାର ବେହେରା, ବଡ଼କିଆ ସରପଞ୍ଚ ଆରତୀ ଦାସ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଚିନ୍ମୟ କୁମାର ରାଉତ, ଜିଲ୍ଲା ପ୍ରକଳ୍ପ ସଂଯୋଜକ (ଓସଡମା) ଅବନୀକାନ୍ତ ଭୂୟାଁ, ଏନଡିଆରଏଫ୍ ଟିମ୍ କମାଣ୍ଡର, ଅଗ୍ନିଶମ ବିଭାଗର ଅଧିକାରୀ ଓ ବହୁ ସଂଖ୍ୟକ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ରାଜ୍ୟବ୍ୟାପୀ ଭାବେ ଆୟୋଜିତ ଏହି ମକଡ୍ରିଲ ସାଧାରଣ ଲୋକଙ୍କ ମଧ୍ୟରେ ବିପର୍ଯ୍ୟୟ ସଚେତନତା ସୃଷ୍ଟି କରିବା ଏବଂ ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତଙ୍କୁ ସଦା ପ୍ରସ୍ତୁତ ରଖିବା ମକଡ୍ରିଲ୍‌ର ମୂଳ ଉଦ୍ଦେଶ୍ୟ ଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଲୋକଙ୍କୁ ବିପଦ ସମୟରେ ଗୁଜବରୁ ଦୂରେଇ ରହିବା, ସରକାରୀ ନିର୍ଦ୍ଦେଶ ମାନିବା ଏବଂ ଆଶ୍ରୟସ୍ଥଳୀକୁ ସମୟରେ ସ୍ଥାନାନ୍ତର ହେବା ପାଇଁ ଆହ୍ୱାନ ଦିଆଯାଇଥିଲା। ବାଲେଶ୍ୱର ଭଳି ଉପକୂଳ ଜିଲ୍ଲା ପାଇଁ ଏଭଳି ମକଡ୍ରିଲ୍ ଭବିଷ୍ୟତ ବିପର୍ଯ୍ୟୟ ପରିଚାଳନାକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା ପ୍ରକାଶ ପାଇଛି।

## ବିକାଶର ଧାରା, ଓଡ଼ିଶା ସାରା କାର୍ଯ୍ୟକ୍ରମ

ଔପଦା,୧୯।୬ (ସମିସ): ରାଜ୍ୟ ସରକାର ଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଔପଦା ବ୍ଲକର ବିକାଶ ଧାରା, ଓଡ଼ିଶା ସାରା, ଜନ ସମ୍ପର୍କ ଅଭିଯାନ ୨୦୨୬ ସଂଖ୍ୟା ଲଘୁ, ପଛୁଆ ବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଔପଦା ବିଡ଼ିଓ ଶାଶ୍ୱତୀ ସଦୁଆଲଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବିଶିବିସ୍ମା ପାତ୍ର ଙ୍କ ସମେତ ବରେଣ୍ୟ ଅତିଥି ମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ କୁ ଉଦଘାଟନ କରାଯାଇଥିଲା। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିରଞ୍ଜନ ବେହେରା ରାଜ୍ୟ ଓ କେନ୍ଦ୍ର ସରକାର ଙ୍କ ଅନୁସୂଚିତ ଜାତି ଓ ଜନ ଜାତିଙ୍କ ଉନ୍ନୟନ ସହ ଜନକଲ୍ୟାଣ ଯୋଜନା ସମ୍ପର୍କରେ କହି, ଏଥିରେ ସାମିଲ ହୋଇଥିବା ପଞ୍ଚାୟତ ଓ ଗ୍ରାମ ବିଷୟରେ ବର୍ଣ୍ଣନା କରିଥିଲେ। ବ୍ଲକ ଉପାଧ୍ୟକ୍ଷ ପ୍ରଭାକର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବାଉଁଶ ବଣିଆ ପଞ୍ଚାୟତ ର ସରପଞ୍ଚ ନିରଞ୍ଜନ ବାରିକ ସରକାରଙ୍କ ଏହି କାର୍ଯ୍ୟକ୍ରମ କୁ ସାଧୁବାଦ ଦେଇ ସମ୍ପୃକ୍ତ ଯୋଜନା କୁ ଲୋକ ମାନଙ୍କ ପାଖରେ ପହଞ୍ଚାଇ ପାରିଲେ ଏହି ଅଭିଯାନର ସୁଫଳ ମିଳି ପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ତହସିଲଦାର ପ୍ରଜ୍ଞା ପରମିତା, ଜିଲ୍ଲା ପରିଷଦ ସଭ୍ୟା ମୁନି ସିଂ, ଗଡ଼ସାହି ପଞ୍ଚାୟତ ସରପଞ୍ଚ ନିତ୍ୟାନନ୍ଦ ମୁଦୁଲି ବକ୍ତବ୍ୟ ଦେଇଥିଲେ। ଜନ ସମ୍ପର୍କ କାର୍ଯ୍ୟକ୍ରମ ରେ ପ୍ରଦର୍ଶନ ପାଇଁ ଷ୍ଟଲ ଖୋଲା ଯାଇଥିବା ବେଳେ ସେଗୁଡିକ ଖାଲି ପଡ଼ିଥିବା ଦେଖା ଯାଇଥିଲା। ଏହି କାର୍ଯ୍ୟକ୍ରମ ଚାରିଦିନ ଧରି ଚାଲିବ ବୋଲି ବ୍ଲକ ପକ୍ଷରୁ ସୂଚନା ମିଳିବା ସଙ୍ଗେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ପରିଚାଳନା ରେ ସହଯୋଗ କରିଥିଲେ।

## ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆଣ୍ଠୁଏ ପାଣି

ଚନ୍ଦନେଶ୍ୱର, ୧୯।୬ (ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ହୁଗୁଳି ଗ୍ରାମପଞ୍ଚାୟତ ଅଫିସ ସମ୍ମୁଖରେ ଥିବା ୫୭ ନମ୍ବର ରାଜ୍ୟ ରାଜପଥର ଦୟନୀୟ ଅବସ୍ଥା ସ୍ଥାନୀୟ ଲୋକଙ୍କ ଚିନ୍ତାର କାରଣ ପାଲଟିଛି। ସାମାନ୍ୟ ବର୍ଷା ହେଲେ ମଧ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମା ହୋଇ ରହୁଥିବାରୁ ଯାତାୟାତ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି। ଏହି ସମସ୍ୟା ଦୀର୍ଘଦିନ ଧରି ଲାଗି ରହିଥିଲେ ମଧ ସମ୍ପୃକ୍ତ ବିଭାଗ ପକ୍ଷରୁ ସ୍ଥାୟୀ ସମାଧାନ ପାଇଁ



କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ ସ୍ଥାନୀୟ ବ୍ୟବସାୟୀ ଓ ଜନସାଧାରଣ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମପଞ୍ଚାୟତ ଅଫିସ ଏବଂ ନିକଟସ୍ଥ ମାର୍କେଟ କମ୍ପ୍ଲେକ୍ସକୁ ପ୍ରତିଦିନ ଶତାଧିକ ଲୋକ ବିଭିନ୍ନ କାର୍ଯ୍ୟରେ ଆସିଥାନ୍ତି। କିନ୍ତୁ ବର୍ଷା ସମୟରେ ରାସ୍ତା ଉପରେ ପାଣି ଜମି ରହିବାରୁ ପଦଚାରୀ, ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳରେ ଘୋର ଅସୁବିଧା ସୃଷ୍ଟି ହେଉଛି। ବିଶେଷ କରି ରାତ୍ରି ସମୟରେ ପାଣି ଭିତରେ ରାସ୍ତାର ଗର୍ତ୍ତ ଦେଖା ନଯିବାରୁ ଦୁର୍ଘଟଣାର ଆଶଙ୍କା ବଢ଼ିଯାଉଛି। ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ରାସ୍ତା ପାଶ୍ୱର୍ରେ ନିର୍ମିତ ଡ୍ରେନ୍‌ଟି ଦୀର୍ଘଦିନ ଧରି ପଙ୍କ ଓ ଆବର୍ଜନାରେ ପୋତି ହୋଇ ଯାଇଥିବାରୁ ବର୍ଷାଜଳ ସଠିକ୍ ଭାବରେ ନିଷ୍କାସନ ହୋଇପାରୁ ନାହିଁ।

**ସ୍ଥାୟୀ ପାଣି ନିଷ୍କାସନ ପାଇଁ ବ୍ୟବସାୟୀଙ୍କ ଦାବି**

ଫଳସ୍ୱରୂପ ସମସ୍ତ ପାଣି ରାସ୍ତା ଉପରେ ଜମା ହୋଇ ରହୁଛି। ଏହା କେବଳ ଯାତାୟାତରେ ବାଧା ସୃଷ୍ଟି କରୁନାହିଁ, ବରଂ ସ୍ଥାନୀୟ ବ୍ୟବସାୟ ଉପରେ ମଧ ପ୍ରତିକୂଳ ପ୍ରଭାବ ପକାଉଛି। ପାଣି ଜମି ରହିବାରୁ ଗ୍ରାହକମାନେ ମାର୍କେଟ କମ୍ପ୍ଲେକ୍ସକୁ ଆସିବାକୁ ଅସୁବିଧା ଅନୁଭବ କରୁଥିବାରୁ ବ୍ୟବସାୟୀମାନେ କ୍ଷତି ସହୁଛନ୍ତି। ସ୍ଥାନୀୟ ବ୍ୟବସାୟୀ ଅଜିତ ସାହୁ, ନନୀଗୋପାଳ ଗିରି, ଶିବଶଙ୍କର ମହାନ୍ତି, ଅଶୋକ ପତି ପ୍ରମୁଖ କହିଛନ୍ତି ଯେ, ଏହି ସମସ୍ୟା ନେଇ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଇନି। ସେମାନେ ଦାବି କରିଛନ୍ତି ଯେ, ସମ୍ପୃକ୍ତ ବିଭାଗୀୟ କର୍ମକର୍ତ୍ତାମାନେ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ଡ୍ରେନ୍‌ର ସଫେଇ ଏବଂ ଆଧୁନିକ ଜଳ ନିଷ୍କାସନ ବ୍ୟବସ୍ଥା କରିବା ସହ ସମସ୍ୟାର ସ୍ଥାୟୀ ସମାଧାନ କରନ୍ତୁ। ବର୍ଷା ଋତୁ ଆରମ୍ଭ ହୋଇଥିବା ବେଳେ ଏହି ସମସ୍ୟା ଆହୁରି ଗୁରୁତର ରୂପ ନେବାର ଆଶଙ୍କା ରହିଛି। ତେଣୁ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଶୀଘ୍ର ପାଣି ନିଷ୍କାସନ ବ୍ୟବସ୍ଥା ସୁଧାର କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଓ ବ୍ୟବସାୟୀମାନେ ପ୍ରଶାସନ ନିକଟରେ ଦୃଢ଼ ଦାବି ଜଣାଇଛନ୍ତି।

## ନାଟକ 'ଶ୍ରୀମତୀ ସମାର୍ଜନୀ' ପରିବେଷିତ



ବାଲେଶ୍ୱର,୧୯।୬ (ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ବିଶିଷ୍ଟ ନାଟ୍ୟକାର ଗୋପାଳ ଛୋଟରାୟ ଓ ସଂଗୀତଜ୍ଞ ଅକ୍ଷୟ ମହାନ୍ତଙ୍କ ଦ୍ୱାରା ପ୍ରସ୍ତୁତ ତଥା ଫକୀରମୋହନ ସେନାପତିଙ୍କ ମୂଳରଚନା "ପେଟେଣ୍ଟ ମେଡିସିନ୍'ର ଗୀତିନାଟ୍ୟରୂପ 'ଶ୍ରୀମତୀ ସମାର୍ଜନୀ' ଅନୁଷ୍ଠାନର ମହିଳା ସଦସ୍ୟମାନଙ୍କ ଦ୍ୱାରା ସ୍ଥାନୀୟ ସ୍ରଷ୍ଟା ନାଟ୍ୟାଳୟରେ ପରିବେଷିତ ହୋଇଯାଇଛି। ସଭାରେ ଅଧ୍ୟକ୍ଷତା କରି ଅନୁଷ୍ଠାନ ସଭାପତି ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ କହିଲେ ଯେ ୧୧୩ ବର୍ଷ ତଳେ ଫକୀରମୋହନ ସେନାପତି ରଚନା କରିଥିବା ପେଟେଣ୍ଟ ମେଡିସିନ୍‌ର ଆଜିବି ପ୍ରାସଙ୍ଗିକତା ରହିଛି। ଏ ସମାଜରେ ମଦ ପ୍ରଚଳନ ଥିବା ଯାଏଁ ତାହା କାଳଜୟୀ ହୋଇ ରହିବ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ନାଟକରେ ଅଭିନୟ କରିଥିବା ସମସ୍ତ କଳାକାରଙ୍କର ନିଖୁଣ ଅଭିନୟକୁ ଉଚ୍ଚ ପ୍ରଶଂସା କରିଥିଲେ। ସେ ଆହୁରି କହିଲେ ଯେ, ଫକୀରମୋହନଙ୍କ ପେଟେଣ୍ଟ ମେଡିସିନ୍ ଆଧାରରେ ଗୋପାଳ ଛୋଟରାୟ ଓ ଅକ୍ଷୟ ମହାନ୍ତି "ଶ୍ରୀମତୀ' ସମାର୍ଜନୀ' ଶୀର୍ଷକରେ ଯେଉଁ ଗୀତିନାଟ୍ୟ ପ୍ରସ୍ତୁତ କରିଛନ୍ତି ତାହା ଲୋକପ୍ରିୟତାର ଏତେ ଶୀର୍ଷକୁ ଛୁଇଁଚି ଯେ ସେହିଭଳି ଦ୍ୱିତୀୟ ନାଟକ ରଚନା କରିବାକୁ ନାଟ୍ୟକାରମାନେ ସାହସ କରିପରୁନାହାନ୍ତି। ସଂଗଠନ ସମ୍ପାଦକ ତପନ ରାୟ ପ୍ରାକ୍ ବକ୍ତବ୍ୟ ରଖିଥିବା ବେଳେ କୋଷାଧ୍ୟକ୍ଷ ଦୀପକ ବୋଷ ଶେଷ କଥା ରଖିଥିଲେ। "ଶ୍ରୀମତୀ ସମାର୍ଜନୀ' ନାଟକର ଚନ୍ଦ୍ରମଣି ଭୂମିକାରେ ସୁବ୍ରତା ମହାନ୍ତି, ସୁଲୋଚନା ଭୂମିକାରେ କଲ୍ୟାଣୀ ନନ୍ଦ, ମକରା ଭୂମିକାରେ କୃଷ୍ଣା ପ୍ରଧାନ ଓ ନୋକା ଭୂମିକାରେ ସଙ୍ଗୀତା ବାରିକ ଚମତ୍କାର ଅଭିନୟ କରିଥିଲେ। ସନ୍ତୋଷ କମିଲା ରୂପସଜ୍ଜା କରିଥିବା ବେଳେ ଚିନ୍ମୟୀ ପ୍ରିୟଦର୍ଶିନୀ ମିଶ୍ର ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

## ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର କରି ନୂତନ ପାଠ୍ୟପୁସ୍ତକ ପ୍ରଦାନ ଦାବି

ବାଲେଶ୍ୱର,୧୯।୬ (ସମିସ): ଏଆଇଡିଏସଓ ବାଲେଶ୍ୱର ଜିଲ୍ଲା କମିଟି ମିଳିତ ସହଯୋଗରେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରଚଳନ ବିରୁଦ୍ଧରେ ଆଜି ବାଲେଶ୍ୱର ଜିଲ୍ଲାପାଳ ଅଫିସ ସମ୍ମୁଖରେ ପ୍ରତିବାଦ ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଚଳିତବର୍ଷ ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛପାଯାଇଥିବା ସମସ୍ତ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ଥିବା ଲୋକଲୋଚନକୁ ଆସିଛି। ଏହା ଫଳରେ ରାଜ୍ୟର ଛାତ୍ର, ଶିକ୍ଷକ, ଅଭିଭାବକ ଓ ଶିକ୍ଷାପ୍ରେମୀ ଜନଗଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନୂତନ ଜାତୀୟ ଶିକ୍ଷାନୀତି ପ୍ରଚଳନ କରିବା ଦ୍ୱାରା ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଧ୍ୱଂସମୁଖୀ କରାଯାଇଥିବା ବେଳେ ଅତ୍ୟନ୍ତ ବେପରୁଆ ଭାବେ ଏହି ପାଠ୍ୟ ପୁସ୍ତକ ପ୍ରସ୍ତୁତ କରାଯାଇଛି। କେବଳ ଅଷ୍ଟମ ଶ୍ରେଣୀ ବହିରେ ପ୍ରାୟ ୭୦୦ ରୁ ଉର୍ଦ୍ଧ୍ୱ ଏବଂ ସପ୍ତମ ଶ୍ରେଣୀ ବହିରେ ୩୮୦ ରୁ ଉଦ୍ଧ୍ୱର୍ ଭୁଲ ଥିବା ଦୃଷ୍ଟିଗୋଚର ହୋଇଛି। ମୋଟ ୧୬୨୮ ଟି ଭୁଲ ପରିଲକ୍ଷିତ ହୋଇଥିବା ବେଳେ ନିରିଖେଇ ଦେଖିଲେ ଆହୁରି ଅଧିକ ଭୁଲ ବାହାରି ପାରେ। ଯେଉଁ ୧୬୭୮ ଟି ଭୁଲ ବାହାରିଛି ସେଗୁଡ଼ିକ ମୁଖ୍ୟତଃ ତଥ୍ୟ ଭିତ୍ତିକ। ମାତ୍ର ପାଠ୍ୟକ୍ରମରେ ଅନେକ ଅବୈଜ୍ଞାନିକ, ଅଯୌକ୍ତିକ ତଥା ମନଗଢ଼ା କାହାଣୀକୁ ଭର୍ତ୍ତି କରାଯାଇ ପାଠ୍ୟକ୍ରମର ଏକ ମୌଳିକ ଭିତ୍ତିଗତ ପରିବର୍ତ୍ତନ କରାଯାଇଛି। ଅସଲରେ ଏହି ପାଠ୍ୟ ପୁସ୍ତକ ପରିବର୍ତ୍ତନ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବା ପାଇଁ ଏକ ସୁଦୂର ପ୍ରସାରୀ ଷଡ଼ଯନ୍ତ୍ର ଅଟେ। ତୁରନ୍ତ ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି ୨୦୨୦କୁ ସଂପୂର୍ଣ୍ଣ ବାତିଲ କରିବା, ବିଜ୍ଞାନ ସମ୍ମତ ପାଠ୍ୟକ୍ରମ ପ୍ରଚଳନ କରିବା ସହ ଗଣ ଶିକ୍ଷାମନ୍ତ୍ରୀ ସମେତ ପାଠ୍ୟପୁସ୍ତକରେ ଭୁଲ ବିଷୟ ଛାପିବାରେ ସଂପୃକ୍ତ ସମସ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ତଥା ସରକାର ଅବିଳମ୍ବେ ଏହି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ପ୍ରତ୍ୟାହାର କରି ଛାତ୍ରଛାତ୍ରୀମାନଙ୍କୁ ନୂତନ ପାଠ୍ୟପୁସ୍ତକ ପ୍ରଦାନ କରିବା ଦାବିରେ ଏଆଇଡିଏସଓ ଜିଲ୍ଲା କମିଟି ସଭାପତି ହରେକୃଷ୍ଣ ଦାସଙ୍କ ନେତୃତ୍ୱରେ ଜିଲ୍ଲପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଗେଟ ସାମ୍ନାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଜିଲ୍ଲା ସମ୍ପାଦକ ପ୍ରଶାନ୍ତ କୁମାର ଦାସ, ଉପସଭାପତି କମ୍ରେଡ ମନୋଜ ପାତ୍ର ପ୍ରମୁଖ ବକ୍ତବ୍ୟ ମାଧ୍ୟମରେ ସରକାରଙ୍କ ଶିକ୍ଷା ପଦ୍ଧତିକୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନସିଂ ହୋ, ଅନିଲ ଘୋରାଇ ସହଯୋଗ କରିଥିଲେ।

## ବେଆଇନ କାଠ ବୋଝେଇ ଗାଡ଼ି ଜବତ

ଜଳେଶ୍ୱର ବ୍ଲକ, ୧୯।୬ (ସମିସ): ଆକ୍ସନ ମୋଡ୍‌ରେ ବରଡ଼ିହା ବନ ବିଭାଗ। ଗତ କିଛି ମାସ ମଧ୍ୟରେ ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଲଗାତାର ଭାବରେ ବେଆଇନ ଭାବେ ପରିବହନ କରୁଥିବା କାଠ ବୋଝେଇ ଗାଡି ଜବତ କରିଛି। ରାଇବଣିଆ ବିଟ ହାଉସର ଫରେଷ୍ଟଗାର୍ଡ କବିତା ମହାକୁଡ଼ ପାଟ୍ରୋଲିଂ ସମୟରେ କବାଟଘାଟି ଠାରେ ଏକ ଟାଟାଏସିଇ ଗାଡ଼ିରେ କାଠ ବୋଝେଇ କରି ନେଉଥିବା ସମୟରେ ଜବତ କରିଥିବା ବେଳେ ଡ୍ରାଇଭର ଗାଡି ଛାଡି ସେଠାରୁ ଚମ୍ପଟ ମାରିଥିଲେ। ପରେ ଗାଡିଟିକୁ ବରଡ଼ିହା ବନଖଣ୍ଡ ବନ ପାଳଙ୍କ କାର୍ଯ୍ୟାଳୟକୁ ନେଇ ଆସିଥିଲେ। ଉକ୍ତ କାଠ ମାଫିଆଙ୍କ ଘରେ କୁଆଡେ ବିପୁଳ ପରିମାଣର ବେଆଇନ ଶାଗୁଆନ, ଶାଳ, ପିଆଶାଳ ପରି ଅନେକେ ମୁଲ୍ୟବାନ କାଠ ମହଜୁଦ ହୋଇ ରହିଛି। ଦେଖିବାକୁ ବାକି ରହିଲା ଉକ୍ତ ବେଆଇନ କାଠ କାରବାର କରୁଥିବା ମାଫିଆଙ୍କ ଘରେ ବନ ବିଭାଗ କେବେ ଚଢ଼ଉ କରୁଛି।

## 'ବିକାଶର ଧାରା-ଓଡ଼ିଶା ସାରା' କାର୍ଯ୍ୟକ୍ରମ



ନୀଳଗିରି, ୧୯।୬ (ସମିସ) : ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ନୀଳଗିରି ପଞ୍ଚାୟତ ସମିତି ଆନୁକୂଲ୍ୟରେ ସମିତି ସ୍ତରୀୟ "ବିକାଶର ଧାରା - ଓଡ଼ିଶା ସାରା " କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି କରୁଣାକର ପଣ୍ଡା, ଏନ୍. ଏ. ସି. କାର୍ଯ୍ୟକାରୀ ଅଧକ୍ଷ ମହେନ୍ଦ୍ର ନାଥ ବେହେରା, ଏବିଡିଓ ସୁନନ୍ଦା ସାହୁ, ସିଡିପିଓ ଗୀତାଞ୍ଜଳି ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସମେତ ବରେଣ୍ୟ ଅତିଥି ଗଣ ନୀଳଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ଆସିଥିବା ହିତାଧିକାରୀଙ୍କୁ ଶ୍ରମ ବିଭାଗ ପକ୍ଷରୁ ଶ୍ରମିକ ମାନଙ୍କୁ ଜବ୍ କାର୍ଡ, ଖାଉଟି ଯୋଗାଣ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ଅନ୍ନପୁର୍ଣ୍ଣା ଯୋଜନା କାର୍ଡ, ବସୁନ୍ଧରା ଯୋଜନା ଭୁମି ହିନଙ୍କୁ ଜମି ପଟ୍ଟା ପ୍ରଦାନ, ଧୋବଶିଳା ବାବା ରାମେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ କୁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ନୀଳଗିରି ଶାଖା ପରିଚାଳକ ମତ୍ସ୍ୟ ଚାଷ ପାଇଁ ୧୦(ଦଶ)ଲକ୍ଷ ଟଙ୍କା ର ଚେକ୍ ପ୍ରଦାନ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ନୀଳଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ଦୁଇଟି ପର୍ଯ୍ୟାୟରେ ୧୨ଯୋଡ଼ା କନ୍ୟା ବିବାହ ବନ୍ଧନରେ ଆବଦ୍ଧ ହୋଇ ବିବାହରେ ୧୫ ହଜାର ଏବଂ କନ୍ୟାର ବ୍ୟାଙ୍କ ଆକାଉଣ୍ଟ କୁ ୪୫ ହଜାର ପାଇଥିବା ବେଳେ ମାନ୍ୟବର ବିଧାୟକ ନିଜ ତରଫରୁ ୫(ପାଞ୍ଚ) ହଜାର ଉପହାର ପ୍ରଦାନ, ପଞ୍ଚାୟତ ସମିତି ଅଧିନସ୍ଥ ସମସ୍ତ ୩୮୯ ଗୋଟି ଅଙ୍ଗନବାଡ଼ି କର୍ମୀଙ୍କୁ ମୋବାଇଲ ଫୋନ, ବିଦ୍ୟାଳୟ, ସରକାରୀ ନିଜସ୍ୱ ପଟ୍ଟା ପ୍ରଦାନ ସହ ପୌର ପରିଷଦ ଅଞ୍ଚଳରେ ଅଙ୍ଗନବାଡ଼ି କର୍ମୀଙ୍କୁ ମୋବାଇଲ ଫୋନ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲାବେଳେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନନ୍ଦା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଛତୁଆ ଶ୍ମଶାନରେ ସ୍ଥାପନ ହେଲା ଆଲୁମିନିୟମ୍ ଚୁଲା

# ଉପକୃତ ହେବେ ୮ ଗ୍ରାମ ସମେତ ସହରାଞ୍ଚଳ ଲୋକ

ବାଲେଶ୍ୱର,୧୯।୬ (ସମିସ)



ପରିବାରର କୌଣସି ସଦସ୍ୟଙ୍କ ମୃତ୍ୟୁ ପରେ ଶୋକାକୁଳ ପରିବେଶ ମଧ୍ୟରେ ଶବଦାହ ବ୍ୟବସ୍ଥା କରିବା ଅନେକ ସମୟରେ ପରିବାର ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇପଡ଼େ। ବିଶେଷକରି ଆର୍ଥିକ ଭାବେ ଦୁର୍ବଳ ଓ ମଧ୍ୟବିତ୍ତ ପରିବାରଙ୍କ ପାଇଁ ଶବଦାହ ପାଇଁ ଆବଶ୍ୟକ କାଠ ସଂଗ୍ରହ କରିବା ଏବଂ ଅଧିକ ଖର୍ଚ୍ଚ ବହନ କରିବା ଏକ ବଡ଼ ବୋଝ ସାଜିଥାଏ। ଏଭଳି ସମୟରେ ବାଲେଶ୍ୱର ସହର ଉପକଣ୍ଠ ଟୁଲଙ୍ଗ ସ୍ଥିତ ଛତୁଆ ଶ୍ମଶାନରେ ଦୁଇଟି ଆଧୁନିକ ଆଲୁମିନିୟମ୍ ଶବଦାହ ଚୁଲା ସ୍ଥାପନ ହେବା ଅଞ୍ଚଳବାସୀଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ଆଣିଦେଇଛି। ଶୁକ୍ରବାର ସମାଜସେବୀ ମନୋଜ କୁମାର ରାଉତ ଓ ରବିନ୍ଦ୍ର ସାହାଣୀଙ୍କ ଆର୍ଥିକ ସହଯୋଗ ଓ ସୌଜନ୍ୟରେ ଏହି ଦୁଇଟି ଆଲୁମିନିୟମ୍ ଚୁଲା ସ୍ଥାପନ କରାଯାଇଛି। ଅଞ୍ଚଳରେ ଶବଦାହ ସେବାକୁ ଅଧିକ ସୁବିଧାଜନକ, କମ୍ ଖର୍ଚ୍ଚସାଧ ଓ ସମୟୋପଯୋଗୀ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଥିବା ବେଳେ ଏହାକୁ ସ୍ଥାନୀୟ ଲୋକେ ଏକ ଜନହିତକର କାର୍ଯ୍ୟ ଭାବେ ସ୍ୱାଗତ କରିଛନ୍ତି। ଦୀର୍ଘଦିନ ଧରି ଛତୁଆ ଶ୍ମଶାନ ଆଖପାଖ ଅଞ୍ଚଳର ଲୋକଙ୍କ ପାଇଁ ଅନ୍ତିମ ସଂସ୍କାରର ମୁଖ୍ୟ କେନ୍ଦ୍ର ଭାବେ କାର୍ଯ୍ୟ କରିଆସୁଛି। ମଠସାହି, ଟୁଲଙ୍ଗସାହି, ମଲ୍ଲିକାଶପୁର, ବୈରାମନଗର, ମାକଲପୁର, କାଶୀମାବାଦ, ନଲମଗଞ୍ଜ ଓ ଭୋଇସାହି ସମେତ ଆଖପାଖର ଅନେକ ଗ୍ରାମ ଏବଂ ସହରାଞ୍ଚଳର ଲୋକ ଏହି ଶ୍ମଶାନ ଉପରେ ନିର୍ଭରଶୀଳ। ପ୍ରତିବର୍ଷ ଏଠାରେ ବହୁ ସଂଖ୍ୟକ ଶବଦାହ କାର୍ଯ୍ୟ ସମ୍ପନ୍ନ ହୋଇଥାଏ। କିନ୍ତୁ ପାରମ୍ପରିକ ପଦ୍ଧତିରେ ଶବଦାହ କରିବା ପାଇଁ ବହୁ ପରିମାଣର କାଠ ଆବଶ୍ୟକ ହେବା ସହ ଏଥିରେ ଅଧିକ ଅର୍ଥ ବ୍ୟୟ ହେଉଥିଲା। ବିଶେଷକରି ଗରିବ ପରିବାର ପାଇଁ ଏହା ଏକ ଅତିରିକ୍ତ ଆର୍ଥିକ ବୋଝ ସୃଷ୍ଟି କରୁଥିଲା। ନୂତନ ଭାବେ ସ୍ଥାପିତ ଆଲୁମିନିୟମ୍ ଚୁଲା ଦ୍ୱାରା ଶବଦାହ କରିବା ସମୟରେ ପ୍ରାୟ ୫୦ ପ୍ରତିଶତ କମ୍ କାଠ ଆବଶ୍ୟକ ହେବ। ଏହା ଫଳରେ ଶବଦାହ ପାଇଁ ହେଉଥିବା ଖର୍ଚ୍ଚ ଯଥେଷ୍ଟ କମିଯିବ। ଆଜିକାଲି କାଠର ଦର ବଢ଼ିଥିବା ବେଳେ ଅନ୍ତିମ ସଂସ୍କାର ପାଇଁ ଆବଶ୍ୟକ କାଠ କିଣିବାରେ ଅନେକ ପରିବାର ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ବର୍ଷା ଋତୁରେ ଶବଦାହ କାର୍ଯ୍ୟ ଅନେକ ସମୟରେ କଷ୍ଟସାଧ ହୋଇପଡ଼େ। ବର୍ଷାରେ କାଠ ଭିଜିଯିବା, ନିଆଁ ଜଳିବାରେ ବିଳମ୍ବ ହେବା ଏବଂ ଶବଦାହ ସମ୍ପୂର୍ଣ୍ଣ କରିବାକୁ ଅଧିକ ସମୟ ଲାଗିବା ଭଳି ସମସ୍ୟା ଦେଖାଯାଇଥାଏ। କିନ୍ତୁ ଆଲୁମିନିୟମ୍ ଚୁଲା ବ୍ୟବସ୍ଥା ଯୋଗୁଁ ବର୍ଷାଦିନରେ ମଧ ଅନ୍ତିମ ସଂସ୍କାର କାର୍ଯ୍ୟ ଅଧିକ ସହଜ ଓ ସୁବିଧାଜନକ ହେବ। କେବଳ ଆର୍ଥିକ ସୁବିଧା ନୁହେଁ, ପରିବେଶ ସୁରକ୍ଷା ଦିଗରେ ମଧ ଏହି ଚୁଲାର ବିଶେଷ ଗୁରୁତ୍ୱ ରହିଛି। ଶବଦାହ ପାଇଁ କମ୍ କାଠ ବ୍ୟବହାର ହେବା ଫଳରେ ଗଛ କାଟିବାର ଚାହିଦା ମଧ କମିବ। ପରିବେଶବିତଙ୍କ ମତରେ ଏଭଳି ବ୍ୟବସ୍ଥା ପରିବେଶ ସୁରକ୍ଷା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ଦିଗରେ ସକାରାତ୍ମକ ଭୂମିକା ନେଇପାରିବ। ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଛତୁଆ ଶ୍ମଶାନରେ ଆଧୁନିକ ସୁବିଧା ଯୋଡ଼ାଯିବା ଏକ ଦୀର୍ଘଦିନର ଆବଶ୍ୟକତା ଥିଲା। ଜୀବନର ଶେଷ ଯାତ୍ରାକୁ ଅଧିକ ସମ୍ମାନଜନକ ଓ ମାନବିକ କରିବା ପାଇଁ ଏହି ପଦକ୍ଷେପ ଆଗାମୀ ଦିନରେ ଅନ୍ୟ ଅଞ୍ଚଳ ପାଇଁ ମଧ ପ୍ରେରଣା ସାଜିବ ବୋଲି ମତ ପ୍ରକାଶ ପାଇଛି। ଚୁଲା ସ୍ଥାପନ କାର୍ଯ୍ୟକ୍ରମରେ ମାନସ ରଞ୍ଜନ ଭୋଇ, ମହେଶ୍ୱର ତାଳଦୀ, ରବି ନାରାୟଣ ରାଓ, ବୀରେନ୍ଦ୍ର ସେଠୀ, ପ୍ରାଣବନ୍ଧୁ ମହାପାତ୍ର, ଅକ୍ଷୟ ଦାସ, ପର୍ଶୁରାମ ଚାନ୍ଦ, ବିଶ୍ୱନାଥ ସେଠୀ, ସଞ୍ଜୟ ପାହାଡ଼ି, ନବଜୀବନ ଭୋଇ, ହେମନ୍ତ ବେହେରା, ଗିରିଧାରୀ ବେହେରା, ସନ୍ତୋଷ ଭୋଇ, ହରିଶ ବେହେରା, ଶୁଭେନ୍ଦୁ ରାଜ, ସତ୍ୟବ୍ରତ ଦାସ, ରମାକାନ୍ତ ବେହେରା, ବିଶ୍ୱମ୍ବର ଦାସ, ଶୁଭଙ୍କର ଓଝା, ହୃଦାନନ୍ଦ ପାହାଡ଼ି, କରୁଣାକର ବିଶ୍ୱାଳ, କାଳୁ ନାୟକ, ଦୀପକ ବାରିକଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ମାଙ୍କଡ଼ ବନ ବିଭାଗକୁ ହସ୍ତାନ୍ତର

ଚମ୍ପୁଆ,୧୯।୬ (ସମିସ): ଚମ୍ପୁଆ ଏନଏସି ଅନ୍ତର୍ଗତ ଗୋଧୂଳି ଗାଁରେ ପ୍ରବେଶ କରିଥିବା ଏକ ମାଈ ମାଙ୍କଡ଼କୁ ଗ୍ରାମବାସୀମାନଙ୍କ ଦ୍ୱାରା ଉଦ୍ଧାର କରି ବନାଞ୍ଚଳ କାର୍ଯ୍ୟାଳୟରେ ବନପାଳ ଜ୍ୟୋତିରୂପା ପାଣିଙ୍କ ନିକଟରେ ହସ୍ତାନ୍ତର କରାଯାଇଛି। ଦୁଇଦିନ ତଳେ ଏକ ମାଈ ମାଙ୍କଡ ଗୋଧୂଳି ଗ୍ରାମ ଭିତରକୁ ପ୍ରବେଶ କରି ଗ୍ରାମର ଦୁଇ ଜଣଙ୍କୁ କାମୁଡି ଆହାତ କରିବା ପରେ ଗ୍ରାମବାସୀଙ୍କୁ ଚିନ୍ତାରେ ପକାଇ ଦେଇଥିଲା। ପରେ ଉକ୍ତ ଗ୍ରାମର ଦଶରଥ ନାଏକ ଖାଦ୍ୟ ଲୋଭ ଦେଖାଇ ମାଙ୍କଡ଼ଟିକୁ କାବୁ କରିବା ସହିତ କାଉନସିଲର ଛତ୍ରପତି ନାଏକ, ଶରତ ପ୍ରଧାନ ଓ ବସନ୍ତ ମହାନ୍ତଙ୍କ ସହଯୋଗରେ ବନପାଳଙ୍କୁ ହସ୍ତାନ୍ତର କରିଥିଲେ। ବନ ବିଭାଗ ପକ୍ଷରୁ ମାଈ ମାଙ୍କଡ଼କୁ ସୁରକ୍ଷିତ ଭାବେ କାଳିକାପ୍ରସାଦ ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ବନପାଳ ଶ୍ରୀମତୀ ପାଣି ସୂଚନା ଦେଇଛନ୍ତି।

## ଚୋରା ଚାଲାଣ ବେଳେ ଗାଡ଼ି ସହ କାଠ ଜବତ



ଆନନ୍ଦପୁର, ୧୯।୬(ସମିସ): ଫିଲ୍ମ ଷ୍ଟାଇଲରେ ଗୋଡ଼ାଇ ଗୋଡ଼ାଇ ଚୋରା କାଠ ଗାଡିକୁ ଧରିଲା ପୁଲିସ। ଗାଡ଼ି ଚେକିଂ ବେଳେ ପୁଲିସ ଆଖିରେ ଧୂଳି ଦେଇ ଖସିଯିବାକୁ ଉଦ୍ୟମ ବେଳେ ମାଡ଼ି ବସିଲା ଘସିପୁରା ପୁଲିସ। ଆନନ୍ଦପୁର ବନଖଣ୍ଡ ପଞ୍ଚୁପଲିରୁ ଚୋରା କାଠ ଭଦ୍ରକ ଜିଲ୍ଲାକୁ ଚାଲାଣ ହେଉଥିବା ବେଳେ ଆନନ୍ଦପୁର ବ୍ରିଜ ନିକଟରେ ପୁଲିସ ଗାଡ଼ି ଚେକିଂ କରୁଥିଲା। ପୁଲିସକୁ ଦେଖି କାଠ ମାଫିଆ ଗାଡିକୁ ଜଅଁରା ଗ୍ରାମ ମଧ୍ୟରେ ପୁରାଇ ଦେଇଥିଲେ। ପୁଲିସ ଉକ୍ତ ଗାଡିକୁ ସନ୍ଦେହ କରି ପଛେ ପଛେ ଗୋଡ଼ାଇଥିଲା। ଘଷିପୁରା ପୁଲିସ କାଠ ଗାଡିଟିକୁ ଧରିବାରେ ସଫଳ ହୋଇଥିଲା। ପୁଲିସକୁ ଜାଲ୍ କାଗଜପତ୍ର ଦେଖାଇବାରୁ ଗାଡ଼ିରେ ବସିଥିବା ତିନିଜଣ ମାଫିଆ ଓ କାଠ ଗାଡ଼ିକୁ ଆନନ୍ଦପୁର ବନବିଭାଗକୁ ହସ୍ତାନ୍ତର କରାଯାଇଛି। ଘଷିପୁରା ପୁଲିସ କାଗଜପତ୍ର ଯାଞ୍ଚ କରିବା ବେଳେ କେଉଁଠାରୁ କାଠ ଆସିଲା ତାହାର କୌଣସି ପ୍ରମାଣପତ୍ର ନଥିଲା। ଏହିଭଳି ପ୍ରତିଦିନ ପଞ୍ଚୁପଲି ଗ୍ରାମରୁ ଭଦ୍ରକ ଓ ବିଭିନ୍ନ ଜାଗାକୁ ଚୋରା କାଠ ଚାଲାଣ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ୭୭

## ଟାଇକ୍ୱୋଣ୍ଡୋରେ ଆର୍ଯ୍ୟନଙ୍କ ସଫଳତା




କେନ୍ଦୁଝର,୧୯।୬(ସମିସ): କଟକ ଜିଲ୍ଲା ଜବାହାରଲାଲ ନେହରୁ ଷ୍ଟାଡ଼ିୟମଠାରେ ୨୦୨୬ ଜୁନ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ କ୍ୟୁରୋଗୀ ଓ ପୁମସେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାରେ କେନ୍ଦୁଝର ଜିଲ୍ଲାର ଆରିୟନ ରାଜ ୧୨ ବର୍ଷରୁ କମ ସବଜୁନିୟର ବିଭାଗରେ ଅଂଶଗ୍ରହଣ କରି ସଫଳତା ଅର୍ଜନ କରିଛନ୍ତି। ଏଥିରେ କ୍ୟୁରୋଗୀ ୨୭ କିଗ୍ରା ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ଓ ସେ କେନ୍ଦ୍ରୀୟ ବିଦ୍ୟାଳୟ, କେନ୍ଦୁଝରରେ ଚତୁର୍ଥ ଶ୍ରେଣୀରେ ଅଧ୍ୟୟନ ସହ ପାସନ ଟାଇକ୍ୱୋଣ୍ଡ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ସଫଳତା ପାଇଁ ପିତା ପ୍ରତାପଚନ୍ଦ୍ର ରାଜ, ମାତା ସସ୍ମିତା ଦେଓ, ପରିବାର ବର୍ଗ ଓ କୋଚ ମୋଉଲେନ୍ଦୁ ମହାନ୍ତ, ରୋହିତ ପ୍ରସାଦ, ରାଜ୍ୟ ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ତାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ଶ୍ରୀ ଉତ୍ତରେଶ୍ୱର ମହାଦେବଙ୍କ ଶୀତଳଷଷ୍ଠୀ



ଆନନ୍ଦପୁର, ୧୯।୬ (ସମିସ): ଆନନ୍ଦପୁର ଶ୍ରୀ ଉତ୍ତରେଶ୍ୱର ମହାଦେବ ମନ୍ଦିରରେ ଅଷ୍ଟମ ବାର୍ଷିକ ଶୀତଳଷଷ୍ଠୀ ଓ ଶିବ ବିବାହଉତ୍ସବ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ବିବାହ ଉତ୍ସବରେ ମହାଦେବଙ୍କ ପିତା ଭାବେ ଦୁଃଖବନ୍ଧୁ ମିଶ୍ର ଏବଂ ମାତା ପାର୍ବତୀଙ୍କ ପିତା ରୂପେ ଚିନ୍ତାମଣି ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ। କୌଳିକ ରୀତିନୀତି ଅନୁସାରେ ବରଯାତ୍ରୀଙ୍କୁ ଧରି ମହାଦେବ ମନ୍ଦିର ମଧ୍ୟକୁ ପ୍ରବେଶ କରିବା ପରେ କନ୍ୟା ପକ୍ଷ ପକ୍ଷରୁ ଯଥାବିଧି ପୂଜାର୍ଚ୍ଚନା କରାଯାଇ ପାଛୋଟି ଆଣିଥିଲେ। ପୂର୍ବାହ୍ନରେ ପୁରୋହିତ ଅଶୋକ ଶତପଥୀ ଏବଂ ଅଜିତ କୁମାର ପଣ୍ଡା ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଆଜି ଶ୍ରୀ ମହେଶ ନଗର ପରିକ୍ରମା କରିବା ପରେ ମନ୍ଦିର ମଧ୍ୟକୁ ପ୍ରବେଶ କରିଥିଲେ। କମିଟି ସଭାପତି ଦିଲୀପ ସିଂ, ସମ୍ପାଦକ ଅନନ୍ତ ସିଂ, ଉପସଭାପତି ଗୌରାଙ୍ଗ ଚରଣ ନାୟକ, କୋଷାଧ୍ୟକ୍ଷ ଶ୍ରୀଧର ରଣା, ଅକ୍ଷୟ ସାମଲ, ଦିଲ୍ଲୀପ ଧଳ ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ।

## ବିନା ଅନୁମତିରେ ଲଘୁ ଖଣିଜ ଚୋରି

# ୬ ମାସହେଲା ଚାଲିଛି କୋଟି କୋଟି ଟଙ୍କାର ଲୁଟ୍

କେନ୍ଦୁଝର, ୧୯।୬(ସମିସ)





**ପ୍ରଶାସନ କାଠଗଡ଼ାରେ**

କେନ୍ଦୁଝର ଜିଲ୍ଲା ଘଟଗାଁ ତହସିଲ ଅଞ୍ଚଳରେ ଗୋଟିଏ ବେଆଇନ କ୍ରସର ଏବଂ ଗୋଟିଏ ପଥର କ୍ୱାରୀରେ ଗତ ୬ ମାସହେଲା ଅନ୍ୟୂନ କୋଟି କୋଟି ଟଙ୍କାର ଲଘୁ ଖଣିଜ ଚୋରି ହୋଇଥିବା ଜଣାପଡ଼ିଛି। ଏସବୁ ଅନୁମତି ପାଇଁ ଆବେଦନ ପ୍ରକ୍ରିୟା ଚାଲିଥିବାବେଳେ କ୍ରସର ଚାଲିବା ପାଇଁ ଅନୁମତି ନାହିଁ। ବିନା ଅନୁମତିରେ ୬ ମାସ ହେଲା କିପରି କ୍ରସର ଚାଲିଛି ଏବଂ ପଥର କ୍ୱାରୀରୁ କୋଟି କୋଟି ଟଙ୍କା ମୂଲ୍ୟର ଲଘୁ ଖଣିଜ ଚୋରି ହେଉଛି ତାକୁ ନେଇ ପ୍ରଶ୍ନ ହେଉଛି।

ମନୋହରପୁର-ପୀଠଗୋଳ ରାସ୍ତା କାମରେ ବ୍ୟବହାର ନିମନ୍ତେ ଘଟଗାଁ ତହସିଲ ଅନ୍ତର୍ଗତ ଖଜୁରୀଜୁଆଣି ମୌଜାରେ ମେସର୍ସ ଶିବମ କଣ୍ଟେବ ନାମରେ ଆବେଦନ ହୋଇଛି। ଆବେଦନ ପ୍ରକ୍ରିୟା ସମାପ୍ତ ହୋଇନାହିଁ। ଅନ୍ୟପକ୍ଷରେ ଆବେଦନ ହୋଇଥିବା ଉକ୍ତ କ୍ୱାରୀରୁ ପଥର ଆଣି ଘଟଗାଁ ତହସିଲ ଖଣ୍ଟଘର ମୌଜାର ଖାତା ନମ୍ବର ୫୦, ପ୍ଲଟ ନମ୍ବର ୩୬୮ (ଘରବାରି)ରୁ ୨.୯୦ ଏକର ଜମି ଶେଖର ମିଶ୍ର ନାମକ ବ୍ୟକ୍ତି ଉପରୋକ୍ତ ସଂସ୍ଥା ନାମରେ ଜିଲ୍ଲା ପ୍ରଶାସନକୁ ଆବେଦନ କରିଥିଲେ। ଆବେଦନ ଭିତ୍ତିକରି ଘଟଗାଁ ତହସିଲଦାରଙ୍କ ରିପୋର୍ଟ ଆଧାରରେ ଅସ୍ଥାୟୀ ଭାବେ ବର୍ଷକ ପାଇଁ ୭ ଗୋଟି ଟର୍ମ କଣ୍ଡିସନ ପୂରଣ କରିବା ପରେ କ୍ରସର ପରିଚାଳନା କରିବାକୁ ଜିଲ୍ଲାପାଳ କାର୍ଯ୍ୟାଳୟ ଅର୍ଡର ନମ୍ବର ୨୩୬/୨୦.୧.୨୦୨୬ରେ ଅନୁମତି ଦେଇଛନ୍ତି। ଜିଲ୍ଲାପାଳଙ୍କର ନିର୍ଦ୍ଦେଶପତ୍ରକୁ ଅନୁପାଳନ କରାଯାଇ ନଥିବା ବେଳେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ଅନୁମତି ମଧ୍ୟ ନାହିଁ। ଗତ ୬ମାସ ହେବ ଖଜୁରୀଜୁଆଣି ପଥର କ୍ୱାରୀରୁ ବେଆଇନ ଭାବେ କୋଟି କୋଟି ଟଙ୍କାର ଲଘୁ ଖଣିଜ ଉତ୍ତୋଳନ କରିଚାଲିଛନ୍ତି। ଏଠାରୁ ଉତ୍ତୋଳିତ ଶହ ଶହ ଟ୍ରିପ ପଥରନେଇ ଖଣ୍ଟଘର ସ୍ଥିତ ଉପରୋକ୍ତ ପଥର କ୍ରସର ଚଲାଇ ମେଟାଲ, ଚିପ୍ସ, ବଜରୀ, ଡଷ୍ଟ କରି ନିଜେ ନେଇଥିବା ମନୋହରପୁର-ପୀଠଗୋଳ ରାସ୍ତାରେ ବ୍ୟବହାର କରନ୍ତୁ ନକରନ୍ତୁ ବାହାରେ ବିକ୍ରୟକରି କୋଟି କୋଟି ଟଙ୍କାର ମୁନଫା କମାଇ ଚାଲିଥିବା ଅଭିଯୋଗ ହେଉଛି। ରାସ୍ତା ନାମରେ ପଥର କ୍ୱାରୀ ଆବେଦନକରି, ସମସ୍ତ ଅନୁମତି ନପାଇ କ୍ରଶର ଚଲାଇ ଏଭଳି ବେଆଇନ କାମ ୬ ମାସ ହେବ ଚାଲିଥିଲେ ମଧ୍ୟ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବିଭାଗ, ଲଘୁ ଖଣିଜ ବିଭାଗ, ରାଜସ୍ୱ ବିଭାଗ କିପରି ଜାଣି ପାରୁନାହାନ୍ତି ତାକୁ ନେଇ ପ୍ରଶ୍ନ ଉଠୁଛି। ନିୟମିତ ଯାଞ୍ଚ ସହିତ ପ୍ରଶାସନର ବିଭିନ୍ନ ବିଭାଗ ଦ୍ୱାରା ପ୍ରଦତ୍ତ ଗାଇଡଲାଇନକୁ ଖୋଲାଖୋଲି ଉଲଙ୍ଘନ ହେଉଥିଲେ ମଧ୍ୟ ଏତେବଡ ବେଆଇନ କାମ ହେଉଛି କିପରି ତାହା ବୁଝା ପଡୁନାହିଁ। ଏବେ ବର୍ଷା ଋତୁ ହେବାକୁ ଯାଉଥିବାବେଳେ ପଥର କ୍ୱାରୀ ଅଞ୍ଚଳରୁ ବ୍ୟାପକ ବେଆଇନ ପଥର ଖନନ ଯୋଗୁଁ ଜଙ୍ଗଲ ମଝିରେ ୧୦୦ ମିଟରରୁ ଅଧିକ ଖାତ ହୋଇସାରିଲାଣି; ଯାହାକି ସେ ଅଞ୍ଚଳରେ ଚଳପ୍ରଚଳ କରୁଥିବା ହାତୀଙ୍କ ପାଇଁ ବିପଦ ସୃଷ୍ଟି ହେଲାଣି। ଏଠାରେ ବନ ବିଭାଗ ମଧ୍ୟ ଆଖିବୁଜି ବସିଛି। ଏଥିପାଇଁ କେଉଁ ବିଭାଗକୁ ଦାୟୀ କରାଯିବ ରାଜ୍ୟ ସରକାରଙ୍କ ଦ୍ୱାରା ଉଚ୍ଚସ୍ତରୀୟ ତଦନ୍ତ ହେଲେ ପ୍ରକୃତ ସତ୍ୟତା ଲୋକଲୋଚନକୁ ଆସିବା ସହ ଦୋଷୀ ଆଇନ ଅନୁସାରେ ଦଣ୍ଡ ପାଆନ୍ତେ ବୋଲି ଦାବି ହେଉଛି। ଏ ବାବଦରେ କ୍ରସର କର୍ତ୍ତୃପକ୍ଷ ଫୋନ ଉଠାଇ ନଥିବାରୁ ତାଙ୍କର ସ୍ପଷ୍ଟୀକରଣ ମିଳିନାହିଁ। ଜିଲ୍ଲା ଲଘୁ ଖଣିଜ ବିଭାଗୀୟ ଅଧିକାରୀଙ୍କୁ ଏବାବଦରେ ପଚାରିବାରୁ ଆବେଦନକାରୀଙ୍କୁ ଅନୁମତି ମିଳିନାହିଁ, ଯଦି ସେ ଏଭଳି ବେଆଇନ କାମ କରୁଛନ୍ତି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗରୁ ମଧ୍ୟ ଆବଶ୍ୟକ ଅନୁମତି ପାଇ ନଥିବାରୁ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି।

### ଖୁଣ୍ଟାପଡ଼ା ରଜ ମହୋତ୍ସବ ଉଦ୍‌ଯାପିତ

## ‘ପର୍ବପର୍ବାଣୀ ଓ ପରମ୍ପରା ସମାଜକୁ ଜାଗ୍ରତ ରଖେ’



ତେଲକୋଇ,୧୯।୬(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଖୁଣ୍ଟାପଡା ମକର ମେଳା ପଡ଼ିଆରେ ଓମ୍ ଶକ୍ତି ସଂଗଠନ ପକ୍ଷରୁ ଦ୍ୱିତୀୟ ବାର୍ଷିକ ରଜ ମହୋତ୍ସବ ଧୁମଧାମରେ ପାଳନ କରାଯାଇଛି। ୩ ଦିନ ଧରି କାର୍ଯ୍ୟକ୍ରମରେ ଅତିଥିମାନେ କୃଷିଭିତ୍ତିକ ରଜ ପର୍ବ ଓ ଏହାର ପରମ୍ପରାକୁ ମନେ ପକାଇବା ସହ ପର୍ବପର୍ବାଣୀ ତଥା ଲୋକକଳା ସମାଜକୁ ଜାଗ୍ରତ କରେ ବୋଲି କହିଥିଲେ। ରଜ ମହୋତ୍ସବ କମିଟି ସଭାପତି ବ୍ରଜକିଶୋର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଖୁଣ୍ଟାପଡ଼ା ସରପଞ୍ଚ ଲକ୍ଷ୍ମୀ ମୁଣ୍ଡା, ସମାଜସେବୀ ବଳଭଦ୍ର ପ୍ରଧାନ, ପ୍ରେସ କ୍ଲବ ସଭାପତି କୈଳାସଚନ୍ଦ୍ର ପ୍ରଧାନ, ସାମ୍ବାଦିକ ଅନୁକୂଳ ବିଶ୍ୱାଳ, ବିଭୁତି ପ୍ରଧାନ, ଭୋଳେଶ୍ୱର ପାତ୍ର ଯୋଗ ଦେଇଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ତଥା ବିଜେଡ଼ି ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ମୁଖ୍ୟବକ୍ତା ଅବସରପ୍ରାପ୍ତ ରାଜ୍ୟ ସରକାର ପୁରସ୍କାରପ୍ରାପ୍ତ ଶିକ୍ଷକ ବସୁଦେବ ମହାନ୍ତ, ସମ୍ମାନିତ ଅତିଥି ବାଂଶପାଳ ବ୍ଲକ୍ ଅଧ୍ୟକ୍ଷ ମାନସ କୁମାର ଦେହୁରୀ, ତେଲକୋଇ ବ୍ଲକ ଅଧ୍ୟକ୍ଷ ବିକ୍ରମ ନାୟକ, ୧୯ ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ଛଇଲବାଳା ନାୟକ, ୨୫ ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ଅରୁଣ ବାରିକ ଯୋଗ ଦେଇଥିଲେ। ସେହିପରି ଗତକାଲି ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ମାନସ କୁମାର ନାଏକ, ମୁଖ୍ୟବକ୍ତା ଚାରିଗଡ କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ମାନଗୋବିନ୍ଦ ସାହୁ, ସମ୍ମାନିତ ଅତିଥି ସରପଞ୍ଚ ଲକ୍ଷ୍ମୀ ମୁଣ୍ଡା ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରତିଷ୍ଠିତ ନୃତ୍ୟ ଓ ସଙ୍ଗୀତ ଦଳ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ରଜ ମହୋତ୍ସବ କମିଟି ସମ୍ପାଦକ ବିରଞ୍ଚି କୁମାର ବେହେରା ସଭା ସଂଯୋଜନା କରିଥିବା ବେଳେ ଉପସଭାପତି ହଟକିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଓମ୍ ଶକ୍ତି ସଂଗଠନ ସଭାପତି ଜିତେନ୍ଦ୍ର ସାହୁ, ସମ୍ପାଦକ ଶ୍ରୀଧର ପତି, ସଦସ୍ୟ ନାରାୟଣ ସାହୁ, ଜଗଦିଶ ପତି, ମଳୟ ସାହୁ, ବଳରାମ ସାହୁ, ଗୋବର୍ଦ୍ଧନ ଥପା, ସୁଶାନ୍ତ ଦେହୁରୀ, ମାନସ ମହାକୁଡ, ରାଜୁ ଦାସ, ଟିଟୁ ସାହୁ, ବିନୟ ଥପା ପରିଚାଳନା କରିଥିଲେ।

## ଅନ୍ତର୍ଜାତୀୟ ଯୋଗ ଦିବସ ପୂର୍ବରୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା



କେନ୍ଦୁଝର, ୧୯।୬(ସମିସ): ଆସନ୍ତା ଜୁନ ୨୧ ତାରିଖ ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ଶୁକ୍ରବାର ମୋଚିବନ୍ଧ ଉଚ୍ଚ ବିଦ୍ୟାଳୟଠାରେ ସମଗ୍ର ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। “ନିରୋଗ ଓ ସୁସ୍ଥ ରହିବା ପାଇଁ ଯୋଗ’ ଶୀର୍ଷକରେ ବକ୍ତୃତା, ରଚନା, ଚିତ୍ରାଙ୍କନ ଓ ସ୍ଲୋଗାନ ଲିଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଚୟନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ସାଇସଙ୍କଳ୍ପ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ ମଲ୍ଲିକ ମୁଖ୍ୟଅତିଥି ଭାବେ ନିୟମିତ ବ୍ୟାୟାମ କରିବା ସହ ଜଙ୍କ ଫୁଡ଼ ନଖାଇବା ପାଇଁ ସେ ଛାତ୍ରଛାତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦ୍ୱିତୀକ୍ରିଷ୍ଣ ବେହେରା ଓ ମଧୁସୂଦନ ମିଶ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଶାନ୍ତନୁ ମହାପାତ୍ର, ଫକୀର ମୋହନ ମହାନ୍ତ, ଘନଶ୍ୟାମ ମହାନ୍ତ, ପ୍ରଶାନ୍ତ ସେନାପତି ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ତେଜସ୍ୱିନୀ ପାତ୍ର ଧନ୍ୟବାଦ ଦେଇଥିଲେ।

## ବିଧାୟକଙ୍କ ଜନ୍ମଦିନରେ ସେବାକାର୍ଯ୍ୟ



ହାଟଡ଼ିହୀ,୧୯।୬(ସମିସ): ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀଙ୍କ ଜନ୍ମଦିନ ଉତ୍ସବ ପାଳନ ହୋଇଛି। ଯୁବ ବିଜେଡ଼ି ସମ୍ପାଦକ ଦୀପ୍ତିରଞ୍ଜନ ଦାସ ଓ ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ଅମରେନ୍ଦ୍ର ଧଳଙ୍କ ସଂଯୋଜନାରେ ହାଟଡ଼ିହୀସ୍ଥିତ ବିଜେଡ଼ି କାର୍ଯ୍ୟାଳୟଠାରେ ଶୁକ୍ରବାର ପୂର୍ବାହ୍ନରେ ବିଜେଡ଼ି କର୍ମକର୍ତ୍ତା ଓ ନେତୃମଣ୍ଡଳୀଙ୍କ ଗହଣରେ ଦୀପ ଜାଳି ଶୁଭ ମନାସିବା ସହ କେକ୍ କାଟି ବିଧାୟକ ଅଭିମନ୍ୟୁ ସେଠୀଙ୍କ ୫୨ତମ ଜନ୍ମଦିନ ପାଳନ କରାଯାଇଛି। ବିଧାୟକ ଶ୍ରୀ ସେଠୀ ଚାରାରୋପଣ କରିବା ସହ ଗୋରୁଗାଈଙ୍କୁ ଖାଦ୍ୟ ଖୁଆଇ ନିଆରା ଢ଼ଙ୍ଗରେ ଜନ୍ମଦିନ ପାଳନ କରି ସମଗ୍ର ନିର୍ବାଚନ ମଣ୍ଡଳୀର ଶୁଭକାମନା ମନାସିଛନ୍ତି। ବିଜେଡ଼ି ରାଜ୍ୟ ସମ୍ପାଦକ ରତିକାନ୍ତ ରାଉତଙ୍କ ସମେତ ବିଜେଡ଼ି କର୍ମୀ କାମପାଳ ନାୟକ, ସୁଦାମଚନ୍ଦ୍ର ରଣା, ଶଙ୍କର୍ଷଣ ନାୟକ, କୁଳମଣି ରାଉତ, ରୁଦ୍ରନାରାୟଣ ଜେନା, ଗୌରାଙ୍ଗ ରଣା, ଜିଲ୍ଲା ବିଜେଡ଼ି ସମ୍ପାଦକ ବୀରେନ୍ଦ୍ର ବିଶ୍ୱାଳ, ସୁଲଣ ସରପଞ୍ଚ ପ୍ରତିନିଧି ଦିଲ୍ଲୀପ୍ ମଲ୍ଲିକ, ସମିତିସଭ୍ୟ କୈଳାସ ରାଉତ, ଶ୍ରୀକାନ୍ତ ନାୟକ, ବାବନ ସେଠୀ, ସମଣା ସରପଞ୍ଚ ଜଗବନ୍ଧୁ କାଣ୍ଡି, ଉଦୟନାଥ ସା, ପ୍ରଶାନ୍ତ ଆୟଚ, ବିମଳ ଜେନା, ମଣ୍ଟୁ ନାୟକ, ନରେନ୍ଦ୍ର ସା, ମନୋରଞ୍ଜନ ପଣ୍ଡା, ଦୁଃଶାସନ ସାହୁ, ସନ୍ତୋଷ ଚକ୍ର, ତ୍ରୈଲୋକ୍ୟ ସାହୁ, ପ୍ରଶାନ୍ତ ନାୟକ, ରାଜେନ୍ଦ୍ର ଜେନା, ବିଜୟ ଦାସ, ସୁଶାନ୍ତ ମହାପାତ୍ର, ସତ୍ୟନାରାୟଣ ସେଠୀ, ଶମ୍ଭୁନାଥ ନାୟକଙ୍କ ସମେତ ଶତାଧିକ ବିଜେଡ଼ି କର୍ମକର୍ତ୍ତା ଯୋଗ ଦେଇଥିଲେ।

## ରଜିଆରେ ‘ଦୁଆର ମୁହଁରେ ରାଜସ୍ୱ ସେବା’ ଶିବିର




ଚମ୍ପୁଆ, ୧୯।୬(ସମିସ): ଚମ୍ପୁଆ ତହସିଲ ଅନ୍ତର୍ଗତ ରଜିଆ ପଞ୍ଚାୟତରେ ‘ମୋ ଗାଁ ମୋ ତହସିଲ’ ଅଧୀନରେ ‘ଦୁଆର ମୁହଁରେ ରାଜସ୍ୱ ସେବା’ କାର୍ଯ୍ୟକ୍ରମ ଚମ୍ପୁଆ ତହସିଲଦାର ସତ୍ୟବ୍ରତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି। ଲଗାଣ ବର୍ଷା ଓ ପବନ ସତ୍ତ୍ୱେ ଜନସାଧାରଣଙ୍କୁ ସରକାରୀ ରାଜସ୍ୱ ସେବା ପହଞ୍ଚାଇବା ପାଇଁ ଅଧିକାରୀ ଓ କର୍ମଚାରୀମାନେ ନିଷ୍ଠାର ସହ କାର୍ଯ୍ୟ କରୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। କେନ୍ଦୁଝର ସାଂସଦ ଅନନ୍ତ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ୨୦ ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରିଥିଲେ। ଶିବିରରେ ୨୦ଟି କଲମ-୨ ସର୍ଭେ, ୮୭ଟି କଲମ-୨ ମାମଲାର ଶୁଣାଣି, ୩୦ଟି ଚିହ୍ନଟ ସମ୍ବନ୍ଧୀୟ ମାମଲାର ଶୁଣାଣି, ୪ଟି କିସମ ପରିବର୍ତ୍ତନ ମାମଲା ଓ ୪ଟି ମ୍ୟୁଟେସନ ପିଟିସନର ଶୁଣାଣି କରାଯାଇଥିଲା। ସେହିପରି ୨ଟି ବସୁନ୍ଧରା ଯୋଜନା ସମ୍ବନ୍ଧୀୟ ଅଭିଯୋଗ ଓ ୧୨ଟି ସାଧାରଣ ଅଭିଯୋଗ ଗ୍ରହଣ କରାଯାଇଥିଲା। ମୋଟ ୭୭ଟି ବିଭିନ୍ନ ପ୍ରକାରର ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ବେଳେ ଇ-ପାଉତି ମାଧ୍ୟମରେ ୨,୪୪୬ ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ତହସିଲଦାର ଶ୍ରୀ ସାହୁ ସୂଚନା ଦେଇଛନ୍ତି। ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶିନୀଙ୍କ ସହ ରାଜସ୍ୱ ନିରୀକ୍ଷକ ସମ୍ପଦ କୁମାର ପ୍ରଧାନ, ସାର୍ଥକ ସାରଥୀ ବାରିକ, ଅଲେଖ ମାଝି, ଦେବାଶିଷ ପ୍ରସାଦ ମହାକୁଡ଼, ଚିନ୍ମୟୀ ମହାନ୍ତ, ରାମେଶ୍ୱର ମାଝି ଓ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ନିଟ୍ (ୟୁଜି) ପରୀକ୍ଷା ପାଇଁ ମାଗଣା ବସ୍ ସେବା

କେନ୍ଦୁଝର, ୧୯।୬(ସମିସ): ଆସନ୍ତା ଜୁନ୍ ୨୧ ତାରିଖରେ ହେବାକୁ ଥିବା ନିଟ୍ (ୟୁଜି) ୨୦୨୬ ପୁନଃପରୀକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାରେ ପରୀକ୍ଷାକୁ ସ୍ୱଚ୍ଛ, ନିରପେକ୍ଷ ଏବଂ ସୁରକ୍ଷିତ ଭାବେ ପରିଚାଳନା କରିବା ପାଇଁ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ତଥା ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କ୍ଷୁଦ୍ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ କ୍ଷେତ୍ରସ୍ତରୀୟ ବିଭାଗୀୟ ସମନ୍ୱୟ ଉପରେ ପ୍ରଶାସନ ଗୁରୁତ୍ୱାରୋପ କରିଥିବା ବେଳେ ପରୀକ୍ଷାର୍ଥୀଙ୍କ ଯାତାୟାତ ସୁବିଧା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ଲକରୁ କେନ୍ଦୁଝର ସହରକୁ ମୁଖ୍ୟମନ୍ତ୍ରୀ ବସ ସେବା ଅଧୀନରେ ଚଳାଚଳ କରୁଥିବା ବସ୍ ମାଧ୍ୟମରେ ମାଗଣା ପରିବହନ ବ୍ୟବସ୍ଥା କରାଯାଇଛି। ବସରେ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କ ସହ ଜଣେ ଅଭିଭାବକ ମଧ୍ୟ ନିଶୁଳ୍କ ଯାଇପାରିବେ। ଜିଲ୍ଲାର ସମସ୍ତ ବ୍ଲକକୁ ଅନ୍ତର୍ଭୁକ୍ତ କରି ମୋଟ ୩୧ଟି ବସ୍ ନିୟୋଜିତ କରାଯାଇଛି। ଏହି ବସ୍‌ଗୁଡ଼ିକ ସକାଳେ ପରୀକ୍ଷାର୍ଥୀମାନଙ୍କୁ କେନ୍ଦୁଝର ଆଣିବେ ଏବଂ ପରୀକ୍ଷା ଶେଷ ହେବା ପରେ ନିଜ ନିଜ ବ୍ଲକକୁ ଫେରାଇ ନେବେ।

### ବସ୍ ଚଳାଚଳ ସମ୍ପର୍କିତ ସମୟସୂଚୀ

**ଆନନ୍ଦପୁର ବ୍ଲକ:** ୬ଟି ବସ୍ ସକାଳ ୬:୪୫ ରୁ ୭:୫୦ ମଧ୍ୟରେ ଆନନ୍ଦପୁରରୁ ବାହାରି ସକାଳ ୯:୦୦ ରୁ ୧୦:୦୫ ମଧ୍ୟରେ କେନ୍ଦୁଝରରେ ପହଞ୍ଚିବ। ଫେରନ୍ତା ଯାତ୍ରା ସନ୍ଧ୍ୟା ୬:୦୦ ରୁ ୬:୪୫ ମଧ୍ୟରେ ଗୋହିରା, କୋଳିମାଟି, ଘଟଗାଁ, ଢେଙ୍କିକୋଟ, ପିପିଲିଆ, ନରଣପୁର, ସିରିସପାଳ, ଶାଳପଡା ଏବଂ ଘସିପୁରା ଦେଇ ଗତି କରିବ।

**ବାଂଶପାଳ ବ୍ଲକ:** ୨ଟି ବସ୍ ରଙ୍ଗାଡିହି, ସୁଆକାଟି, ଠାକୁରଡିହି ଏବଂ ଅଞ୍ଜାର ଦେଇ ସକାଳ ୮:୦୦ ଏବଂ ୮:୩୦ ରେ ବାହାରି ଯଥାକ୍ରମେ ୯:୧୫ ଏବଂ ୯:୪୫ ମିନିଟରେ କେନ୍ଦୁଝରରେ ପହଞ୍ଚିବ। ଫେରନ୍ତା ବସ୍ ସନ୍ଧ୍ୟା ୬:୦୦ ଏବଂ ୬:୧୫ରେ କେନ୍ଦୁଝରରୁ ଛାଡ଼ିବ।

**ଚମ୍ପୁଆ ବ୍ଲକ:** ୩ଟି ବସ୍ ସକାଳ ୭:୦୦ ରୁ ୭:୪୫ ମଧ୍ୟରେ କାଳିକାପ୍ରସାଦ, ପର୍ଶଳା, କଟଲପସି, ଝୁମ୍ପୁରା ଏବଂ ପଦ୍ମପୁର ଦେଇ ବାହାରି ସକାଳ ୯:୧୫ ରୁ ୧୦:୦୦ ମଧ୍ୟରେ ପହଞ୍ଚିବ। ଫେରନ୍ତା ବସ୍ ସନ୍ଧ୍ୟା ୬:୦୦ ରୁ ୬:୩୦ ମଧ୍ୟରେ ବାହାରିବ।

**ଘସିପୁରା ବ୍ଲକ:** ୨ଟି ବସ୍ ସକାଳ ୬:୩୦ ଏବଂ ୬:୪୫ ରେ ବାହାରି ଦେଓଗାଁ, ନାରଙ୍ଗପୁର, ରେମୋଳଡାମ, ହରିଚନ୍ଦନପୁର, କୋଳିମାଟି ଏବଂ ଘଟଗାଁ ଦେଇ ସକାଳ ୯:୪୫ ଏବଂ ୧୦:୦୦ରେ କେନ୍ଦୁଝରରେ ପହଞ୍ଚିବ। ଫେରନ୍ତା ସେବା ସନ୍ଧ୍ୟା ୬:୦୫ ଏବଂ ୬:୧୫ରେ ଆରମ୍ଭ ହେବ।

**ଘଟଗାଁ ବ୍ଲକ:** ୩ଟି ବସ୍ ସକାଳ ୮:୦୦ରୁ ୮:୪୫ ମଧ୍ୟରେ ବାହାରି ଢେଙ୍କିକୋଟ, କାତରାବେଡା, ପିପିଲିଆ ଏବଂ ଚାନ୍ଦିପାସି ଦେଇ ସକାଳ ୯:୧୫ରୁ ୧୦:୦୦ ମଧ୍ୟରେ କେନ୍ଦୁଝରରେ ପହଞ୍ଚିବ। ଫେରନ୍ତା ଯାତ୍ରା ସନ୍ଧ୍ୟା ୬:୩୦ରୁ ୬:୫୦ ମଧ୍ୟରେ ନିର୍ଦ୍ଧାରିତ ହୋଇଛି।

**ହରିଚନ୍ଦନପୁର ବ୍ଲକ:** ୩ଟି ବସ୍ ପିଟାପିଟି, ଅଡ଼ାକାଟା, ଦେଓବନ୍ଧ ଛକ, ପଣ୍ଡାପଡ଼ା ଏବଂ ନୁଦୁରୁପଡ଼ା ଦେଇ ସକାଳ ୮:୦୦ ରୁ ୮:୩୦ ମଧ୍ୟରେ ବାହାରି ସକାଳ ୯:୩୦ ରୁ ୧୦:୦୦ ମଧ୍ୟରେ କେନ୍ଦୁଝରରେ ପହଞ୍ଚିବ। ଫେରନ୍ତା ଯାତ୍ରା ସନ୍ଧ୍ୟା ୬:୩୫ ରୁ ୬:୫୫ ମଧ୍ୟରେ ଆରମ୍ଭ ହେବ।

**ହାଟଡିହି ବ୍ଲକ:** ୨ଟି ବସ୍ ସକାଳ ୬:୪୫ ଏବଂ ୭:୦୦ ରେ ଆନନ୍ଦପୁର ବ୍ରିଜ୍ ଛକ, ଘସିପୁରା, ଗୋହିରା, ଘଟଗାଁ ଏବଂ ଢେଙ୍କିକୋଟ ଦେଇ ସକାଳ ୯:୪୫ ଏବଂ ୧୦:୦୦ରେ କେନ୍ଦୁଝରରେ ପହଞ୍ଚିବ। ଫେରନ୍ତା ବସ୍ ସନ୍ଧ୍ୟା ୬:୦୦ ଏବଂ ୬:୧୫ରେ ଛାଡ଼ିବ।

**ଝୁମ୍ପୁରା ବ୍ଲକ:** ୩ଟି ବସ୍ ପଲାସପଙ୍ଗା, ପଦ୍ମପୁର ଏବଂ ରାଇସୁଆଁ ଦେଇ ସକାଳ ୮:୦୦ ରୁ ୮:୪୫ ମଧ୍ୟରେ ବାହାରି ସକାଳ ୯:୦୦ ରୁ ୯:୪୫ ମଧ୍ୟରେ କେନ୍ଦୁଝରରେ ପହଞ୍ଚିବ। ଫେରନ୍ତା ବସ୍ ସନ୍ଧ୍ୟା ୬:୦୫ରୁ ୬:୩୦ ମଧ୍ୟରେ ବାହାରିବ।

**ଯୋଡା ବ୍ଲକ:** ୨ଟି ବସ୍ ବୋଲାନୀ, ବଡ଼ବିଲ, ଜୋଡ଼ା, ଝୁମ୍ପୁରା, ପଦ୍ମପୁର ଏବଂ ରାଇସୁଆଁକୁ ଅନ୍ତର୍ଭୁକ୍ତ କରି ସକାଳ ୬:୩୦ ଏବଂ ୭:୦୦ ରେ ବାହାରି ସକାଳ ୯:୩୦ ଏବଂ ୧୦:୦୦ରେ କେନ୍ଦୁଝରରେ ପହଞ୍ଚିବ। ଫେରନ୍ତା ସେବା ସନ୍ଧ୍ୟା ୬:୦୦ ଏବଂ ୬:୧୦ରେ ଛାଡ଼ିବ।

**ପାଟଣା ବ୍ଲକ:** ୨ଟି ବସ୍ ସକାଳ ୭:୩୦ ଏବଂ ୮:୦୦ ରେ ଟଙ୍ଗରପଡ଼ା, କେନ୍ଦେଇପାସି, ଶରଧାପୁର ଏବଂ ମଇଦାନକେଲ ଦେଇ ସକାଳ ୯:୧୫ ଏବଂ ୯:୪୫ରେ କେନ୍ଦୁଝରରେ ପହଞ୍ଚିବ। ଫେରନ୍ତା ଯାତ୍ରା ସନ୍ଧ୍ୟା ୬:୧୫ ଏବଂ ୬:୨୫ ରେ ନିର୍ଦ୍ଧାରିତ ହୋଇଛି।

**ସାହାରରପଡ଼ା ବ୍ଲକ:** ୨ଟି ବସ୍ ସକାଳ ୭:୦୦ ଏବଂ ୭:୩୦ ରେ ବଡ଼ବିଲ, ପାଟଣା, ଟଙ୍ଗରପଡ଼ା, କେନ୍ଦେଇପାସି ଏବଂ ମଇଦାନକେଲ ଦେଇ ସକାଳ ୯:୦୦ ଏବଂ ୯:୩୦ ରେ କେନ୍ଦୁଝରରେ ପହଞ୍ଚିବ। ଫେରନ୍ତା ବସ୍ ସନ୍ଧ୍ୟା ୬:୧୦ ଏବଂ ୬:୨୦ ରେ ପ୍ରସ୍ଥାନ କରିବ।

**ତେଲକୋଇ ବ୍ଲକ:** ୨ଟି ବସ୍ ଜଗମୋହନପୁର, କଞ୍ଜିପାଣି, କୁଆଁର ଛକ ଏବଂ ଅଞ୍ଜାର ଦେଇ ଚାଲିବ। ଗୋଟିଏ ବସ୍ ସକାଳ ୭:୦୦ ରେ ବାହାରି ୯:୪୫ ରେ କେନ୍ଦୁଝରରେ ପହଞ୍ଚିବ, ଅନ୍ୟଟି ସକାଳ ୬:୧୫ ରେ ବାହାରି ୧୦:୧୫ ରେ ପହଞ୍ଚିବ। ଫେରନ୍ତା ଯାତ୍ରା ଯଥାକ୍ରମେ ସନ୍ଧ୍ୟା ୬:୦୦ ଏବଂ ୬:୧୫ ରେ ନିର୍ଦ୍ଧାରିତ ହୋଇଛି। ଏହି ସମସ୍ତ ବସ ବ୍ଲକ ମୁଖ୍ୟାଳୟସ୍ଥିତ ବସଷ୍ଟାଣ୍ଡରୁ ବାହାରିବ। ସୁବିଧା ପାଇଁ ପ୍ରତ୍ୟେକ ବ୍ଲକ ନିମନ୍ତେ ଜଣେ ଲେଖାଏଁ ନୋଡାଲ ଅଫିସରଙ୍କୁ ଦାୟିତ୍ୱ ମଧ୍ୟ ଦିଆଯାଇଛି। ଆନନ୍ଦପୁର ବ୍ଲକ ପାଇଁ ବିଜୟ କୁମାର ନାୟକ-୬୩୭୨୨୩୧୦୭୧, ବାଂଶପାଳ ବ୍ଲକ ନିମନ୍ତେ ଅଭିଜିତ ସା- ୯୯୩୭୮୦୬୧୧୩, ଚମ୍ପୁଆ ବ୍ଲକ ନିମନ୍ତେ ନମୀତା ମଞ୍ଜରି ମହାନ୍ତ – ୯୧୭୮୪୨୮୧୫୪, ଘସିପୁରା ନିମନ୍ତେ-ଲକ୍ଷ୍ମୀପ୍ରିୟା ଦାସ- ୭୩୨୫୮୬୪୨୦୯, ଘଟଗାଁ ବ୍ଲକ ନିମନ୍ତେ ସୁରେନ୍ଦ୍ର କୁମାର ମହାନ୍ତ- ୯୭୭୭୮୪୮୬୪୬, ହରିଚନ୍ଦନପୁର ବ୍ଲକ ନିମନ୍ତେ ଦିନେଶ କୁଆମର ନାୟକ -୮୦୧୮୨୯୮୬୩୯, ହାଟଡିହି ନିମନ୍ତେ ରାଜକିଶୋର ନାୟକ – ୯୭୭୭୨୦୨୭୬୯, ଝୁମ୍ପୁରା ନିମନ୍ତେ ରଶ୍ମିରଞ୍ଜନ ସେଠୀ-୬୩୭୦୫୮୧୪୫୬, ଯୋଡା ନିମନ୍ତେ ଦୀପକ କୁମାର ନାୟକ-୭୬୮୪୦୬୬୭୨୯, ପାଟଣା ଓ ସାହାରପଡା ନିମନ୍ତେ ସ୍ମୃତିରଞ୍ଜନ ସେଠୀ – ୭୮୪୬୮୨୦୬୨୯, ତେଲକୋଇ ନିମନ୍ତେ ଦିନେଶ କୁମାର ମହାପାତ୍ର – ୮୮୬୬୦୭୮୭୮୮ଙ୍କୁ ଯୋଗାଯୋଗ କରିପାରିବେ। ଅତିରିକ୍ତ ଜିଲ୍ଲାପାଳ ସମସ୍ତ ପରୀକ୍ଷାର୍ଥୀଙ୍କୁ ଏହି ମାଗଣା ପରିବହନ ସେବାର ସଦୁପଯୋଗ କରିବାକୁ ଅନୁରୋଧ କରିବା ସହ ନିର୍ଦ୍ଧାରିତ ବୋର୍ଡିଂ ପଏଣ୍ଟରେ ସମୟ ପୂର୍ବରୁ ପହଞ୍ଚିବାକୁ ପରାମର୍ଶ ଦେଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ପ୍ରତ୍ୟେକ ଯଥାର୍ଥ କଳାକୃତିରେ ଦିବ୍ୟ ଈଶ୍ୱରୀୟ ସତ୍ତାର ସ୍ପର୍ଶ ଦେଖିବାକୁ ମିଳିଥାଏ।
-ମାଇକେଲ୍ ଆଞ୍ଜେଲୋ

## ପଦଚାରୀଙ୍କ ଅଧିକାର

ଫୁଟ୍‌ପାଥରେ ସୁରକ୍ଷିତ ଭାବେ ଯାଆସ କରିବା ଭାରତୀୟ ନାଗରିକଙ୍କ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର। ଫୁଟପାଥ୍‌ର ସ୍ପଷ୍ଟ ଚିହ୍ନଟକରଣ, ନିର୍ମାଣ, ରକ୍ଷଣାବେକ୍ଷଣ ଜରିଆରେ ଯେଭଳି ଏହି ଅଧିକାରକୁ ସୁରକ୍ଷିତ ରଖିବାରେ ସ୍ଥାନୀୟ ମହାନଗର ନିଗମ, ପୌରପାଳିକା ଓ ନଗରପାଳିକା ଆଦିକୁ ଉତ୍ତରଦାୟୀ କରାଯାଇପାରିବ ସେଥିଲାଗି ସରକାର ବିହିତ ଆଇନ ଆଣିବାକୁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କିତ ବିହିତ ବୈଧାନିକ ପଦକ୍ଷେପ ନେବା ପାଇଁ ରାୟର ଏକ ନକଲ ଜାତୀୟ ବିଧି ଆୟୋଗକୁ ମଧ୍ୟ ପ୍ରେରଣ କରାଯାଇଛି। ଏକ ମୋଟର ଦୁର୍ଘଟଣା ମାମଲାର ବିଚାର ଅବସରରେ ଦେଶର ସର୍ବୋଚ୍ଚ ଅଦାଲତଙ୍କ ଦୁଇଜଣିଆ ଖଣ୍ଡପୀଠ କହିଛନ୍ତି ଯେ ସଡ଼କ ପଥ ସହିତ ଫୁଟ୍‌ପାଥ ରହିବା ଅନିବାର୍ଯ୍ୟ। କିନ୍ତୁ ସମ୍ପୃକ୍ତ ବିଭାଗ ଓ ପ୍ରଶାସନ କେବଳ ଯାନବାହନ ପାଇଁ ସଡ଼କ ପଥ ନିର୍ମାଣ କରି ଫୁଟ୍‌ପାଥ ପ୍ରତି ଗୁରୁତ୍ୱ ଦେଉନାହାନ୍ତି, ଯାହା ପଦଚାରୀଙ୍କ ଯାଆସକୁ ଅସୁରକ୍ଷିତ କରୁଛି। ମୋଟର ଯାନ ଆଇନ -୧୯୮୮ ମଧ୍ୟ ପଥଚାରୀଙ୍କ ସୁରକ୍ଷା ପ୍ରତି ଆଦୌ ଦୃଷ୍ଟି ଦେଇନାହିଁ। ସୁରକ୍ଷିତ ଗମନାଗମନ ଜୀବନର ସୁରକ୍ଷା ସହିତ ସଂଶ୍ଳିଷ୍ଟ। ସମ୍ବିଧାନର ଧାରା ୧୯(ଡି) ଅନୁଯାୟୀ ଅବାଧ ଓ ସୁରକ୍ଷିତ ବିଚରଣ ସମସ୍ତ ନାଗରିକଙ୍କ ମୌଳିକ ଅଧିକାର। ତେଣୁ ସ୍ପଷ୍ଟ ଚିହ୍ନିତ ଫୁଟ୍‌ପାଥର ଅନୁପସ୍ଥିତି ସ୍ଥାନୀୟ ପ୍ରଶାସନର ସାମ୍ବିଧାନିକ ଅଧିକାର ଉଲ୍ଲଙ୍ଘନ ଭାବେ ଧରାଯିବ। ଏହାଛଡ଼ା ଦେଶର ସାଂସ୍କୃତିକ ଓ ସାମାଜିକ ଉତ୍ତରଣରେ ସଡ଼କ ପଥ ଓ ପଦଯାତ୍ରାର ଏକ ମହତ୍ତ୍ୱପୂର୍ଣ୍ଣ ଅବଦାନ ଥିବାରୁ ସମ୍ବିଧାନର ଧାରା ୫୧(ଏ) ସମେତ ଧାରା ୨୧ ମଧ୍ୟ ବିଚାରକୁ ଆସୁଛି।

ବରିଷ୍ଠ ନାଗରିକ, ମହିଳା, ଶିଶୁ, ଦିବ୍ୟାଙ୍ଗମାନେ କିମ୍ବା ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣ ପାଇଁ ପଥଚାରଣ ଏବେ ବି ସର୍ବୋତ୍କୃଷ୍ଟ ବିକଳ୍ପ। କିନ୍ତୁ ବିଡ଼ମ୍ବନା ଏୟା ଯେ ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟର ସଡ଼କ ଦୁର୍ଘଟଣା ପରିସଂଖ୍ୟାନରେ ପଥଚାରୀଙ୍କ ସଂଖ୍ୟା ପ୍ରାୟ ୨୦%। ଗତ ଦଶବର୍ଷ ଭିତରେ ଏହି ସଂଖ୍ୟା ଦୁଇଗୁଣା ବୃଦ୍ଧି ପାଇଛି। ଏହି ଦୃଷ୍ଟିରୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଓ ସ୍ୱାଗତଯୋଗ୍ୟ। ପୂର୍ବରୁ ମଧ୍ୟ ଏକାଧିକ ଥର ସର୍ବୋଚ୍ଚ ନ୍ୟାୟାଳୟ ଫୁଟ୍‌ପାଥ୍ ଓ ପଥଚାରୀଙ୍କ ସୁରକ୍ଷା ପ୍ରସଙ୍ଗକୁ ଗୁରୁତ୍ୱ ଦେଇଛନ୍ତି। ପର୍ଯ୍ୟାପ୍ତ ଫୁଟ୍‌ପାଥ୍‌ର ଅଭାବରେ ଘଟୁଥିବା ସଡ଼କ ଦୁର୍ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହିତ ଏଥିରେ ଯଥାଶୀଘ୍ର ସୁଧାର ଆଣିବା ପାଇଁ ମଝିରେ ମଝିରେ ସରକାରଙ୍କୁ ନିର୍ଦ୍ଦେଶ ଦେଉଛନ୍ତି। କିନ୍ତୁ ଏହି ନିର୍ଦ୍ଦେଶନାମା କେବଳ କାଗଜକଲରେ ସୀମିତ ରହିଯାଉଛି। ଏହି ପୃଷ୍ଠଭୂମିରେ ଫୁଟ୍‌ପାଥ୍ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କୁ ଉତ୍ତରଦାୟୀ କରିବା ଲାଗି ଆଇନ ଆଣିବାକୁ ସରକାରଙ୍କୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେବା ପ୍ରଣିଧାନଯୋଗ୍ୟ।

ପଥଚାରୀଙ୍କ ପାଇଁ ସଡ଼କରେ ଯେଭଳି ବ୍ୟବସ୍ଥା କରିବା କଥା ତାହାର ଅଭାବରୁ ସଡ଼କ ଦୁର୍ଘଟଣାମାନ ଘଟୁଥିବା ସମସ୍ତେ ଜାଣିଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କ ଅବହେଳା, ଦାୟିତ୍ୱହୀନତା ଓ ଉଦାସୀନତାରେ ପରିବର୍ତ୍ତନ ଆସିପାରୁନାହିଁ। ପଥଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଫୁଟ୍‌ପାଥ ବା ପାଦଚଲା ସ୍ଥାନ ବୁଲାବିକାଳୀମାନେ ମାଡ଼ି ବସୁଥିବା ବେଳେ ବାହୁବଳ ଓ ଅର୍ଥବଳରେ ଫୁଟ୍‌ପାଥକୁ କବ୍‌ଜା କରୁଥିବା ସ୍ଥାୟୀ ଦୋକାନୀମାନଙ୍କ ସଂଖ୍ୟା କମ୍ ନୁହେଁ। ଫୁଟ୍‌ପାଥକୁ ଜବରଦଖଲମୁକ୍ତ କରିବା କାମ କାହାର ସେ ଭାଗବଣ୍ଟା ଛିଣ୍ଡୁ ନଥିବାରୁ ଜଣେ ଆଉ ଜଣଙ୍କ ମୁଣ୍ଡକୁ ଦାୟିତ୍ୱ ଠେଲି ଦେଇ ଖସିଯାଉଛନ୍ତି ଏବଂ ବିଚରା ପଥଚାରୀ ହିଁ ପରାଭବ ଭୋଗିବା ସାର ହେଉଛି। ଏହାଛଡ଼ା ପଥଚାରୀମାନେ ଜନଗହଳିପୂର୍ଣ୍ଣ ରାସ୍ତା ଓ ଛକକୁ ସୁରକ୍ଷିତ ଭାବେ ପାରି ହେବା ପାଇଁ ଅନେକ ସ୍ଥାନରେ ବ୍ୟବସ୍ଥା ନାହିଁ; ଯେଉଁଠାରେ ବ୍ୟବସ୍ଥା ଅଛି ତାହାର ଅନୁପାଳନ ହେଉନାହିଁ। ଏ ସମସ୍ୟାକୁ ହୃଦୟଙ୍ଗମ କରି ସର୍ବୋଚ୍ଚ ନ୍ୟାୟାଳୟ ପଥଚାରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇଛନ୍ତି।

ଭାରତୀୟ ରୋଡ୍ କଂଗ୍ରେସର ମାର୍ଗଦର୍ଶିକା ଅନୁଯାୟୀ, ପଥଚାରୀଙ୍କ ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା ବିଧେୟ। ଏଥିପାଇଁ ଫୁଟ୍‌ପାଥ୍‌ର ଡିଜାଇନ୍ ମଧ୍ୟ ପରିକଳ୍ପନା କରାଯାଇଛି। ଆଇଆରସି ମାର୍ଗଦର୍ଶିକା ୧୦୩-୨୦୨୨ ଅନୁଯାୟୀ ଫୁଟ୍‌ପାଥର ଚଉଡ଼ା ଆବାସିକ ଅଞ୍ଚଳରେ ୪ ମିଟର ଓ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ୬.୫ ମିଟର ଏବଂ ଉଚ୍ଚତା ୧୫୦ ମିଲିମିଟର ରହିବା ବିଧେୟ। କିନ୍ତୁ ଆମ ଫୁଟ୍‌ପାଥଗୁଡ଼ିକର ସ୍ଥିତି କ'ଣ ତାହା ଆମେ ଅନ୍ତେବହୁତେ ଜାଣିଛେ। ତେଣୁ ପ୍ରାଥମିକ ପର୍ଯ୍ୟାୟରେ ମେଟ୍ରୋ ସହରମାନଙ୍କରେ ଫୁଟ୍‌ପାଥର ସ୍ଥିତି ଯାଞ୍ଚ କରି ରିପୋର୍ଟ ଦେବାକୁ ନ୍ୟାୟାଳୟ କିଛି ମାସ ତଳେ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ଧାର୍ମିକ ଅନୁଷ୍ଠାନ, ଐତିହ୍ୟସ୍ଥଳ, ଶିକ୍ଷାୟତନ, ସ୍ୱାସ୍ଥ୍ୟକେନ୍ଦ୍ର, ସାଧାରଣ ଅଭିଯୋଗ କାର୍ଯ୍ୟାଳୟ, ଅଦାଲତ, ବଜାର, ହାଟ, ପାର୍କ, ସିନେମା ହଲ୍ ଆଦି ନିକଟରେ ପଥଚାରୀଙ୍କ ଦୁର୍ଘଟଣା ଅଧିକ ହେଉଥିବାରୁ ସେଠାରେ ବିହିତ ସୁରକ୍ଷା ବ୍ୟବସ୍ଥା ପ୍ରତି କର୍ତ୍ତୃପକ୍ଷ ଅଧିକ ଯତ୍ନଶୀଳ ହେବାକୁ ସର୍ବୋଚ୍ଚ ନ୍ୟାୟାଳୟ ପରାମର୍ଶ ଦେବା ସହିତ ପଥଚାରୀମାନଙ୍କ ଫୁଟ୍‌ପାଥ୍ ସମ୍ବନ୍ଧୀୟ ଅଭିଯୋଗ ଦାଖଲ ଏବଂ ସମସ୍ୟା ସମାଧାନ ପାଇଁ ଅନ୍‌ଲାଇନ୍ ପୋର୍ଟାଲ୍ ଖୋଲିବା ଲାଗି ଜାତୀୟ ରାଜପଥ ପ୍ରାଧିକରଣ ଓ ପୌରପାଳିକାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶନାମାର ଅନୁପାଳନର ସ୍ଥିତି କ'ଣ ତାହା ଅସ୍ପଷ୍ଟ।

ଆମେ ଏହି ପୃଷ୍ଠଭୂମିରେ କର୍କଶ ହର୍ଣ୍ଣ ଓ ଦ୍ରୁତ ଗାଡ଼ିଚାଳନାର ପ୍ରତିଯୋଗିତାକୁ ଯେପରି ନିରୁତ୍ସାହିତ କରାଯାଇପାରିବ ସେ ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟି ଆକର୍ଷଣ କରୁଛୁ। କାରଣ ସଡ଼କ ଦୁର୍ଘଟଣାରେ ଏହି ଦୁଇ କାରକର ମଧ୍ୟ ଅଧିକ ଭୂମିକା ରହିଛି। ଏ ସମ୍ପର୍କିତ ନିର୍ଦ୍ଧାରିତ କଟକଣାର ତଦାରଖ ପ୍ରକ୍ରିୟାକୁ ଯେପରି ଗତିଶୀଳ ଓ ନିୟମିତ କରାଯାଇପାରିବ ସେ ଦିଗରେ ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ପ୍ରଶାସନକୁ ବିହିତ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରୁଛୁ। ପ୍ରଭାବଶାଳୀ ତଦାରଖ ବ୍ୟବସ୍ଥାର ଅନୁପସ୍ଥିତିରେ ନିର୍ଦ୍ଦେଶ ଓ କାର୍ଯ୍ୟାନ୍ୱୟନ ମଧ୍ୟରେ ବହୁ ସମୟ ବ୍ୟବଧାନ ରହିଯାଉଥିବାରୁ ସମୟୋପଯୋଗୀ ମହତ୍ ଲକ୍ଷ୍ୟ ସାଧିତ ହୋଇପାରୁନାହିଁ। ଅତୀତରେ ପୁରୀ ଜିଲ୍ଲା ଅଞ୍ଚଳରେ ସ୍କୁଲ୍ ପିଲାମାନଙ୍କର ରାସ୍ତାପାରି ସମସ୍ୟା ଦୀର୍ଘଦିନ ଧରି ଅସମାହିତ ରହିବା ପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଆଞ୍ଚଳିକ ଅଧିକାରୀଙ୍କୁ ପ୍ରତ୍ୟକ୍ଷ ଭାବେ ରାସ୍ତା ପାରି ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସମସ୍ୟା ସମାଧାନ ହୋଇଥିଲା। ସେଭଳି ଅଦାଲତୀ କାର୍ଯ୍ୟାନୁଷ୍ଠାନ ଜନସମୁଦାୟ ଆଶା କରନ୍ତି।

## ଅର୍ଥନୀତିର ଅଗ୍ନିପରୀକ୍ଷାରେ ଭାରତ

ରାକେଶ କୁମାର ପାଢ଼ୀ

ଦେଶ ବିକାଶର ମହାଯଜ୍ଞରେ ମଗ୍ନ। ରାଜପଥର ଚକଚକିଆ ପିଚୁ, ଆକାଶଛୁଆଁ ଅଟ୍ଟାଳିକା, ବନ୍ଦେ ଭାରତର ଗତି, ଡିଜିଟାଲ ବିପ୍ଳବର ଢୋଲ ଓ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିର ଗର୍ବ। ସବୁକିଛି ଏକ ନୂଆ ଭାରତର ଚିତ୍ର ଆଙ୍କୁଛି। କିନ୍ତୁ ଏହି ଚିତ୍ରର ଫ୍ରେମ ବାହାରେ ଠିଆ ହୋଇଛି ସେହି ସାଧାରଣ ନାଗରିକ, ଯିଏ ପ୍ରତିଦିନ ବଜାରକୁ ଯାଇ ପନିପରିବାର ଦର ଶୁଣି ଚମକି ଉଠୁଛି, ପେଟ୍ରୋଲ ପମ୍ପରେ ଗାଡ଼ି ରଖି ଦୀର୍ଘ ନିଃଶ୍ୱାସ ଛାଡୁଛି ଏବଂ ମାସ ଶେଷରେ ଆୟ ଓ ବ୍ୟୟର ଅଙ୍କ ମେଳାଇ କଲବଲ ହେଉଛି। ଏହା ହେଉଛି ସେହି ଭାରତ, ଯେଉଁଠାରେ ଜିଡିପି ବଢୁଛି, କିନ୍ତୁ ଜନସାଧାରଣଙ୍କ କ୍ରୟକ୍ଷମତା ସଙ୍କୁଚିତ ହେଉଛି। ନିର୍ବାଚନ ଶେଷ ହେବାର କିଛିଦିନ ପରେ ଇନ୍ଧନ ଦର ବୃଦ୍ଧି ପୁଣି ଥରେ ରାଜନୈତିକ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟୁଛି। ସରକାର କହୁଛନ୍ତି, ଏହା ଆନ୍ତର୍ଜାତିକ ପରିସ୍ଥିତିର ପ୍ରଭାବ। ବିରୋଧୀ କହୁଛନ୍ତି, ଏହା ନୀତିଗତ ବିଫଳତାର ପରିଣାମ। ସତ୍ୟ ବୋଧହୁଏ ଏହି ଦୁଇ ମତର ମଧ୍ୟବର୍ତ୍ତୀ ସ୍ଥାନରେ ଲୁଚି ରହିଛି।

ଦେଶର ଅର୍ଥନୀତିକୁ ନେଇ ଆଜି ଦୁଇଟି ଭାରତର କାହାଣୀ ଲେଖାଯାଉଛି। 'ପ୍ରଥମ ଭାରତ' ହେଉଛି 'ସରକାରୀ ରିପୋର୍ଟର ଭାରତ' ଯେଉଁଠାରେ ଜିଡିପି ବଢୁଛି, ଷ୍ଟକ୍ ମାର୍କେଟ୍ ଉଚ୍ଚତା ଛୁଉଁଛି ଏବଂ ବିଦେଶୀ ନିବେଶ ଆସୁଛି। 'ଦ୍ୱିତୀୟ ଭାରତ' ହେଉଛି 'ସାଧାରଣ ଲୋକଙ୍କ ଭାରତ', ଯେଉଁଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ଘର ଭଡ଼ା, ଇନ୍ଧନ ଓ ଖାଦ୍ୟ ସାମଗ୍ରୀର ଦର ଦିନକୁ ଦିନ ବଢୁଛି। ସାଧାରଣ ନାଗରିକଙ୍କ ପାଇଁ 'ବିକାଶ'ଠାରୁ 'ଜୀବନଧାରଣ' ବଡ଼ ପ୍ରଶ୍ନ ହୋଇଯାଇଛି। ଏପରିସ୍ଥିତିରେ ସ୍ୱତଃସ୍ଫୂର୍ତ୍ତ ପ୍ରଶ୍ନ ଉଠେ ସମ୍ପ୍ରତି ବିଶ୍ୱ ବଜାରରେ ଭାରତ ସ୍ଥିତି କେଉଁଠି? ବିଶ୍ୱର ବୃହତ୍ତମ ଅର୍ଥନୀତିମାନଙ୍କ ମଧ୍ୟରେ ଭାରତର ସ୍ଥାନ ନିଶ୍ଚିତ ଭାବେ ଗୌରବର ବିଷୟ। କିନ୍ତୁ ଅର୍ଥନୀତିର ପ୍ରକୃତ ସଫଳତା ଜିଡିପିରେ ନୁହେଁ, ବରଂ ସାଧାରଣ ନାଗରିକଙ୍କ ଜୀବନମାନରେ ପ୍ରତିଫଳିତ ହେବା ଦରକାର। ଯଦି ଜିଡିପି ବଢୁଛି କିନ୍ତୁ ଯୁବକଙ୍କୁ ଚାକିରି ମିଳୁନାହିଁ, ଚାଷୀ ନ୍ୟାୟସଙ୍ଗତ ଦର ପାଉନାହାନ୍ତି ଏବଂ ମଧ୍ୟବିତ୍ତ ପରିବାର ସଞ୍ଚୟ କରିପାରୁନାହିଁ, ତେବେ ଅର୍ଥନୈତିକ ବିକାଶର ଅର୍ଥ ଅଧୁରା ରହିଯାଏ। ମହଙ୍ଗା ମାଡ଼, ବେକାରୀ ଓ ଅର୍ଥନୈତିକ ଅସମାନତାର ସମାଧାନ କେବଳ ଆର୍ଥିକ ପ୍ୟାକେଜ୍ କିମ୍ବା ସୁଧହାର ନିୟନ୍ତ୍ରଣରେ ସମ୍ଭବ ନୁହେଁ। ଏଥିପାଇଁ ଆବଶ୍ୟକ କ୍ଷେତ୍ରସ୍ତରରୁ ଏକ ସୁସଂଗଠିତ ବିକାଶ ମଡେଲ।

ଆଜି ମଧ୍ୟ ଦେଶର ବିପୁଳ ଜନସଂଖ୍ୟା କୃଷି ଉପରେ ନିର୍ଭରଶୀଳ। କିନ୍ତୁ କୃଷି ଜମି ସୀମିତ ଓ ଆୟ ଅନିଶ୍ଚିତ। ତେଣୁ ଶିଳ୍ପ, ସେବା ଓ କ୍ଷୁଦ୍ର ଉଦ୍ୟୋଗ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ବଢ଼ାଇ କୃଷି ଉପରେ ପଡୁଥିବା ଅତ୍ୟଧିକ ଚାପ କମାଇବା ଆବଶ୍ୟକ। ଯୁବପିଢ଼ିକୁ କେବଳ ଚାକିରି ପ୍ରାର୍ଥୀ ନୁହେଁ, ବରଂ ଚାକିରି ସୃଷ୍ଟିକାରୀ ଭାବେ ଗଢ଼ି ତୋଳିବାକୁ ହେବ। ସେହିପରି ଭାରତର ଇନ୍ଧନ ନିର୍ଭରତା ଦୀର୍ଘମିଆଦୀ ଅର୍ଥନୈତିକ ଦୁର୍ବଳତା। ସୌର ଶକ୍ତି, ସବୁଜ ହାଇଡ୍ରୋଜେନ, ଇଲେକ୍ଟ୍ରିକ୍ ଯାନ ଓ ବିକଳ୍ପ ଶକ୍ତି କ୍ଷେତ୍ରରେ ନିବେଶ ବୃଦ୍ଧି ନକଲେ ଭବିଷ୍ୟତରେ ବିଶ୍ୱ ବଜାରର ପ୍ରତ୍ୟେକ ଅସ୍ଥିରତା ଦେଶର ଅର୍ଥନୀତିକୁ ଦୋହଲାଇ ଦେବ। ବିକାଶର ସଫଳତା ଜିଡିପିର ଅଙ୍କରେ ନୁହେଁ; ବରଂ ସାଧାରଣ ନାଗରିକଙ୍କ ମୁହଁରେ ଫୁଟିଥିବା ହସରେ ମାପାଯିବା ଉଚିତ। ସେହିଦିନ ଭାରତ କେବଳ ଏକ ବଡ଼ ଅର୍ଥନୀତି ନୁହେଁ, ବରଂ ଏକ ସମୃଦ୍ଧ, ସନ୍ତୁଳିତ ଓ ଅନ୍ତର୍ଭୁକ୍ତିମୂଳକ ରାଷ୍ଟ୍ର ଭାବେ ବିଶ୍ୱ ସମ୍ମୁଖରେ ଉଭା ହେବ।

ଏହି ପୃଷ୍ଠଭୂମିରେ ପଡ଼ୋଶୀ ଚୀନ୍ ସହିତ ଆମେ ନିଜକୁ ତୁଳନା କଲେ ଅର୍ଥନୀତିର ଚିତ୍ର ଆହୁରି ସ୍ପଷ୍ଟ ହେବ। ଆଜି ବିଶ୍ୱ ଅର୍ଥନୀତିରେ ଚୀନର ସ୍ଥାନ କେବଳ ତାହାର ଜିଡିପି ଆକାର ପାଇଁ ନୁହେଁ; ବରଂ ଦୀର୍ଘମିଆଦୀ ବିକାଶ ଯୋଜନା, ଉତ୍ପାଦନ କ୍ଷମତା ଓ ଜାତୀୟ ସ୍ୱାର୍ଥକେନ୍ଦ୍ରିକ ଅର୍ଥନୈତିକ ଦୃଷ୍ଟିକୋଣ ପାଇଁ ପରିଚିତ। ଚାରି ଦଶନ୍ଧି ମଧ୍ୟରେ ଚୀନ ନିଜକୁ କୃଷିନିର୍ଭର ଅର୍ଥନୀତିରୁ ବିଶ୍ୱର ଉତ୍ପାଦନ କେନ୍ଦ୍ରରେ ପରିଣତ କରିଛି। ଚୀନର ସଫଳତାର ମୂଳମନ୍ତ୍ର ଥିଲା, 'ପ୍ରଥମେ ଉତ୍ପାଦନ, ପରେ ଉପଭୋଗ'। ସେମାନେ ବନ୍ଦର, ଶିଳ୍ପାଞ୍ଚଳ, ରେଳପଥ, ବିଦ୍ୟୁତ୍ ଓ ରପ୍ତାନିଭିତ୍ତିକ ଶିଳ୍ପ ଉପରେ ବିପୁଳ ନିବେଶ କରିଥିଲେ। ଫଳସ୍ୱରୂପ କୋଟି କୋଟି ଲୋକ କୃଷି କ୍ଷେତ୍ରରୁ ଶିଳ୍ପ ଓ ସେବା କ୍ଷେତ୍ରକୁ ସ୍ଥାନାନ୍ତର ହୋଇଥିଲେ। ଏହା ନିଯୁକ୍ତି ବୃଦ୍ଧି ସହିତ ଉତ୍ପାଦନ ଖର୍ଚ୍ଚ କମାଇ ଚୀନକୁ ବିଶ୍ୱ ବଜାରରେ ପ୍ରତିଯୋଗୀ କରିଥିଲା। ଆମେରିକା ସହ ବାଣିଜ୍ୟ ଯୁଦ୍ଧ, କୋଭିଡ୍ ମହାମାରୀ ଓ ବିଶ୍ୱ ବଜାରର ମାନ୍ଦାବସ୍ଥା ସତ୍ତ୍ୱେ ଚୀନ ନିଜର ଉତ୍ପାଦନ କ୍ଷମତାକୁ ଦୁର୍ବଳ ହେବାକୁ ଦେଇନଥିଲା। ସେମାନେ ନୂତନ ପ୍ରଯୁକ୍ତି, ଇଲେକ୍ଟ୍ରିକ୍ ଯାନ, ସୌର ଶକ୍ତି, ସେମିକଣ୍ଡକ୍ଟର ଓ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ବିପୁଳ ନିବେଶ କରି ବିକଳ୍ପ ଅର୍ଥନୈତିକ ଶକ୍ତି ସୃଷ୍ଟି କରିଛନ୍ତି। ଚୀନର ଆଉ ଏକ ବଡ଼ ଶକ୍ତି ହେଉଛି ଶକ୍ତି ସୁରକ୍ଷା। ବିଶ୍ୱର ବିଭିନ୍ନ ଦେଶରେ ଖଣି, ତୈଳ କ୍ଷେତ୍ର ଓ ଜଳବିଦ୍ୟୁତ ପ୍ରକଳ୍ପରେ ନିବେଶ କରି ସେମାନେ ନିଜର ଇନ୍ଧନ ଯୋଗାଣକୁ ବିବିଧୀକୃତ କରିଛନ୍ତି। ତେଣୁ ଯେକୌଣସି ଆନ୍ତର୍ଜାତିକ ସଂଘର୍ଷର ପ୍ରଭାବକୁ ସେମାନେ ତୁଳନାତ୍ମକ ଭାବେ ଭଲ ଭାବରେ ସାମ୍ନା କରିପାରନ୍ତି। ଅପରପକ୍ଷରେ ଆମ ପାଖରେ ବିଶାଳ ଯୁବ ଜନସଂଖ୍ୟା, ପ୍ରାକୃତିକ ସମ୍ପଦ ଓ ବଜାର ଥିବା ସତ୍ତ୍ୱେ ଉତ୍ପାଦନ କ୍ଷେତ୍ରର ଅବଦାନ ଆଶାନୁରୂପ ବଢ଼ିପାରିନାହିଁ। ଏବେ ମଧ୍ୟ ବିପୁଳ ସଂଖ୍ୟକ ଲୋକ କୃଷି ଉପରେ ନିର୍ଭରଶୀଳ। ଖଣିଜ ସମ୍ପଦରୁ ଆରମ୍ଭ କରି ଶିଳ୍ପାୟନ ପର୍ଯ୍ୟନ୍ତ ଅନେକ କ୍ଷେତ୍ରରେ ନୀତି ଓ କାର୍ଯ୍ୟାନ୍ୱୟନ ମଧ୍ୟରେ ଦୂରତା ରହିଛି। ଏହାର ଅର୍ଥ ନୁହେଁ ଯେ ଭାରତକୁ ଚୀନର ପ୍ରତ୍ୟେକ ମଡେଲ୍ ଅନୁସରଣ କରିବାକୁ ହେବ। କିନ୍ତୁ ଚୀନରୁ ଶିଖିବାର ବିଷୟ ହେଉଛି; ଦୀର୍ଘମିଆଦୀ ଯୋଜନା, ଉତ୍ପାଦନମୁଖୀ ଶିଳ୍ପାୟନ, ପ୍ରଯୁକ୍ତିରେ ନିବେଶ, ଶକ୍ତି ସୁରକ୍ଷା ଓ ଦ୍ରୁତ କାର୍ଯ୍ୟାନ୍ୱୟନ।

ଚୀନ ବନାମ ଭାରତର ନିମ୍ନୋକ୍ତ ତୁଳନାତ୍ମକ ଚିତ୍ରରୁ ଛବି ଆହୁରି ସ୍ପଷ୍ଟ ହୋଇପାରିବ। ଗତ ଏକମାସରେ ଭାରତରେ ତୈଳ ମୂଲ୍ୟ ୯୪.୭୭ ରୁ ୧୦୨.୨୨ ପ୍ରତି ଲିଟର ବୃଦ୍ଧି ପାଇଛି। ଅଥଚ ଯୁଦ୍ଧ ଚାପ ସତ୍ତ୍ୱେ ଚୀନ ସରକାର ମୂଲ୍ୟ ନିୟନ୍ତ୍ରଣ କରିଥିଲେ। ଦରବୃଦ୍ଧିର ପ୍ରାୟ ୭.୭ ପ୍ରତିଶତ ପ୍ରଭାବ ଭାରତ ଉପଭୋକ୍ତାଙ୍କ ଉପରେ ପଡ଼ିଥିବା ବେଳେ ଚୀନରେ ତାହା ଆଦୌ ହୋଇନାହିଁ ସେହିପରି ସରକାରୀ ନୀତି ଅନୁସାରେ ଆନ୍ତର୍ଜାତିକ ତୈଳ ଦର ବୃଦ୍ଧି ଭାରତ ପାଇଁ ବଜାର ସ୍ଥିତି ଓ କର ଆଧାରିତ। ଅପରପକ୍ଷରେ ଚୀନରେ ଏହା ପ୍ରଶାସନିକ ନିୟନ୍ତ୍ରିତ ମୂଲ୍ୟ ବ୍ୟବସ୍ଥା। ବୈଦ୍ୟୁତିକ (ଇଭି) ଯାନ ବିକ୍ରି କ୍ଷେତ୍ରରେ ଇଭି/ପ୍ଲଗ-ଇନ ହାଇବ୍ରିଡ ଅଂଶ୍ ଚୀନରେ ପ୍ରାୟ ୫୪%; ଭାରତରେ ଏହା କେବଳ ୩ରୁ ୪%ରେ ସୀମିତ। ମୋଟ ମୋଟରଯାନ ମଧ୍ୟରୁ ଚୀନରେ ଇଭି ପ୍ରାୟ ୧୨% ରହିଥିବା ବେଳେ ଭାରତରେ ୧% ରୁ କମ। ବିଶ୍ୱରେ ବୈଦ୍ୟୁତିକ ଯାନ ବିନିଯୋଗରେ ଚୀନର ସ୍ଥାନ ପ୍ରଥମ ଥିବା ବେଳେ ଭାରତ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି। ସୌର ଶକ୍ତି ଓ ବିକଳ୍ପ ଇନ୍ଧନ ବିନଯୋଗ କ୍ଷେତ୍ରରେ ଚୀନ ଆଜି ବିଶ୍ୱର ସର୍ବବୃହତ ସୌର ପ୍ୟାନେଲ, ବ୍ୟାଟେରୀ ଓ ଇଭି ଉତ୍ପାଦକ ଭାବେ ପରିଚିତ। ସେମାନଙ୍କର ଦୀର୍ଘମିଆଦୀ ନୀତି ହେଉଛି 'ତୈଳ ଆମଦାନୀ ନିର୍ଭରତା କମାଅ, ବିଦ୍ୟୁତ ଚାଳିତ ଅର୍ଥନୀତି ଗଢ଼। ଭାରତ ମଧ୍ୟ ସୌର ଶକ୍ତି ଦିଗରେ ଦ୍ରୁତ ଅଗ୍ରସର ହେଉଛି, କିନ୍ତୁ ପରିବହନ କ୍ଷେତ୍ରରେ ପେଟ୍ରୋଲ-ଡିଜେଲ ନିର୍ଭରଶୀଳତା ଏବେ ମଧ୍ୟ ଅତ୍ୟଧିକ। ତେଣୁ ପଶ୍ଚିମ ଏସିଆରେ ଯୁଦ୍ଧ ଭାରତୀୟ ଅର୍ଥନୀତିକୁ ଅଧିକ ପ୍ରଭାବିତ କରିଛି।

ଯେତେବେଳେ ଭାରତ ନିଜର ଖଣିଜ ସମ୍ପଦକୁ ମୂଲ୍ୟଯୁକ୍ତ ଉତ୍ପାଦନରେ ପରିଣତ କରିବ, କୃଷିରୁ ଅତିରିକ୍ତ ଶ୍ରମଶକ୍ତିକୁ ଶିଳ୍ପ ଓ ସେବା କ୍ଷେତ୍ରକୁ ସ୍ଥାନାନ୍ତରିତ କରିବ, ବିକଳ୍ପ ଶକ୍ତି ଉପରେ ନିର୍ଭରତା ବଢ଼ାଇବ ଏବଂ ପରିବେଶ ସନ୍ତୁଳନକୁ ସୁରକ୍ଷିତ ରଖିବ, ସେତେବେଳେ ହିଁ ବିକାଶର ଲାଭ ତୃଣମୂଳସ୍ତରରେ ଅନୁଭୂତ ହେବ। ବିକାଶର ଅସଲ ପରୀକ୍ଷା ଯୁଦ୍ଧ କିମ୍ବା ସଙ୍କଟ ସମୟରେ ହୋଇଥାଏ। ଯେଉଁ ଅର୍ଥନୀତି ବାହ୍ୟ ଝଟକାକୁ ସହିପାରେ, ନିଜର ଉତ୍ପାଦନ ଓ ନିଯୁକ୍ତିକୁ ସୁରକ୍ଷିତ ରଖିପାରେ, ସେହି ଅର୍ଥନୀତି ହିଁ ପ୍ରକୃତ ଅର୍ଥରେ ଶକ୍ତିଶାଳୀ। ଭାରତ ପାଇଁ ଏହା କେବଳ ଏକ ଆହ୍ୱାନ ନୁହେଁ, ବରଂ ଏକ ଐତିହାସିକ ସୁଯୋଗ ମଧ୍ୟ। ଭାରତ ଆଜି ଏକ ଦ୍ୱିମୁଖୀ ପଥରେ ଠିଆ ହୋଇଛି। ଏକପଟେ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି, ଅନ୍ୟପଟେ ବଢୁଥିବା ଜୀବନଯାପନ ଖର୍ଚ୍ଚ। ବିକାଶର ମୂଲ୍ୟ ସେତେବେଳେ ସାର୍ଥକ ହେବ, ଯେତେବେଳେ ସେହି ବିକାଶର ଲାଭ ସମାଜର ଶେଷ ଧାଡ଼ିର ଲୋକ ପର୍ଯ୍ୟନ୍ତ ପହଞ୍ଚିବ।

ଜୟପୁର(କୋରାପୁଟ)
ମୋ: ୮୨୪୯୨୭୭୭୬୩

## ବିକାଶ ବନାମ ବିଧ୍ୱଂସ

ମମତା ମହାନ୍ତି

ଦିନ ଥିଲା, ଆମର ସକାଳ ଆରମ୍ଭ ହେଉଥିଲା ବାଡ଼ିବଗିଚାରୁ ଭାସି ଆସୁଥିବା କୁଆର କାଆ କାଆ ରାବରୁ ଏବଂ ବାରଣ୍ଡାରେ ଖେଳୁଥିବା ଘରଚଟିଆମାନଙ୍କର କିଚିରିମିଚିରି ଶବ୍ଦରୁ। ଓଡ଼ିଆ ଘରର ପରମ୍ପରାରେ ସକାଳେ କୁଆଟିଏ ରାବିଲେ ଘରକୁ ଅତିଥି ଆସିବାର ସଙ୍କେତ ମିଳେ। ମାଆ-ଖୁଡ଼ୀ ସେମାନଙ୍କ ପାଇଁ ଭାତ ଗୁଣ୍ଡାଏ ନେଇ ବାହାର ଅଗଣାରେ ଥୋଇଦେଇ ଆସନ୍ତି। ବାଡ଼ିପଟ ଅଗଣାରେ ଖେଳୁଥିବା ଘରଚଟିଆ, ସେମାନଙ୍କର ଛୋଟ ଛୋଟ ଡେଣାର ଫଡ଼ଫଡ଼ ଶବ୍ଦ, ଘର ଭିତରେ ଜୀବନର ସ୍ପନ୍ଦନ ଆଣିଦେଉଥିଲା। ସେହିପରି ପ୍ରତି ଓଡ଼ିଆ ଘରର ବାରଣ୍ଡା କିମ୍ବା କାନ୍ଥରେ ଦଉଡ଼ିରେ ବନ୍ଧା ହୋଇଥିବା ମାଟି ହାଣ୍ଡିଟିଏ ସ୍ୱତନ୍ତ୍ର ଭାବେ ଝୁଲୁଥିଲା, ଯାହା ଭିତରେ ପାରାମାନେ ନିଜର ସୁରକ୍ଷିତ ବସା ଗଢୁଥିଲେ ଏବଂ ସେମାନଙ୍କର ମଧୁର 'ଘୁମୁରୁ ଘୁମୁ' ଶବ୍ଦରେ ପୂରା ଘର ମୁଖରିତ ହେଉଥିଲା।

ବିଜ୍ଞାନ ଏବଂ ସାମାଜିକ ଜୀବନରେ ଏହି ପକ୍ଷୀମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କୁଆ ହେଉଛି ପରିବେଶ ବିଜ୍ଞାନରେ 'ପ୍ରାକୃତିକ ସଫେଇ କର୍ମଚାରୀ' - ଯିଏ ସହର, ନାଳନର୍ଦ୍ଦମାରୁ ଆବର୍ଜନା ସଫା କରି ସହରକୁ ଜୀବାଣୁ ବ୍ୟାପିବାରେ ରୋକିଥାଏ। ସେହିପରି ଘରଚଟିଆ ଓ ପାରାମାନେ କୀଟପତଙ୍ଗ ନିୟନ୍ତ୍ରଣ ଓ ବୀଜ ବିସ୍ତାରରେ ପ୍ରକୃତିକୁ ସାହାଯ୍ୟ କରନ୍ତି। ମାତ୍ର ଆଜିର ଆଧୁନିକ କଂକ୍ରିଟ୍ ସହରରେ ଏହି ପରିଚିତ ପକ୍ଷୀମାନେ ଯେମିତି କୁଆଡ଼େ ନିଖୋଜ ହୋଇଯାଉଛନ୍ତି। ଆଜିର ଚେୟାର୍-ଟେବୁଲ୍ ସଂସ୍କୃତି ଓ ଆପାର୍ଟମେଣ୍ଟ ଜୀବନରେ ଆଉ କୁଆ ପାଇଁ ଭାତ ଗୁଣ୍ଡାଏ ବାଢ଼ିଦେବାକୁ ନା ଅଗଣା ଅଛି, ନା ସେମାନଙ୍କ ପାଇଁ କାହା ପାଖରେ ସମୟ ଟିକିଏ ଅଛି। ସହରର ବର୍ଜ୍ୟବସ୍ତୁ ଓ ପ୍ଲାଷ୍ଟିକ୍‌ଯୁକ୍ତ ଦୂଷିତ ଖାଦ୍ୟ ଖାଇ ସେମାନଙ୍କ ସ୍ୱାସ୍ଥ୍ୟ ବାରମ୍ବାର ବିଗିଡ଼ିବାରେ ଲାଗୁଛି। ଅପରପକ୍ଷରେ, ପକ୍କା ଘରର କାନ୍ଥଗୁଡ଼ିକ ଚିକ୍କଣ ଓ ଆଧୁନିକ ହେବା ଯୋଗୁଁ ଘରଚଟିଆମାନଙ୍କୁ ବସା ବାନ୍ଧିବାକୁ କେଉଁଠି ହେଲେ ଟିକେ ଫାଙ୍କା ଜାଗା ମିଳୁନାହିଁ ଏବଂ ସହର ସାରା ବିଛେଇ ହୋଇଛି ମାଳମାଳ ମୋବାଇଲ୍ ଟାୱାର। ଏଇ ଟାୱାରଗୁଡ଼ିକରୁ ବାହାରୁଥିବା ଅଦୃଶ୍ୟ ବିକିରଣ (ରେଡିଏସନ) ଏହି କୋମଳମତି ପକ୍ଷୀମାନଙ୍କୁ ବଂଶବିସ୍ତାର କରିବାରେ ବାଧା ସୃଷ୍ଟି କରୁଛି।

ସତରେ ଆମେ ତ ଆମ ବିକାଶର ସୁଉଚ୍ଚ ପ୍ରାସାଦ ଠିଆ କରିଦେଲୁ, କିନ୍ତୁ ଆମ ପିଲାଦିନର ସେହି ସାଥୀ କୁଆ, କପୋତ ଓ ଘରଚଟିଆଙ୍କୁ ସହରରୁ ଏକାବେଳକେ ତଡ଼ି ବିଦା କରିଦେଲୁ! ବିକାଶର ଏହି ଅନ୍ଧଦୌଡ଼ରେ ଆମେ ଏଭଳି ଭାବରେ ଦୌଡୁଛୁ ଯେ ଆମ ପାଦ ତଳେ ଥିବା ସବୁଜ ମାଟି କେତେବେଳେ ଯେ ସିମେଣ୍ଟ ଆସ୍ତରଣ ପାଲଟିଗଲାଣି, ତାହା ଆମ ଆଜ୍ଞାତରେ। ପ୍ରଗତିର ଉଚ୍ଚ ଅଟ୍ଟାଳିକା ନିର୍ମାଣ କରିବାକୁ ଯାଇ ଆମେ ପ୍ରକୃତିର ସବୁଜ ଆଶ୍ରୟସ୍ଥଳୀଗୁଡ଼ିକୁ ଛାରଖାର କରିପକାଉଛୁ। କିନ୍ତୁ ଆମେ ଭୁଲିଯାଉଛୁ ଯେ ଆମ ପ୍ରକୃତି ନିର୍ଜନ ନିଃଶବ୍ଦରେ କାନ୍ଦୁଛି। ସେହି କାନ୍ଦଣାର ପ୍ରତିଧ୍ୱନି ଆଜି ଅଦିନିଆ ବାତ୍ୟା, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଏବଂ ଧୂସର ପରିବେଶ ଭିତରେ ସ୍ପଷ୍ଟ ବାରି ହୋଇପଡୁଛି।

ସହରୀକରଣ ଓ ଶିଳ୍ପାୟନ ଆଜି ସଭ୍ୟତାର ପରିଚୟ ସାଜିଛି। ଚଉଡ଼ା ରାସ୍ତା, ଉଡ଼ନ୍ତାପୋଲ ଏବଂ ଆକାଶଛୁଆଁ ଅଟ୍ଟାଳିକା ତିଆରି କରିବା ପାଇଁ ହସୁଥିବା ସବୁଜ ପାହାଡ଼ ଓ ଶହ ଶହ ବର୍ଷର ପୁରୁଣା ବର, ଓସ୍ତ, କିମ୍ବା ଆମ୍ବ ଗଛଗୁଡ଼ିକୁ ନିର୍ଦ୍ଦୟ ଭାବେ କାଟି ସଫା କରିଦିଆଯାଉଛି। ଗଛଟିଏ କେବଳ କାଠ ବା ଛାଇ ପାଇଁ ଲୋଡ଼ା ନୁହେଁ, ବରଂ ଏକ ସଂପୂର୍ଣ୍ଣ ପ୍ରାକୃତିକ ସଂସାର ବା ବାସ୍ତୁତନ୍ତ୍ର। ବୈଜ୍ଞାନିକ ଦୃଷ୍ଟିରୁ ଗୋଟିଏ ପୂର୍ଣ୍ଣାଙ୍ଗ ବୃକ୍ଷ ନିଜ ଜୀବନକାଳ ଭିତରେ ବାୟୁମଣ୍ଡଳରୁ ପ୍ରଚୁର ପରିମାଣର ଦୂଷିତ ଅଙ୍ଗାରକାମ୍ଳ ଗ୍ୟାସ ଶୋଷଣ କରି ପରିବେଶକୁ ସନ୍ତୁଳିତ ରଖେ। ଗଛଗୁଡ଼ିକ କାଟିଦେବା ଫଳରେ ପ୍ରକୃତିର ଅଙ୍ଗାରକାମ୍ଳ ଶୋଷଣ କରିବାର କ୍ଷମତା କମିବାରେ ଲାଗୁଛି, ଯାହାଦ୍ୱାରା ବାୟୁମଣ୍ଡଳର ତାପମାତ୍ରା କ୍ରମାଗତ ଭାବେ ବଢ଼ି ଚାଲିଛି। ଆଜି ସହରଗୁଡ଼ିକରେ ପିଚୁ ଓ ସିମେଣ୍ଟର ଆସ୍ତରଣ ଯୋଗୁଁ ମାଟି ତା'ର ସ୍ୱାଭାବିକ ଜଳ ଶୋଷଣ କ୍ଷମତା ହରାଇ ବସୁଛି। ଫଳରେ ବର୍ଷା ଜଳ ଭୂତଳକୁ ନ ଯାଇ ରାସ୍ତାଘାଟରେ ଜମିରହୁଛି। ସାମାନ୍ୟ ବର୍ଷାରେ ବି ସହର ଭିତରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି ଏବଂ ଭୂତଳ ଜଳସ୍ତର ସଂକଟଜନକ ଭାବେ ତଳକୁ ତଳ ଖସି ଚାଲିଛି। ଏହା ସହିତ କଂକ୍ରିଟ୍ ଅଟ୍ଟାଳିକାଗୁଡ଼ିକ ଦିନ ତମାମ ସୂର୍ଯ୍ୟକିରଣରୁ ଉତ୍ତାପ ଶୋଷି ରଖି ରାତିରେ ବିକିରଣ କରନ୍ତି, ଯାହା ସହରଗୁଡ଼ିକୁ ଏକ ସହରୀ ଉତ୍ତାପ ଦ୍ୱୀପ ବା ଗରମ ଭାଟିରେ ପରିଣତ କରୁଛି।

ସତରେ ସମୟର ସତର୍କ ଘଣ୍ଟି ଆମକୁ ସୂଚେଇ ଦେଲାଣି - ପ୍ରକୃତିକୁ ଆଘାତ ଦେଇ ମଣିଷ କେବେ ସୁଖରେ ବଞ୍ଚିପାରିବ ନାହିଁ। ତେଣୁ ବିକାଶର ସଂଜ୍ଞାକୁ ବଦଳାଇବାକୁ ହେବ। ବିକାଶ ଜରୁରୀ, କିନ୍ତୁ ପ୍ରକୃତିକୁ ବଳି ଦେଇ କିମ୍ବା ବିଧ୍ୱଂସ କରି ନୁହେଁ। ଆମକୁ ନିଶ୍ଚୟ 'ସବୁଜ ଓ ସନ୍ତୁଳିତ ବିକାଶ' ଆଡ଼କୁ ଅଗ୍ରସର ହେବାକୁ ପଡ଼ିବ। ସହରର ପ୍ରତ୍ୟେକ ବ୍ୟକ୍ତି ନିଜ ଛାତ ଉପରେ ବଗିଚା କରିବା ସହ ସରକାରୀ ସ୍ତରରେ ସହର ଭିତରେ 'ଛୋଟ ଛୋଟ ସବୁଜ ବଳୟ' ସୃଷ୍ଟି କରିବା ଉଚିତ୍। ଏଥିପାଇଁ ସରକାରୀ ସ୍ତରରେ ନିୟମ କରାଯିବା ଦରକାର। ବିଶେଷକରି ନୂତନ ପିଢ଼ିର ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ୍ ସ୍ତରରୁ ହିଁ ପରିବେଶ ସୁରକ୍ଷା ଓ ବୈଜ୍ଞାନିକ ସଚେତନତା ସହିତ ସାମିଲ୍ କରିବାକୁ ହେବ। ଯଦି ଆଜି ଆମେ ଆତ୍ମକୈନ୍ଦ୍ରିକ ଓ ସ୍ୱାର୍ଥପର ସାଜି ପ୍ରକୃତିର ଏହି ନିଃଶବ୍ଦ କାନ୍ଦଣାକୁ ଅଣଦେଖା କରିବା, ତେବେ ଆଗାମୀ ଦିନରେ ମାନବ ସମାଜର କାନ୍ଦଣାକୁ ଶୁଣିବାକୁ ଏ ସୃଷ୍ଟିରେ କେହି ନଥିବେ। ବାସ୍ତବିକ୍ 'ପ୍ରକୃତି ବଞ୍ଚିଲେ ହିଁ ମଣିଷ ବଞ୍ଚିବ।'

ବାମପଦା, (ବାଲେଶ୍ୱର),
ମୋ: ୮୬୩୭୨୭୨୭୩୯

## ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବପ୍ରକାଶିତ ଉତ୍ତାରୁ...*

ମାତ୍ର କୌଣସିମତେ ଆମେ ତ୍ରୟୋଦଶ ଶିଳାଲେଖର ଶବ୍ଦକୁ ପ୍ରତ୍ୟାଖ୍ୟାନ କରିପାରିବା ନାହିଁ। କାରଣ ସେଗୁଡ଼ିକ ସ୍ୱୟଂ ସମ୍ରାଟଙ୍କର। ଏହା ଦର୍ଶାଯାଇଛି ଯେ, ମୁଖ୍ୟ ଶିଳାଲେଖଗୁଡ଼ିକରେ ଉଲ୍ଲିଖିତ 'ଧମ୍ମ' (ଧର୍ମ)ର ଅର୍ଥ କେବଳ ବୌଦ୍ଧ ଧର୍ମ ନୁହେଁ। ଏହାହେଉଛି ଏକ ସରଳ ନୈତିକ ଆଚରଣ, ଯାହା ସେହିସମୟର ଭାରତର ବିଭିନ୍ନ ଧର୍ମ ଓ ପରମ୍ପରାର ନୈତିକ ନିୟମ ଭିତରେ ସାଧାରଣ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିର୍ଯାସ। ତଥାପି ଅଶୋକଙ୍କର କେତେକ କ୍ଷୁଦ୍ର ଶିଳାଲେଖ ତଥା ପରମ୍ପରା, ଅଶୋକ ଯେ ବ୍ୟକ୍ତିଗତ ଭାବେ ଜଣେ ଆନ୍ତରିକ ତଥା ନିଷ୍ଠାବାନ ବୌଦ୍ଧଧର୍ମାବଲମ୍ବୀ ଥିଲେ ଏହା ନିଶ୍ଚିତ କରିଥା'ନ୍ତି।

ଅଶୋକ କଳିଙ୍ଗ ଯୁଦ୍ଧର ନରସଂହାର ଦେଖି ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ ହୋଇଥିଲେ। ତାଙ୍କର କ୍ଷୁଦ୍ର ଶିଳାଲେଖଗୁଡ଼ିକ, ଯେପରିକି ମାସ୍କି ବା ଗୁଜରା ଶିଳାଲେଖ ତାଙ୍କର ବ୍ୟକ୍ତିଗତ ଧର୍ମବିଶ୍ୱାସକୁ ଦର୍ଶାଏ, ଯେଉଁଥିରେ ସେ ନିଜକୁ ନିଷ୍ଠାବାନ ବୌଦ୍ଧ ଭାବେ ପ୍ରକାଶ କରିଛନ୍ତି। ତଥାପି, ଉପରେ ଉଦ୍ଧୃତ ପ୍ରସିଦ୍ଧ ପରିଚ୍ଛେଦଟି କଳିଙ୍ଗରେ ତାଙ୍କ ଭୟାବହ ଅଭିଜ୍ଞତା ତଥା ଅନୁଭୂତି ଯୋଗୁଁ ହିଁ ଯେ ସେ ବୌଦ୍ଧଧର୍ମ ଗ୍ରହଣ କରିଥିବା ବିଷୟ ଦର୍ଶାଏ ନାହିଁ। ବୌଦ୍ଧମାନେ ନିଜେ ଏହି ଯୁଦ୍ଧର କୌଣସି ସ୍ମୃତି ରଖିନାହାନ୍ତି। ଏହା ନିଶ୍ଚିତଭାବେ ସୂଚାଇଥାଏ ଯେ ତାଙ୍କର ଧର୍ମ ପରିବର୍ତ୍ତନ (ବୌଦ୍ଧଧର୍ମ ଗ୍ରହଣ) ଯୁଦ୍ଧ ପୂର୍ବରୁ କିମ୍ବା ପରେ ହୋଇଥିଲା। ଏହି ଯୁଦ୍ଧ କେବଳ ତାଙ୍କର ନୈତିକ ଦାୟିତ୍ୱବୋଧ ଏବଂ ଅନାବଶ୍ୟକ ଦୁଃଖକଷ୍ଟ ପ୍ରତି ଘୃଣାଭାବକୁ ଅଧିକ ବଢ଼ାଇବାରେ ଏକ ସାଧନ ମାତ୍ର ଥିଲା।

କେତେକ ଗବେଷକଙ୍କ ମତରେ କଳିଙ୍ଗ ଯୁଦ୍ଧ ସମୟକୁ ଅଶୋକ ବୌଦ୍ଧ ଧର୍ମାବଲମ୍ବୀ ହିଁ ଥିଲେ। କଳିଙ୍ଗ ଯୁଦ୍ଧ ପରେ ଅଶୋକ ହଠାତ୍ ବୌଦ୍ଧ ହୋଇଯାଇଥିଲେ ବୋଲି ଯେଉଁକଥା କୁହାଯାଏ, ତାହାର ସଠିକ୍ ଐତିହାସିକ ପ୍ରମାଣ ନାହିଁ। ଏହା କେବଳ କାହାଣୀରେ

### ଓଡ଼ିଶାର ବୌଦ୍ଧ ପରମ୍ପରା

ରହିଛି। ପ୍ରକୃତ କଥା ହେଉଛି, ଅଶୋକ ଧୀରେ ଧୀରେ ବୌଦ୍ଧ ଧର୍ମ ପ୍ରତି ଆକୃଷ୍ଟ ହୋଇଥିଲେ ଏବଂ ସମୟ ସହିତ ତାଙ୍କର ଏହି ଭକ୍ତି ବଢ଼ିବାକୁ ଲାଗିଲା। ସେହି ସମୟରେ ଭାରତରେ ଧର୍ମ ଅଥବା ଧାର୍ମିକ ବିଶ୍ୱାସଗୁଡ଼ିକ ପରସ୍ପର ବିରୋଧୀ କିମ୍ବା ସଂପୂର୍ଣ୍ଣ ଅଲଗା ନଥିଲେ ଏବଂ ପରସ୍ପରକୁ ସଂପୂର୍ଣ୍ଣ ବର୍ଜନ କରୁ ନ ଥିଲେ ବା ବିରୋଧ କରୁ ନ ଥିଲେ। ନିଃସନ୍ଦେହରେ ଓଡ଼ିଶାରେ (କଳିଙ୍ଗ ଯୁଦ୍ଧରେ) ଅଶୋକଙ୍କ ଅଭିଜ୍ଞତା ବୌଦ୍ଧ ଧର୍ମ ପ୍ରତି ତାଙ୍କର ବିଶ୍ୱାସକୁ ଅଧିକ ଦୃଢ଼ କରିଥିଲା ଏବଂ ତାଙ୍କୁ କ୍ଷମା ଓ ଅହିଂସା, ଯାହାକି ବୌଦ୍ଧଧର୍ମର ପ୍ରମୁଖ ବିଶେଷତ୍ୱ ସେହି ନୈତିକତା ଆଡ଼କୁ ଅଧିକ ଦୃଢ଼ଭାବରେ ଟାଣି ନେଇଥିଲା ଏବଂ ବୌଦ୍ଧ ଧର୍ମ ପ୍ରତି ତାଙ୍କର ଆସ୍ଥାକୁ ଅଧିକ ମଜଭୁତ କରିଥିଲା।

ଅଶୋକଙ୍କ ସମୟ ପୂର୍ବରୁ ଓଡ଼ିଶାରେ ବୌଦ୍ଧ ଧର୍ମର ପ୍ରଚଳନ ଥିବାର ଯଥେଷ୍ଟ ପ୍ରାମାଣିକ ତଥ୍ୟ ରହିଛି। ଏହା ନିଃସନ୍ଦେହ ଯେ ଅଶୋକଙ୍କ ଦ୍ୱାରା ଓଡ଼ିଶା ବିଜୟ ଫଳରେ ଏହି ଅଞ୍ଚଳରେ ବୌଦ୍ଧଧର୍ମର ବ୍ୟାପକ ବିକାଶ ଘଟିଥିଲା। ତଥାପି ମଧ୍ୟ ଅଶୋକ ଜିତିଥିବା ଅଞ୍ଚଳ କଳିଙ୍ଗ ପ୍ରତି କିଭଳି ନୀତି ଆପଣେଇ ଥିଲେ ସେ ବିଷୟରେ ଅଲୋକପାତ କରୁଥିବା ଧଉଳି ଓ ଜଉଗଡ଼ ଅଭିଲେଖ ସଂପର୍କରେ ସମ୍ୟକ୍ ଅଲୋଚନା କରିବା - 'ଏହି ଦୁଇଟି ପ୍ରମୁଖ ଶିଳାଲେଖର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଶେଷତ୍ୱ ହେଲା ଏଥିମଧ୍ୟରେ ଏକାଦଶ, ଦ୍ୱାଦଶ ଓ ତ୍ରୟୋଦଶ ଶିଳାଲେଖଗୁଡ଼ିକ ଅନ୍ତର୍ହିତ ହୋଇଛି ଏବଂ ସେଗୁଡ଼ିକ ସ୍ଥାନରେ ସ୍ୱତନ୍ତ୍ର କଳିଙ୍ଗ ଶିଳାଲେଖ ନାମରେ ଅନ୍ୟ ଦୁଇଗୋଟି ଶିଳାଲେଖ ଭର୍ତ୍ତି କରାଯାଇଛି। ଏହି ପରିବର୍ତ୍ତନର କାରଣ ସ୍ଥାପନ ନିମନ୍ତେ ଆମକୁ କେବଳ ସେଇ ଦୁଇଟି ସ୍ୱତନ୍ତ୍ର ଅନୁଶାସନ ନୁହେଁ, ବରଂ ବାଦ ପଡ଼ିଥିବା ଅନୁଶାସନଗୁଡ଼ିକୁ ମଧ୍ୟ ଭଲଭାବରେ ପରୀକ୍ଷା-ନିରୀକ୍ଷା କରିବାକୁ ହେବ। ଏହା ମଧ୍ୟ ଯୁକ୍ତିଯୁକ୍ତ ଧାରଣା ଯେ ଅଶୋକଙ୍କର ଏହି ପରିବର୍ତ୍ତନ ପଛରେ ନିଶ୍ଚିତ ଭାବେ କିଛି ସ୍ୱତନ୍ତ୍ର ଉଦ୍ଦେଶ୍ୟ ରହିଥିଲା। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ...

### ୟୁକ୍ରେନର ଭୟାବହ...

କ୍ରେମଲିନ୍‌ଠାରୁ ମାତ୍ର ୧୫ କିଲୋମିଟର ଦୂରରେ ଅବସ୍ଥିତ ଏହି ତୈଳ ବିଶୋଧନାଗାରଟି ସହରର ପ୍ରାୟ ଏକ ତୃତୀୟାଂଶ ଇନ୍ଧନ ଆବଶ୍ୟକତା ପୂରଣ କରିଥାଏ। ୟୁକ୍ରେନର ଏହି ଆକ୍ରମଣ ପରେ ମସ୍କୋର ଚାରୋଟି ପ୍ରମୁଖ ବିମାନବନ୍ଦରରେ ଉଡ଼ାଣ ବାତିଲ କରାଯାଇଥିଲା। ରୁଷିଆର ପ୍ରତିରକ୍ଷା ମନ୍ତ୍ରଣାଳୟ ଦାବି କରିଛି ଯେ ସେମାନଙ୍କ ପ୍ରତିରକ୍ଷା ବ୍ୟବସ୍ଥା ପ୍ରାୟ ୫୫୫ଟି ଡ୍ରୋନ୍‌କୁ ଆକାଶରେ ଧ୍ୱଂସ କରିଦେଇଛି, ଯେଉଁଥିରୁ ପ୍ରାୟ ୨୦୦ଟି କେବଳ ମସ୍କୋ ଆଡ଼କୁ ଆସୁଥିଲା। ତଥାପି କେତେକ ଡ୍ରୋନ୍ ନିଜର ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଛନ୍ତି, ଯାହାଦ୍ୱାରା କେତେକ ଆବାସିକ ଗୃହ ନଷ୍ଟ ହେବା ସହ ଅତିକମରେ ୧୭ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି। ମସ୍କୋର ଦକ୍ଷିଣ-ପୂର୍ବ ଅଞ୍ଚଳର ବାସିନ୍ଦାମାନେ ଅଭିଯୋଗ କରିଛନ୍ତି ଯେ ଆକାଶରୁ ପଡୁଥିବା କଳା ରଙ୍ଗର ତେଲ ବୁନ୍ଦା ଯୋଗୁଁ ସେମାନଙ୍କ ଗାଡ଼ି ଓ ପୋଷାକପତ୍ର ନଷ୍ଟ ହୋଇଯାଉଛି। ପ୍ରଶାସନ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ଝରକା ବନ୍ଦ ରଖିବାକୁ ଏବଂ ଶ୍ୱାସକ୍ରିୟା ଜନିତ ସମସ୍ୟା ଥିବା ବ୍ୟକ୍ତି ଓ ଶିଶୁମାନଙ୍କୁ ସାମୟିକ ଭାବେ ସେହି ଅଞ୍ଚଳ ଛାଡ଼ିବାକୁ ପରାମର୍ଶ ଦିଆଯାଇଛି। ଅପରପକ୍ଷରେ, ବିଦେଶ ଗସ୍ତରେ ଥିବା ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଏହି ଆକ୍ରମଣକୁ ସ୍ୱୀକାର କରି କହିଛନ୍ତି ଯେ ଯଦି ୟୁକ୍ରେନ ଜଳିବ, ତେବେ ମସ୍କୋ ମଧ୍ୟ ଜଳିବ। ରୁଷିଆର ଆକ୍ରମଣର ଅନ୍ତ ଘଟାଇବା ଏବଂ ସେମାନଙ୍କୁ ଶାନ୍ତି ଆଲୋଚନା ପାଇଁ ବାଧ୍ୟ କରିବାକୁ ଏଭଳି ପଦକ୍ଷେପ ନିଆଯାଉଛି ବୋଲି ସେ ପ୍ରକାଶ କରିଛନ୍ତି। ଏହି ଆକ୍ରମଣର ଜବାବରେ ରୁଷିଆ ମଧ୍ୟ ୟୁକ୍ରେନର ବିଭିନ୍ନ ସହର ଯଥା ସୁମି ଏବଂ ଖାରକିଭ୍ ଉପରେ କ୍ଷେପଣାସ୍ତ୍ର ଓ ବୋମା ବର୍ଷଣ କରିଛି। ଏହି ପାଲଟା ଆକ୍ରମଣରେ ଦୁଇ ଜଣ ୟୁକ୍ରେନ ନାଗରିକ ପ୍ରାୟ ହରାଇଥିବା ବେଳେ ଶିଶୁଙ୍କ ସମେତ ଅନେକ ଲୋକ ଆହତ ହୋଇଛନ୍ତି। ଏହା ସହିତ ରୁଷିଆ ନିୟନ୍ତ୍ରଣରେ ଥିବା ୟୁରୋପର ସବୁଠାରୁ ବଡ଼ ଜାପୋରିଜିଆ ଆଣବିକ ଶକ୍ତି କେନ୍ଦ୍ର ଉପରେ ମଧ୍ୟ ବ୍ୟାପକ ଡ୍ରୋନ୍ ଆକ୍ରମଣ ହୋଇଥିବା ସୂଚନା ମିଳିଛି, ଯାହା ସେଠାକାର କେତେକ ଗୃହକୁ କ୍ଷତିଗ୍ରସ୍ତ କରିଛି। ବିଶ୍ୱର ପ୍ରମୁଖ ଶକ୍ତିଶାଳୀ ଦେଶଗୁଡ଼ିକର ବୈଠକ ଏବଂ ଆନ୍ତର୍ଜାତୀୟ ସ୍ତରରେ ଶାନ୍ତି ପ୍ରତିଷ୍ଠା ପାଇଁ କୂଟନୈତିକ ପ୍ରୟାସ ଚାଲିଥିବା ବେଳେ, ରୁଷିଆ-ୟୁକ୍ରେନ ଯୁଦ୍ଧ ଏକ ନୂତନ ଓ ଅଧିକ ବିପଜ୍ଜନକ ପର୍ଯ୍ୟାୟରେ ପହଞ୍ଚିଛି। ଉଭୟ ଦେଶ ବର୍ତ୍ତମାନ ପାରମ୍ପରିକ ଯୁଦ୍ଧକ୍ଷେତ୍ର ସୀମା ବାହାରକୁ ଯାଇ ପରସ୍ପରର ମୁଖ୍ୟ ସହର ଏବଂ ଅର୍ଥନୈତିକ ଭିତ୍ତିଭୂମିକୁ ସିଧାସଳଖ ଧ୍ୱଂସ କରିବାକୁ ଚେଷ୍ଟା କରୁଛନ୍ତି, ଯାହା ଆଗାମୀ ଦିନରେ ବିଶ୍ୱ ସମୁଦାୟ ପାଇଁ ଚିନ୍ତାର ବିଷୟ ପାଲଟିଛି।

### ଇସ୍ରାଏଲ ଆକ୍ରମଣରେ...

ବଦଳରେ ହଜାରେ ଲେବାନନୀ ମା' କାନ୍ଦିବା ଉଚିତ। ନିଜ ନାଗରିକ ଓ ସୈନିକଙ୍କ ସୁରକ୍ଷା ପାଇଁ ଆମକୁ ସବୁ ସୀମା ପାର୍ କରିବାକୁ ହେବ।' ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ଅନୁଯାୟୀ, ହିଜବୁଲ୍ଲା ପକ୍ଷରୁ କ୍ରମାଗତ ଭାବେ ଚୁକ୍ତି ଉଲ୍ଲଂଘନ କରାଯାଉଥିବାରୁ ଏହାର ଜବାବରେ ବେକା ଉପତ୍ୟକାରେ ଥିବା ଆତଙ୍କବାଦୀ ଭିତ୍ତିଭୂମି ଉପରେ ଏହି ଆକ୍ରମଣ କରାଯାଇଛି। ଏହି ଉତ୍ତେଜନାପୂର୍ଣ୍ଣ ସ୍ଥିତି ଯୋଗୁଁ ସ୍ୱିଜରଲ୍ୟାଣ୍ଡରେ ହେବାକୁ ଥିବା ଆମେରିକା ଓ ଇରାନର ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥଗିତ ହୋଇଯାଇଛି। ଲେବାନନ ଉପରେ କ୍ରମାଗତ ଇସ୍ରାଏଲ ଆକ୍ରମଣ ଯୋଗୁଁ ଇରାନ ନିଜର ପ୍ରତିନିଧି ଦଳ ପଠାଇବାକୁ ମନା କରିଦେଇଥିବା ସୂଚନା ମିଳିଛି। ଅପରପକ୍ଷରେ, ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ମଧ୍ୟ ନିଜର ସ୍ୱିଜରଲ୍ୟାଣ୍ଡ ଗସ୍ତ ବାତିଲ କରିଛନ୍ତି। ଇରାନ ଏହି ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି ଏବଂ ଆମେରିକା ପକ୍ଷରୁ କୌଣସି ପ୍ରକାର ଚୁକ୍ତି ଉଲ୍ଲଂଘନ ହେଲେ କଡ଼ା ଜବାବ ଦିଆଯିବ ବୋଲି ଚେତାବନୀ ଦେଇଛି। ଇସ୍ରାଏଲର ଏହି ଆକ୍ରମଣାତ୍ମକ ରୂପ ଯୋଗୁଁ ନୂତନ ଭାବେ ସ୍ୱାକ୍ଷରିତ ଶାନ୍ତି ଚୁକ୍ତିର ଭବିଷ୍ୟତ ଏବେ ଅନ୍ଧାରକୁ ଠେଲି ହୋଇଯାଇଛି।

### କେନ୍ଦ୍ର ମନ୍ତ୍ରିମଣ୍ଡଳରେ...

ଅର୍ଥମନ୍ତ୍ରୀ ପଦ ପାଇଁ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନାମ ଚର୍ଚ୍ଚା ହେଉଛି। ସେହିପରି କିଛି ମନ୍ତ୍ରଣାଳୟର ପୁନଃ ସଂରଚନା ଓ ଗଠନାତ୍ମକ ପରିବର୍ତ୍ତନ କରାଯାଇପାରେ ବୋଲି କୁହାଯାଉଛି। ପୁନଶ୍ଚ କିଛି ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଓ ପୂର୍ବତନ ବ୍ୟୁରୋକ୍ରାଟଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେବା ନେଇ ମଧ୍ୟ ଚିନ୍ତା କରାଯାଉଛି। ରେଳ ମନ୍ତ୍ରଣାଳୟ ଓ ସଡ଼କ ପରିବହନ ମନ୍ତ୍ରଣାଳୟକୁ ଏକତ୍ର କରି ଏକ ବୃହତ୍ 'ସର୍ଫେସ ଟ୍ରାନ୍ସପୋର୍ଟ' ମନ୍ତ୍ରଣାଳୟ ଗଠନ କରାଯାଇପାରେ ବୋଲି ଆଲୋଚନା ଚାଲିଛି। ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଦଳ "ଏକ ବ୍ୟକ୍ତି, ଏକ ପଦ" ନୀତିକୁ କଡ଼ାକଡ଼ି ଭାବେ ଲାଗୁ କରିବ ଓ ସମ୍ପ୍ରତି ସଂଗଠନରେ ନୂଆ ଦାୟିତ୍ୱ ପାଇଥିବା କିଛି ନେତାଙ୍କୁ ମନ୍ତ୍ରିମଣ୍ଡଳରୁ ବିଦାୟ ଦିଆଯିବ ବୋଲି ଜଣାପଡ଼ିଛି।

ଅନ୍ୟପକ୍ଷରେ କେନ୍ଦ୍ର କ୍ୟାବିନେଟ୍ ଅଦଳବଦଳ ପରେ ଓଡ଼ିଶାରେ ମୋହନ ସରକାରଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ବୋଲି ସୂଚନା ମିଳିଛି। ଦୀର୍ଘଦିନ ଧରି ଓଡ଼ିଶାରେ ମନ୍ତ୍ରିମଣ୍ଡଳ ଚର୍ଚ୍ଚା ଚାଲିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ପାରିନାହିଁ। ଖାଲି ପଡ଼ିଥିବା ୬ଟି ମନ୍ତ୍ରୀପଦ ପୂରଣ ସହ କିଛି ମନ୍ତ୍ରୀଙ୍କ ବିଭାଗ ପରିବର୍ତ୍ତନ ଓ କିଛି ମନ୍ତ୍ରୀଙ୍କୁ ସରକାରରୁ ବାଦ ଦିଆଯାଇପାରେ ବୋଲି କୁହାଯାଉଛି।

### ଜନ୍ମମାଟିରେ ମହାମହିମ...

ଜଳଯୋଗାଣ ପ୍ରକଳ୍ପ, ବ୍ରହ୍ମାକୁମାରୀ ସଂଗଠନର ନୂତନ ଭବନ, ସ୍ପେଶାଲ ସର୍କିଟ ହାଉସ ଓ ନବଗଠିତ ରାଇରଙ୍ଗପୁର ପୁଲିସ ଜିଲ୍ଲାର ନୂତନ ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟ ସମେତ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଜନହିତକର ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ସମସ୍ତ ପ୍ରକଳ୍ପର ଲୋକାର୍ପଣ ଉତ୍ସବ ସମୟରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ମନ୍ତ୍ରୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ।

ଆସନ୍ତାକାଲି (୨୦ ଜୁନ) ଓଡ଼ିଶା ଇତିହାସରେ ଏକ ସ୍ମରଣୀୟ ଦିନ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ମୟୂରଭଞ୍ଜ ଗସ୍ତରେ ଆସି ରାଷ୍ଟ୍ରପତିଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବେ। ଓଡ଼ିଶାରେ ବିଜେପି ସରକାରର ଦୁଇବର୍ଷ ପୂର୍ତ୍ତି ଅବସରରେ ରାଇରଙ୍ଗପୁରର ଦାଣ୍ଡବୋଷ ପଡ଼ିଆରେ ଆୟୋଜିତ 'ବିକାଶର ଧାରା, ଓଡ଼ିଶା ସାରା' ସମାବେଶରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଯୋଗଦେବେ। ପ୍ରତିକୂଳ ପାଗ ପାଇଁ ଶୁକ୍ରବାର ରାଷ୍ଟ୍ରପତି କୋଲେଇକୁଣ୍ଡାରୁ ସଡ଼କ ପଥରେ ବାୟୁସେନାର ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ଖଡ଼ଗପୁର, ବହଲାଗୋଡା, ଝାରପୋଖରିଆ, ବାଙ୍ଗିରିପୋଷି, ଦୁଆରଶୁଣି ଘାଟି ଓ ବିଶୋଇ ହୋଇ ଦୀର୍ଘ ୧୩୫ କିମି ଗସ୍ତ କରି ରାଇରଙ୍ଗପୁର ହୋଲିଡେ ହୋମରେ ପହଞ୍ଚିଥିଲେ। ରାତିରେ ରାଇରଙ୍ଗପୁରସ୍ଥ ବାସଭବନରେ ରାତ୍ରୀଯାପନ କରିବେ।

### ଶାସନ ବ୍ୟବସ୍ଥାର...

କରୁଛି। ଏହି ପେନସନଭୋଗୀମାନେ ଆମ ସମାଜର ସବୁଠାରୁ ଅସହାୟ ବର୍ଗ ମଧ୍ୟରେ ଆସନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ସେମାନଙ୍କ ଦୈନନ୍ଦିନ ଜୀବନଧାରଣ ପାଇଁ ସମ୍ପୂର୍ଣ୍ଣରୂପେ ଏହି ଭତ୍ତା ଉପରେ ନିର୍ଭରଶୀଳ। ଲଗାତାର ତିନି ମାସ ଧରି ଏହି ଜରୁରୀ ସହାୟତା ପ୍ରଦାନ ନ କରିବା ଯୋଗୁଁ ଆମର ଅସହାୟ ନାଗରିକମାନେ ଅତ୍ୟନ୍ତ ଦୁର୍ଦ୍ଦଶାର ସମ୍ମୁଖୀନ ହେବା ସହ ଭୋକରେ ରହିବା ଭଳି ବିପଦର ସମ୍ମୁଖୀନ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ାର ସାବିତ୍ରୀ ଦୋରା ଭତ୍ତା ସୁବିଧାରୁ ବଞ୍ଚିତ ହେବା ପରେ ନିଜ ଜୀବନ ହରାଇଛନ୍ତି। ନିଜର ଦୁର୍ବଳ ନାଗରିକମାନଙ୍କୁ ସୁରକ୍ଷା ଦେବାକୁ ପ୍ରତିଶ୍ରୁତିବଦ୍ଧ ରାଜ୍ୟରେ ଏପରି ପରିସ୍ଥିତି ଗ୍ରହଣୀୟ ନୁହେଁ। ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଯେ ଏହି ଦୀର୍ଘକାଳୀନ ବିଳମ୍ବ ସଫ୍ଟୱେର୍-ସମ୍ବନ୍ଧୀୟ ସମସ୍ୟା ଯୋଗୁଁ ଘଟିଥିବା ଜଣାପଡିଛି। ଏହା ସରକାରଙ୍କ ଗମ୍ଭୀର ଅବହେଳା ଏବଂ ମୌଳିକ ଦାୟିତ୍ୱରୁ ବିଚ୍ୟୁତ ହେବା ନେଇ ଇଙ୍ଗିତ କରୁଛି। ଲୋକଙ୍କ ଅଧିକାରକୁ ବୈଷୟିକ ତ୍ରୁଟି ଉପରେ ଛାଡ଼ି ଦିଆଯାଇପାରିବ ନାହିଁ ବୋଲି ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଗତ ୨୪ ବର୍ଷ ଧରି ମୋ ସରକାର ପ୍ରତି ମାସ ୧୫ ତାରିଖରେ ନିୟମିତ ଭାବେ ଭତ୍ତା ବଣ୍ଟନ ନିଶ୍ଚିତ କରିଥିଲେ, ଯାହାକୁ ଜନ ସେବା ଦିବସ ଭାବେ ପାଳନ କରାଯାଉଥିଲା। ହିତାଧିକାରୀମାନେ ଗ୍ରାମ ପଞ୍ଚାୟତ ସ୍ତରରେ ସ୍ୱଚ୍ଛ ଏବଂ ମାନବୀୟ ଉପାୟରେ ସେମାନଙ୍କ ଭତ୍ତା ଟଙ୍କା ପାଉଥିଲେ। ଯେଉଁ ହିତାଧିକାରୀମାନେ ଏହି ଦିବସରେ ଉପସ୍ଥିତ ରହିପାରୁନଥିଲେ, ସେମାନଙ୍କ ଘରେ ଭତ୍ତା ରାଶି ଯେପରି ପହଞ୍ଚିପାରିବ, ତାହା ଅଧିକାରୀମାନେ ସୁନିଶ୍ଚିତ କରୁଥିଲେ। ଏହି ନାଗରିକ-କୈନ୍ଦ୍ରିକ ମଡେଲ୍ ବ୍ୟାପକ ପ୍ରଶଂସା ଅର୍ଜନ କରିଥିଲା, ଏପରିକି ସୁପ୍ରିମକୋର୍ଟଙ୍କ ଦ୍ୱାରା ମଧ୍ୟ ପ୍ରଶଂସିତ ହୋଇଥିଲା। ଆମେ ବ୍ୟାଙ୍କ-ଆଧାରିତ ପେନସନ୍ ବଣ୍ଟନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରିବା ପାଇଁ ପଡୁଥିବା ଚାପକୁ ପ୍ରତ୍ୟାଖ୍ୟାନ କରିଥିଲୁ, କାରଣ ଆମର ମଡେଲ୍ ସମୟାନୁବର୍ତ୍ତୀ ବଣ୍ଟନ, ବ୍ୟକ୍ତିଗତ ଉତ୍ତରଦାୟିତ୍ୱ ଏବଂ ହିତାଧିକାରୀଙ୍କ ସମ୍ମାନକୁ ସୁନିଶ୍ଚିତ କରୁଥିଲା ବୋଲି ନବୀନ ଉଲ୍ଲେଖ କରିଛନ୍ତି। ବର୍ତ୍ତମାନର ସଙ୍କଟ ସେହି ପଦ୍ଧତିର ଉପାଦେୟତାକୁ ପ୍ରମାଣିତ କରୁଛି। ତେଣୁ ତୁରନ୍ତ ମାନୁଆଲ୍ ବଣ୍ଟନ ପଦ୍ଧତିରେ ସମସ୍ତ ବକେୟା ପେନସନ୍ ପ୍ରଦାନ ସହ ଏପରି ପରିସ୍ଥିତି ଯେପରି ଆଉ କେବେ ନ ଘଟେ ତାହା ନିଶ୍ଚିତ କରନ୍ତୁ ବୋଲି ନବୀନ ଚିଠିରେ ଦାବି କରିଛନ୍ତି। ଏହି ବିଫଳତା ପାଇଁ ସରକାର ଉତ୍ତର ଦାୟିତ୍ୱ ନିର୍ଦ୍ଧାରଣ କରିବା ସହିତ ପେନସନଭୋଗୀଙ୍କ ଅଧିକାର ସହ ଭବିଷ୍ୟତରେ କୌଣସି ସାଲିସ କରାଯିବ ନାହିଁ ବୋଲି ସେମାନଙ୍କୁ ଆଶ୍ୱାସନା ଦେବା ଉଚିତ୍ ବୋଲି ନବୀନ ପରାମର୍ଶ ଦେଇଛନ୍ତି।

### ଯନ୍ତ୍ରୀ ନା...

ରହିଛି। ଜୟପୁର ବାସଭବନରୁ ୫ଲକ୍ଷ ୪୮ ହଜାର ନଗଦ ଟଙ୍କା, ୯୪୦.୬୬ ଗ୍ରାମର ସୁନା ଅଳଙ୍କାର, ୨କିଲୋ ୪୯୩ ଗ୍ରାମର ରୂପା ସାମଗ୍ରୀ ଏବଂ ୬୦ ଲକ୍ଷ ୯୨ ହଜାର ୫୪୮ ଟଙ୍କାର ପୋଷ୍ଟାଲ ଜମା, ଅନ୍ୟାନ୍ୟ ଅର୍ଥ ଲଗାଣକାରୀ ସଂସ୍ଥାରେ ନିୟୋଜିତ ସ୍ଥାୟୀ ଜମାଟଙ୍କାର କାଗଜପତ୍ର, ବେନାମୀ ଭାବେ ଗୋଟିଏ ନାମୀଦାମୀ କାର ଓ ବାଇକ୍, ୫ ଲକ୍ଷ ୫୨ ହଜାର ଟଙ୍କାର ଘରୋଇ ବ୍ୟବହୃତ ସାମଗ୍ରୀ ଭିଜିଲାନ୍ସ ଚଢ଼ଉ ବେଳେ ଠାବ କରାଯାଇଛି। ଏଥିସହ ତାଙ୍କର କିଛି ସହଯୋଗୀଙ୍କ ନାମରେ ଜମି ଓ ଗାଡ଼ି ରହିଥିବା ନେଇ ଯାଞ୍ଚ କରୁଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଏହି ଚଢ଼ଉରେ ଭିଜିଲାନ୍ସ ବିଭାଗର ୭ଜଣ ଡିଏସ୍‌ପି, ୯ଜଣ ଇନ୍‌ସପେକ୍ଟର, ୧୧ ଜଣ ଏଏସ୍‌ଆଇଙ୍କ ସମେତ ବହୁ କର୍ମଚାରୀ ସାମିଲ ଥିଲେ। ଅଭିଯୁକ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ସେଠୀଙ୍କୁ ଭିଜିଲାନ୍ସ ଅଟକ ରଖି ଅଧିକ ପଚରାଉଚରା ଜାରି ରହିଥିବା ଜୟପୁର ଭିଜିଲାନ୍ସ ଏସ୍‌ପି ଏସ. ସୁଶ୍ରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଅଭିଯୁକ୍ତ ଯନ୍ତ୍ରୀ ଶ୍ରୀ ସେଠୀ ଗତ ୧୯୯୮ ମସିହାରେ କୋଲାବ ଜଳସେଚନ ବିଭାଗରେ କନିଷ୍ଠ ଯନ୍ତ୍ରୀ ଭାବେ ମାତ୍ର ୭୧୦୦ ଟଙ୍କା ମାସିକ ଦରମାରେ ଯୋଗ ଦେଇଥିଲେ। ଏହାପରେ ନବରଙ୍ଗପୁର ଜିଲ୍ଲାର ଝରିଗାଁ ଏବଂ ଚନ୍ଦାହାଣ୍ଡି ବ୍ଲକକୁ ଡେପୁଟେସନରେ କନିଷ୍ଠ ଯନ୍ତ୍ରୀ ଏବଂ ଏହାପରେ କୋରାପୁଟ ଜିଲ୍ଲା ଜୟପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାକୁ କନିଷ୍ଠ ଯନ୍ତ୍ରୀ ଭାବେ ବଦଳି ହୋଇଥିଲା। ୨୦୧୫ ମସିହାରେ ସହକାରୀ ଯନ୍ତ୍ରୀ ଭାବେ ପଦୋନ୍ନତି ଦିଆଯାଇ କୋଟପାଡ଼ ବ୍ଲକରେ ନିଯୁକ୍ତି ଦିଆଯାଇଥିଲା ଏବଂ ବୋରିଗୁମ୍ମା ବ୍ଲକ ସହକାରୀ ଯନ୍ତ୍ରୀ ଭାବେ ବଦଳି ହୋଇଥିଲେ। ଗତ ୨୦୨୫ ମସିହା ସେପ୍ଟେମ୍ବର ମାସରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ଦିଆଯାଇ କୋଟପାଡ଼ ବ୍ଲକ୍‌କୁ ପୁଣି ବଦଳି ହୋଇଥିଲା।

### କେବେ କମିବ...

ଏବେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ହ୍ରାସ ଘଟିବା ପରେ ନା ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ କି ସରକାର କାହାର ଦେଖାନାହିଁ। ଯଦି ଆମେ ହିସାବ କରିବା ଚଳିତବର୍ଷର ମାର୍ଚ୍ଚ ମଧ୍ୟଭାଗରେ ଭାରତୀୟ ବାସ୍କେଟ୍ ହିସାବରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ୍ ପିଛା ୧୪୨ ଡଲାର ଅତିକ୍ରମ କରିଥିଲା। ବର୍ତ୍ତମାନ ବ୍ରେଣ୍ଟ୍ କ୍ରୁଡ୍ ମୂଲ୍ୟ ବ୍ୟାରେଲ ପିଛା ୭୫ ଡଲାରକୁ ଖସିଆସିଲାଣି। ତେବେ ହିସାବ ଅନୁଯାୟୀ ଏହି ୩ ମାସ ମଧ୍ୟରେ ତୈଳ ମୂଲ୍ୟ ବ୍ୟାରେଲ ପିଛା ୬୭ ଡଲାର ହ୍ରାସ ଘଟିଛି। ହେଲେ ପେଟ୍ରୋଲ-ଡିଜେଲ ମୂଲ୍ୟରେ ହ୍ରାସ ହେଉନାହିଁ। ଏଥିରେ କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀଙ୍କ ବକ୍ତବ୍ୟ କଟା ଘା'ରେ ଚୂନ ମାରିବା ଭଳି ହୋଇଛି। ଶ୍ରୀ ଗୋପୀ କହିଛନ୍ତି, ବିଶ୍ୱ ସ୍ତରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସର ଅର୍ଥ ନୁହେଁ ଯେ ଭାରତରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ତୁରନ୍ତ ହ୍ରାସ ପାଇବ। ସେ ବ୍ୟାଖ୍ୟା କରିଛନ୍ତି ଯେ ଇନ୍ଧନ ମୂଲ୍ୟ ଅନେକ କାରଣ ଦ୍ୱାରା ପ୍ରଭାବିତ ହୁଏ, ଯେଉଁଥିରେ କମ୍ ମୂଲ୍ୟରେ କିଣାଯାଇଥିବା ଅଶୋଧିତ ତୈଳ ଭାରତରେ ପହଞ୍ଚିବା ପାଇଁ ସମୟ ଲାଗେ। ପରିସ୍ଥିତି ସ୍ୱାଭାବିକ ହେବାକୁ ସମୟ ଲାଗିବ। ତେଣୁ ଶସ୍ତା ଅଶୋଧିତ ତୈଳ ହର୍ମୁଜ୍ ପ୍ରଣାଳୀ ଦେଇ ଭାରତକୁ ଆଣିବାକୁ ମଧ୍ୟ ସମୟ ଦରକାର।

## ଆଜି ରାଜ୍ୟବ୍ୟାପୀ ବର୍ଷା

### କେନ୍ଦୁଝର, ମୟୂରଭଞ୍ଜ ଓ ଭଦ୍ରକରେ ପ୍ରବଳ ବର୍ଷିବ!

ଭୁବନେଶ୍ୱର,୧୯।୬(ସମିସ): ବିସ୍ତୃତ ଭାବେ ନହେଲେ ମଧ୍ୟ ଶୁକ୍ରବାର ରାଜର କେତେକ ସ୍ଥାନରେ ମୌସୁମୀ ଜନିତ ବର୍ଷା ହୋଇଛି। ଏହି ବର୍ଷା ଅମ୍ପା ୨୪ ତାରିଖ ଯାଏଁ ଲାଗି ରହିବ ବୋଲି ସୂଚନା ଦେଇଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର।

କେନ୍ଦ୍ର ପ୍ରଦତ୍ତ ସୂଚନା ଅନୁଯାୟୀ ଶନିବାର ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ରାୟଗଡା, କୋରାପୁଟ, ମାଲକାନଗିରି ଓ ଗଜପତି ଜିଲ୍ଲାରେ ୫୦ରୁ ୬୦ କିମି ବେଗରେ ପବନ ବହିବା ସହ ବର୍ଷା ସମ୍ଭାବନା ରହିଛି। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ, ଅନୁଗୋଳ, ଢେଙ୍କନାଳ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡରେ ମଧ୍ୟ ୪୦ରୁ ୫୦ କିମି ବେଗରେ ପବନ ବହିବା ସହ ସ୍ଥାନେ ସ୍ଥାନେ ବର୍ଷା ହୋଇପାରେ। ଅପରପକ୍ଷେ କେନ୍ଦୁଝର, ମୟୂରଭଞ୍ଜ ଓ ଭଦ୍ରକରେ କେତେକ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ରବିବାର ମଧ୍ୟ ୩୦ଟି ଯାକ ଜିଲ୍ଲାରେ ବର୍ଷା ସହ ପବନ ସମ୍ଭାବନା ରହିଥିବା ବେଳେ କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

## ସ୍ନାତକରେ ବଢ଼ିଲା ୧୦,୩୭୨ ସିଟ୍

ଭୁବନେଶ୍ୱର,୧୯।୬(ସମିସ): ସ୍ନାତକ ପଢ଼ିବା ପାଇଁ କିଛି ପାଠ୍ୟକ୍ରମର ଚାହିଦା ବଢୁଛି। ଅନେକ ସମୟରେ ଛାତ୍ରଛାତ୍ରୀମାନେ ନିଜର ପସନ୍ଦ ଆନୁଯାୟୀ ପାଠ୍ୟକ୍ରମ ପଢ଼ିପାରୁ ନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ନାତକ ପାଠ୍ୟକ୍ରମ ପାଇଁ ୧୦ ହଜାର ୩୭୨ଟି ଅତିରିକ୍ତ ସିଟ୍ ବୃଦ୍ଧି କରିଛନ୍ତି। ଚଳିତ ଶିକ୍ଷାବର୍ଷରୁ ଛାତ୍ରଛାତ୍ରୀମାନେ ଏହି ସିଟ୍‌ରେ ନାମଲେଖାଇ ପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ନିର୍ଦ୍ଦେଶନାମା ଜାରି କରାଯାଇଛି।

ପାଠ୍ୟକ୍ରମ ସମ୍ପର୍କରେ ବିଭାଗୀୟ ସମୀକ୍ଷା ବେଳେ ଜଣାପଡ଼ିଛି ଯେ ରାଜ୍ୟର ଅନେକ ଉଚ୍ଚ ଶିକ୍ଷାନୁଷ୍ଠାନର କେତେକ ବିଷୟରେ ନାମଲେଖା ପାଇଁ ଚାହିଦା ଅଧିକ ରହିଛି। ସେହି ତୁଳନାରେ ଅନୁମୋଦିତ ସିଟ୍ ସଂଖ୍ୟା କମ୍ ରହିଥିଲା। ଏହାକୁ ବିଚାର କରିବା ପରେ ନିର୍ଦ୍ଦିଷ୍ଟ ବିଷୟରେ ସିଟ୍ ସଂଖ୍ୟା ବୃଦ୍ଧି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ନୂତନ ନିଷ୍ପତ୍ତି ଅନୁସାରେ ବିଶ୍ୱବିଦ୍ୟାଳୟ ପାଇଁ ୧,୨୧୬ଟି ସିଟ୍ ବୃଦ୍ଧି ହୋଇଥିବାବେଳେ ସରକାରୀ ମହାବିଦ୍ୟାଳୟ ପାଇଁ ୪,୬୮୪, ୪୮୮ ବର୍ଗ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ପାଇଁ ୩,୪୧୬ଟି ଏବଂ ୬୬୨ ବର୍ଗ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ପାଇଁ ୧,୦୫୬ଟି ସିଟ୍ ବୃଦ୍ଧି କରାଯାଇଛି। ଏସବୁ ବର୍ଦ୍ଧିତ ସିଟ୍ ସାମ୍ସ ପୋର୍ଟାଲରେ ଉପଲବ୍ଧ ହୋଇଥିବା ମଧ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।


**Office of CSO-cum-District Manager** 7001/42/2627

**Odisha State Civil Supplies Corporation Ltd., Deogarh (District)**

Phone No. **9438200038**

District website: **https://deogarh.odisha.gov.in**

**Tender No. 1607, 1608, 1609, 1610, 1611 Dt. 18.06.2026**

District Manager, OSCSC Ltd., Deogarh invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the work | Selection and appointment of Transport for transportation of paddy from PPCs to Rice Mills & CMR from Mill to depot for the KMS 2025-26 |
| 2 | Availability of bid documents in the portal | From date 18.06.2026 at 5 P.M. |
| 3 | Last date / time for receipt of bids in the portal | On dt. 09.07.2026 at 5 P.M. |
| 4 | Date & time for opening of Technical Bid | On dt. 10.07.2026 at 11 A.M. |
| 5 | Name and address of the Officer Inviting Tender | District Manager, OSCSC Ltd., Deogarh (District) |

The Tender documents & other details can be seen from the e-procurement portal **www.oscsc.in**, **www.foododisha.in** & **www.tendersodisha.gov.in** along with district website.

Amendments / Corrigendum / Cancellation / Re-tenders etc. if any shall be published only in above websites.

CSO-cum-District Manager
OSCSC Ltd., Deogarh.

OIPR-7001/7021/1/26-27/0002



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ** 13001/922/2627

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୧୨୬୩୨/ ଭୁ.ଉ.କ., ଭୁବନେଶ୍ୱର GNB-B-55/81 — **ସୂଚନା** — ତା. ୦୯.୦୬.୨୦୨୬ରିଖ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଗୋଡ଼ା ଗୋପୀନାଥ ପ୍ରସାଦ ଆପାର୍ଟମେଣ୍ଟ ହାଉସିଂ ସ୍କିମ୍, ଗୋଡ଼ା ଗୋପୀନାଥ ପ୍ରସାଦ, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ" MB-41 କୁ ଶ୍ରୀ ବିଶ୍ୱନାଥ ସାହୁ, ପିତା-ସ୍ୱର୍ଗତ ମହେନ୍ଦ୍ରନାଥ ସାହୁ, ଗ୍ରାମ - ଚାଉଳିଆ ସାହି, ପୋ-ମୋତିଗଞ୍ଜ, ଥାନା- ବାଲେଶ୍ୱର, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଅଛି। ବର୍ତ୍ତମାନ ଆବଣ୍ଟନ ଗ୍ରାହୀ ଶ୍ରୀ ବିଶ୍ୱନାଥ ସାହୁ ଉକ୍ତ ଗୃହକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ମାନସୀ ସାହୁ, ସ୍ୱାମୀ-ଅଶୋକ କୁମାର ସାହୁ, ଗ୍ରାମ/ ପୋଷ୍ଟ- ଦୁର୍ଗାବଜାର, ୱାର୍ଡ ନଂ.-୫, ଢେଙ୍କାନାଳ, ଥାନା- ଢେଙ୍କାନାଳ, ଜିଲ୍ଲା- ଢେଙ୍କାନାଳ, ପିନ୍-୭୫୯୦୦୧ ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି ବା ଆପତ୍ତି ଥାଏ, ତାହାହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଫ୍ଲାଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

OIPR-13001/13033/1/26-27/0062



**GOVERNMENT OF ODISHA** 25001/439/2627

**OFFICE OF THE EXECUTIVE ENGINEER**

**RURAL WORKS DIVISION-II, SUNDARGARH**

Lt. No. **4389** / Dt. **18.06.26**

**1st Corrigendum to Bid Identification No. Online-EERKL-10/2026-27**

Due to some unavoidable circumstances in respect of the tender for Building Works invited in Tender Call Notice Bid Identification No. **Online-EERKL-10/2026-27** by the Executive Engineer, Rural Works Division-II, Sundargarh, the date of online bidding and opening of the date which was scheduled to be uploaded from **17.06.2026 to 25.06.2026** is hereby extended as follows.

| Availability of Tender online for bidding | | Last date & time of seeking tender clarification | Date & time of opening of tender (Technical Bid) |
|---|---|---|---|
| From | To | | Online-EERKL-10/2026-27 |
| 23.06.2026 at 11.00 A.M. | 03.07.2026 up to 5.00 P.M. | **02.07.2026 up to 5.00 P.M.** | **06.07.2026 at 11.00 A.M.** |

Executive Engineer
R.W. Division-II, Sundargarh

OIPR-25001/25193/1/26-27/0017



**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. **eT-M-KUR-EnHM-DRM-328-26**

**କାର୍ଯ୍ୟର ନାମ :** ତିନି ବର୍ଷ ଅବଧି ନିମନ୍ତେ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ ଭବନ ଏବଂ ଆନୁଷଙ୍ଗିକ କାର୍ଯ୍ୟାଳୟ ଭବନ ପରିସରର ଯନ୍ତ୍ରୀକୃତ ସଫେଇ ଏବଂ ପରିମଳ ବ୍ୟବସ୍ଥା (**Sanitation**) କରିବା।

**ବିଜ୍ଞାପିତ ମୂଲ୍ୟ :** ₹ **3,64,42,957.86**, EMD : ₹ **3,32,200/-**, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ **11,800/-**, ଶେଷ ହେବା ଅବଧି : **36** ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.**18.06.2026**ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.**02.07.2026** ରିଖ **1530** ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର **www.ireps.gov.in**ରେ ଉପଲବ୍ଧ ଅଟେ।

ସିନିୟର ଡିଭିଜନାଲ୍ ମେକାନିକାଲ୍ ଇଞ୍ଜିନିୟର / ଖୋର୍ଦ୍ଧା ରୋଡ୍

PR-252/R/26-27



**Notice (for Minor)**

By virtue of an affidavit sworn before the Executive Magistrate, Rairakhol, dated 18.06.2026, I, Anjali Sahoo, Wife of Sasa Sahoo, At- Maulabhania, P.O.- Luhapank, P.S.- Rairakhol, Dist.- Sambalpur, Odisha, Pin-768106, declare that I have changed the name of my son from Sesha Sahoo to Suman Sahoo. Henceforth he shall be known as **Suman Sahoo** for all purposes.

**Anjali Sahoo**



**AFFIDAVIT**

I, Muskan Khatun D/o- SK Kasim, resident of Mirzapur, Po/Ps- Puranabazar, Dist- Bhadrak, Pin- 756100, Odisha declared by this affidavit No. 7249, dtd- 18/06/2026 that now I shall be known as **MUSKAN KHATUN** for all future purpose.



**AFFIDAVIT**

By virtue of an affidavit dtd- 18/06/2026 sworn before the Notary Public, Bhubaneswar. I, **Sasmita Behera** (new name), W/o- Manoj Kumar Behera, resident of Flat No. 201, Good Will Residency, Block-B, Jail Road, Jharpada, PO: Budheswari, PS: Laxmisagar, Bhubaneswar-6, Dist- Khurda, Odisha declare that I have changed my name from **Susmita Behera** (old name) to **Sasmita Behera** (new name). Henceforth, I shall be known as **Sasmita Behera** (new name) for all purposes.

**Sasmita Behera**



**AFFIDAVIT**

I, Chitta Ranajan Pradhan, aged about 45 years, S/o- Kumuda Chandra Pradhan, resident of At- Plot No. N/6-228, IRC Village, Jayadev Vihar, Nayapalli, Bhubaneswar, Dist- Khordha, Odisha, PIN-751015 declared by this affidavit No. 1271, dtd- 19/06/2026 that now onwards I shall be known as **CHITTARANJAN PRADHAN** for all future purposes.



**AFFIDAVIT**

By virtue of an affidavit (CF No.10, dtd- 19/06/2026) sworn before The Executive Magistrate, Bhubaneswar. I, **Yadham Ishwar Rao** (new name), S/o Y. Jaga Rao, permanent resident of QR-VA-19/1, Unit-2, Ashok Nagar, Bhubaneswar, Dist- Khordha, PIN-751009, Odisha declare that I have changed my name from **Y. Eswar Rao** (old name) to **Yadham Ishwar Rao** (new name). Henceforth, I shall be known as **Yadham Ishwar Rao** (new name) for all purposes.

**Yadham Ishwar Rao**



**AFFIDAVIT**

By virtue of an affidavit (CF No. 97, dtd- 18/06/2026) sworn before The Executive Magistrate, Bhubaneswar. I, **Dharmananda Majhi** (applicant name), S/o Braja Kishor Majhi, resident of At/Po- Golapokhari, Ps- Fhategada, Dist- Nayagarh, Odisha, PIN-752063 declare that I have changed my minor daughter's name from **Stiti** (old name) to **Stitiprangya Majhi** (new name). Henceforth, she shall be known as **Stitiprangya Majhi** (new name) for all purposes.

**Dharmananda Majhi**



**NOTICE**

By virtue of an affidavit sworn before Executive Magistrate, Kantamal, dated 24/04/2026 I, Suresh Karna, Address At- Khaliamunda, Po-Gudvelipadar, Ps-Manamunda, Dist- Boudh, Odisha,Pin - 762016 declare that I have changed the name of my son from Sundhp Karna to Sandeep Karna. Henceforth, he shall be known as **Sandeep Karna** for all purposes.

**Suresh Karna**



**AFFIDAVIT**

By virtue of an affidavit vide no.55 dated 04.06.2026, I, Sri Manoj Kumar Pradhan, S/o- Pyarilal Pradhan, R/o- Vill.- Ghuchapali, Po.- Bhandarpuri, Ps.- Jharbandh, Dist.- Bargarh state that, my son's actual name and date of birth **YASH PRADHAN, DOB- 17.01.2015.** But in his Aadhar Card in his name has been wrongly mentioned as Yoshabant Pradhan. That, **Yash Pradhan** and **Yoshabant Pradhan** is one and same person.



**AFFIDAVIT**

ମୁଁ ପାୟଲ ଦାସ, ବୟସ ୧୯ବର୍ଷ, ପିତା- ପ୍ରଦୀପ ଦାସ, ଗ୍ରାମ- ଗଜଗିରି, ପୋ- ବାଲିଗାଁ, ଥାନା- ଚାନ୍ଦବାଲି, ଜିଲ୍ଲା- ଭଦ୍ରକ, ଏହିକି **PAN** କାର୍ଡ ଓ ଆଧାର କାର୍ଡରେ ମୋର ନାମ ପାୟଲ ଦାସ ଉଲ୍ଲେଖ ଥାଇ ସୁକନ୍ୟା ସମୃଦ୍ଧି ଯୋଜନା ସ୍କିମ ଖାତା ନଂ- **2630886** ରେ ମୋର ନାମ ପାୟଲ ଦାସ ପରିବର୍ତ୍ତେ ରତିରାଣି ଦାସ ବୋଲି ଉଲ୍ଲେଖ ଅଛି। ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଚାନ୍ଦବାଲିଙ୍କ ନିକଟରେ ଏଫିଡେଭିଟ୍ ନଂ- **1192**, ତା- **12/05/2026** ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ରରେ ପାୟଲ ଦାସ, ପିତା- ପ୍ରଦୀପ ଦାସ, ନାମରେ ପରିଚିତ ହେବି।



**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF No. 42, dated: 09.06.2026, I, **Sanjukta Pattanayak** (new name), W/o- Maheswar Pattanayak, resident of At- Kalinga Basti, Badagada BRIT Colony, Po- Badagada BRIT Colony, Ps- Badagada, Bhubaneswar, Dist- Khordha, Pin- 751018, Odisha, declare that I have changed my name from **Manjukta Pattnayak** (old name) to **Sanjukta Pattanayak** (new name). Henceforth, I shall be known as **Sanjukta Pattanayak** (new name) for all purposes.

**Sanjukta Pattanayak**



**OFFICE OF THE PRINCIPAL**

**DADHIBAMAN HIGHER SECONDARY SCHOOL, TURUMUNGA**

AT/PO-TURUMUNGA, DIST-KEONJHAR, PIN-758046

Ph: 9439512818, 7854867774, e-mail: dadhibamantmgs@gmail.com

Advt. No-01/26 Date-18.06.2026

**A Walk-in-interview for Engagement of Guest Faculties**

A Walk-in-interview will be held for the post of Guest Faculties in subjects **Economics, English, Chemistry, Physics and Laboratory Attendant in Physics** on engagement basis. Candidates who have secured minimum 55% marks in PG for lecturer and 10th pass with PGDCA (for Lab. Attd.) must come with all original certificates (both original and Xerox) on **26.06.2026 at 10.00 A.M.**

**Contact No.- 9439512818, 7854867774**

Sd/- Principal
D.B. Higher Secondary School
Turumunga, Keonjhar



**OFFICE OF THE TAHASILDAR, GUNUPUR**

File No : TAHGUNUPUR-DEB-0002/2026 No.2263, Dated:19.06.2026

**TENDER CALL NOTICE**

Sealed Quotation/Tenders are invited from the interested reputed Agencies / Tours Operators of Private individuals for staging of Mina Bazar and join ride items except Mout Ka Kua at Mina Bazaar Rath Yatra for the year 2026. The sealed quotation should be submitted with the following documents i.e. registration certificate, Clerance of GST, Identity proof, PAN Card, Adhar Card along with Bid Security of **Rs 20,000/- (Twenty Thousand)** refundable in shape of Demand Draft in favour of **Tahasildar, Gunupur** and offset Bid price **Rs.20,00,000/- (Twenty Lakhs)** only. The tender must be delivered at the specified address as per the bedder data sheet by speed post/ Registered post only.

The Quotation completed in all respect should reach the undersigned on or before **02.07.2026 by 1.00 P.M** and shall be opened on the same day at **4.00 P.M** in the Chamber of **Tahasildar-Cum- Executive Officer, Endowment, Gunupur** in presence of the bidders or their authorized representatives. The successful bidder must submit / obtain a No Objection Certificate from **Municipality, Sub-Divisional Officer (Elect), GESD, TPSODL, Gunupur and Fire Officer, Gunupur** within **7 days** from the date of receipt of intimation from this office.

Any other details and particulars if required can be obtained from the office of the **Tahasildar, Gunupur.**

Sd/- Tahasildar-Cum-Executive Officer
Endowment, Gunupur.



**GOVERNMENT OF ODISHA** 32001/415/2627

**DEPARTMENT OF WATER RESOURCES**

**OFFICE OF THE SUPERINTENDING ENGINEER**

**RENGALI RIGHT CANAL DIVISION NO. II, DHENKANAL, PIN-759001**

**Email ID – eerrrc2dkl@gmail.com**

**INVITATION FOR BIDS**

**e-Procurement Notice No. SERRCD-II-01/2026-27 dated 17.06.2026**

| | | |
|---|---|---|
| 1 | Name of the work | Civil work (building) |
| 2 | Tender Amount | Rs. 34.037 Lakhs |
| 3 | Class of contractor | C & B |
| 4 | Tender Paper Cost | Rs. 6000/- |
| 5 | E.M.D. Required | Rs. 34,100/- |
| 6 | Period of completion | Nine calendar months |
| 7 | Availability of Tender Online for bidding | 22.06.2026 at 10.00 hrs to 03.07.2026 up to 17.30 hrs |
| 8 | Date & time of opening of Tender | 04.07.2026 at 11.00 hrs |
| 9 | Name and address of the Officer inviting Bid | Superintending Engineer, Rengali Right Canal Division No. II, Mahisapat, Dhenkanal |

Further details can be seen from the Govt. website **www.tendersodisha.gov.in**

All corrigendum/cancellation of tender, if any, will be uploaded in the above website.

Superintending Engineer
Rengali Right Canal Division No. II
Dhenkanal

OIPR-32001/32084/1/26-27/0001

# ଜାତୀୟ ରାଜପଥରେ ପୁଲିସର ବଟି ଆଦାୟ ଅଭିଯୋଗ

ବାଲେଶ୍ୱର, ୧୯।୬ (ରୁଚିକ ରଞ୍ଜନ ମହାପାତ୍ର)

ଜାତୀୟ ରାଜପଥରେ ଦୁର୍ଘଟଣା ରୋକିବା, ଯାତ୍ରୀଙ୍କ ଜୀବନ ରକ୍ଷା କରିବା ଏବଂ ଶାନ୍ତିଶୃଙ୍ଖଳା ରଖିବା ପାଇଁ ସରକାର ପୁଲିସ ବାହିନୀକୁ ନିୟୋଜିତ କରିଛନ୍ତି। କିନ୍ତୁ ଯଦି ସେହି ପୁଲିସ ବାହିନୀର କେତେକ କର୍ମଚାରୀ ନିଜ ସ୍ୱାର୍ଥ ଓ ବଟି ଆଦାୟ ପାଇଁ ଜାତୀୟ ରାଜପଥକୁ ମୃତ୍ୟୁର କରିଡରରେ ପରିଣତ କରନ୍ତି, ତେବେ ସାଧାରଣ ଲୋକ ନ୍ୟାୟ ଓ ସୁରକ୍ଷା ପାଇଁ କାହା ଉପରେ ଭରସା କରିବେ ? ଏହି ପ୍ରଶ୍ନ ଏବେ ବାଲେଶ୍ୱର ଜିଲ୍ଲାରେ ଜୋରଦାର ଭାବେ ଉଠିଛି। ଜାତୀୟ ରାଜପଥରେ କୁକୁଡ଼ା, ଛେଳି, ମେଣ୍ଢା, ଯାଆଁଳ ଏବଂ ବାଉଁଶ ବୋଝେଇ ଗାଡ଼ି ଗୁଡ଼ିକୁ ଅଟକାଇ ଅବୈଧ ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗ ନୂଆ ନୁହେଁ, କିନ୍ତୁ ଏବେ ଯେଉଁ ଭିଡିଓ ସାମ୍ନାକୁ ଆସିଛି, ତାହା କେବଳ ଦୁର୍ନୀତିର ଅଭିଯୋଗ ନୁହେଁ, ବରଂ ଜନସାଧାରଣଙ୍କ ଜୀବନ ପ୍ରତି ବିପଜ୍ଜନକ ଅବହେଳାର ଏକ ସଙ୍କେତ ବୋଲି ଚର୍ଚ୍ଚା ହେଉଛି।

ଅଭିଯୋଗ ଅନୁସାରେ, ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ ରେମୁଣା ଗୋଲେଇ ଫାଣ୍ଡି ସମ୍ମୁଖ ଜାତୀୟ ରାଜପଥରେ ୧୭ ତାରିଖ ରାତି ପ୍ରାୟ ୧୦ଟା ସମୟରେ ଦୁଇଜଣ ପୁଲିସ କର୍ମଚାରୀ ଟର୍ଚ୍ଚ ଲାଇଟ ମାରି କୁକୁଡ଼ା ବୋଝେଇ ଗାଡ଼ିଗୁଡ଼ିକୁ ଅଟକାଉଥିଲେ। ରାତିର ଅନ୍ଧକାରରେ ହଠାତ୍ ଚାଳକଙ୍କ ଆଖିକୁ ତୀବ୍ର ଆଲୋକ ପକାଇ ଗାଡ଼ି ଅଟକାଇବା କେତେ ଭୟଙ୍କର ପରିଣାମ ଆଣିପାରେ, ତାହା ସଡ଼କ ସୁରକ୍ଷା ବିଶେଷଜ୍ଞମାନେ ବାରମ୍ବାର ସତର୍କ କରିଆସିଛନ୍ତି। ଜାତୀୟ ରାଜପଥରେ ଘଣ୍ଟା ପ୍ରତି ୬୦ରୁ ୮୦ କିଲୋମିଟର ବେଗରେ ଯାଉଥିବା ଗାଡ଼ି ହଠାତ୍ ଅଟକିଲେ କିମ୍ବା ଆଗରେ ଥିବା ଯାନକୁ ଅଟକାଇ ଦିଆଗଲେ, ପଛରୁ ଆସୁଥିବା ଗାଡ଼ି ପାଇଁ

**ଘଟଣାର ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ: ବାଲେଶ୍ୱର ଏସ୍‌ପି**

ଦୁର୍ଘଟଣା ପ୍ରାୟ ଅନିବାର୍ଯ୍ୟ ହୋଇପଡ଼େ। ତଥାପି ଏଭଳି କାର୍ଯ୍ୟ ଚାଲିଥିବା ଅଭିଯୋଗ ଲୋକଙ୍କ ମନରେ ଭୟ ସୃଷ୍ଟି କରିଛି। ସବୁଠାରୁ ଚିନ୍ତାଜନକ କଥା ହେଉଛି, ଏହା ପୂର୍ବରୁ ଭଦ୍ରକ ଜିଲ୍ଲାର ମଇତାପୁର ନିକଟରେ ସମାନ ଘଟଣା ଘଟିଥିଲା। ଏକ କୁକୁଡ଼ା ବୋଝେଇ ଗାଡ଼ିକୁ ହାଇୱେ ପାଟ୍ରୋଲିଂ ପୁଲିସ ପିଛା କରି ହଠାତ୍ ଅଟକାଇବା ଫଳରେ ପଛରୁ ଆସୁଥିବା ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେହି କାରରେ ନିଜ ମାଆଙ୍କ ଶେଷକୃତ୍ୟ ପାଇଁ ଯାଉଥିବା ବାହାନଗା ବ୍ଲକ ପଥରପେଣ୍ଠ ଅଞ୍ଚଳର ଜଣେ ଯୁବକ ଗୁରୁତର ଆହତ ହୋଇଥିଲେ, ଗୁରୁତର ଆହତ ଯୁବକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିଲେ, ଦୁର୍ଘଟଣାଗ୍ରସ୍ତ ଡ୍ରାଇଭର ଗୁରୁତର ଯୁବକଙ୍କୁ ମେଡ଼ିକାଲ ନେବାକୁ ପୁଲିସକୁ ନେହୁରା ହେଉଥିଲେ ସୁଦ୍ଧା ପୋଲିସ ଓଲଟି ଧମକ ଦେଇଥିଲା। ଘଟଣାର ଭିଡିଓ ଭାଇରାଲ ହେବା ପରେ ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପୋଲିସର କାର୍ଯ୍ୟଶୈଳୀକୁ ନେଇ ସାଧାରଣ ଲୋକ, ସାମାଜିକ ସଂଗଠନ ଓ ବିଭିନ୍ନ ମହଲରୁ ପ୍ରଶ୍ନ ଉଠିଥିଲା। ଏପରିକି ପୂର୍ବାଞ୍ଚଳ ଆଇଜି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଥିଲା। କିନ୍ତୁ ସେହି ଘଟଣାର ଗୁରୁତ୍ୱକୁ ଅନୁଭବ ନକରି ପୁଣି ସମାନ ଅଭିଯୋଗ ବାଲେଶ୍ୱରରୁ ସାମ୍ନାକୁ ଆସିବା ପୋଲିସ ବିଭାଗର ଆଭ୍ୟନ୍ତରୀଣ ଶୃଙ୍ଖଳା ଓ ନିରୀକ୍ଷଣ ବ୍ୟବସ୍ଥାକୁ କାଠଗଡ଼ାରେ ଠିଆ କରିଛି। ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି ଯେ, କୁକୁଡ଼ା ବୋଝେଇ ଗାଡ଼ିଗୁଡ଼ିକ ସହଜ ଟାର୍ଗେଟ ହୋଇଥିବାରୁ ସେଗୁଡ଼ିକୁ ଅଟକାଇ ଅର୍ଥ ଆଦାୟ କରାଯାଉଛି। ଯଦି ଏହି ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ, ତେବେ ମାତ୍ର ଶହେ କିମ୍ବା ଦୁଇଶହ ଟଙ୍କା ପାଇଁ ଜାତୀୟ ରାଜପଥରେ ନିରୀହ ଲୋକଙ୍କ ଜୀବନ ସହ ଖେଳ ଚାଲିଥିବା କଥା ସ୍ପଷ୍ଟ ହୋଇଯିବ। ଏହା କେବଳ ଦୁର୍ନୀତିର ପ୍ରସଙ୍ଗ ନୁହେଁ, ବରଂ ଜନସୁରକ୍ଷା ବିରୋଧରେ ଏକ ଗୁରୁତର ପ୍ରଶ୍ନ। ଏବେ ଭାଇରାଲ ଭିଡିଓର ସତ୍ୟତାକୁ ନେଇ ଉଚ୍ଚସ୍ତରୀୟ ଓ ନିରପେକ୍ଷ ତଦନ୍ତ କରାଯାଉ। ଯଦି କୌଣସି ପୁଲିସ କର୍ମଚାରୀ ସତରେ ଅବୈଧ ଆଦାୟ କିମ୍ବା ବିପଜ୍ଜନକ ଭାବରେ ଯାନ ଅଟକାଇବା ଭଳି କାର୍ଯ୍ୟରେ ସମ୍ପୃକ୍ତ ଥାନ୍ତି, ତେବେ ସେମାନଙ୍କ ବିରୋଧରେ କେବଳ ବିଭାଗୀୟ ନୁହେଁ, ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ହେବା ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି। କାରଣ ଜାତୀୟ ରାଜପଥରେ ପୋଲିସର ଗୋଟିଏ ଭୁଲ ପଦକ୍ଷେପ ଗୋଟିଏ ପରିବାରର ଭବିଷ୍ୟତକୁ ଚିରଦିନ ପାଇଁ ଧ୍ୱଂସ କରିପାରେ। ଆଉ ଯେତେବେଳେ ସେହି ବିପଦର ଅଭିଯୋଗ ଖୋଦ୍ ସୁରକ୍ଷା ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ଉପରେ ଉଠେ, ସେତେବେଳେ ତାହା କେବଳ ଗୋଟିଏ ଖବର ନୁହେଁ, ବରଂ ସମଗ୍ର ବ୍ୟବସ୍ଥା ପାଇଁ ଏକ ଚେତାବନୀ ହୋଇଯାଏ। ଏ ନେଇ ଶିଳ୍ପାଞ୍ଚଳ ଥାନା ଆଇଆଇସି ରୋହିତ କୁମାର ବଳଙ୍କୁ ଯୋଗାଯୋଗ କରିବାରୁ ସେ ଛୁଟିରେ ଥିବାର ପ୍ରକାଶ କରିବା ସହ ଭାଇରାଲ ଭିଡ଼ିଓ ପାଇଛୁ, ଏ ଦିଗରେ ତଦନ୍ତ କରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବାଲେଶ୍ୱର ଏସପିଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି, ଭାଇରାଲ ଭିଡିଓ ଏବଂ ଘଟଣା ସମ୍ପର୍କରେ ମୋ ଦୃଷ୍ଟିକୁ ଆସିଛି। ଘଟଣାର ତଦନ୍ତ କରାଯାଇ ସମ୍ପୂର୍ଣ୍ଣ ସତ୍ୟାସତ୍ୟ ଯାଞ୍ଚ କରାଯିବ। ତଦନ୍ତରେ କୌଣସି ପୋଲିସ କର୍ମଚାରୀଙ୍କ ସମ୍ପୃକ୍ତି କିମ୍ବା ଅନିୟମିତତା ପ୍ରମାଣିତ ହେଲେ ସେମାନଙ୍କ ବିରୋଧରେ ଦୃଢ଼ ଓ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଓଡ଼ିଶା ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ବ୍ଲକସ୍ତରୀୟ ସମ୍ମିଳନୀ



ଜଳେଶ୍ୱର,୧୯।୬ (ସମିସ) : ଓଡ଼ିଶା ସରକାରଙ୍କ ୨ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଓ ବିକାଶ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇବା ଲାଗି ଜଳେଶ୍ୱର ପଞ୍ଚାୟତ ସମିତି ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ବ୍ଲକ ପରିସରରେ ଆୟୋଜିତ ସଭାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରାଙ୍ଗ ଚରଣ ଘୋଷ ସଭାପତି କରି ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହିତ ସଫଳ ରୂପାୟନ ଲାଗି ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ଭାବେ ସାଂସଦ ପ୍ରତିନିଧି ତଥା ବିଜେପି ନେତା ବ୍ରଜମୋହନ ପ୍ରଧାନ ଯୋଗଦେଇ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରି 'ବିକାଶର ଧାରା ଓଡ଼ିଶା ସାରା' ସ୍ଲୋଗାନ ଦେଇଥିଲେ। ହାତିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ଭୀଷ୍ମ ପରିଡ଼ା, ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ଡ଼ା ଶିଶିର କୁମାର ଲେଙ୍କା, ବିଦ୍ୟୁତ୍ ବିଭାଗ ଏସଡିଓ ବିଦ୍ୟାଧର ପଣ୍ଡା, ବ୍ଲକ ସହକାରୀ ଯନ୍ତ୍ରୀ ସନ୍ଧ୍ୟା ରାଣୀ ପାତ୍ର, କୃଷି ଅଧିକାରୀ ପଦ୍ମଲୋଚନ ବାରିକ୍, ଏବିଇଓ ସୁଶାନ୍ତ କୁମାର ଜେନା, ଯୋଗାଣ ଅଧିକାରୀ ଅବନ୍ତିକା ସାହୁ ପ୍ରମୁଖ ଉପସ୍ଥିତ ହୋଇ ନିଜ ନିଜ ବିଭାଗର ସରକାରୀ ଯୋଜନା ଓ ରହିତ ସୁବିଧା ସୁଯୋଗ ସମ୍ପର୍କରେ ଅବଗତ କରାଇଥିଲେ। ଏବିଡିଓ ସୁଧିର କୁମାର ସାହୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଅତିଥି ଗଣ ବିଭିନ୍ନ ଷ୍ଟଲ୍ ବୁଲି ଦେଖିଥିଲେ।

## 'ବିକାଶର ଧାରା ଓଡ଼ିଶା ସାରା'ର ସ୍ୱତନ୍ତ୍ର ଉତ୍ସବ



କାଳିପଦା, ୧୯।୬ (ସମିସ): ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନ ସାଢେ ଦଶଟା ସମୟରେ ଓଡ଼ିଶା ସରାକରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ "ବିକାଶର ଧାରା ଓଡ଼ଶା ସାରା'ର ଏକ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଲିଆପାଳ ବିଡ଼ିଓ ରାଧାରଞ୍ଜନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନୀତ ଅତିଥି ଭାବରେ ଓଡ଼ିଶା ସରକାରଙ୍କ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଖଗେନ୍ଦ୍ର ନାଥ ଜେନା, ଏମ୍‌ପିଙ୍କ ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ, କୃଷ୍ଣ ଚନ୍ଦ୍ର ପିଲିଲି ମହାବିଦ୍ୟାଳୟର ତର୍କଶାସ୍ତ୍ର ଓ ଫିଲୋସଫି ବିଭଗର ଅଧ୍ୟାପକ ଅଭିଳାଷ ବେହେରା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବାଲିଆପାଳ ବ୍ଲକରେ ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ଏସ ସି ବର୍ଗରେ ସର୍ବୋଚ ନମ୍ବର ରଖିଥିବା ରାମ ପ୍ରାସାଦ ନୋଡାଲ ହାଇସ୍କୁଲର ଜୟନ୍ତ ଜେନା, ଶ୍ରୀହରି ଚରଣ ହାଇସ୍କୁଲ ଦେଭୋଗର ସନ୍ଦିପ୍ତା ନାୟକ ଓ ରୁଦ୍ରପ୍ରତାପ ମାହାନାଙ୍କ ସହିତ ବିଭିନ୍ନ ସମୟରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଯୋଜନାକୁ ଠିକ ସମୟରେ ଲୋକଙ୍କ ପାଖରେ ପହଞ୍ଚାଇଥିବା ବାଲିଆପାଳ ସରପଞ୍ଚ ବନଲତା ଦାସ, ମଧୁପୁରା ସରପଞ୍ଚ ଗୀତାରାଣୀ ମାହାନ, ଜାମକୁଣ୍ଡା ସରପଞ୍ଚ କାଞ୍ଚନବାଳା ମହାନା, ବିଷ୍ଣୁପୁର ସରପଞ୍ଚ ମହେଶ୍ୱର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଲିଆପାଳ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଉଦିତ କୁମାର ମାହାପାତ୍ର ଅତିଥି ମାନଙ୍କୁ ମଞ୍ଚକୁ ଆହ୍ୱାନ କରିବା ସହିତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିପିଡିଓ ପ୍ରିୟବ୍ରତ ଗିରିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଡିଓ ଶରତ ଚନ୍ଦ୍ର ମୁଦୁଲି, ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ପ୍ରୀତମ କୁମାର ସାହୁ, ସହକାରୀ ଯନ୍ତ୍ରୀ ଅମିତ କୁମାର ମୁର୍ମୁ, ଯୋଗାଣ ଅଧିକାରୀ ବିଷ୍ଣୁପ୍ରାସାଦ ମହାରଣାଙ୍କ ସହିତ ବାଲିଆପାଳ ବ୍ଲକର ବିଭିନ୍ନ ବିଭାଗର ସମସ୍ତ କର୍ମଚାରୀ, ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ।

## ନିଖୋଜ ଯୁବକର ମୃତଦେହ ପୋଖରୀରୁ ଉଦ୍ଧାର

ଜଳେଶ୍ୱର, ୧୯।୬ (ସମିସ): ନିଖୋଜ ଯୁବକର ମୃତଦେହ ପୋଖରୀରୁ ଉଦ୍ଧାର ହୋଇଛି। ଜଳେଶ୍ୱର ପୌରାଂଚଳର ୪ନଂ ୱାର୍ଡର ବାସିନ୍ଦା କିଂକା ଟୁଡୁ ନାମକ ଯୁବକ ଗତ ୩ ଦିନ ତଳେ ଜଳେଶ୍ୱର ଥାନା ପଛ ପଟରେ ଥିବା ହାଟ ପୋଖରୀକୁ ବୁଡ଼ ମାରିବା ପାଇଁ ଯାଇଥିବା ବେଳେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ମଧ ଯୁବକ ମିଳି ନ ଥିଲେ। ମାତ୍ର ଆଜି ସକାଳେ ଉକ୍ତ ପୋଖରୀରେ ତାଙ୍କର ମୃତ ଦେହ ଭାସୁଥିବାର ଦେଖି ସ୍ଥାନୀୟ ଲୋକେ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ତଥା ଜଳେଶ୍ୱର ପୋଲିସ ଆସି ମୃତ ହେଦକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏଥିନେଇ ମୃତ କିଂକା ଟୁଡୁଙ୍କ ସ୍ତ୍ରୀ ମାଳତୀ ଟୁଡୁ ଜଳେଶ୍ୱର ଥାନାରେ ଏକ ଏତଲା ଦାଏର କରିଛନ୍ତି। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରୁଛି।

## ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ପୂର୍ବପ୍ରସ୍ତୁତି ସମ୍ପର୍କିତ ମକ୍‌ଡ୍ରିଲ

ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର,୧୯।୬ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ଥିବା ବିଭିନ୍ନ ବାତ୍ୟା ଓ ବନ୍ୟା ଆଶ୍ରୟ ସ୍ଥଳୀ ଗୁଡ଼ିକରେ ଆଜି ବିପର୍ଯ୍ୟୟ ପରିଚାଳନା ଓ ପୂର୍ବ ପ୍ରସ୍ତୁତି ସମ୍ପର୍କିତ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ତରଫରୁ ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତି ରୋକିବା ତଥା ଧନ ଜୀବନ ସୁରକ୍ଷା ପାଇଁ ସମୁଦ୍ର ଉପକୂଳବର୍ତ୍ତୀ ଜିଲ୍ଲା ତଥା ବନ୍ୟା ପ୍ରବଣ ଜିଲ୍ଲା ଗୁଡ଼ିକରେ ବାତ୍ୟା ଓ ବନ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ ହୋଇଛି। ବିପର୍ଯ୍ୟୟ ପରିଚାଳନା ତଥା ଏହାକୁ ମୁକାବିଲା କରିବା ପାଇଁ ପୂର୍ବପ୍ରସ୍ତୁତି ପାଇଁ ସମସ୍ତ ଆଶ୍ରୟ ସ୍ଥଳୀ ସ୍ତରରେ ସ୍ୱେଚ୍ଛାସେବୀଙ୍କୁ ବିଭିନ୍ନ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। ସାଧାରଣତଃ ଜୁନ ମାସ ୧୫ତାରିଖରୁ ଅକ୍ଟୋବର ମାସ ମାସ ପର୍ଯ୍ୟନ୍ତ ବିପର୍ଯ୍ୟୟ ଋତୁ ଭାବେ ବିଚାର କରାଯାଉ ଥିବାରୁ ରାଜ୍ୟର ସମସ୍ତ ଆଶ୍ରୟସ୍ଥଳୀଗୁଡ଼ିକୁ କାର୍ଯ୍ୟକ୍ଷମ କରାଯିବା ତଥା ଏହାର ସୁପରିଚାଳନା କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁନ୧୯ ତାରିଖରେ ଆଶ୍ରୟ ସ୍ଥଳ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ତଥା ଟାସ୍କ ଫୋର୍ସ ର ସମସ୍ତ ସ୍ୱେଚ୍ଛାସେବୀ ମାନଙ୍କ



ଦ୍ୱାରା ସାମୁହିକ ଅଭ୍ୟାସ ହୋଇଥାଏ। ଏହି କ୍ରମରେ ଚଳିତ ବର୍ଷ ଭୋଗରାଇ ବ୍ଲକରେ ଥିବା ୨୨ଗୋଟି ବାତ୍ୟା ଓ ବନ୍ୟା ଆଶ୍ରୟ ସ୍ଥଳୀ ସହିତ ୪ ରେଡ଼କ୍ରସ ଆଶ୍ରୟ ସ୍ଥଳୀରେ ଆଜି ମୋକ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାହାବାଜିପୁର, ଉଦୟପୁର, ହାସିନପୁର(ତାଳସାରି), କୃଷ୍ଣନଗର, କନ୍ୟାନଗରୀ, କୃଷ୍ଣ ନଗର, ବିଚିତ୍ରପୁର, କାଁଥିଭଉଁରୀ, କୀର୍ତ୍ତନିଆ, କୁମ୍ଭୀରଗଡ଼ି, ଜୟରାମପୁର, ଭୋଗରାଇ, ଟେଂଗ୍ରାମାରି, ଜଳେଶ୍ୱରପୁର, ମନୁନଗର, ନାଚିନ୍ଦା, ପୁଟିଣା, ମହାଗବ, ନୀଳପୁରା ଇତ୍ୟାଦି ଆଶ୍ରୟସ୍ଥଳୀରେ ଟାସ୍କଫୋର୍ସ ସଦସ୍ୟା ସଦସ୍ୟା ମାନେ ବିପର୍ଯ୍ୟୟ ପୂର୍ବସୂଚନା ପାଇ କିଭଳି ସୂଚନାକୁ ପ୍ରସାରଣ କରିବା, ଅନୁସନ୍ଧାନ, ଉଦ୍ଧାର କାର୍ଯ୍ୟ, ପ୍ରାଥମିକ ଚିକିତ୍ସା ଏବଂ ଆଶ୍ରୟ ସ୍ଥଳୀ ପରିଚାଳନା ଇତ୍ୟାଦି କୁ ଅଭ୍ୟାସ ପ୍ରଦର୍ଶନ କରିଥିଲେ। ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆରଏସ ମାନେ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟକ୍ରମକୁ ପର୍ଯ୍ୟବେକ୍ଷଣ କରିଥିଲେ। ନୋଡାଲ ଏନଜିଓ "ସିଡା' ପକ୍ଷରୁ ସମ୍ପାଦକ ବିଶ୍ୱମ୍ବର ଦାସ, ବନମାଳୀ ବେହେରାଙ୍କ ସହିତ ସ୍ୱେଚ୍ଛାସେବୀ ମାନେ ମୋକ ଡ୍ରିଲ କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ।

## ପାରିବାରିକ କଳହରୁ ଭିଣୋଇ ଛୁରାମାଡ଼ରେ ଶାଳକ ଗୁରୁତର

ସୋର, ୧୯।୬ (ସମିସ): ସୋର ଥାନା କିଆରପୁର ପାଣି ଟାଙ୍କି ନିକଟରେ ପାରିବାରିକ କଳହରୁ ଶଳାକୁ ଭିଣୋଇ ଏକ ଛୁରୀରେ ଗୋଡେଇ ଗୋଡେଇ ହାଣିଥିବା ଜଣାପଡିଛି। କଟକ ବାଙ୍କୀ ଅଞ୍ଚଳର ବିଜୟ କୁମାର ସାହୁ ସୋର ବ୍ଲକ କେଦାରପୁର ପଞ୍ଚାୟତ ନୂଆପାଟଣା ଗ୍ରାମର ସଂଯୁକ୍ତା ଦଳେଇଙ୍କୁ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ଶଳା ସଞ୍ଜୟ ଏବଂ ବିଜୟ ମଧ୍ୟରେ ବିବାଦ ଲାଗିଥିଲା। ବିଜୟ ଶଶୁର ଘରକୁ ଆସିଥିବା ବେଳେ ଗତକାଲି ବିଜୟ ଏବଂ ସଂଯୁକ୍ତା କିଆରପୁରସ୍ଥିତ ମାମୁଁ ଘରକୁ ଯାଇଥିଲେ। କିନ୍ତୁ ରାତିରେ ବିଜୟ କଟକ ଯାଉଛି ବୋଲି କହି ଘରୁ ପଳାଇ ଆସିଥିଲେ। କିନ୍ତୁ ଆଜି ମଧ୍ୟାହ୍ନରେ ବିଜୟ ତାଙ୍କ ଶଳା ସଞ୍ଜୟ ଦଳେଇଙ୍କୁ ନିଜ ଭଉଣୀକୁ ସାଙ୍ଗରେ ନେଇଯିବାକୁ କହି କିଆରପୁର ଡାକିଥିଲେ। ସଞ୍ଜୟ କିଆରପୁର ଯାଉଥିବା ବେଳେ ପୂର୍ବରୁ ଧାରୁଆ ଛୁରୀ ଧରି ପ୍ରସ୍ତୁତ ହୋଇ ପାଣିଟାଙ୍କି ନିକଟରେ ବିଜୟ ଛିଡା ହୋଇଥିଲେ। ସଞ୍ଜୟ ପହଂଚିବା କ୍ଷଣି ବିଜୟ ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଏଥିରେ ସଞ୍ଜୟ ଗୁରୁତର ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିବା ସହିତ ବିଜୟଙ୍କୁ ଅଟକ ରଖିଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ବିଜୟ ଆଣି ଥାନାରେ ଅଟକ ରଖିଛି। ସେପଟେ ସଞ୍ଜୟଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସାପରେ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ଏ ବାବଦରେ ସଞ୍ଜୟଙ୍କ ମାଆ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଜିଲ୍ଲାସ୍ତରୀୟ ବିଶ୍ୱ ରକ୍ତ ଶିକୁଳି ଦିବସ

ବାଲେଶ୍ୱର,୧୯।୬ (ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ଜିଲ୍ଲା ତାଲିମ କେନ୍ଦ୍ର ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ବିଶ୍ୱ ରକ୍ତ ଶିକୁଳି ଦିବସ ପାଳିତ ହୋଇଯାଇଛି। ଏନେଇ ଆୟୋଜିତ ସଚେତନତା ସଭାରେ ଚଳିତ ବର୍ଷର ବିଶ୍ୱ ରକ୍ତ ଶିକୁଳି ଦିବସର ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ଉକ୍ତ ସଭା ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲୀପ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଠାରେ ରୁପ୍ସା, ବାହାନଗା ଓ ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଆସିଥିବା ଆଶା କର୍ମୀ ମାନେ ଉପସ୍ଥିତ ଥିଲେ। ସଭାପତି ଶ୍ରୀଯୁକ୍ତ ଜେନା ତାଙ୍କର ଅଭିଭାଷଣରେ କହିଥିଲେ ଯେ, ସମସ୍ତ ୪୦ ବର୍ଷରୁ କମ ପୁରୁଷ ଏବଂ ସ୍ତ୍ରୀ ଲୋକଙ୍କର ରକ୍ତ ଶିକୁଳି ରୋଗର ଚିହ୍ନଟି କରଣ ନିମନ୍ତେ





ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରକ୍ତ ପରୀକ୍ଷା କରାଇବା ପାଇଁ ମତପୋଷଣ କରିଥିଲେ। ଡାକ୍ତର ଅମୁଲ୍ୟ କୁମାର ଦାସ ରକ୍ତ ଶିକୁଳି ରୋଗ କିପରି ଗୋଟାଏ ପରିବାରର ମାନସିକ, ସାମାଜିକ ଏବଂ ଆର୍ଥିକ ମାନଦାଣ୍ଡକୁ ଦୋହଲାଇ ଦେଇଥାଏ ତା ଉପରେ ଉଦବେଗ ପ୍ରକାଶ କରିଥିଲେ। ମଞ୍ଚାସୀନ ଡାକ୍ତର ମନୋଜ ସାହୁ, ଡାକ୍ତର ସଂଜୀବ ପ୍ରଧାନ, ଡାକ୍ତର ମୃତ୍ୟୁଞ୍ଜୟ ଉପାଧ୍ୟାୟ ଏହି ରୋଗର ଭୟା ବହତା ଉପରେ ଆଲୋକପାତ କରିଥିଲେ। ପରେ ଏକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ କୃତି ପ୍ରତିଯୋଗୀ ଏବଂ ଚଳିତ ବର୍ଷରେ ସର୍ବାଧିକ ରକ୍ତ ଶିକୁଳି ରୋଗ ନିମନ୍ତେ ପରୀକ୍ଷା କରିଥିବା ଲାବୋରେଟୋରୀ ଟେକନିସିଆନ ତିନି ଜଣଙ୍କୁ ପୁରସ୍କୃତ କରାଯାଇଥିଲା କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ସାହୁ (ଜିଲ୍ଲା ସହକାରୀ ଯୋଗାଯୋଗ ଅଧିକାରୀ)ଙ୍କ ପରିଚାଳନାରେ ହୋଇଥିଲା। ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଚକ୍ରଧର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ସୋର, ୧୯।୬ (ସମିସ): ଅନନ୍ତପୁର ଥାନାରେ ଆହାରପୁର ଘୁଷୁରା ପୋଲ ନିକଟରେ ଗତକାଲି ବିଳମ୍ବିତ ରାତିରେ ଅଜଣା ଗାଡି ଧକ୍କାରେ ଜଣେ ବାଇକ ଚାଳକଙ୍କର ମୃତ୍ୟୁ ହୋଇଯାଇଛି। ସୂଚନା ଅନୁସାରେ ବାସୁଦେବପୁର ଥାନା ଜଗନ୍ନାଥପୁର କଣ୍ଟାଗଡ଼ିଆ ଗ୍ରାମର ଶଶୀକାନ୍ତ ମଳିକ (୨୮) ବାଙ୍ଗାଲୋରରେ ରହି କାମ କରନ୍ତି। କିଛି ଦିନ ତଳେ ଶଶୀକାନ୍ତ ବାଙ୍ଗାଲୋରରୁ ଘରକୁ ଆସିଥିଲେ। ଗତକାଲି ବିଳମ୍ବିତ ରାତିରେ ଶଶୀକାନ୍ତ ଟିକେଟ କାଟିବା ପାଇଁ ବାଇକ ଯୋଗେ ଭଦ୍ରକ ରେଳଷ୍ଟେସନକୁ ଯାଉଥିଲେ। କିନ୍ତୁ ଆହାରପୁର ଘୁଷୁରା ପୋଲ ନିକଟରେ ଏକ ଅଜଣା ଗାଡି ତାଙ୍କ ବାଇକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଶଶୀକାନ୍ତ ବାଇକ ସହ ୨୦ ଫୁଟ ପୋଲ ତଳକୁ ଖସି ପଡ଼ିଥିଲେ। ଆଜି ସକାଳେ ରାସ୍ତାରେ ଯାଉଥିବା ଲୋକେ ଏହା ଦେଖି ଅନନ୍ତପୁର ଥାନାକୁ ଖବର ଦେଇଥିଲେ। ଖବର ପାଇ ଅନନ୍ତପୁର ଥାନା ପୁଲିସ ସୋର ଅଗ୍ନିଶମ କର୍ମଚାରୀଙ୍କ ସହିତ ଘଟଣା ସ୍ଥଳରେ ପହଞ୍ଚି ଦୀର୍ଘ ସମୟ ପରେ ପୋଲ ତଳ ପାଣିରୁ ବାଇକ ସହ ଶଶୀକାନ୍ତକୁ ପାଣିରୁ ଉଦ୍ଧାର କରି ସୋର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ ମୂଳେ ପୁଲିସ ୧୪୩/୨୬ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## ନବନିଯୁକ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କାଳିପଦା, ୧୯।୬ (ସମିସ): ବାଲିଆପାଳ ବ୍ଲକ ଚୌମୁଖ ରାମ ପ୍ରସାଦ ସରକାରୀ ହାଇ ସ୍କୁଲରେ ଏବେ ନୂଆ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ମାନସୀ ମୁର୍ମୁ ଯୋଗ ଦାନ କରିଛନ୍ତି। ପୂର୍ବରୁ ସେ ମୟୁରଭଞ୍ଜ ଜିଲ୍ଲା ଉଦଳା ସରକାରୀ ହାଇସ୍କୁଲରେ ବିଜ୍ଞାନ ଶିକ୍ଷୟିତ୍ରୀ ଭାବେ ଭଦ୍ର ବିଶ୍ୱାଳ, ଜନ୍ମେଜୟ ପାତ୍ର, ବଳରାମ ଜେନା, ପ୍ରାକ୍ତନ ୪ର୍ଥ ଶ୍ରେଣୀ କର୍ମଚାରୀ ପଶୁପତି ଜେନା, ଏହି ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଦିଲ୍ଲୀପ କୁମାର ବେହେରା, ୪ର୍ଥ ଶ୍ରେଣୀ କର୍ମ ଚାରୀ ତପନ କୁମାର ସେଠୀ, କାର୍ଯ୍ୟାଳୟ ସହାୟକ, ଏସ ଏମ ସି ସଭ୍ୟ ଗଣେଶ ଚନ୍ଦ୍ର ଗିରି ପ୍ରମୁଖ




କାର୍ଯ୍ୟ କରୁଥିଲେ। ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପୂର୍ବତନ ଡି ଆଇ ଅଫ ସ୍କୁଲସ୍ ତଥା ହାଇ ସ୍କୁଲର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ଚୌଧୁରୀ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁଧାଂଶୁ କୁମାର ପଣ୍ଡା, ପୂରାତନ ଛାତ୍ର ପ୍ରୀତି ଭୂଷଣ ବେହେରା, କୃଷ୍ଣ ଚନ୍ଦ୍ର ଦାସ, ବୀର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଉପାୟନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମୁର୍ମୁ ଏହି ଅବସରରେ ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି ଓ କର୍ମଚାରୀଙ୍କ ସମୟାନୁବର୍ତ୍ତିତା ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଥିଲେ।

## ବଢୁଛି ଶବ୍ଦ ପ୍ରଦୂଷଣ; ପ୍ରଶାସନର ନଜର ନାହିଁ

ଚନ୍ଦନେଶ୍ୱର,୧୯।୬(ବନମାଳୀ ବେହେରା)

ଭୋଗରାଇ ଅଞ୍ଚଳରେ ଦିନକୁ ଦିନ ଶବ୍ଦ ପ୍ରଦୂଷଣ ଅସହ୍ୟ ସ୍ତରକୁ ପହଞ୍ଚୁଥିବା ବେଳେ ପ୍ରଶାସନ ଓ ଜନପ୍ରତିନିଧିଙ୍କ ନୀରବତାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଦେଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ ଏହି ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ ହେଉନଥିବାରୁ ସଚେତନ ମହଲରେ ଚିନ୍ତା ବଢ଼ିବାରେ ଲାଗିଛି। ଏପରି ପରିସ୍ଥିତିରେ କିଛି ସ୍ୱେଚ୍ଛାସେବୀ ସଂଗଠନ, ସମାଜସେବୀ ଓ ସଚେତନ ନାଗରିକମାନେ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ପ୍ରଶାସନର ହସ୍ତକ୍ଷେପ ଦାବି କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଆଗକୁ ବିବାହ ଋତୁ ଆସୁଥିବା ବେଳେ ବିଭିନ୍ନ ପୂଜା-ପର୍ବ ଏବଂ ସାମାଜିକ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ ବଢୁଛି। କ୍ଲବ, ମାର୍କେଟ, ଛକ ଓ ଗ୍ରାମାଞ୍ଚଳରେ ଗଣେଶ ପୂଜା, ସରସ୍ୱତୀ ପୂଜା, ମନସା ମାତାଙ୍କ ପୂଜା ସହ ବିଭିନ୍ନ ଧାର୍ମିକ



ଅନୁଷ୍ଠାନରେ ଉଚ୍ଚ କ୍ଷମତାସମ୍ପନ୍ନ ଡାକବାଜି ଯନ୍ତ୍ର ଓ ଡିଜେ ସାଉଣ୍ଡ ବ୍ୟବହାର ଏକ ସାଧାରଣ ପ୍ରଥାରେ ପରିଣତ ହୋଇଛି। ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରା ହେଉ କି ବରଯାତ୍ରୀଙ୍କ ନୃତ୍ୟ, ସବୁଠି ଡିଜେର କର୍କଶ ଓ ଅତ୍ୟଧିକ ଶବ୍ଦ ସାଧାରଣ ଜୀବନକୁ ବ୍ୟାପକ ଭାବେ ପ୍ରଭାବିତ କରୁଛି। ବିଶେଷକରି ବୃଦ୍ଧ, ଶିଶୁ, ଛାତ୍ରଛାତ୍ରୀ ଏବଂ ହୃଦରୋଗ, ଉଚ୍ଚ ରକ୍ତଚାପ ଭଳି ରୋଗରେ ପୀଡ଼ିତ ବ୍ୟକ୍ତିମାନେ ଏହି ଶବ୍ଦ ପ୍ରଦୂଷଣ ଯୋଗୁଁ ଗୁରୁତର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରୀଷ୍ମ ଋତୁରେ ଅସହ୍ୟ ଉତ୍ତାପ ମଧ୍ୟରେ ଡିଜେର ତୀବ୍ର କମ୍ପନ ଓ କର୍କଶ ଶବ୍ଦ ରୋଗୀମାନଙ୍କ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉପରେ ଅଧିକ କୁପ୍ରଭାବ ପକାଉଛି। ରାତିରେ ଉଚ୍ଚ ଶବ୍ଦ ଯୋଗୁଁ ଲୋକମାନଙ୍କ ନିଦ୍ରା ବ୍ୟାହତ ହେଉଥିବା ବେଳେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ମଧ୍ୟ ବାଧାପ୍ରାପ୍ତ ହେଉଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସ୍ପଷ୍ଟ ନିୟମାବଳୀ ପ୍ରଣୟନ କରାଯାଇଥିଲେ ମଧ୍ୟ ସ୍ଥାନୀୟ ସ୍ତରରେ ତାହାର ପାଳନ ହେଉନଥିବା ଅଭିଯୋଗ ହେଉଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ କମର୍ସିଆଲ, ରେସିଡେନ୍ସିଆଲ ଓ ସାଇଲେନ୍ସ ଜୋନରେ ଶବ୍ଦର ସୀମା ନିର୍ଦ୍ଧାରଣ କରାଯାଇଥିଲେ ମଧ୍ୟ ଅଧିକାଂଶ ଡିଜେ ସଂଚାଳକ ଏହାକୁ ଖୋଲାଖୋଲି ଉଲ୍ଲଂଘନ କରୁଥିବା ଦେଖାଯାଉଛି। ଅନେକ ସ୍ଥାନରେ ୯୦ ଡେସିବେଲରୁ ଅଧିକ ତୀବ୍ରତାର ଶବ୍ଦ ବ୍ୟବହାର ହେଉଥିବା ଅଭିଯୋଗ ରହିଛି, ଯାହା ନିର୍ଦ୍ଧାରିତ ସୀମାଠାରୁ ବହୁଗୁଣା ଅଧିକ। ସବୁଠାରୁ ଚିନ୍ତାଜନକ ବିଷୟ ହେଲା, ଡାକ୍ତରଖାନା, ବିଦ୍ୟାଳୟ, ସରକାରୀ କାର୍ଯ୍ୟାଳୟ, ଥାନା ଓ ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନ ନିକଟରେ ମଧ୍ୟ ଏହି ନିୟମ ଉଲ୍ଲଂଘନ ହେଉଛି। ଫଳରେ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ବିଭିନ୍ନ ସମୟରେ ଗୋଷ୍ଠୀଗତ ବିବାଦ ଓ ଅପ୍ରୀତିକର ପରିସ୍ଥିତି ଉପୁଜୁଥିବା ଦେଖାଯାଉଛି। ସ୍ଥାନୀୟ ବୁଦ୍ଧିଜୀବୀ, ସମାଜସେବୀ ଓ ସଚେତନ ନାଗରିକମାନଙ୍କ ମତରେ, ଶବ୍ଦ ପ୍ରଦୂଷଣ କେବଳ ଏକ ସାଧାରଣ ଅସୁବିଧା ନୁହେଁ; ଏହା ଜନସ୍ୱାସ୍ଥ୍ୟ, ଶାନ୍ତି ଓ ସାମାଜିକ ସମନ୍ୱୟ ପ୍ରତି ଏକ ଗୁରୁତର ବିପଦ। ତେଣୁ ପ୍ରଶାସନ ପକ୍ଷରୁ ତୁରନ୍ତ ସଚେତନତା ଅଭିଯାନ, ନିୟମିତ ତଦାରଖ ଏବଂ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ ବୋଲି ସେମାନେ ଦାବି କରିଛନ୍ତି। ଜନସାଧାରଣଙ୍କ ପ୍ରଶ୍ନ ହେଉଛି ଯଦି ସରକାରଙ୍କ ନିୟମ କେବଳ କାଗଜପତ୍ରରେ ସୀମିତ ରହିବ ଏବଂ ତାହାର କାର୍ଯ୍ୟକାରିତା ନଥିବ, ତେବେ ସାଧାରଣ ଲୋକେ ନ୍ୟାୟ ପାଇବେ କିପରି? ତେଣୁ ଭୋଗରାଇ ଅଞ୍ଚଳରେ ବଢୁଥିବା ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ପ୍ରଶାସନ, ପୁଲିସ ବିଭାଗ ଏବଂ ସମ୍ପୃକ୍ତ କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି ପ୍ରଭାବୀ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଜୋରଦାର ଦାବି ହେଉଛି।

# ପୃଥକ୍ ଦୁର୍ଘଟଣାରେ ଦୁଇ ଆହତ

ବାରିକପୁର,୧୯।୬(ସମିସ): ପୃଥକ ସ୍ଥାନରେ ଦୁର୍ଘଟଣା ଘଟି ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳର ଦୁଇଜଣ ବ୍ୟକ୍ତି ଆହତ ହୋଇଛନ୍ତି। ବିଜେପି ନେତା ନିର୍ମଳ କର କୌଣସି କାର୍ଯ୍ୟରେ ଆଙ୍କୁଲା ଅଞ୍ଚଳକୁ ଯାଉଥିବା ବେଳେ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ଏକ ବାଇକ୍ ତାଙ୍କୁ ଧକ୍କା ଦେବା ଫଳରେ ସେ ଗୁରୁତର ହୋଇଥିବା ଜଣାପଡ଼ିଛି। ପ୍ରଥମେ ଯାଜପୁର ମେଡିକାଲ ଓ ପରେ ତାଙ୍କୁ ଭୁବନେଶ୍ୱର ଏମ୍ସ କୁ ସ୍ଥାନାନ୍ତରିତ କରାଯାଇଛି। ତାଙ୍କ ମୁହଁ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ସୂଚନା ମିଳିଛି। ସେହିଭଳି ନେରଡା ନିକଟରେ ଏକ ବାଇକ ଗୋଟିଏ ଗାଈକୁ ଧକ୍କା ଦେବାରୁ ଜଣେ ଯୁବକ ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଚିକିତ୍ସା କରାଯାଇଛି। ଦୁର୍ଘଟଣା ଯୋଗୁଁ ଯୁବକଙ୍କ ଗୋଡ଼ ଭାଙ୍ଗିଥିବା କୁହାଯାଇଛି।

# ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

ବାରିକପୁର,୧୯।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ତେସିଙ୍ଗା ପଞ୍ଚାୟତ ଗମାରୀଗଡ଼ିଆ ଠାରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ସୁଧାଂଶୁ ସ୍ୱାଇଁଙ୍କ ୪ ବର୍ଷର ପୁଅ ପୋଖରୀରେ ପଡ଼ି ମୃତ୍ୟୁବରଣ କରିଛି। ଶିଶୁ ପୁତ୍ରଟି କୌଣସି କାରଣରୁ ଘର ପାଖ ପୋଖରୀରେ ପଡ଼ି ଯାଇଥିଲା। ପରିବାର ଲୋକେ ଉଦ୍ଧାର କରି ମେଡିକାଲ ଆଣିଥିବା ବେଳେ ଡାକ୍ତର ଶିଶୁ ପୁତ୍ର କୁ ମୃତ ଘୋଷଣା କରିଥିଲେ। ଏନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ବନ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ



ବାରିକପୁର,୧୯।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମଣିନାଥପୁର ବହୁମୁଖି ବନ୍ୟା ଆଶ୍ରୟସ୍ଥଳୀ ଠାରେ ଆଜି ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଆଶ୍ରୟ ସ୍ଥଳୀ ସମ୍ପାଦକ ନାରାୟଣ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷକ ସମୀର କୁମାର ଚୌଧୁରୀ, ସୂର୍ଯ୍ୟକାନ୍ତ ବରାଳ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରଜନୀ କାନ୍ତ ?ରାଳ, ସହକାରୀ ଶିକ୍ଷକ ଶରତ ଥାଟୋଇ ପ୍ରମୁଖ ଯୋଗ ଦେଇଥିଲେ। ବନ୍ୟା ଓ ବାତ୍ୟା ସମୟରେ ଲୋକ ମାନେ କେଉଁ ଭଳି ଆଶ୍ରୟ ସ୍ଥଳୀକୁ ଉପଯୋଗ କରି ପାରିବେ ସେନେଇ ଅତିଥି ମାନେ ସୂଚନା ଦେଇଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ସ୍ୱେଚ୍ଛାସେବୀ ଓ ଜନସାଧାରଣ ଯୋଗଦେଇ ଥିବା ବେଳେ ରାମଚନ୍ଦ୍ର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂତନ ଭତ୍ତା ବଣ୍ଟନ



ବରିକପୁର,୧୯।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସଭାଗୃହ ମଧ୍ୟରେ ଆଜି ୬୦ ଜଣ ନୂଆ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, ଉପାଧ୍ୟକ୍ଷ ପ୍ରଣିତିକାନ୍ତ ସାମଲ, ବିଡିଓ ଦେବଦତ୍ତ ଦାଶ, ସାମାଜ ମଙ୍ଗଳ ଅଧିକାରିଣୀ ସାନ୍ତ୍ୱନା ଦାସ, ସୁଧାଂଶୁ ପାଢ଼ୀ, ଶୋଭନ ପାଢ଼ୀ ପ୍ରମୁଖ ଏହି ଭତ୍ତା ବଣ୍ଟନ କରିଥିଲେ। ଏବେ ସୁଦ୍ଧା ବ୍ଲକ୍ ଅଞ୍ଚଳର ପ୍ରାୟ ୨୫୦୦ ହଜାର ହିତାଧିକାରୀ ଭତ୍ତା ପାଇଁ ଆବେଦନ କରିଥିବା ବେଳେ ଟାର୍ଗେଟ ନଥିବା କାରଣରୁ ସେମାନେ ଦୀର୍ଘଦିନ ଧରି ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ସଂପ୍ରତି କେବଳ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ସ୍ଥାନରେ ନୂତନ ହିତାଧିକାରୀ ଚୟନ ହୋଇ ସେମାନଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟତଃ ବିଧବା ଓ ଭିନ୍ନକ୍ଷମ ହିତାଧିକାରୀ ରହିଛନ୍ତି।

# ଯୁବତୀଙ୍କୁ ରାସ୍ତାରେ ଆକ୍ରମଣ କଲେ ପ୍ରେମିକଙ୍କ ସମ୍ପର୍କୀୟ

ଧୂଷୁରୀ,୧୯।୬(ସମିସ): ପ୍ରେମ ନାଁରେ ପ୍ରତାରଣା ପରେ ଜଣେ ଆଦିବାସୀ ଯୁବତୀଙ୍କୁ ସାର୍ବଜନୀନ ଭାବେ ଆକ୍ରମଣ କରାଯାଇଥିବା ଅଭିଯୋଗ ଧୂଷୁରୀ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ନ୍ୟାୟ ଦାବି କରି ଯୁବତୀ ଧୂଷୁରୀ ଥାନାରେ ଅଭିଯୋଗ ଦାଖଲ କରିଥିବା ବେଳେ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଅଭିଯୋଗ ଅନୁଯାୟୀ, କେନ୍ଦୁଝର ଜିଲ୍ଲା ତେଲକୋଇ ଅଞ୍ଚଳର ଜଣେ ୨୫ ବର୍ଷୀୟ ଆଦିବାସୀ ଯୁବତୀଙ୍କ ସହ ବନ୍ତ ଥାନା ଚାଇଁପୁର ଅଞ୍ଚଳର ଜଣେ ଯୁବକଙ୍କର ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଯୁବକ ଜଣକ ବିବାହର ପ୍ରତିଶ୍ରୁତି ଦେଇ ଦୀର୍ଘ ୪ ବର୍ଷ ଧରି ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ସେ ଯୁବତୀଙ୍କ ସହ ଯୋଗାଯୋଗ ବନ୍ଦ କରିଦେଇଥିଲେ। ଗୁରୁବାର ଅପରାହ୍ଣରେ ଯୁବତୀ ତାଙ୍କ ପ୍ରେମିକଙ୍କୁ ଭେଟିବା ପାଇଁ ଅସୁରାଳି ଆଇଟିଆଇ ନିକଟକୁ ଆସିଥିବା ବେଳେ, ସେଠାରେ ଉପସ୍ଥିତ କେତେକ ସମ୍ପର୍କୀୟ ତାଙ୍କୁ ଘେରି ଅତର୍କିତ ଭାବେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏପରିକି ମାଡ଼ ମାରିବା ସହ ତାଙ୍କ ଗଳାର ସୁନା ଚେନ ଓ ପର୍ସ ଛଡ଼ାଇ ନେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଘଟଣାଟି ଜନଗହଳିପୂର୍ଣ୍ଣ ରାସ୍ତା ଉପରେ ଘଟିଥିବାରୁ ଦୀର୍ଘ ସମୟ ଧରି ସେଠାରେ ଭିଡ଼ ଜମିଥିଲା। ଜଣେ ଆଦିବାସୀ ମହିଳାଙ୍କ ସହ ଏଭଳି ବ୍ୟବହାର ଏବଂ ଆକ୍ରମଣ ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବି ହେଉଛି। ପୁଲିସ ଅଭିଯୋଗ ଆଧାରରେ କେଶ ନମ୍ବର ୨୭୨/୨୬ ଦାୟର କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ଆଖଣ୍ଡଳମଣିଙ୍କ ବିବାହ ଉତ୍ସବରେ ଦୁଲୁକିଲା ଆରଡି

ଭଦ୍ରକ/ଆରଡ଼ି,୧୯।୬(ସମିସ)





- ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ
- ରାଜରାଜେଶ୍ୱର ବେଶରେ ଦର୍ଶନ ଦେଲେ ବାବା

ବାବା ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ଶିବବିବାହ ପାଇଁ ଶୁକ୍ରବାର ଉତ୍ସବମୁଖର ହୋଇ ଉଠିଥିଲା ଆରଡ଼ି ପୀଠ। ଏହି ବିବାହ ଉତ୍ସବରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପାରମ୍ପରିକ ବାଦ୍ୟ ସହ ନୃତ୍ୟଶିଳ୍ପୀ ଯୋଗଦେଇଛନ୍ତି। ସେହିପରି ବାବାଙ୍କ ବିବାହରେ ଦେବଦମ୍ପତିଙ୍କର ଯୁଗଳମୂର୍ତ୍ତି ଦର୍ଶନ ପାଇଁ ୩୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ଭିଡ଼ ଲାଗିଥିଲା ପୀଠରେ। ମଧ୍ୟରାତ୍ରରେ ଦେବଦମ୍ପତି ବିବାହ ବନ୍ଧନରେ ଆବଦ୍ଧ ହେବା ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ମିଳିବ। ବୈଦିକ ରୀତିନୀତି ଓ ଲୋକାଚାରରେ ମାନବୀୟଲୀଳା ଭାବେ କନ୍ୟାପିତା ବିଚିତ୍ର ପାଢ଼ୀଙ୍କ ପକ୍ଷରୁ ମଣିବାବାଙ୍କୁ ବରଣ ନିମନ୍ତେ ପାର୍ବତୀଙ୍କ ଭାଇ ଭାବେ ପବନପୁତ୍ର ହନୁମାନ ବରଧାରାରେ ବାହାରିଥିଲେ। ବର ଶୋଭାଯାତ୍ରାରେ ବାହାରି ପୀଠ ଓ ମୁଖ୍ୟ ବଜାର ପରିକ୍ରମା କରିବା ପରେ ବରପିତା ଗଦାଧର ପାଢ଼ୀଙ୍କ ଘରେ ପହଞ୍ଚିବା ପରେ ବ୍ରାହ୍ମଣ ଓ ଜ୍ୟୋତିଷଙ୍କ ଦ୍ୱାରା ବରଣ ନୀତି କରାଯାଇଥିଲା। ଏହି ଶୋଭାଯାତ୍ରରେ ଢେଙ୍କାନାଳର ଦୁଲୁଦୁଲି ବାଦ୍ୟ ସାଙ୍ଗକୁ ରାଜସ୍ଥାନ ଅଘୋରୀ ନୃତ୍ୟ, ବ୍ରହ୍ମପୁରର ଯୋଡ଼ିଶଙ୍ଖ, କଙ୍କାଳ ନୃତ୍ୟ, କଲିକତା ମେଦିନପୁରର ମୟୂରଚୂଳିଆ ବାଦ୍ୟ, କେନ୍ଦୁଝରର କଳସ ନୃତ୍ୟ, ଦେବଗଣଙ୍କ ସହ ବିଭିନ୍ନ ଜିଲ୍ଲାରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ, ଘଣ୍ଟବାଦ୍ୟକାର ମାନେ ଯୋଗ ଦେଇଥିଲେ। ଅପରାହ୍ଣ ୪ଟାରେ ମଣିବାବା ଓ ମାତା ପାର୍ବତୀଙ୍କୁ ରାଜରାଜେଶ୍ୱର ବେଶରେ ସଜ୍ଜିତ କରାଯିବା ପରେ ବରପିତା ଓ କନ୍ୟାପିତାଙ୍କ ପକ୍ଷରୁ ଦିଅଁ ମଙ୍ଗୁଳା ଓ ହଳଦୀପାଣି ନୀତି କରାଯାଇଥିଲା। ସନ୍ଧ୍ୟା ୭ଟାରେ ଦେବଦେବ ମହାଦେବ ବର ରୂପେ ବିମାନରେ ବିଜେ କରି ବରାନୁଗମନ ଶୋଭାଯାତ୍ରାରେ ବାହାରିଥିଲେ। ଏହି ଶୋଭାଯାତ୍ରରେ ଭକ୍ତ ଓ ଭଗବାନଙ୍କର ମହାମିଳନ ହୋଇଥିଲା। ରାତ୍ର ୧ଟା ଯାଏଁ ଶୋଭାଯାତ୍ରା ଚାଲିବା ପରେ ମନ୍ଦିର ସମ୍ମୁଖରେ ନିର୍ମିତ ବିବାହ ମଣ୍ଡପରେ ଦେବଦମ୍ପତିଙ୍କର ବିବାହ କାର୍ଯ୍ୟ ଲୋକାଚାରରେ ଅନୁଷ୍ଠିତ ହୋଇଥିଲା। ହଜାରହଜାର ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପୁଲିସ ପ୍ରଶାସନ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏଥିସହ ବାବାମଣି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ବିଜୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ୪୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସେବା ଯୋଗାଇଥିବା ବେଳେ ପୀରହାଟର ପ୍ରଦେଶ ସେବା ସଂଗଠନ, ସତ୍ୟସାଇ ସେବା ସଂଗଠନ, ଜିଲ୍ଲା ରକ୍ତ ସଂଗଠନ, ଜଗାଚାକର ସଂଘ ଆଦି ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସେବା ଯୋଗାଇ ଦିଆଯାଇଥିଲା।

■ ଧୂଷୁରୀରେ ମଦ ବାର୍ ଖୋଲିବାକୁ ବିରୋଧ

# ନିଶା ନିବାରଣ ସଂଗଠନର ପ୍ରତିବାଦ ସଭା



**ଅବକାରୀ ସୁପରିଟେଣ୍ଡେଣ୍ଟଙ୍କୁ ଦାବିପତ୍ର**

ଅସୁରାଳି,୧୯।୬(ସମିସ): ଧାମନଗର ବ୍ଲକ୍ ଧୂଷୁରୀ ଥାନା ଧୂଷୁରୀ ବିଜ୍ଞାପିତ ଅଞ୍ଚଳରେ ଏକ ନୂତନ ମଦ ବାର୍ ଖୋଲିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ଏହି ପ୍ରସ୍ତାବିତ ମଦ ବାର୍‌କୁ କୌଣସି ପରିସ୍ଥିତିରେ ଖୋଲିବାକୁ ନ ଦେବା ପାଇଁ ଅଞ୍ଚଳବାସୀ ଓ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ଜୋର୍ ଧରିଛି। ଏହି କ୍ରମରେ ଭଦ୍ରକ ଅବକାରୀ ସୁପରିଟେଣ୍ଡେଣ୍ଟଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମସ୍ୟାକୁ ନେଇ ଧୂଷୁରୀସ୍ଥିତ ହୃଦାନନ୍ଦ ପାଠାଗାର ପରିସରରେ ରାଜ୍ୟ ନିଶା ନିବାରଣ ସଂଗଠନ ତରଫରୁ ଏକ ଜରୁରୀ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସାମ୍ୟବାଦୀ ନେତା ଚନ୍ଦ୍ର ଶେଖର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଓ ସମାଜସେବୀ ଯୋଗଦେଇ ମଦ ବାର୍ ପ୍ରତିଷ୍ଠାକୁ ତୀବ୍ର ବିରୋଧ କରିଥିଲେ। ସ୍ଥାନୀୟ ଅଞ୍ଚଳର ଶାନ୍ତି, ଶୃଙ୍ଖଳା ଏବଂ ଯୁବପିଢ଼ିଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏଠାରେ ମଦ ବାର୍ ଖୋଲିବା ଅନୁଚିତ ବୋଲି ସଭାରେ ମତପ୍ରକାଶ ପାଇଛି। ରାଜ୍ୟ ନିଶା ନିବାରଣ ସଂଗଠନର ସମ୍ପାଦକ ସନ୍ତୋଷ ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ନିଶିକାନ୍ତ ନାୟକ, ଅବସରପ୍ରାପ୍ତ ଅଧ୍ୟକ୍ଷ ରବୀନ୍ଦ୍ର ବେହୁରିଆ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଞ୍ଜନ ବିଶ୍ୱାଳ, ନିଶା ନିବାରଣ ସଂଗଠନର ଜିଲ୍ଲା ସଂଯୋଜକ ରତିକାନ୍ତ ନାୟକ, ଜିଲ୍ଲା ଉପ-ସଭାପତି ଲକ୍ଷ୍ମୀନାରାୟଣ ମିଶ୍ର, ରବି ନାୟକ ଏବଂ ସମାଜସେବୀ ହରିହର ସାହୁ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିବା ସହ ପ୍ରଶାସନ ତୁରନ୍ତ ଏହି ପ୍ରସ୍ତାବକୁ ବାତିଲ ନକଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ବିକାଶର ଧାରା, ଓଡ଼ିଶା ସାରା କାର୍ଯ୍ୟକ୍ରମ



ଧାମନଗର,୧୯।୬(ସମିଆ): ଧାମନଗର ପଞ୍ଚାୟତ ସମିତି ଆନୁକୂଲ୍ୟରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମୁଦାୟଙ୍କ ସାମାଜିକ, ଆର୍ଥିକ ଏବଂ ଶିକ୍ଷାଗତ ଉନ୍ନତି ସହ ସେମାନଙ୍କ ଆଇନଗତ ସୁରକ୍ଷା ଓ ଅଧିକାରସଶକ୍ତୀକରଣ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ସାଂସଦଙ୍କ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ଧାମନଗର ବିଡିଓ ବନବିହାରୀ ଦିଣ୍ଡାଙ୍କ ସମେତ ପଞ୍ଚାୟତ ସମିତିର ବିଭିନ୍ନ ବିଭାଗର ଅଧିକାରୀ, ଜନପ୍ରତିନିଧି ଓ ପୂର୍ବତନ ସରପଞ୍ଚମାନେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ସରକାରଙ୍କ ବିକାଶମୂଳକ ପଦକ୍ଷେପ ଏବଂ ଲୋକ କଲ୍ୟାଣ ମୂଳକ ଯୋଜନାଗୁଡ଼ିକୁ ତୃଣମୂଳ ସ୍ତରରେ ସଫଳ ଭାବେ ପହଞ୍ଚାଇବା ପାଇଁ ସମସ୍ତଙ୍କ ସହଯୋଗ ଓ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

# ବ୍ରାଉନ୍‌ସୁଗର ଜବତ, ୩ ଗିରଫ

ଭଦ୍ରକ,୧୯।୬(ସମିସ): ଯାଜପୁର ଜିଲ୍ଲାର ୩ ଜଣ ଯୁବକ ଏକ ବାଇକ୍ ଯୋଗେ ଭଦ୍ରକ ଚରମ୍ପା ଅଞ୍ଚଳକୁ ବ୍ରାଉନ୍‌ସୁଗର୍ କିଣିବା ପାଇଁ ଆସିଥିଲେ। ଏଠାରୁ ଯାଜପୁର ଜିଲ୍ଲାକୁ ଫେରୁଥିବା ବେଳେ ଭଦ୍ରକ ଟାଉନ ପୁଲିସ ଏହି ତିନି ଜଣ ଯୁବକଙ୍କ ଉପରେ ସନ୍ଦେହ କରି ଅଟକାଇଥିଲେ। ତାଙ୍କୁ ଚେକିଂ କରିବା ବେଳେ ତାଙ୍କ ନିକଟରୁ ୮ ଗ୍ରାମ ବ୍ରାଉନ ସୁଗାର ବାହାରିଥିଲା। ପୁଲିସ ଏହି ୩ ଜଣ ଯୁବକକୁ ଟାଉନ ଥାନାକୁ ଆଣି ପଚରାଉଚରା କରିଥିଲା। ଯାହା ପାଖରୁ ବ୍ରାଉନସୁଗର କିଣିଲେ ତାହା ନାମରେ ପୋଲିସ ଏକ କେଶ ରୁଜୁ କରିଥିବା ନେଇ ପୁଲିସ ସୂଚନା ଦେଇଛି। ଏହି ୩ ଜଣ ଯୁବକ ହେଲେ ଯାଜପୁର ଜିଲ୍ଲାର ଦୀପକ ବିଶ୍ୱାଳ, ପ୍ରସନ୍ନ କୁମାର ମହାନ୍ତି ଓ ଓମପ୍ରକାଶ ସେଠୀ। ତାଙ୍କ ନିକଟରୁ ଜବତ ହୋଇଥିବା ବ୍ରାଉନ୍‌ସୁଗରର ଆନୁମାନିକ ମୁଲ୍ୟ ୫୦ ହଜାର ଟଙ୍କା ହେବ। ତେବେ ଟାଉନ ପୁଲିସ ଏହି ଘଟଣାରେ ୩ ଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଟାଉନ ଥାନା ଅଧିକାରୀ ପ୍ରଭାଂଶୁ ମିଶ୍ର ସୂଚନା ଦେଇଛନ୍ତି।

# ଭଦ୍ରକରେ ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା



ଭଦ୍ରକ,୧୯।୬(ସମିସ): ଭଦ୍ରକରେ ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ରାଣୀତାଲସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା କୃଷକ, କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ର ପ୍ରତିନିଧି ଏବଂ କୃଷି କ୍ଷେତ୍ରର ବିଭିନ୍ନ ଅଂଶୀଦାରମାନେ ଯୋଗ ଦେଇଥିଲେ। ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୈବିକ ଓ ପ୍ରାକୃତିକ କୃଷିର ପ୍ରସାର ମାଧ୍ୟମରେ କୃଷକଙ୍କ ଆୟ ବୃଦ୍ଧି ସହ ପରିବେଶ ସୁରକ୍ଷା ନିଶ୍ଚିତ ହୋଇପାରିବ ବୋଲି କହିଥିଲେ। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଶୁଭେନ୍ଦ୍ର ସାମଲ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସତ୍ୟନାରାୟଣ କର, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ସଞ୍ଜୟ କୁମାର ମହାନ୍ତି, କୃଷି ଜିଲ୍ଲା ଅଧିକାରୀ ଶଶୀଭୂଷଣ ମହାପାତ୍ର ଓ ପ୍ରୀତିରେଖା ମହାଳିକ, ଏବଂ ଆର୍‌ଆର୍‌ଟିଟିଏସ୍ ରାଣୀତାଳର ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଡ. ବିଶ୍ୱରଞ୍ଜନ ନାୟକ ଉପସ୍ଥିତ ଥିଲେ। ସ୍ୱାଗତ ଭାଷଣରେ ଜିଲ୍ଲାପାଳ ପ୍ରାକୃତିକ କୃଷିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଓ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ପ୍ରାକୃତିକ ଓ ଜୈବିକ କୃଷିର ପ୍ରସାର, ମୃତ୍ତିକା ସ୍ୱାସ୍ଥ୍ୟର ସୁରକ୍ଷା, ରାସାୟନିକ ସାରର ସନ୍ତୁଳିତ ବ୍ୟବହାର ଏବଂ ସ୍ଥାୟୀ କୃଷି ବ୍ୟବସ୍ଥାର ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। କର୍ମଶାଳାର ବିଭିନ୍ନ ଅଧିବେଶନରେ ପ୍ରାକୃତିକ ଓ ଜୈବିକ କୃଷି, ସନ୍ତୁଳିତ ପୋଷକ ପରିଚାଳନା, ଆଧୁନିକ କୃଷି ଯନ୍ତ୍ରପାତିର ବ୍ୟବହାର, କ୍ଷେତ ବଞ୍ଚାଅ ଅଭିଯାନ ଏବଂ ପ୍ରଗତିଶୀଳ କୃଷକଙ୍କ ଅଭିଜ୍ଞତା ବିନିମୟ ଭଳି ବିଷୟ ଉପରେ ବିଶେଷଜ୍ଞମାନେ ମତାମତ ରଖିଥିଲେ। କୃଷି କ୍ଷେତ୍ରରେ ପ୍ରାକୃତିକ ଓ ପରିବେଶ ଅନୁକୂଳ ପଦ୍ଧତିକୁ ଅଧିକ ପ୍ରୋତ୍ସାହନ ଦେବା ଏବଂ କୃଷକମାନଙ୍କୁ ନୂତନ ଜ୍ଞାନ ଓ ପ୍ରଯୁକ୍ତି ସହ ପରିଚିତ କରାଇବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

# ମୁସଲିମ୍ ମହିଳାଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,୧୯।୬(ସମିସ): ଭାରତୀୟ ମୁସଲିମ୍ ମହିଳା ଆନ୍ଦୋଳନ, ମୁମ୍ବାଇ ତରଫରୁ ବାଇପାସସ୍ଥିତ ଆଶିଆନା ସଭାଗୃହରେ ଆଶିଆନାର ସମ୍ପାଦିକା ସୋଫିଆ ସେକ୍‌ଙ୍କ ସଭାପତିତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ନୁର୍‌ଯାହାନ ସଫିଆ ନିଆଜ ସଂସ୍ଥାପକ ଭାରତୀୟ ମୁସ୍‌ଲିମ୍ ମହିଳା ଆନ୍ଦୋଳନ, ମୁମ୍ବାଇ ଯୋଗଦେଇଥିବା ବେଳେ ସମ୍ମାନୀୟ ଅତିଥିଭାବେ ନଜିରିନା ଖାନ୍, ରାଷ୍ଟ୍ରୀୟ ସମିତି ସଦସ୍ୟ ଭାରତୀୟ ମୁସଲିମ୍ ଆନ୍ଦୋଳନ, ପ୍ରଫେସର ଝରଣା ପଟ୍ଟନାୟକ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠା ଓଡ଼ିଶା ସଂଯୋଜକ ବିଶ୍ୱଜିତ୍ ରାୟ, ଆଇନଜୀବୀ ରାଧାରାଣୀ ମହାପାତ୍ର ପ୍ରମୁଖ ଯୋଗଦେଇ ମୁସ୍‌ଲିମ୍ ମହିଳାମାନଙ୍କ ସାମାଜିକ ବଞ୍ଚନାକୁ ବୁଝିବା ଓ ତାର ସୁଧାର ପାଇଁ କାମ କରିବା ସଂଗେ ସଂଗେ ମୁସ୍‌ଲିମ୍ ମହିଳାଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ ସାମାଜିକ, ଆର୍ଥିକ, ରାଜନୈତି, ଧାର୍ମିକ ଓ ଆଇନ୍‌ଗତ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ୧୪ ନମ୍ବର ୱାର୍ଡର କାଉନ୍‌ସିଲର, ଅଙ୍ଗନବାଡ଼ି କର୍ମୀ, ଫେଲୋସିପ୍ ଓ ଆସିଆନାର କର୍ମକର୍ତ୍ତା ଓ ଅନ୍ତେବାସୀ, ଅହମଦିଆ ସଂପ୍ରଦାୟର ଲଜନା ଇମାଉଲ୍ଲାର ସଦସ୍ୟା, ଶିକ୍ଷକ, ଶିକ୍ଷୟିତ୍ରୀ, ମିଶନ ଶକ୍ତିର ସଦସ୍ୟା ଓ ସାଧାରଣରରେ ମହିଳାମାନେ ଯୋଗଦାନ କରିଥିଲେ ଏବଂ ଆଶିଆନାର ସଂଯୋଜକ ରିଆଜ ଅହମଦ୍ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବାତ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ

ବାସୁଦେବପୁର,୧୯।୬(ସମିସ)



ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ବାସୁଦେବପୁର ବ୍ଲକ ଓ ପୌରପାଳିକାର ବିଭିନ୍ନ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀର ବିପର୍ଯ୍ୟୟର ପରିଚାଳନା ଅଭ୍ୟାସ- ୨୦୨୬ ଅନୁଷ୍ଠିତ ହୋଇ ଯାଇଅଛି। ସମୁଦ୍ର ଉପକୂଳ ଅଞ୍ଚଳର ବନ୍ୟା ଓ ବାତ୍ୟା ଲାଗି ରହୁଥିବାରୁ ବିପର୍ଯ୍ୟୟ ଋତୁର ଅବ୍ୟାହିତ ପୂର୍ବରୁ ପ୍ରତି ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀର ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ବାତ୍ୟା ଆଶ୍ରୟସ୍ଥଳୀର ଟାସ୍କଫୋର୍ସ ସଭ୍ୟ ସଭ୍ୟା, ମିଶନ ଶକ୍ତିର ସଦସ୍ୟମାନଙ୍କୁ ନେଇ ବିପର୍ଯ୍ୟୟ ପୂର୍ବରୁ ସୂଚନା, ତଳିଆ ଅଞ୍ଚଳର ପ୍ରଭାବିତ ଲୋକମାନଙ୍କୁ ଉଦ୍ଧାର କରିବା, ଆଶ୍ରୟସ୍ଥଳୀର ଥିବା ଲାଇଟ୍ ଚେକ୍ କରିବା ଓ ନିଜସ୍ୱ ସମ୍ବଳରେ ଘରୋଇ ସାମଗ୍ରୀ ବ୍ୟବହାର କରି ନିଜସ୍ୱ କୌଶଳରେ ଉଦ୍ଧାର କରିବା ପ୍ରଦର୍ଶନ କରିଥିଲେ। ଭଦ୍ରକ ଜିଲ୍ଲାର ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ବାସୁଦେବପୁର ବ୍ଲକର ବିରସ, କସିଆ, ସୁନାମୁହିଁ, ଦିନ୍ଧାଚାନ୍ଦି, ସୁନାମୁହିଁ ରେଡକ୍ରସ ବାତ୍ୟା ଆଶ୍ରୟସ୍ଥଳୀର ଆୟୋଜିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସକୁ ବୁଲି ଦେଖିଥିଲେ। ବାସୁଦେବପୁର ବ୍ଲକର ନୋଡାଲ ଏନ୍‌ଜିଓର ସମ୍ପାଦକ ରମାକାନ୍ତ ଡାଙ୍ଗୁଆ, କସିଆ ବାତ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ ଶକ୍ତିପଦ ମାଇତି, ବିରସ ନିରଞ୍ଜନ ଦାସ, ସୁନାମୁହିଁ ଅରବିନ୍ଦ ପରିଡ଼ା, ସୁନାମୁହିଁ ରେଡ୍‌କ୍ରସ୍ ବାତ୍ୟା ଆଶ୍ରୟସ୍ଥଳୀର ହାରୁମୋହନ ପରିଡ଼ା, ଦିନ୍ଧାଚାନ୍ଦିର ସମ୍ପାଦକ ସୁମେଇ ସେଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବାସୁଦେବପୁର ବ୍ଲକର ୪୮ଟି ଆଶ୍ରୟସ୍ଥଳୀର ବିପର୍ଯ୍ୟୟ ପରିଚାଳନା ଅଭ୍ୟାସକୁ ଲାଇଫ୍ ଲାଇନ ସାମାଜିକ ସଙ୍ଗଠନ ସଂଯୋଜନା କରିଥିଲେ। ବିଭିନ୍ନ ଆଶ୍ରୟସ୍ଥଳୀରେ ମାନସ ରଞ୍ଜନ ସାହୁ, ଲକ୍ଷ୍ମୀପ୍ରିୟା ଭୋଇ, ସନ୍ଧ୍ୟାରାଣୀ ବାରିକ, ଅହେଶ କୁମାର ସାହୁ ଲିପୁନ୍ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ନବଗଠିତ ଦୁଇ ପ୍ରାଥମିକ କୃଷି ସମବାୟ ସମିତି ଉଦ୍‌ଘାଟିତ



ଭଦ୍ରକ,୧୯।୬(ସମିସ): ଭଦ୍ରକ ବ୍ଲକ୍ ପରସିଙ୍ଗା ଓ ଏରଡ଼ା ପଞ୍ଚାୟତରେ ୨ଟି ନୂତନ ପ୍ରାଥମିକ କୃଷି ସମବାୟ ସମିତି ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର, ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ, ଉପନିବନ୍ଧକ ଦୁଃଖିଆ ଟୁଡୁ, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ସଞ୍ଜୟ ମହାନ୍ତି, ପ୍ରକାଶ ଜ୍ୟୋତି ମହାକୁଡ଼, ନିର୍ଦ୍ଦେଶକ, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଓ ଋତୁପର୍ଣ୍ଣ ସାହୁ, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ସମିତିର ସମ୍ପାଦକ/ସମ୍ପାଦିକା ଏବଂ ହଜାର ହଜାର ଗ୍ରାମବାସୀ ଉପସ୍ଥିତ ଥିଲେ। ଏହା କେବଳ ଦୁଇଟି ସମିତିର ଉଦ୍‌ଘାଟନ ନୁହେଁ, ବରଂ ଗ୍ରାମୀଣ ବିକାଶ, କୃଷକ କଲ୍ୟାଣ ଓ ସମୃଦ୍ଧ ଓଡ଼ିଶା ଗଠନର ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ।

# ଖଡ଼ିପାଳ ବ୍ରାହ୍ମଣୀ ପୋଖରୀ ଖନନରେ ଘୋଟାଲା

## ସୂଚନାଫଳକ ଭାଙ୍ଗି ତଥ୍ୟ ଲୁଚାଇବାକୁ ଉଦ୍ୟମ

ଆନନ୍ଦପୁର,୧୯।୬ (ସମିସ)



କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ମୋଚିନ୍ଦା ପଞ୍ଚାୟତ ଅନ୍ତର୍ଗତ ଖଡିପାଳ ଗ୍ରାମରେ ଥିବା ବ୍ରାହ୍ମଣୀ ପୋଖରୀର ଖନନରେ ଚଞ୍ଚକତା ହୋଇଥିବା ଅଭିଯୋଗ ହୋଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପୋଖରୀ ଖନନ ପାଇଁ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, କାମର ସ୍ୱଚ୍ଛତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ପୋଖରୀ ନିକଟରେ ଲଗାଯାଇଥିବା ସୂଚନା ଫଳକକୁ ଭାଙ୍ଗି ଦିଆଯାଇଥିବାରୁ ପ୍ରକଳ୍ପର ପ୍ରକୃତ ତଥ୍ୟ ଲୁଚାଇବା ପାଇଁ ସନ୍ଦେହ ପ୍ରକାଶ ପାଇଛି। କିଏ ଏବଂ କାହିଁକି ସୂଚନା ଫଳକ ଭାଙ୍ଗିଲା, ତାହାକୁ ନେଇ ଉଠିଛି ପ୍ରଶ୍ନ। ଅନ୍ୟପଟେ ପୋଖରୀ ଖନନ ପାଇଁ ପ୍ରାୟ ଦୁଇଶହ ମିଟର ପିଚୁ ରାସ୍ତା ନିର୍ମାଣ କାର୍ଯ୍ୟ ମଧ ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ ହୋଇଛି। ଏଥିସହ ଗ୍ରାମବାସୀଙ୍କ ବ୍ୟବହାର ପାଇଁ ଗାଧୁଆ ତୁଠ ନିର୍ମାଣ ହୋଇ ନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସରକାରୀ ଅର୍ଥରେ ବ୍ରାହ୍ମଣୀ ପୋଖରୀ ଖନନ କାର୍ଯ୍ୟକୁ ନେଇ ହୋଇଥିବା ଏହି ଅଭିଯୋଗର ନିରପେକ୍ଷ ତଦନ୍ତ କରାଯିବା ସହ ଅଧାରେ ଅଟକିଥିବା ରାସ୍ତା କାମ ନିର୍ମାଣ ଶୀଘ୍ର ସାରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ବ୍ରାହ୍ମଣୀ ପୋଖରୀ ଖନନରେ ହୋଇଥିବା ଚଞ୍ଚକତାକୁ ତଦନ୍ତ ପାଇଁ ଦାବି ହୋଇଛି।

# ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବାରିପଦା, ୧୯।୬(ସମିସ): ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହଯୋଗରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ୧୦ଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳରେ ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ମକ୍‌ଡ୍ରିଲ ମୁଖ୍ୟ ଉଦ୍ଦେଶ୍ୟ ଥିଲା ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟ ସମୟରେ ପ୍ରସ୍ତୁତି, ସମନ୍ୱୟ ଓ ପ୍ରତିକ୍ରିୟା ବ୍ୟବସ୍ଥାର କାର୍ଯ୍ୟକ୍ଷମତାର ଆକଳନ କରିବା। ଚଳିତ ବର୍ଷ ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ପ୍ରଦତ୍ତ ପ୍ରବଳ ବନ୍ୟା ଓ ଭୂସ୍ଖଳନ ଦୃଶ୍ୟପଟକୁ ଆଧାର କରି ଏକ କୃତ୍ରିମ ବିପର୍ଯ୍ୟୟ ପରିସ୍ଥିତି ସୃଷ୍ଟି କରାଯାଇଥିଲା। ଏଥିରେ ଉଦ୍ଧାରକାରୀ ଦଳ ସ୍ଥାନାନ୍ତର ପ୍ରକ୍ରିୟା, ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ, ପ୍ରାଥମିକ ଚିକିତ୍ସା ଓ ଜରୁରିକାଳୀନ ଚିକିତ୍ସା ସେବାର ପ୍ରଦର୍ଶନ କରିଥିଲେ। ଆହତଙ୍କୁ ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ବେଳେ ପ୍ରତିକ୍ରିୟାକାରୀ ସଂସ୍ଥାଙ୍କ ମଧ୍ୟରେ ଜରୁରିକାଳୀନ ଯୋଗାଯୋଗ ବ୍ୟବସ୍ଥାର ମଧ ପରୀକ୍ଷଣ କରାଯାଇଥିଲା। ଏହି ମକ୍ ଅଭ୍ୟାସରେ ଅଗ୍ନିଶମ ସେବା, ପୁଲିସ, ସ୍ୱାସ୍ଥ୍ୟ ବିଭାଗ, ଓଡ଼ିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ୍ ଫୋର୍ସ (ଓଡ୍ରାଫ), ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନଡିଆରଏଫ), ନାଗରିକ ପ୍ରତିରକ୍ଷା ସ୍ୱେଚ୍ଛାସେବକ ଓ ସ୍ଥାନୀୟ ଲୋକ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ୧୦ଟି ଆଶ୍ରୟସ୍ଥଳର ପରିଚାଳନା ଓ ତଦାରଖ କମିଟିର ସଦସ୍ୟ/ସଦସ୍ୟାଙ୍କ ସହ ନୋଡାଲ ଏନଜିଓ ସ୍ୱାର୍ଦ୍ଧା, ସଂକଳ୍ପ, ଭାର୍ଡ, ସିକ୍ୟୁର, ଫୋର୍ଡ, ଆରମ୍ଭ, ଆଧାର, ଦାସୀ, ଶକ୍ତି ଶିଖା ଓ ପ୍ରାଇଡଙ୍କ ସକ୍ରିୟ ସହଯୋଗରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ଜିଲ୍ଲା ସ୍ତରରେ ଜରୁରିକାଳୀନ ବିଭାଗର ଆସିଷ୍ଟାଣ୍ଟ କଲେକ୍ଟର ତାପସ ମହାନ୍ତ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି ଓ ରାଜ୍ୟ ପର୍ଯ୍ୟବେକ୍ଷକ ଭାବେ ରାଜ୍ୟ ପ୍ରକଳ୍ପ ଅଧିକାରୀ ସୁତନୁ କୁମାର ଠାକୁର ଅଭ୍ୟାସକୁ ପର୍ଯ୍ୟବେକ୍ଷଣ କରିଥିଲେ। ସେମାନେ ପ୍ରତିକ୍ରିୟା ସମୟ, ସମ୍ବଳ ସଂଗ୍ରହ ଓ ଆନ୍ତଃ-ଏଜେନ୍ସି ସମନ୍ୱୟର ସମୀକ୍ଷା କରିବା ସହିତ ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ଗୋଷ୍ଠୀ ସହଯୋଗ ଓ ନିୟମିତ ମକ୍ ଅଭ୍ୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ଅଂଶଗ୍ରହଣକାରୀଙ୍କୁ ବିପର୍ଯ୍ୟୟ ପ୍ରସ୍ତୁତି, ଜରୁରିକାଳୀନ ହେଲ୍ପଲାଇନ୍ ନମ୍ବର ଓ ଜରୁରୀ ପରିସ୍ଥିତିରେ ଅନୁସରଣୀୟ ସୁରକ୍ଷା ପ୍ରୋଟୋକଲ୍ ସମ୍ପର୍କରେ ସଚେତନ କରାଯାଇଥିଲା। ଅଭ୍ୟାସ ଶେଷରେ ଏକ ଡିବ୍ରିଫିଂ ଅଧିବେଶନ ଆୟୋଜିତ ହୋଇଥିଲା। ଯେଉଁଥିରେ ଅଭ୍ୟାସର ସଫଳତା, ଚ୍ୟାଲେଞ୍ଜ ଓ ଭବିଷ୍ୟତରେ ଉନ୍ନତିର ସମ୍ଭାବ୍ୟ କ୍ଷେତ୍ର ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ଭୂମିଜ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ ଦାବି

ବେତନଟୀ, ୧୯।୬(ସମିସ): ଭାରତୀୟ ଆଦିବାସୀ ଭୂମିଜ ସମାଜର ନେତୃତ୍ୱରେ ଭୂମିଜ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ରାଜ୍ୟ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱରକୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବେତନଟୀ ବ୍ଲକ୍ ଅଧୀନ ମେଦ୍ଧା ପଞ୍ଚାୟତର ବୈଦିପୁର ଗ୍ରାମର ଉଦୀୟମାନ ଯୁବକ ତଥା ଭାରତୀୟ ଆଦିବାସୀ ଭୂମିଜ ସମାଜର ପ୍ରାକ୍ତନ କେନ୍ଦ୍ରୀୟ ସଭାପତି ପାଇକ ସିଂହଙ୍କ ନେତୃତ୍ୱରେ ରାଜ୍ୟ କମିଟି କର୍ମକର୍ତ୍ତା ୧୬ ତାରିଖ ମଙ୍ଗଳବାର ଦିନ ପ୍ରତିଷ୍ଠାନର ଡେପୁଟି ଡାଇରେକ୍ଟର ସନ୍ତୋଷ ରଥଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉକ୍ତ ସ୍ମାରକପତ୍ରରେ ଭୂମିଜ ଜାତିର ଭାଷା, ଲିପି, ବର୍ଣ୍ଣବୋଧ, ସଂଖ୍ୟା ଓ ବ୍ୟାକରଣଗତ ସ୍ୱତନ୍ତ୍ରତା ଥାଇ ମଧ ମାନ୍ୟତା ନ ମିଳିବା ଦୁଃଖର ବିଷୟ। ଏ ଅବସରରେ ସମାଜର ସମ୍ପାଦକ ହେମେନ୍ଦ୍ର ସିଂ, ସଭାପତି ଗହ୍ଣା ସିଂ, ଉପସଭାପତି ନୀଳକଣ୍ଠ ସିଂ, ସାଂସ୍କୃତିକ ଉପଦେଷ୍ଟା ତାଲାଲାଙ୍ଗ ମାହାଲ, ରାଜ୍ୟ ସମ୍ପାଦକ ମଙ୍ଗୁ ସିଂ ଓ କେନ୍ଦ୍ରୀୟ ସାଂସ୍କୃତିକ ସମ୍ପାଦକ ସୁଜାତା ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଯଦି ସରକାର ଏହି ଦାବିକୁ ଗ୍ରହଣ ନ କରନ୍ତି, ତେବେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ। ଏହି ଦାବି ଆଦିବାସୀ ଭାଷା ସଂରକ୍ଷଣ ଓ ପ୍ରସାର ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।

# ବାଚସ୍ପତି ଓ ସଭାପତିଙ୍କ ସଭାକୁ ଆସିଲେନି ବିଜେପି ନେତା




ଆନନ୍ଦପୁର,୧୯।୬(ସମିସ): ଘସିପୁରା ନିର୍ବାଚନମଣ୍ଡଳୀର ବିଜେପିରେ ରହିଥିବା ଗୋଷ୍ଠୀ କନ୍ଦଳ ଏବେ ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ଦେଖିବାକୁ ମିଳିଛି। ଏପରିକି ବିଜେପି ନେତା ଓ କର୍ମୀମାନେ ପରସ୍ପର ମୁହଁ ଚାହୁଁ ନଥିବାବେଳେ ଦିନକୁ ଦିନ ଏହା ତୀବ୍ର ହେବାରେ ଲାଗିଛି। ଏପରିକି ରଜ ଉତ୍ସବ ସମୟରେ ଖୋଦ୍ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ବାଚସ୍ପତି ସୁରମା ପାଢ଼ୀଙ୍କ ଗସ୍ତ ବେଳେ ଦଳୀୟ ନେତାଙ୍କ ଅନୁପସ୍ଥିତିକୁ ନେଇ ଆନନ୍ଦପୁର ବିଜେପି ରାଜନୀତି ସରଗରମ ହୋଇଉଠିଛି। ଘସିପୁରାରେ ହେଉଥିବା ଆଦର୍ଶ ରଜ ଉତ୍ସବର ଦ୍ୱିତୀୟ ସଂଧ୍ୟାରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ବାଚନମଣ୍ଡଳୀର ବିଜେପି ନେତାଙ୍କ ଅନୁପସ୍ଥିତି ପରିଲକ୍ଷିତ ହୋଇଥିଲା। ସେହିପରି ଗତକାଲି ସଂଧ୍ୟାରେ ବାଚସ୍ପତି ସୁରମା ପାଢ଼ୀଙ୍କ କାର୍ଯ୍ୟକ୍ରମ ରହିଥିଲା। ଏଥିରେ ବିଜେପିର ଆଲୋକ ସେଠୀ, ରାମଚନ୍ଦ୍ର ସାହୁଙ୍କ ସହିତ ତାଙ୍କ ସମର୍ଥକ କେହି ଆସି ନଥିଲେ। ଏପରିକି ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଜଣେ ବିଜେପିନେତା ବାରଣ କରିଥିବା ନେଇ ସଭାରେ ଶୁଣିବାକୁ ମିଳିଥିଲା। ତେବେ ସମସ୍ତ ନେତାମାନଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ଯଥେଷ୍ଟ ଆଗରୁ ସୂଚନା ଦିଆଯାଇଥିଲା ବୋଲି ଆୟୋଜକ ଯଜ୍ଞପ୍ରସାଦ ସାହୁ କହିଛନ୍ତି।

# ବାଉଁଶଗଡ ପଞ୍ଚାୟତରେ ଡାକ ମେଳା




ଆନନ୍ଦପୁର, ୧୯।୬ (ସମିସ): ଆନନ୍ଦପୁର ଡାକ ଶାଖା ପକ୍ଷରୁ ବାଉଁଶଗଡ ପଞ୍ଚାୟତରେ ଏକ ଡାକ ମେଳା ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡାକ ବିଭାଗ ପକ୍ଷରୁ ଆଧାର ସେବା, ଡାକ ଜୀବନ ବୀମା, ଗ୍ରାମୀଣ ଡାକଜୀବନ ବୀମା, ପାର୍ସଲ ସେବା, ସଞ୍ଚୟ ଯୋଜନା, ଡାକଘର ବ୍ୟାଙ୍କିଂ ସୁବିଧା ଏବଂ ବିଭିନ୍ନ ଡିଜିଟାଲ ସେବା ସମ୍ପର୍କରେ ଲୋକଙ୍କୁ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ଏହି ଅବସରରେ କେନ୍ଦୁଝର ଡାକ ବିଭାଗର ଅଧୀକ୍ଷକ ସର୍ବେଶ୍ୱର ବଳିଆରସିଂ ମୁଖ୍ୟଅତିଥି, ଆନନ୍ଦପୁର ଡାକ ନିରୀକ୍ଷକ କୁମାର ପ୍ରସାଦ ଜେନା, ଓଭରସିୟର ଚନ୍ଦନ ସାହୁ ଏବଂ ବଉସଗଡ଼ ସରପଞ୍ଚ ଜନସାଧାରଣଙ୍କୁ ଡାକ ବିଭାଗର ଯୋଜନାଗୁଡ଼ିକର ଲାଭ ଉଠାଇବାକୁ ଆହ୍ୱାନ କରିଥିଲେ। କର୍ମଶାଳାରେ ଡାକ ବିଭାଗର କର୍ମଚାରୀ ରଶ୍ମିତା ଓଝା, ବିକ୍ରମ ଜେନା, ସୁଶୀଲ ଦାସ, ଆକାଶ ଜେନା, ପ୍ରଶାନ୍ତ ବେହେରାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଯୋଗଦେଇଥିଲେ। ଭବିଷ୍ୟତରେ ମଧ ଏଭଳି ସଚେତନତା କର୍ମଶାଳା ଓ ଡାକ ମେଳା ଆୟୋଜନ କରାଯାଇ ଲୋକଙ୍କୁ ଡାକ ବିଭାଗର ବିଭିନ୍ନ ସେବା ସହ ଯୋଡ଼ିବାକୁ ପ୍ରୟାସ ଜାରି ରହିବ ବୋଲି ଅଧିକାରୀମାନେ ସୂଚନା ଦେଇଥିଲେ।

# ଘସିପୁରା ବ୍ଲକରେ 'ବିକାଶର ଧାରା' ଭଣ୍ଡୁର

ଆନନ୍ଦପୁର, ୧୯।୬(ସମିସ): ଘସିପୁରା ବ୍ଲକରେ ବିଜେପି ସରକାରର ଦୁଇବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ଭଣ୍ଡୁର ହୋଇଛି। ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଚାର ପ୍ରସାର ଓ ସୂଚନା ଅଭାବରୁ ପଞ୍ଚାୟତସମିତିସ୍ତରୀୟ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କେବଳ ସିଆରପି ଏବଂ ଏମବିକେ ଓ ମିଶନ ଶକ୍ତି ମହିଳା ଉପସ୍ଥିତ ଥିଲେ। ସେହିପରି ଦୁଇଦିନ ତଳେ ହୋଇଥିବା ଅନ୍ୟ ଏକ କାର୍ଯ୍ୟକ୍ରମ ନୈରାଶ୍ୟଜନକ ଭାବେ ହୋଇଥିଲା। ବିଡିଓ ବିନୀତା ବିଜୟିନୀଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ୍ ଉପାଧକ୍ଷ ପଞ୍ଚାନନ ବେହେରା, ଜିପିଇଓ ଦମୟନ୍ତୀ କିସ୍କୁ, ଜିଲ୍ଲାପରିଷଦ ସଦସ୍ୟ ସଞ୍ଜୟ କୁମାର ମଲ୍ଲିକ, ସାଂସଦଙ୍କ ବ୍ଲକ୍ ପ୍ରତିନିଧି ଶିବେନ୍ଦ୍ର କୁମାର ଚକ୍ର, ଜିଲ୍ଲା ସାଧାରଣ ସମ୍ପାଦିକା ଯଶସ୍ୱିନୀ ବଳ ଯୋଗ ଦେଇଥିଲେ। କେବଳ ସିଆର୍‌ପି, ଏମ୍‌ବିକେଙ୍କ ସହ ଏସ୍‌ଏଚ୍‌ଜିର ମହିଳାମାନେ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଇଟିଡିଏର ସାଂସଦଙ୍କ ପ୍ରତିନିଧି ଅମିୟ କୁମାର ଚକ୍ର, ଘଟଗାଁ ବ୍ଲକ୍ ସାଂସଦ ପ୍ରତିନିଧି ଅଖିଳ ପାତ୍ର, ଭଣ୍ଡାରିଡିହା ସମିତିସଭ୍ୟ ସୁବାସିନୀ ଜେନା, ବିଜେପି ନେତା ଜୀମୂତ ଚକ୍ର, ଶ୍ରୀଧର ମହାନ୍ତଙ୍କ ସହ ବହୁ ବିଜେପି ନେତା ଓ କର୍ମୀ ଯୋଗ ଦେଇଥିଲେ।




# ସୁରେଶ ପାତ୍ର ରାଇରଙ୍ଗପୁର ଏସ୍‌ପି

ବାରିପଦା, ୧୯।୬(ସମିସ): ଦୀର୍ଘଦିନରୁ ଗଠନ ହୋଇଥିବା ରାଇରଙ୍ଗପୁର ନୂତନ ପୁଲିସ ଜିଲ୍ଲାର ଏସ୍‌ପି ଭାବେ ସୁରେଶ ଚନ୍ଦ୍ର ପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏସ୍‌ପିଙ୍କ କାର୍ଯ୍ୟାଳୟକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦଘାଟନ କରିଛନ୍ତି। ଶ୍ରୀ ପାତ୍ର ଏଥିପୂର୍ବରୁ ମୟୂରଭଞ୍ଜ ଜିଲ୍ଲାର ଅତିରିକ୍ତ ଏସପି ସମେତ ବିଭିନ୍ନ ଥାନାର ଦାୟିତ୍ୱ ତୁଲାଇଛନ୍ତି। ଅଭିଜ୍ଞତା ଦୃଷ୍ଟିରୁ ତାଙ୍କର ଯୋଗଦାନକୁ ସ୍ୱାଗତ କରାଯାଇଛି। ରାଇରଙ୍ଗପୁର ପୁଲିସ ଜିଲ୍ଲା ଅଧୀନରେ ବର୍ତ୍ତମାନ ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡ ପୁଲିସ କାର୍ଯ୍ୟାଳୟ ସମେତ ୧୪ଟି ଥାନା କାର୍ଯ୍ୟ କରିବ। ଏହା ପୂର୍ବରୁ ୪ ଜଣ ଅତିରିକ୍ତ ଏସପି ଯୋଗଦେଇ ସାରିଛନ୍ତି।



# ସାଂସଦଙ୍କ ତୁଳସୀ ମୁଣ୍ଡାଙ୍କ ଆଶ୍ରମ ପରିଦର୍ଶନ

ବଡ଼ବିଲ, ୧୯।୬(ସମିସ): କେନ୍ଦୁଝର ସାଂସଦ ଅନନ୍ତ ଚରଣ ନାଏକ ଆଜି ସମାଜସେବୀ ପଦ୍ମଶ୍ରୀ ଡ. ତୁଳସୀ ମୁଣ୍ଡାଙ୍କ ଆଶ୍ରମ ପରିଦର୍ଶନ କରିଥିଲେ। କେନ୍ଦ୍ର ସରକାରଙ୍କ ୧୨ବର୍ଷ ଓ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ବିଶେଷ ଜନସମ୍ପର୍କ ଅଭିଯାନ ପାଇଁ ତୁଳସୀ ଆପଣଙ୍କୁ ଭେଟିଥିଲେ ଶ୍ରୀ ନାଏକ। ମୋଦୀ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନା ସମ୍ପର୍କ ରେ ଆଲୋଚନା କରିଥିଲେ। ବିକାଶ ସମିତିର ସଭାନେତ୍ରୀ ଦମୟନ୍ତୀ ସାମଲ ଓ ଅନୁଷ୍ଠାନର ସମସ୍ତ ଅଧିକାରୀ, କର୍ମକର୍ତ୍ତା ଉପସ୍ଥିତ ଥିଲେ।



# ନୂଆପଡ଼ା ଶୀତଳଷଷ୍ଠୀରେ ଦେବଦାସୀ ନୃତ୍ୟ

ଆନନ୍ଦପୁର, ୧୯।୬ (ସମିସ): ବଳରାମପୁର ପଞ୍ଚାୟତ ନୂଆପଡ଼ା ପତିତପାବନ କ୍ଷେତ୍ରରେ ହରପାର୍ବତୀଙ୍କ ଦ୍ୱାଦଶ ବାର୍ଷିକ ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଶିବପାର୍ବତୀଙ୍କ ବିଭାହ ଉତ୍ସବରେ ପ୍ରଥମେ ବିମାନରେ ଠାକୁରଙ୍କୁ ବସାଇ ମନ୍ଦିର ଚତୁପାଶ୍ୱର୍ରେ ପରିକ୍ରମା କରାଯାଇଥିଲା। ଠାକୁରଙ୍କ ଆଗରେ ସଂକୀର୍ତ୍ତନ ସାଙ୍ଗକୁ ବୀଣାପାଣି କଳା ନିକେତନର ନୃତ୍ୟଶିଳ୍ପୀମାନେ ଦେବଦାସୀ ନୃତ୍ୟ ପରିବେଷଣ କରିଥିଲେ। ହଜାର ହଜାର ଭକ୍ତଙ୍କ ହୁଳହୁଳି ଶଙ୍ଖ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ପରେ ପରେ ଗାଁ ପରିଭ୍ରମଣରେ ଠାକୁରଙ୍କୁ ନିଆଯାଇଥିଲା। ମଞ୍ଚରେ ନୃତ୍ୟ ଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟଅଭିନୟ ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ମନ୍ଦିରର ଟ୍ରଷ୍ଟି ସୁରେନ୍ଦ୍ର ବେହେରା ତାଙ୍କ ଧର୍ମପତ୍ନୀ ନୃତ୍ୟଗୁରୁ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କାଟିଥିଲେ। ସମସ୍ତ ସଦସ୍ୟ ଓ ଭକ୍ତମାନେ ସହଯୋଗ କରିଥଲେ।



# 'ସ୍ୱଚ୍ଛତା ସେ ସ୍ୱାଗତ' କାର୍ଯ୍ୟକ୍ରମ

ବିଶୋଇ,୧୯।୬ (ସମିସ): ରାଜ୍ୟ ଜଳ ଓ ପରିମଳ ମିଶନ ବିଭାଗ ପକ୍ଷରୁ ବିଶୋଇ ବ୍ଲକରେ ସ୍ୱଚ୍ଛତା ସେ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଆରସି ସୁକାନ୍ତି ସୋରେନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସିଡିପିଓ ବିଟୁ ଟୁଡୁ, ଏଲଏସ ମାନସୀ ମହାନ୍ତି, ଏଲଏସ୍ ପ୍ରଭାସିନୀ ଦଳେଇଙ୍କ ସମେତ ବ୍ଲକର ବହୁ ଅଙ୍ଗନବାଡି କର୍ମୀ ସ୍ୱଚ୍ଛତା ବାର୍ତ୍ତା ଦେଇ ବିଶୋଇ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପରିସରରୁ ଏକ ପଦଯାତ୍ରାରେ ବାହାରି ବିଶୋଇ ସରକାରୀ ଏସ୍‌ଏସ୍‌ଡ଼ି ବାଳିକା ଉଚ୍ଚବିଦ୍ୟାଳୟରେ ପହଞ୍ଚିଥିଲେ। ପରେ ଅଙ୍ଗନବାଡି କର୍ମୀଙ୍କ ଦ୍ୱାରା ବିଦ୍ୟାଳୟ ପରିସରକୁ ସଫେଇ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସିଡିପିଓ ବିଟୁ ଟୁଡୁ ଯୋଗଦେଇ ସ୍ୱଚ୍ଛତା ଓ ପରିଚ୍ଛନତା ବଜାୟ ରଖିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ପରେ 'ସ୍ୱଚ୍ଛତା'କୁ ନିଜ ଜୀବନର ବ୍ରତ କରିବ ପାଇଁ ସମସ୍ତେ ସାମୂହିକ ଭାବେ ଶପଥ ପାଠ କରିଥିଲେ।

# ଗିରିଜା ଶଙ୍କର ମନ୍ଦିରରେ ଶୀତଳଷଷ୍ଠୀ

ତୁରୁମୁଙ୍ଗା, ୧୯।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ଗିରିଜାଶଙ୍କର ମନ୍ଦିର ପରିସରରେ ଚତୁର୍ଦ୍ଦଶ ବାର୍ଷିକ ଶିବ ବିବାହ ଓ ଶୀତଳଷଷ୍ଠୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଉଭୟ ବର ପକ୍ଷ ଓ କନ୍ୟା ପକ୍ଷଙ୍କ ଉପସ୍ଥିତିରେ ସମସ୍ତ କର୍ମ ବୈଦିକ ରୀତିରେ ଅନୁଷ୍ଠିତ ହୋଇଥିଲା। ଗୁରୁବାର ପୁଣ୍ୟତୋୟା ବୈତରଣୀ ନଦୀର ପବିତ୍ର ଜଳ ଅଣାଯାଇ ଗିରିଜାଶଙ୍କର ଓ ମାତା ପାର୍ବତୀଙ୍କ ମହାସ୍ନାନ କରାଯାଇଥିଲା। ରାତିରେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ସମାପନ କରାଯାଇ ଥିଲା ମନ୍ଦିର ପୂଜକ ଅରୁଣ କୁମାର ମିଶ୍ର ଶରତଚନ୍ଦ୍ର ତ୍ରିପାଠୀ ପୂଜାର୍ଚ୍ଚନା କରିଥିଲେ। ଚଳିତ ବର୍ଷ ମହାଦେବଙ୍କ କର୍ତ୍ତା ଭାବେ ତୁରୁମୁଙ୍ଗା ତଳ ସାହିର ଭିନୁଆଁ ଝାଲିଆ ଧର୍ମପତ୍ନୀ ସୋନାଲି ଝାଲିଆ ଏବଂ ମାତା ପାର୍ବତୀଙ୍କ କର୍ତ୍ତା ଭାବେ କଲେଜ ସାହିର ଗୌତମ ସାହୁ ଧର୍ମପତ୍ନୀ ମଞ୍ଜୁ ରାଣୀ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ପରିଚାଳନା କରିଥିଲେ।



# ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ

ଶୁଳିଆପଦା,୧୯।୬(ସମିସ): ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ପୁଲିସ୍ ଶୁକ୍ରବାର ବିଳମ୍ବିତ ରାତିରେ ସିଙ୍ଗୀମାରାଠାରେ ଚଢ଼ଉ କରି ଏକ ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ଶୁଳିଆପଦା ପୁଲିସ୍ ଶୁକ୍ରବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ସିଙ୍ଗୀମାରା ଅଞ୍ଚଳରେ ଏକ ସନ୍ଦେହଜନକ ଟ୍ରାକ୍ଟରକୁ ଅଟକାଇ ଥିଲା। ଯାଞ୍ଚ ବେଳେ ଟ୍ରାକ୍ଟରଟି ବେଆଇନ ଭାବେ ବାଲି ବୋଝେଇ କରି ପାକଟିଆ ନେଉଥିବା ଜଣାପଡ଼ିଥିଲା। ପୁଲିସ୍ ତୁରନ୍ତ ଟ୍ରାକ୍ଟର ସହ ବାଲି ଜବତ କରି ଥାନାକୁ ଆଣିଥିଲା। ଟ୍ରାକ୍ଟର ଚାଳକ ଉତ୍ତମ ନାଏକ ଓ ମାଲିକ ଉଦ୍ଧବ କୁମାର ନାଏକଙ୍କ ବିରୁଦ୍ଧରେ ଶୁଳିଆପଦା ଥାନାରେ ଖଣି ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଦୀର୍ଘଦିନ ହେବ ଶୁଳିଆପଦା ଅଞ୍ଚଳରେ ରାତି ଅଧରେ ଚୋରା ବାଲି ଚାଲାଣ ଚାଲିଥିଲା। ଏଥିଯୋଗୁଁ ସରକାରୀ ରାଜସ୍ୱ କ୍ଷତି ହେଉଥିବା ସହ ରାସ୍ତା ନଷ୍ଟ ହେଉଥିଲା। ପୁଲିସର ଏହି କାର୍ଯ୍ୟାନୁଷ୍ଠାନକୁ ଗ୍ରାମବାସୀ ସ୍ୱାଗତ କରିଛନ୍ତି। ଶୁଳିଆପଦା ଥାନା ଅଧିକାରୀ ସତ୍ୟନାରାୟଣ ବଳ କହିଛନ୍ତି, ଚୋରା ବାଲି ଚାଲାଣରେ ସଂପୃକ୍ତ ଥିବା ଅନ୍ୟ ଲୋକଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଚୋରା ବାଲି ଚାଲାଣ ଉପରେ ଆମର ନଜର ରହିଛି। ଆଗକୁ ଏଭଳି ଚଢ଼ଉ ଜାରି ରହିବ।








## କଟୁରିଆ ଏସ୍‌ଏସ୍‌ଡି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବଦଳି

# ଶରତ ବିକାଶ ମଞ୍ଚର ବଦଳି ବାତିଲ ଦାବି

ଶରତ,୧୯।୬(ସମିସ): ମୟୂରଭଞ୍ଜ ଜିଲ୍ଲାର ଉପାନ୍ତ ତଥା ସଂପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ କପ୍ତିପଦା ବ୍ଲକର ଲାବଣ୍ୟଦେଈପୁର ପଞ୍ଚାୟତରେ ଅବସ୍ଥିତ କଟୁରିଆ ଏସଏସଡି (ଏସ୍‌ଟି ଆଣ୍ଡ ଏସ୍‌ସି ଡେଭେଲପମେଣ୍ଟ) ସ୍କୁଲ। ଉକ୍ତ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ୪୫ ଜଣ, ସପ୍ତମ ଶ୍ରେଣୀରେ ୪୫ ଜଣ, ଅଷ୍ଟମରେ ୪୭, ନବମରେ ୫୫ ଓ ଦଶମ ଶ୍ରେଣୀରେ ୫୮ ଜଣ ଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ମୋଟ ୨୫୦ ଜଣ ପିଲା ପଢୁଛନ୍ତି। ୨୦୨୬ ମାଟ୍ରିକ ପରୀକ୍ଷାରେ ୩୯ ଜଣ ଛାତ୍ରୀ ପରୀକ୍ଷା ଦେଇ ଭଲ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। କଟୁରିଆ ଏସଏସଡି ବିଦ୍ୟାଳୟ ୨୦୧୪ରେ ପ୍ରତିଷ୍ଠା ହୋଇ ଆଦିବାସୀ ଅଧ୍ୟୁଷିତ ଶରତ ଅଞ୍ଚଳ ଓ କପ୍ତିପଦା ବ୍ଲକରେ ଶିକ୍ଷାର ଆଲୋକ ବାଣ୍ଟି ଚାଲିଛି। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ(ଓଡ଼ିଶା) ଚିଠି ସଂଖ୍ୟା- ୧୩୫୪୫/ ଏସଏସ୍‌ଡି ଭୁବନେଶ୍ୱର ୧୨/୦୬/୨୦୨୬ରେ ଜାରି କରିଥିବା ବଦଳି ଆଦେଶରେ ରାଜ୍ୟର ୧୦୪ଟି ଏସଏସ୍‌ଡି ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ବଦଳି ଆଦେଶ ଦେଇଛନ୍ତି। ଚିଠିରେ ବଦଳି ସମ୍ପର୍କରେ ଉଲ୍ଲେଖ ରହିଥିଲେ ହେଁ ନୂତନ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନିଯୁକ୍ତି ସମ୍ପର୍କରେ କୌଣସି ଚିଠି ଜାରି ହୋଇନାହିଁ। ଫଳରେ ରାଜ୍ୟର ଏସଏସଡ ବିଦ୍ୟାଳୟରେ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହେବା ନେଇ ଅଭିଭାବକ ମହଲରେ ଆଶଙ୍କା ସୃଷ୍ଟି ହୋଇଛି। ବଦଳି ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରାଯାଇଥିବା ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ସେମାନଙ୍କ ନୂତନ ପୋଷ୍ଟିଂ ସ୍ଥାନରେ ୧୮ ଜୁନ ସୁଦ୍ଧା ଯୋଗଦାନ କରିବେ ଓ ସେମାନେ ଦାୟିତ୍ୱରେ ଥିବା ବିଦ୍ୟାଳୟର ଚାର୍ଜ ବିଦ୍ୟାଳୟର ସିନିୟର ମୋଷ୍ଟ ଟିଜିଟି ଆର୍ଟ୍ସ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଚାର୍ଜ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଜାରି ହୋଇଛି। ଏହି କ୍ରମରେ କଟୁରିଆ(ହୁଡିସାହି) ବିଦ୍ୟାଳୟର ପ୍ରଧାନଶିକ୍ଷକ ଡମ୍ବରୁଧର ମାରାଣ୍ଡିଙ୍କର ମଧ ବଦଳି ଆଦେଶ ଜାରି ହୋଇଛି। ସେ କେନ୍ଦୁଝର ଜିଲ୍ଲାର ମାଟକାମବେଡା ଉଚ୍ଚ ବିଦ୍ୟାଳୟରେ ଯୋଗଦାନ କରିବା ପାଇଁ ନିର୍ଦ୍ଦେଶ ଜାରି ହୋଇଛି। ଏହାକୁ ଶରତ ବିକାଶ ମଞ୍ଚ ପକ୍ଷରୁ ବିରୋଧ କରାଯାଇ ବଦଳି ବାତିଲ ଦାବି କରାଯାଇଛି।

କଟୁରିଆ ଏସ୍‌ଏସଡି ବିଦ୍ୟାଳୟରେ ଇଣ୍ଟରମିଡିଏଟ୍ ଡି.ଏଲ. ଏଜ୍ୟୁକେସନ ଆସିଷ୍ଟାଣ୍ଟ ଆର୍ଟ୍ସ ଟିଚର ଶିକ୍ଷକ ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାଙ୍କୁ ପାଠ ପଢ଼ାନ୍ତି। ଯାହାର ବିଷୟ ସମୂହ ଓଡ଼ିଆ, ଇଂରାଜୀ, ଇତିହାସ ଓ ଭୂଗୋଳ ପଦବୀ ଫାଙ୍କା ପଡିଥିବାବେଳେ ହଠାତ ପ୍ରଧାନଶିକ୍ଷକଙ୍କୁ ଏହି ବିଦ୍ୟାଳୟରୁ ବଦଳି କରାଯିବା ଦ୍ୱାରା ବିଦ୍ୟାଳୟରେ କୃତ୍ରିମ ଭାବେ ଶିକ୍ଷକ ଅଭାବ ସୃଷ୍ଟି ହୋଇଛି ବୋଲି ଶରତ ବିକାଶ ମଞ୍ଚ ପକ୍ଷରୁ କରାଯାଇଛି। ବର୍ତ୍ତମାନ ଉକ୍ତ କଟୁରିଆ ଏସଏସଡି ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କୁ ମିଶାଇ ୯ ଜଣ ଟିଚିଙ୍ଗ ଷ୍ଟାଫ ରହିଥିବାବେଳେ ତାଙ୍କ ବଦଳି ହେଲେ ୮ ଜଣ ଟିଚିଂ ଷ୍ଟାଫ ରହିବେ। ଯାହା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବ ବୋଲି ଶରତ ବିକାଶ ମଞ୍ଚ ଅଭିଯୋଗ କରିଛନ୍ତି। ପ୍ରଧାନଶିକ୍ଷକ ଡମ୍ବରୁଧର ମାରାଣ୍ଡିଙ୍କର ବଦଳି ଆଦେଶ ବାତିଲ କରାଯିବା ସହିତ ବିଦ୍ୟାଳୟରେ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ପିଲାଙ୍କୁ ପାଠ ପଢାଇବା ନିମନ୍ତେ ଫାଙ୍କା ପଡିଥିବା ଶିକ୍ଷକ ପଦବୀ ପୂରଣ କରାଯିବା ନିମନ୍ତେ ଶରତ ବିକାଶ ମଞ୍ଚ ପାଖରୁ ଦାବି ହୋଇଛି। ଏହି ସମସ୍ୟାର ସମାଧାନ ଦିଗରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ, ଉଦଳା ବିଧାୟକ ଭାସ୍କର ମଢେଇ ଓ ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ ଯତ୍ନବାନ ହେବାକୁ ଶରତ ବିକାଶ ମଞ୍ଚ ଦାବି କରିଛି। ଦାବି ପୂରଣ ନ ହେଲେ ବିଧାନସଭା ଘେରଉ କରାଯିବ ବୋଲି ମଞ୍ଚ ଚେତାବନୀ ଦେଇଛି।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟଜନିତ ସମସ୍ୟା ଦେଖା ଦେବ। କ୍ୟାରିୟରକୁ ନେଇ ଆଗକୁ ବଢ଼ିବେ। ବୈବାହିକ ଜୀବନ ସୁଖମୟ ହେବ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲରେ କଟିବ।

**ବୃଷ:** ସମାଜରେ ମାନସମ୍ମାନ ବୃଦ୍ଧି ପାଇବ। ପରିବାରର ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ଅଧିକ କାମ କରିବାକୁ ପଡ଼ିବ। ବ୍ୟବସାୟରେ ଲାଭ ମିଳିବ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ବିଦେଶୀ ଭାଷା ଶିଖିବା ପ୍ରତି ଆଗ୍ରହ ବଢ଼ିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ଲାଗି ବିଦ୍ୟାର୍ଥୀଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ।

**ସିଂହ:** କାର୍ଯ୍ୟରେ ସଫଳତା ମିଳିବ। ଦିନଟି ବ୍ୟସ୍ତତା ଭିତରେ କଟିବ। ଜୀବନସାଥୀଙ୍କ ସହ ସମ୍ପର୍କ ମଧୁର ହେବ। ସାମାଜିକ କାର୍ଯ୍ୟରେ ସହଯୋଗ କରିବେ। ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**କନ୍ୟା:** ସହକର୍ମୀଙ୍କ ସହ ଉତ୍ତମ ବୁଝାମଣା ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ଗବେଷଣା କରୁଥିବା ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ।

**ତୁଳା:** ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କଠାରୁ ପ୍ରଶଂସା ପାଇବେ। ଏମ୍‌ବିଏ ଛାତ୍ରଛାତ୍ରୀଙ୍କୁ ଚାକିରିର ସୁଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ଧନ ଲାଭର ଯୋଗ ଅଛି।

**ବିଛା:** ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ଆଇନ ମାମଲାରେ ସଫଳତା ମିଳିବ। ସନ୍ତାନଙ୍କ ବ୍ୟବହାରକୁ ନେଇ ଚିନ୍ତାରେ ରହିବେ।

**ଧନୁ:** ଖେଳକୁଦ ପ୍ରତି ବିଦ୍ୟାର୍ଥୀଙ୍କ ଆଗ୍ରହ ପରିଲକ୍ଷିତ ହେବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ଘରକୁ ଅତିଥିଙ୍କ ଆଗମନ ହେବ।

**ମକର:** ଦିନଟି କର୍ମତତ୍ପର ରହିବେ। ବ୍ୟବସାୟକୁ ଆଗକୁ ନେବା ଲାଗି ନୂଆ ଯୋଜନା କରିବେ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଖାଦ୍ୟପାନୀୟ ଉପରେ ଧ୍ୟାନ ଦେବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଅଯଥା କାମକୁ ନେଇ ଚିନ୍ତାରେ ରହିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ବିବାହ ପ୍ରସ୍ତାବ ଆସିବ।

**ମୀନ:** ଚାକିରିରେ ନୂଆ ସୁଯୋଗ ଜୁଟିବ ଏବଂ ସହକର୍ମୀଙ୍କ ସହଯୋଗ ମିଳିବ। ପରିବାରରେ ହସଖୁସିର ପରିବେଶ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ।

## ଆଜିର ଇତିହାସ

- ୧୮୩୭- ବ୍ରିଟେନର ମହାରାଣୀ ହେଲେ ଭିକ୍ଟୋରିଆ।
- ୧୮୫୮-ଗ୍ୱାଲିୟର କିଲ୍ଲା ଉପରେ ବ୍ରିଟିଶ ସେନାର କବ୍‌ଜା।
- ୧୮୮୭- ମୁମ୍ବାଇର ସବୁଠୁ ବ୍ୟସ୍ତତମ ରେଳ ଷ୍ଟେସନ ଭିକ୍ଟୋରିଆ ଟର୍ମିନସ୍ ଲୋକଙ୍କ ପାଇଁ ଖୋଲିଲା।
- ୧୯୧୬- ଭାରତର ପ୍ରଥମ ମହିଳା ବିଶ୍ୱବିଦ୍ୟାଳୟ ଏସ୍. ଏନ୍. ଡି. ଟି ପୁନେରେ ସ୍ଥାପନା କରାଗଲା।
- ୧୯୯୦- ଇରାନ୍‌ରେ ଆସିଥିବା ଭୂମିକମ୍ପରେ ୪୦ ହଜାର ଲୋକଙ୍କ ପ୍ରାଣହାନି।

# ଡମି ସହର

କଳା ମଚମଚ ପିଚୁ ରାସ୍ତା, ଟ୍ରାଫିକ୍ ସିଗନାଲ୍, ଗାଡ଼ିଗୁଡ଼ିକ ପାଇଁ ପେଟ୍ରୋଲ ପମ୍ପ, ବିଳାସପୂର୍ଣ୍ଣ ଘର ଏବଂ ହୋଟେଲ, ରୋଗୀମାନଙ୍କ ଚିକିତ୍ସା ପାଇଁ ହସ୍ପିଟାଲ୍ ଥିବା ସତ୍ତ୍ୱେ ଯଦି କୌଣସି ସହରରେ ଜଣେ ହେଲେ ବି ମଣିଷ ରହୁ ନ ଥିବେ ଏକଥା ଶୁଣି ଜଣକୁ ଆଶ୍ଚର୍ଯ୍ୟ ଲାଗୁଥିବ। ପ୍ରଥମେ ଏହା କୌଣସି ହରର୍ ଫିଲ୍ମର ସେଟ୍ ଭଳି ଅନେକ ଭାବିବେ। ପ୍ରକୃତରେ ଏହା ଆମେରିକାର ଗୁପ୍ତଚର ସଂସ୍ଥା ଏଫ୍‌ବିଆଇର ଏକ ଅତ୍ୟନ୍ତ ଗୋପନୀୟ ଏବଂ ହାଇଟେକ୍ ମାଷ୍ଟରପ୍ଲାନ୍। ଆଲାବାମାର ହଣ୍ଟସଭିଲ୍‌ରେ ତିଆରି ହୋଇଥିବା ଏହି ନକଲି ସହର ଉପରେ ଏଫ୍‌ବିଆଇ କୋଟି କୋଟି ଟଙ୍କା ଖର୍ଚ୍ଚ କରିଛି। ଏହା କୌଣସି ସାଧାରଣ ସ୍ଥାନ ନୁହେଁ, ବରଂ ୨୨,୦୦୦ ବର୍ଗ ଫୁଟ୍ ଅଞ୍ଚଳରେ ବ୍ୟାପିଥିବା ଏକ ଏମିତି ଦୁନିଆ, ଯାହାକୁ ଅବିକଳ ଆମେରିକାର କୌଣସି ଏକ ଛୋଟ ସହର ଭଳି ଡିଜାଇନ୍ କରାଯାଇଛି। ଏଫ୍‌ବିଆଇ ଏହି ସହରକୁ 'କାଇନେଟିକ୍ ସାଇବର ରେଞ୍ଜ' ନାମ ଦେଇଛି। ଏହାକୁ ତିଆରି କରିବା ପଛର ଉଦ୍ଦେଶ୍ୟ ଚତୁର ହ୍ୟାକର୍‌ମାନଙ୍କୁ ଉଚିତ୍ ଶିକ୍ଷା ଦେବା। ପ୍ରକୃତରେ ଏହା ଏଫ୍‌ବିଆଇ ଦ୍ୱାରା ନିର୍ମିତ ଏମିତି ଏକ ସ୍ଥାନ ଯେଉଁଠି ଏଜେଣ୍ଟମାନେ ବନ୍ଦ କୋଠରୀର ଲାଇଭ୍ ସାଇବର ଆକ୍ରମଣର ମୁକାବିଲା କରିବା ପାଇଁ ଟ୍ରେନିଂ ନେଇଥାନ୍ତି। ଆମେରିକାରେ ସାଇବର ଆକ୍ରମଣ ଯୋଗୁଁ ବାର୍ଷିକ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର କ୍ଷତି ହେଉଛି, ଯାହା ପ୍ରତିବର୍ଷ ୨୬% ହାରରେ ବଢ଼ିବାରେ ଲାଗିଛି। ହ୍ୟାକର୍‌ମାନେ କେବଳ କମ୍ପ୍ୟୁଟର ନୁହେଁ, ବରଂ ହସ୍ପିଟାଲ୍, ବିଦ୍ୟୁତ୍ ଯୋଗାଣ କେନ୍ଦ୍ର ଏବଂ ବ୍ୟାଙ୍କିଙ୍ଗ୍ ସିଷ୍ଟମକୁ ଅଚଳ କରିବାକୁ ଚେଷ୍ଟା କରୁଛନ୍ତି। ଯଦି ହ୍ୟାକର୍‌ମାନେ ଏକାସଙ୍ଗେ ସାରା ସହରକୁ ବ୍ଲାକ୍‌ଆଉଟ୍ କରିଦିଅନ୍ତି କିମ୍ବା ମେଡିକାଲ୍ ସିଷ୍ଟମ୍ ବନ୍ଦ କରିଦିଅନ୍ତି, ତେବେ ଦେଶରେ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହେବ। ସେଭଳି ସଂକଟରୁ ବର୍ତ୍ତିବା ପାଇଁ ଏଫ୍‌ବିଆଇ ଏହି ନକଲି ସହରରେ ଆଗୁଆ ଅଭ୍ୟାସ କରୁଛି। ଏହି ମାଷ୍ଟରପ୍ଲାନ୍ ବହୁତମାତ୍ରାରେ ସଫଳ ମଧ୍ୟ ହୋଇଥିବା କୁହାଯାଉଛି, କାରଣ ଏହି ନକଲି ସହରରେ ଏପର୍ଯ୍ୟନ୍ତ ୧,୪୦୦ ରୁ ଅଧିକ ସାଇବର ଯୋଦ୍ଧାଙ୍କୁ ଟ୍ରେନିଂ ଦେଇ ଦେଶକୁ ସୁରକ୍ଷା ଦେବା ପାଇଁ ପ୍ରସ୍ତୁତ କରାଯାଇଛି। ସାଧାରଣ କ୍ଲାସରୁମ୍ ପାଠପଢ଼ା ଅପେକ୍ଷା ଏହି ସହରର ଲାଇଭ୍ ପ୍ରାକ୍ଟିସ୍ ଏଜେଣ୍ଟମାନଙ୍କୁ ଏତେ ଶକ୍ତିଶାଳୀ କରୁଛି ଯେ, ସେମାନେ ଦୁନିଆର ସବୁଠାରୁ ଚତୁର ହ୍ୟାକର୍‌ମାନଙ୍କର ଜଟିଳ ସିକ୍ୟୁରିଟି କୋଡ୍ ଏବଂ ଡିଜିଟାଲ୍ ଲକ୍‌କୁ ସହଜରେ ଭାଙ୍ଗିବାକୁ ସକ୍ଷମ ହେଉଛନ୍ତି।



# ବିଶ୍ୱ ଶରଣାର୍ଥୀ ଦିବସ

ପ୍ରତିବର୍ଷ ଜୁନ୍ ୨୦ ତାରିଖକୁ 'ବିଶ୍ୱ ଶରଣାର୍ଥୀ ଦିବସ' ଭାବେ ପାଳନ କରାଯାଏ। ନିଜର ଘରଦ୍ୱାର ଓ ଜନ୍ମଭୂମି ଛାଡ଼ିବାକୁ ବାଧ୍ୟ ହୋଇଥିବା ଶରଣାର୍ଥୀମାନଙ୍କର ସାହସ, ସଂଘର୍ଷ ଏବଂ ଦୃଢ଼ତାକୁ ସମ୍ମାନ ଜଣାଇବା ଏହି ଦିବସର ମୂଳ ଉଦ୍ଦେଶ୍ୟ। ଏହି ଦିନକୁ ମୁଖ୍ୟତଃ ସେହି ଲୋକଙ୍କ ଉଦ୍ଦେଶ୍ୟରେ ପାଳନ କରାଯାଏ, ଯେଉଁମାନେ ଦିନେ ନିଜ ଭିଟାମାଟି ଏବଂ ଅନ୍ୟ ସମସ୍ତ ଜିନିଷ ଛାଡ଼ି ଅନ୍ୟତ୍ର ସ୍ଥାନାନ୍ତର ହେବାକୁ ବାଧ୍ୟ ହୋଇଥିଲେ। ସେମାନଙ୍କ ପ୍ରତି ସମ୍ବେଦନା ପ୍ରଦାନ କରିବା ପାଇଁ ଏହି ଦିବସର ଆୟୋଜନ କରାଯାଏ। ଶରଣାର୍ଥୀମାନଙ୍କୁ ସହଯୋଗ କରିବା ତଥା ସେମାନଙ୍କୁ ଥଇଥାନ କରିବା ପାଇଁ ରାଜନୈତିକ ଇଚ୍ଛାଶକ୍ତି ବୃଦ୍ଧି କରି ସେମାନଙ୍କୁ ଅନ୍ୟ ଦେଶରେ ପୁଣି ଥରେ ସୁରୁଖୁରରେ ଜୀବନ ଅତିବାହିତ କରିବାର ସୁବିଧାସୁଯୋଗ ଦେବା ହେଉଛି ଏହି ଦିବସର ମୂଳ ଉଦ୍ଦେଶ୍ୟ। ବର୍ତ୍ତମାନ ସୁଦାନ, ୟୁକ୍ରେନ, ଆଫଗାନିସ୍ତାନ, ସିରିଆ ଏବଂ ମିଆଁମାର୍‌ରେ ଚାଲିଥିବା ଯୁଦ୍ଧ ଓ ହିଂସା ଯୋଗୁଁ ସବୁଠାରୁ ଅଧିକ ଲୋକ ଶରଣାର୍ଥୀ ପାଲଟିଛନ୍ତି। ପ୍ରଥମେ ଏହି ଦିବସ ୨୦୦୧ ଜୁନ୍ ୨୦ରେ ପାଳନ କରାଯାଇଥିଲା। ଶରଣାର୍ଥୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ୨୦୦୧ ମସିହାରେ ୧୯୫୧ରେ ଆୟୋଜିତ ଶରଣାର୍ଥୀ ସମ୍ମିଳନୀର ୫୦ ତମ ବାର୍ଷିକୀ ପାଳନ ଅବସରରେ ଏହି ଦିବସ ପାଳନ ପାଇଁ ମିଳିତ ଜାତିସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଦିନ ସମଗ୍ର ବିଶ୍ୱରେ ଥିବା ଶରଣାର୍ଥୀଙ୍କ ଉନ୍ନତି ପାଇଁ ପଦକ୍ଷେପ ନିଆଯିବା ସହ ଅନ୍ତର୍ଜାତୀୟ ସ୍ତରରେ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯାଏ। ଆଜିର ଏହି ଦିନର ବିଶେଷ ଉଦ୍ଦେଶ୍ୟ ହେଉଛି ଶରଣାର୍ଥୀମାନଙ୍କ ପରିବାରର ସୁରକ୍ଷା, ସେମାନଙ୍କ ପିଲାମାନଙ୍କ ସୁରକ୍ଷା ଓ ସମାଜରେ ତିଷ୍ଠିବା ପାଇଁ ସେମାନଙ୍କୁ ରୋଜଗାର ଦେବା ଦିଗରେ ଜନସଚେତନତା ସୃଷ୍ଟି କରିବା। ଭାରତ ୧୯୫୧ ଜାତିସଂଘ ଶରଣାର୍ଥୀ ସମାବେଶର ସ୍ୱାକ୍ଷରକାରୀ ଦେଶ ନୁହେଁ। ତଥାପି, ମାନବିକତା ଆଧାରରେ ଭାରତ ବହୁ ବର୍ଷ ଧରି ତିବ୍ବତ, ଶ୍ରୀଲଙ୍କା, ଆଫଗାନିସ୍ତାନ ଏବଂ ମିଆଁମାର୍‌ରୁ ଆସିଥିବା ହଜାର ହଜାର ଶରଣାର୍ଥୀଙ୍କୁ ଆଶ୍ରୟ ଓ ମୌଳିକ ସୁବିଧା ଯୋଗାଇ ଦେଇଆସୁଛି। ଚଳିତ ବର୍ଷ ଏହି ଦିବସର ଥିମ୍ "ସମସ୍ତେ ସୁରକ୍ଷିତ ନ ହେବା ପର୍ଯ୍ୟନ୍ତ" ରଖାଯାଇଛି।

# ବଜେଟ୍ କାରଣରୁ ଅଡୁଆରେ 'ବାରାଣସୀ'



୨୦୨୭ର ସବୁଠାରୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ତାଲିକାରେ ଏସ୍. ଏସ୍. ରାଜାମୌଳିଙ୍କ ଫିଲ୍ମ 'ବାରାଣସୀ' ରହିଛି। ଏଥିରେ ଲିଡ୍ ରୋଲରେ ମହେଶ ବାବୁ ଓ ପ୍ରିୟଙ୍କା ଚୋପ୍ରା ନଜର ଆସିବେ। ସେହିପରି ପୃଥ୍ୱୀରାଜ ସୁକୁମାରନ୍ ଏହି ଚଳଚ୍ଚିତ୍ରରେ ଖଳନାୟକ ଭାବେ ଦେଖାଯିବେ। ଏହା ଭାରତୀୟ ସିନେମାର ଦ୍ୱିତୀୟ ସବୁଠୁ ବ୍ୟୟବହୁଳ ଚଳଚ୍ଚିତ୍ର ହେବ ବୋଲି କୁହାଯାଉଛି। ୧୨୦୦-୧୩୦୦ କୋଟି ଟଙ୍କାର ବଜେଟ୍‌ରେ ଏହାକୁ ପ୍ରସ୍ତୁତ କରାଯାଉଛି। ଚଳଚ୍ଚିତ୍ରର ବଜେଟ୍ ବଢ଼ିଯିବାରୁ ଏହା ନିର୍ମାତାମାନଙ୍କ ଚିନ୍ତା ବଢ଼ାଇ ଦେଇଛି ବୋଲି ଅନେକ ଦିନରୁ ଖବର ଆସୁଛି। ହେଲେ ଏଯାବତ୍ ବିଧିବଦ୍ଧ ଭାବେ ଫିଲ୍ମ ନିର୍ମାତା କିଛି କହିନାହାନ୍ତି। ରାଜାମୌଳିଙ୍କ ଚଳଚ୍ଚିତ୍ରଗୁଡ଼ିକର ବଜେଟ୍ ବଢ଼ିବା କୌଣସି ନୂଆ କଥା ନୁହେଁ। ଏମିତି ପ୍ରାୟତଃ ହୋଇଆସୁଛି, 'ବାରାଣସୀ' କ୍ଷେତ୍ରରେ ଏହା ହେବା କୌଣସି ନୂଆ କଥା ନୁହେଁ। ଅପରପକ୍ଷରେ ରାଜାମୌଳି ଏହି ଫିଲ୍ମର ନିର୍ଦ୍ଦେଶନା ଦେବା ପାଇଁ କୌଣସି ପାରିଶ୍ରମିକ ନେଇନାହାନ୍ତି, ଏପରିକି ମହେଶ ବାବୁ ମଧ୍ୟ ଏପର୍ଯ୍ୟନ୍ତ କୌଣସି ନିର୍ଦ୍ଧାରିତ ଫିସ୍ ନେଇ ନ ଥିବା ଜଣାପଡ଼ିଛି। ଅବଶ୍ୟ ଉଭୟ ଫିଲ୍ମର ଲାଭର ଅଂଶୀଦାର ରହିବେ। ତେବେ ଏପରି କରିବା ପଛର କାରଣ ହେଉଛି, ଯେପରି ଚଳଚ୍ଚିତ୍ର ନିର୍ମାତାଙ୍କ ଉପରେ କୌଣସି ପ୍ରକାରର ଆର୍ଥିକ ଚାପ ନ ପଡ଼େ। ତଥାପି ଚଳଚ୍ଚିତ୍ରର ବଜେଟ୍ ବଢ଼ିଯାଇଛି। ନିକଟରେ 'ବାରାଣସୀ'କୁ ନେଇ ସୂଚନା ମିଳିଛି ଯେ, ଚଳଚ୍ଚିତ୍ରର ଯେଉଁ ବଜେଟ୍ ଫିଲ୍ମ ଆରମ୍ଭ ପୂର୍ବରୁ ଚିନ୍ତା କରାଯାଇଥିଲା, ଏବେ ତାହା ତା'ଠାରୁ ମଧ୍ୟ ଅଧିକ ହୋଇଯାଇଛି। ଏହା ସହିତ ଚଳଚ୍ଚିତ୍ରର ଗ୍ରାଣ୍ଡ ଭିଜନକୁ ପୂରଣ କରିବା ପାଇଁ ଏବେ ନିର୍ମାତାମାନଙ୍କୁ ଆହୁରି ଅଧିକ ଟଙ୍କା ଲଗାଇବାକୁ ପଡୁଛି। ରାଜାମୌଳିଙ୍କର ଯେଉଁଭଳି ସିନେମା ଶୈଳୀ, ସେ ନିଜ ଚଳଚ୍ଚିତ୍ରର ଆଉଟପୁଟ୍ ଅପେକ୍ଷା ବଜେଟ୍‌କୁ କେବେହେଲେ ଅଧିକ ଗୁରୁତ୍ୱ ଦିଅନ୍ତି ନାହିଁ। ଏହି କାରଣରୁ ତାଙ୍କର ପୂର୍ବ ଚଳଚ୍ଚିତ୍ରଗୁଡ଼ିକ ବ୍ଲକ୍‌ବଷ୍ଟର୍ ପ୍ରମାଣିତ ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ରାଜାମୌଳିଙ୍କ ଚଳଚ୍ଚିତ୍ରଗୁଡ଼ିକ ଏତେ ଚମତ୍କାର ହୋଇଥାଏ ଯେ, ତାହା ସହଜରେ ନିଜର ବଜେଟ୍ ଉଠାଇ ନେଇଥାଏ। ତେବେ ଯଦି ବଜେଟ୍ ୧୨୦୦-୧୩୦୦ କୋଟିରୁ ଅଧିକ ବଢ଼ିଯାଏ, ତେବେ ସମସ୍ୟା ହେବ ବୋଲି ଟ୍ରେଡ୍ ଆନାଲିଷ୍ଟମାନେ ମତ ଦେଇଛନ୍ତି। ଅବଶ୍ୟ ରାଜାମୌଳିଙ୍କ ନିର୍ଦ୍ଦେଶନା ଓ ଏଥିରେ ବଡ଼ ବଡ଼ କଳାକାର ଅଭିନୟ କରୁଥିବାରୁ ଫିଲ୍ମ ସେତିକି ରୋଜଗାର କରିବା ଆଶା କରାଯାଉଛି।

## ପ୍ରହେଳିକା

- ଜୁନ୍ ଏକୋଇଶି ତାରିଖେ ମିତ
ଖୁସିରେ ହସଇ ସାରା ଜଗତ
ସୁସ୍ଥ ଓ ସବଳ ଶରୀର ପାଇଁ
ଆସନ କରନ୍ତି ଭଉଣୀ, ଭାଇ
ରୋଗ ନ ଆସଇ ପାଶ
ସମଗ୍ର ବିଶ୍ୱରେ ସଭିଏଁ ପାଳନ୍ତି
କୁହ ସେ କେଉଁ ଦିବସ।

ଉତ୍ତର-ବିଶ୍ୱ ଯୋଗ ଦିବସ

- ଜ୍ୟୈଷ୍ଠ ଅନ୍ତେ ସେହି ମାସଟି ଆସେ
ନୀଳ ଆକାଶରେ ବାଦଲ ଭାସେ
ବାଦଲ ବୁକୁରୁ ଝରେ ବରଷା
ଜୀବ ଜଗତର ମେଣ୍ଟଇ ତୃଷା
ଭିଜଇ ଧରଣୀ ପୃଷ୍ଠ
ତା'ର ଆଗମନେ ଚଷାପୁଅ ହସେ
କୁହ'ତ ତା'ନାମ ମିତ।

ଉତ୍ତର-ଆଷାଢ଼ ମାସ

- ଗ୍ରୀଷ୍ମକାଳ ଯେବେ ଧରାରୁ ହଟେ
କୋଳିଟିଏ ମିଳେ ବଜାର ହାଟେ
କଳା ମଚମଚ ଶରୀର ତା'ର
କରିଥାଏ ସେ ରୋଗ ପ୍ରତିକାର
କଷା ଓ ମଧୁର ସ୍ୱାଦ
ଲୁଣ ଗୋଳାଇଲେ ଭାରି ଭଲ ଲାଗେ
କୁହ ତା'ର ନାମ ମିତ।

ଉତ୍ତର-ଜାମୁକୋଳି

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର





## ବାପା



ସୁହଂସ ଭୋଇ

ମାଆ ମମତାର ନଈଟିଏ ହେଲେ
ବାପା ତ ସାଗର ପରି,
ହୃଦୟରେ ଯା'ର ସେନେହ ଆଦର
ରହିଛି ଅମାପ ଭରି।
ଘର ପରିବାର ବଗିଚା ପରିକା
ଆମେ ତ ଫୁଲର କଳି,
ସାରା ରାତି ଦିନ କରେ ସେ ଯତନ
ବାପା ବଗିଚାର ମାଳି।
ସତେକି ଯେମିତି ପୁଅ ଝିଅ ତା'ର
ମୁଠିଏ ଶୁଖିଲା ମାଟି,
ଓଦା କରି ତାକୁ ଗଢ଼ିଦିଏ ବାପା
ସୁନ୍ଦର କଣ୍ଢେଇ ଗୋଟି।
ନଭ ମଣ୍ଡଳର ବାପା ଦିବାକର
ଆମେ ଟିକି ଟିକି ତାରା,
ଅନ୍ଧାରେ ଆଲୁଅ ଦେଖାଏ ଆମକୁ
ଝଲସି ଉଠଇ ଧରା।
ବାପା ଝଙ୍କାଳିଆ ବରଗଛଟିଏ
ବାଟେ ଅଛି ଠିଆ ହୋଇ,
ହସି ହସି ନିଜେ ଖରାତରା ସହି
ଆମକୁ ଦିଏ ସେ ଛାଇ।
ଦୁଃଖ ସୁଖ ଭରା ଦୁନିଆରେ ଆଉ
ବାପା ପରି କେହି ନାହିଁ,
ଛାତିକୁ ପଥର କରି ବାଟ ଚାଲେ
କାନ୍ଧରେ ଜଂଜାଳ ବୋହି। ■

ପହଣ୍ଡି, ବିଜେପୁର, ବରଗଡ଼

# ସୁମନ

## ପଢ଼ିଲେ ଜାଣିବା, ଜାଣିଲେ ଜିଣିବା




ଦେବରାଜ ପାଣିଗ୍ରାହୀ

ବାପାମାଆଙ୍କର ଗୋଟିଏ ବୋଲି ପୁଅ ହୋଇଥିବାରୁ ଟୁଲୁ ପିଲାଦିନରୁ ଗେଲବସରରେ ବଢ଼ିଥାଏ। ବାପା ସନାତନ ବାବୁ ଓ ମାଆ ମୀନା ଦେବୀ ତା'ର ସବୁ ଅଳିଅର୍ଦ୍ଦଳି ପୂରଣ କରି ଦିଅନ୍ତି। ହେଲେ ଏତେ ସବୁ ସୁବିଧା ସୁଯୋଗ ଭିତରେ ବି ସେ ପାଠ ପଢ଼ାରେ ମନ ଦିଏନି। କାହା କଥା ଶୁଣେନି କି ମାନେନି, ମନକୁ ଯେତେବେଳେ ଯାହା ଆସେ ତାହା କରେ। ଘରେ, ବାହାରେ, ବିଦ୍ୟାଳୟରେ ସବୁବେଳେ ତା' ନାଆଁରେ କିଛି ନା କିଛି ଅଭିଯୋଗ। ବୟସ ବଢ଼ିବା ସହିତ ତା'ର ଦୁଷ୍ଟାମି କମିବା ପରିବର୍ତ୍ତେ ବଢ଼ିବଢ଼ି ଚାଲିଲା। ବାପାମାଆ, ଶିକ୍ଷକ ଶିକ୍ଷୟିତ୍ରୀ, ଗୁରୁ ଗୁରୁଜନ, ସାଙ୍ଗସାଥୀ ଯିଏ ଯେତେ ପ୍ରକାରେ ବୁଝେଇ ସୁଝେଇ କହିଲେ ବି ଟୁଲୁ ଉପରେ କୌଣସି ପ୍ରଭାବ ପଡ଼େନାହିଁ। ସବୁକିଛିକୁ ଏ କାନରେ ଶୁଣି ସେ କାନରେ ବାହାର କରିଦିଏ। ବାପାମାଆଙ୍କର ସବୁବେଳେ ଗୋଟିଏ ଚିନ୍ତା, ପିଲାଟା ଠିକଣା ବାଟରେ ନ ପଡ଼ିଲେ ତା'ର ଭବିଷ୍ୟତ କ'ଣ ହେବ ? ପରିବାରର ଭବିଷ୍ୟତ କ'ଣ ହେବ ? ସେଦିନ ବାପାମାଆ ଆଉ ଟୁଲୁ ଶୋଇଥାନ୍ତି। ସକାଳୁ ସକାଳୁ ବାପାଙ୍କର ଫୋନ୍ ରିଂ ହେଲା। ଟୁଲୁ ଫୋନ୍ ଉଠାଇ କହିଲା – "ହ୍ୟାଲୋ, କିଏ କହୁଛନ୍ତି ? " ସେପଟୁ ଶୁଭିଲା" କିରେ ଟୁଲୁ, ମୁଁ ତୋର ଜେଜେବାପା କହୁଛି। ତୁ ସହରରେ ବାପାମାଆଙ୍କ ସହିତ ରହୁଛୁ, ଭଲ ଅଛୁ ତ? ଆରେ ମୁଁ ଗାଆଁରେ ରହୁଛି ବୋଲି କ'ଣ ମୋର ପାଟି ବାରିପାରୁନୁ ? ହଇରେ ନାତି, ଆଜି ମୁଁ ମଧ୍ୟାହ୍ନରେ ତୁମ ଘରେ ପହଞ୍ଚୁଛି। ଏଥର ତୁମ ଘରେ ମାସେ କାଳ ରହିବି। ବାପାମାଆଙ୍କୁ କହିଦେବୁ।" ଖୁସି ମନରେ ଜେଜେଙ୍କୁ ପ୍ରଣାମ ଜଣାଇ ଟୁଲୁ କହିଲା – "ନାଇଁ ଜେଜେ, ସେମିତି ନୁହଁ। ଶୋଇଥିଲି ତ ହଠାତ୍ ତୁମ ପାଟି ବାରିପାରିଲି ନାହିଁ। ଆମ ଘର କ'ଣ, ତୁମ ଘର କ'ଣ ? ଆସ ଜେଜେ ଆମ ଘରେ ଯେତେଦିନ ଚାହିଁବ, ସେତେଦିନ ରହିପାରିବ। କିଛି ଅସୁବିଧା ହେବନି। ବଢ଼ିଆ ହେବ, ମଜା କରିବା। ଠିକ୍ ଅଛି, ମୁଁ ଏବେ ବାପାମାଆଙ୍କୁ କହି ଦେଉଛି। "ଜେଜେ ଆସୁଥିବା ଜାଣି ବାପାମାଆ ମଧ୍ୟ ବହୁତ ଖୁସି ହେଲେ। ଜେଜେ ଆସିବା ପରେ ଦୁଇତିନି ଦିନ ଭିତରେ ଟୁଲୁର ମତିଗତି ଲକ୍ଷ୍ୟ କରି ସବୁ କଥା ଜାଣି ପାରିଲେ। ସେ ଭାବିଲେ, ଟୁଲୁକୁ ଉପଦେଶ କି ପରାମର୍ଶ ଦେଇ କି ଗାଳିମାଡ଼ ଦେଇ, ବାଟକୁ ଆଣି ହେବ ନାହିଁ। ପିଲାଟା ଯଦି ବାଟକୁ ନ ଆସିବ ତା'ର ଭବିଷ୍ୟତ ଅନ୍ଧକାର ହୋଇଯିବ। ଏଥିପାଇଁ କିଛି ଗୋଟେ ଉପାୟ ବାହାର କରିବାକୁ ପଡ଼ିବ। ସବୁ ଦିଗରୁ ଚିନ୍ତା କରିବା ପରେ ଦିନେ ଜେଜେ ଟୁଲୁକୁ ଡାକି କହିଲେ– "କିରେ ନାତିଆ, ଚାଲ, ଆଜି ବଜାରକୁ ବୁଲିଯିବା। ତୋତେ ଭଳିକିଭଳି ଜିନିଷ କିଣି ଦେବି। "ଟୁଲୁ ହଁ ଜେଜେ କହି ଶୀଘ୍ର ବାହାରି ପଡ଼ିଲା। ବିଭିନ୍ନ ଦୋକାନରୁ ନିଜ ମନ ପସନ୍ଦର ଭଳିକିଭଳି ଜିନିଷ କିଣିଲା। ଶେଷରେ ଜେଜେ ତାକୁ ଏକ ବହି ଦୋକାନକୁ ଡାକି ନେଇ ମନଛୁଆଁ ଶିଶୁ ଗଳ୍ପ ପତ୍ରିକାଟିଏ କିଣି ଦେଇ କହିଲେ -"ବାବୁରେ, ଏହି ବହିରେ ମନଛୁଆଁ, ସରସ ସୁନ୍ଦର କୋଡ଼ିଏଟି କାହାଣୀ ଅଛି। ତୁ ଘରକୁ ଗଲେ କାହାଣୀଗୁଡ଼ିକ ମନଧ୍ୟାନ ଦେଇ ପଢ଼ିବୁ। ନିହାତି ଭାବରେ ଭଲ ଲାଗିବ। ଗୋଟିଏ କାହାଣୀ ପଢ଼ି ସାରିବା ପରେ ଯଦି ମୋ ଆଗରେ ତାହା ଆଉ ଥରେ କହିବୁ ଆଉ ସେହି କାହାଣୀରୁ କ'ଣ ଶିଖିଲୁ ତାହା କହିପାରିବୁ ତେବେ ମୁଁ ତୋତେ ଦଶ ଟଙ୍କିଆ ନୋଟ୍‌ଟିଏ ଦେବି। ତାକୁ ତୁ ନିଜ ଇଚ୍ଛାରେ ଖର୍ଚ୍ଚ କରିବୁ। ଆଉ ଶୁଣ, ବହିରୁ ପଢ଼ି ଦିନକୁ ମୋତେ ଯେତୋଟି ଗପ କହିବୁ ମୋଠାରୁ ସେତୋଟି ଦଶଟଙ୍କି ପାଇବୁ। "କେବଳ ଗପଟିଏ ପଢ଼ି କରି ଜେଜେଙ୍କ ଆଗରେ ବର୍ଣ୍ଣନା କରି କହିଲେ ଦଶ ଟଙ୍କା ମିଳିଯିବ ଜାଣି ଟୁଲୁ ଖୁସି ମନରେ ହଁ ଜେଜେ ବଢ଼ିଆ ହେବ ବୋଲି କହିଲା। ପ୍ରଥମ ଦିନ ସେ ଗୋଟିଏ ଗପ କହି ଦଶ ଟଙ୍କା ପାଇଲା। ତା' ପର ଦିନ ଦୁଇଟି ଗପ ଓ ସେଥିରୁ କ'ଣ ଶିଖିଲା କହି କୋଡ଼ିଏ ଟଙ୍କା ପାଇଲା। ତୃତୀୟ ଦିନ ତିରିଶି, ଚତୁର୍ଥ ଦିନ ତିରିଶି ଏହିପରି ଭାବରେ ସେ ଜେଜେଙ୍କଠାରୁ ଗପ ବାବଦରେ ଟଙ୍କା ପାଇ ଚାଲିଲା। ଧୀରେ ଧୀରେ ବହି ପଢ଼ିବା ଟୁଲୁର ନିଶା ପାଲଟିଗଲା। ଜେଜେ ମଧ୍ୟ ତାକୁ ବିଭିନ୍ନ ପ୍ରକାରର ଶିଶୁ ପତ୍ରିକା ଆଣି ଦେଉଥାନ୍ତି। ଦିନେ ଜେଜେ ଟୁଲୁକୁ ପଚାରିଲେ -" କିରେ ବାବା, ତୁ ତ ମୋତେ ଗପ ପଢ଼ି କରି ଶୁଣାଉଛୁ ଆଉ ସେହି ଗଳ୍ପରୁ କ'ଣ ଶିଖିଲୁ ତାହା ବି କହୁଛୁ, ତେବେ ମୋର ଗୋଟିଏ ପ୍ରଶ୍ନ - ଏଇ କ'ଣ ଶିଖିଲୁ ଖାଲି ମୋ ଆଗରେ କହୁଥିବୁ ନା ନିଜ ଜୀବନରେ ପାଳନ କରିବୁ ?" " ଟୁଲୁ ଘଡ଼ିଏ ଚିନ୍ତା କଲା ଆଉ କହିଲା - " ଜେଜେ ମୁଁ ଶିଖିଥିବା ସୁଗୁଣ ଓ ଭଲ ଜିନିଷ ନିଜ ଜୀବନରେ ପାଳନ କରିବାକୁ ପଡ଼ିବ। ଆଜି ଶପଥ ନେଉଛି, ଶିଖିଥିବା ଭଲ କଥାଗୁଡ଼ିକ ନିଶ୍ଚୟ ପାଳନ କରିବି। ବହିର ପ୍ରଭାବରେ ଆସ୍ତେ ଆସ୍ତେ ଟୁଲୁର ଚାଲିଚଳଣି, କଥାବାର୍ତ୍ତା, ଆଚାର ବ୍ୟବହାର ସବୁ କିଛି ବଦଳି ଗଲା। ସଞ୍ଚୟର ମୂଲ୍ୟ ବୁଝିପାରିଲା, ବଦଖର୍ଚ୍ଚ କଲା ନାହିଁ। ଆଉ କାହା ସହିତ କଳିକଜିଆ ଲାଗିଲା ନାହିଁ। ସମୟର ସୁବିନିଯୋଗ କରିବା ସହିତ ଭଲ ପାଠ ମଧ୍ୟ ପଢ଼ିଲା। ମାସେ ପରେ ଜେଜେ ଗାଆଁକୁ ଚାଲିଗଲେ ହେଲେ ଟୁଲୁ ବହି ପଢ଼ା ଛାଡ଼ି ପାରିଲା ନାହିଁ। ସେ ବର୍ଷ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ତାକୁ ଆଦର୍ଶ ଛାତ୍ର ଭାବରେ ପୁରସ୍କୃତ କରାଗଲା। ପିଲାମାନେ, ବହି ହେଉଛି ଆମର ଅସଲ ମିତ, ସର୍ବଶ୍ରେଷ୍ଠ ବନ୍ଧୁ। ବହି ସବୁବେଳେ ଆମକୁ ଭଲ କଥା ହିଁ ଶିଖାଇଥାଏ। କଥାରେ ଅଛି " ପଢ଼ିଲେ ଜାଣିବା, ଜାଣିଲେ ଜିଣିବା।" ■




ପୁଇଁନ୍ତଲା, ବଲାଙ୍ଗୀର

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।






ସ୍ୱସ୍ତିତପା ମେକାପ
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା, ପୁରୀ






ସାଇଶ୍ରୀ ବେହେରା
ଚତୁର୍ଥ ଶ୍ରେଣୀ
ଭାରତୀୟ ବିଦ୍ୟା ନିକେତନ
ନିମାପଡ଼ା





ପ୍ରତୀକ କୁମାର ଅଦାବର
ଷଷ୍ଠ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ରଥପୁର, ସୁବର୍ଣ୍ଣପୁର





ଦେବହୂତି ବରଦାଲକ୍ଷ୍ମୀ ରାଉତ
ଦ୍ୱିତୀୟ ଶ୍ରେଣୀ
ଦୀପ୍ତି କନଭେଣ୍ଟ ସ୍କୁଲ
ରାୟଗଡ଼ା






## ୨୦ ବର୍ଷୀୟ ଜୋହାନଙ୍କ ଡବଲ୍ ଗୋଲ୍
# ସ୍ୱିଜରଲାଣ୍ଡ-୪, ବୋସ୍‌ନିଆ-୧

ଲସ୍‌ଏଞ୍ଜେଲସ,୧୯।୬(ଏଜେନ୍ସି): ଏଠାରେ ଗୁରୁବାର ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ସ୍ୱିଜରଲାଣ୍ଡ ୪-୧ ଗୋଲରେ ବୋସନିଆ ଓ ହର୍ଜଗୋଭିନାକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ୨୦ ବର୍ଷୀୟ ଜୋହାନ ମାନଜାମ୍ବି ବଦଳ ଖେଳାଳିଭାବେ ଆସି ୨ଟି ଗୋଲ ସ୍କୋର କରିଥିଲେ। ୟୁରୋପା ଲିଗ୍‌ର ଶ୍ରେଷ୍ଠ ଯୁବ ଖେଳାଳି ବିବେଚିତ ମାନଜାମ୍ବି ବରିଷ୍ଠ ଦଳରୁ ଖେଳି କ୍ରମାଗତ ଦୁଇଟି ମ୍ୟାଚ୍‌ରେ ବଦଳ ଖେଳାଳିଭାବେ ଆସି ଗୋଲ ସ୍କୋର କରିବାର ରେକର୍ଡ କରିଛନ୍ତି। ଏହି ବିଜୟ ଫଳରେ ସ୍ୱିଜରଲାଣ୍ଡ ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ପ୍ରଥମାର୍ଦ୍ଧ ଖେଳ ଗୋଲ ଶୂନ୍ୟ ରହିବା ପରେ ଜୋହାନ ମାନଜାମ୍ବିଙ୍କୁ ଖେଳିବାର ସୁଯୋଗ ମିଳିଥିଲା। ତାଙ୍କ ସହ ଆଉ ୨ଜଣ ମଧ୍ୟ ବଦଳ ଖେଳାଳି ପଡ଼ିଆକୁ ଆସିଥିଲେ। ଏମାନଙ୍କ ପଦାର୍ପଣ ପରେ ଦଳ ୩ଟି ଗୋଲ ଦେଇଥିଲା। ଏହା ମଧ୍ୟରୁ ମାନଜାମ୍ବି ୭୪ ଓ ୯୦ତମ ମିନିଟ୍‌ରେ ଦୁଇଟି ଗୋଲ ଦେଇଥିଲେ। ଖେଳର ୮୪ତମ ମିନିଟ୍‌ରେ ରୁବେନ ଭର୍ଗାସ ଆଉ ଏକ ଗୋଲ ଦେଇ ଦଳକୁ ୩-୦ରେ ଅଗ୍ରଣୀ କରାଇଥିଲେ। ୮୦ତମ ମିନିଟ୍‌ରେ ବୋସନିଆର ତାରିକଙ୍କୁ ରେଡକାର୍ଡ ମିଳିଥିଲା। କିନ୍ତୁ ଷ୍ଟପେଜ୍ ଟାଇମ୍‌ର ୯୩ତମ ମିନିଟ୍‌ରେ ଏରମିନ ମାହମିଚ୍ ଗୋଟିଏ ଗୋଲ ଶୁଝାଇଥିଲେ।

# ଫିଫା ବିଶ୍ୱକପ୍‌ରେ ଆତ୍ମଘାତୀ ଗୋଲ୍

ଡଲାସ,୧୯।୬(ଏଜେନ୍ସି): ଚଳିତ ବିଶ୍ୱକପ୍‌ରେ ଏଯାଏ ଜଣେ ଖେଳାଳି ଗୋଲ ସ୍କୋର କରିବାକୁ ନେଇ ଚର୍ଚ୍ଚାରେ ନାହାନ୍ତି। କିନ୍ତୁ ଆତ୍ମଘାତୀ ଗୋଲ ଚର୍ଚ୍ଚାରେ ରହିଛି। ଆତ୍ମଘାତୀ ଗୋଲର ଅର୍ଥ ହେଉଛି ଜଣେ ଖେଳାଳି ନିଜ ଦଳ ବିପକ୍ଷରେ ଗୋଲ କରିବା। ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ରାଉଣ୍ଡ ଖେଳ ଆରମ୍ଭ ତଥା ଗୁରୁବାର ଖେଳାଯାଇଥିବା ମ୍ୟାଚ୍ ସୁଦ୍ଧା ଚଳିତ ଟୁର୍ଣ୍ଣାମେଣ୍ଟରେ ୬ଟି ଆତ୍ମଘାତୀ ଗୋଲ ହୋଇସାରିଲାଣି। ଫିଫା ବିଶ୍ୱକପ୍ ଇତିହାସରେ ଏହା ଦ୍ୱିତୀୟ ସର୍ବାଧିକ। ୧୯୯୮ ଫ୍ରାନ୍ସ ଓ ୨୦୨୨ କତାରରେ ଖେଳାଯାଇଥିବା ବିଶ୍ୱକପ୍‌ରେ ୬ଟି ଲେଖାଏଁ ଆତ୍ମଘାତୀ ଗୋଲ ହୋଇଥିଲା। ଏହି ସଂଖ୍ୟା ୨୦୧୮ରେ ଦ୍ୱିଗୁଣିତ ହୋଇଯାଇଥିଲା। ଯେଉଁଥିରେ ୧୨ଟି ଆତ୍ମଘାତୀ ଗୋଲ ହୋଇଥିଲା। ୨୦୨୬ରେ ୧୦୪ଟି ମ୍ୟାଚ୍ ଖେଳାଯିବାକୁ ଥିବାରୁ ଏହି ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶା କରିବା ସ୍ୱାଭାବିକ୍। ୨୦୨୬ରେ ପ୍ରଥମ ଆତ୍ମଘାତୀ ଗୋଲ କରିଥିଲେ ପାରାଗୁଏର ଡିଫେଣ୍ଡର ଡାମିଆନ୍ ବୋବାଦିଲା। କିନ୍ତୁ କତାର ବିପକ୍ଷରେ ସ୍ୱିଜରଲାଣ୍ଡର ମିରୋ ମୁହେମ୍ ୯୪ତମ ମିନିଟ୍‌ରେ ଆତ୍ମଘାତୀ ଗୋଲ ଦେବା ଫଳରେ ମ୍ୟାଚ୍ ଡ୍ର ରହିଥିଲା। ଜୁନ୍ ୧୫ରେ ବେଲଜିୟମ ବିପକ୍ଷରେ ଇଜିପ୍ଟର ମହମ୍ମଦ୍ ହାନି ତୃତୀୟ ଗୋଲ ଦେଇଥିଲେ। ଚତୁର୍ଥ ଆତ୍ମଘାତୀ ଗୋଲ ଦେଇ ଇରାକ୍‌ର ଆୟେମେନ୍ ହୁସେନ ରେକର୍ଡ କରିଥିଲେ। ଏହି ମ୍ୟାଚ୍‌ରେ ସ୍ୱିଜରଲାଣ୍ଡ ୪-୧ ଗୋଲରେ ବିଜୟୀ ହୋଇଥିଲାବେଳେ ସେ ନିଜ ଦଳ ଲାଗି ଓ ବିପକ୍ଷରେ ଗୋଟିଏ ମ୍ୟାଚ୍‌ରେ ଗୋଲ ଦେବାରେ ବିଶ୍ୱର ୩ୟ ଖେଳାଳି ହୋଇଛନ୍ତି।

## ରୋମୋଙ୍କ ପ୍ରଥମ ମେଜର ଟୁର୍ଣ୍ଣାମେଣ୍ଟ ଗୋଲ୍
# ପ୍ରି-କ୍ୱାର୍ଟର ଫାଇନାଲରେ ମେକ୍ସିକୋ

ଜାପୋପାନ୍,୧୯।୬(ଏଜେନ୍ସି)



ମିଡ୍ ଫିଲ୍ଡର ଲୁଇଜ୍ ରୋମୋଙ୍କ ମେଜର ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଗୋଲ ବଳରେ ଯୁଗ୍ମ ଆୟୋଜକ ମେକ୍ସିକୋ ୧-୦ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଫଳରେ ଗ୍ରୁପ୍-ଏ'ରେ ମେକ୍ସିକୋ କ୍ରମାଗତ ବିଜୟ ସହ ପ୍ରଥମ ଦଳ ଭାବେ ରାଉଣ୍ଡ ଅଫ୍ ୩୨ ବା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ପ୍ରଥମ ମୁକାବିଲାରେ ମେକ୍ସିକୋ ୨-୦ ଗୋଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା। ଏହି ବିଜୟ ଫଳରେ ଗତଥରର ନିରାଶାକୁ ଧୋଇଦେଇଛି ଏହି ଘରୋଇ ଦଳ। କତାରରେ ୪ ବର୍ଷ ପୂର୍ବେ ଖେଳାଯାଇଥିବା ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟ ବା ପ୍ରଥମ ରାଉଣ୍ଡରୁ ବାଦ୍ ପଡ଼ିଥିଲା ମେକ୍ସିକୋ। ଘରୋଇ ମାଟିରେ ଲାଗ ଲାଗ ଦୁଇଟି ବିଜୟ ହାସଲ କରି ମେକ୍ସିକୋ ତାହାର ଦକ୍ଷତା ପ୍ରମାଣିତ କରିବାରେ ସଫଳ ହୋଇଛି।

ଜାପୋପାନ୍‌ର ଗୌଦାଲାଜାରା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ କୌଣସି ଦଳ ଗୋଟିଏ ହେଲେ ନିଶ୍ଚିତ ଗୋଲ ଦେବାର ସୁଯୋଗ ସୃଷ୍ଟି କରିପାରି ନ ଥିଲେ। ପ୍ରଥମାର୍ଦ୍ଧ ଖେଳ ଆଦୌ ଉଚ୍ଚକୋଟୀର ହୋଇ ନ ଥିଲା। ଉଭୟ ଦଳ ସଂଘର୍ଷ କରୁଥିଲାବେଳେ ଦ୍ୱିତୀୟାର୍ଦ୍ଧରେ ବା ଖେଳର ୫୦ତମ ମିନିଟ୍‌ରେ ଦକ୍ଷିଣ କୋରିଆର ଗୋଲକିପର କିମ୍ ସେଉଙ୍ଗ ବଲ ଧରିବାକୁ ଯାଇ ଡିଫେଣ୍ଡର ଲୀ ଗି-ହ୍ୟୁକ୍‌ଙ୍କ ଧକ୍କା ଖାଇ ତଳେ ପଡ଼ିଯାଇଥିଲେ। ଏହି ସମୟରେ ବଲ ଗୋଲପୋଷ୍ଟ ନିକଟରେ ପହଞ୍ଚିଥିଲା। ସେଠାରେ ଉପସ୍ଥିତ ମେକ୍ସିକୋ ମିଡ୍‌ଫିଲ୍ଡର ରୋମୋ କୌଣସି ତ୍ରୁଟି ନ କରି ବଲ୍‌କୁ ପୋଷ୍ଟ ମଧ୍ୟକୁ ପଠାଇ ଗୋଲ ସ୍କୋର କରିଥିଲେ। ସମଗ୍ର ମ୍ୟାଚ୍‌ରେ ଉଭୟ ଦଳ ପକ୍ଷରୁ ଏହା ଏକମାତ୍ର ଗୋଲ ଥିଲା। ମେକ୍ସିକୋ ପକ୍ଷରୁ ରୋମୋ ମଧ୍ୟ କୌଣସି ଏକ ମେଜର ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଗୋଲ ସ୍କୋର କରିବାରେ ସଫଳ ହୋଇଥିଲେ।

ଦକ୍ଷିଣ କୋରିଆ ଗୋଲରକ୍ଷକଙ୍କ ଲାଗି ଦଳ ଗୋଲ ବରଣ କରିଥିଲା। କିନ୍ତୁ ମେକ୍ସିକୋ ଗୋଲରକ୍ଷକ ରଲ ରାଙ୍ଗେଲଙ୍କ ଲାଗି ମେକ୍ସିକୋ ଅତିକମ୍‌ରେ ଦୁଇଟି ଗୋଲ ବରଣରୁ ରକ୍ଷା ପାଇଥିଲା। ଗୋଲ ଶୁଝାଇବାକୁ ଦକ୍ଷିଣ କୋରିଆ ଦଳ ପ୍ରବଳ ଉଦ୍ୟମ କରୁଥିଲାବେଳେ ଖେଳର ୮୭ତମ ମିନିଟ୍‌ରେ ବଦଳ ଖେଳାଳି ଚୋ ଗୁଏ-ସଙ୍ଗ୍ ପୋଷ୍ଟ ନିକଟରେ କରିଥିବା ହେଡରକୁ ଅଟକାଇ ରାଙ୍ଗେଲ ଏକ ନିଶ୍ଚିତ ଗୋଲରୁ ଦଳକୁ ବଞ୍ଚାଇଥିଲେ। ଏହା ପରେ ରିବାଉଣ୍ଡରୁ ୟାଙ୍ଗ ହ୍ୟୁନ୍-ଜୁନ୍‌ଙ୍କ ସଟ୍‌କୁ ମଧ୍ୟ ସେ ଅଟକାଇ ଆଉ ଏକ ଗୋଲ ବରଣୁ ଦଳକତ୍ରକ୍ଷା କରିଥିଲେ। ଏହି ଦୁଇଟି ଗୋଲକୁ ଅଟକାଇ ରାଙ୍ଗେଲ ନିଜ ଟିମ୍‌କୁ ରାଉଣ୍ଡ ଅଫ୍ ୩୨ରେ ପହଞ୍ଚାଇବାରେ ସଫଳ ହୋଇଥିଲେ। ନକ୍‌ଆଉଟରେ ପ୍ରବେଶ କରିବାରେ ମେକ୍ସିକୋ ପ୍ରଥମ ଦଳ ହୋଇଥିଲେ। ଅନ୍ୟ ପକ୍ଷରେ ପରାଜିତ ହୋଇଥିଲେ ମଧ୍ୟ ଦକ୍ଷିଣ କୋରିଆ ଗ୍ରୁପ୍-ଏ'ରୁ ଦ୍ୱିତୀୟ ଦଳ ଭାବେ ନକ୍‌ଆଉଟକୁ ଉନ୍ନୀତ ହେବାର ରାସ୍ତା ପରିସ୍କାର କରିଛି। ଏହି ଦଳ ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇ ୩ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଗ୍ରୁପ୍‌ରେ ସ୍ଥାନ ପାଇଥିବା ଅନ୍ୟ ଦୁଇ ଦଳ ଦକ୍ଷିଣ ଆଫ୍ରିକା ଓ ଚେକିଆ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଡ୍ର ରହିବା ଫଳରେ ଦକ୍ଷିଣ କୋରିଆ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିବା ଆଶା ଉଜ୍ଜୀବିତ ରଖିଛି।

### ଦକ୍ଷିଣ ଆଫ୍ରିକା ନିକଟରେ ସୁଯୋଗ

ପୂର୍ବରୁ ଚେକିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଇଥିବା ଗ୍ରୁପ୍-ଏ'ର ଅନ୍ୟଏକ ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଛି। ଏହା ଫଳରେ ପ୍ରଥମ ମ୍ୟାଚ୍‌ରେ ପରାଜିତ ହୋଇଥିବା ଉଭୟ ଦଳ ଚଳିତ ଟୁର୍ଣ୍ଣାମେଣ୍ଟରୁ ପ୍ରଥମ ପଏଣ୍ଟ ହାସଲ କରିଛନ୍ତି। ଶେଷ ଲିଗ୍ ମ୍ୟାଚ୍‌ରେ ଚେକିଆ ସହ ଦକ୍ଷିଣ ଆଫ୍ରିକାର ମୁକାବିଲା ହେବ। ସେହିପରି ଦକ୍ଷିଣ କୋରିଆ ସହ ଦକ୍ଷିଣ ଆଫ୍ରିକାର ମୁକାବିଲା ହେବ। ଏଥିରେ ଯଦି ଦକ୍ଷିଣ ଆଫ୍ରିକା ୪-୦ ଗୋଲରେ ବିଜୟୀ ହୁଏ, ତେବେ ଦକ୍ଷିଣ କୋରିଆକୁ ପଛରେ ପକାଇ ନକ୍‌ଆଉଟକୁ ଯିବ। ଆଉ ଯାହା ଫଳାଫଳ ହେଲେ ମଧ୍ୟ ଦକ୍ଷିଣ କୋରିଆ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିବ। ମେକ୍ସିକୋ ଶେଷ ଲିଗ୍ ମ୍ୟାଚ୍‌ରେ ଚେକିଆଠାରୁ ହାରିଗଲେ ମଧ୍ୟ ନକ୍‌ଆଉ ପ୍ରବେଶ ରାସ୍ତାରେ କୌଣସି ପ୍ରତିବନ୍ଧକ ହେବ ନାହିଁ।



26

| ଫିଫା ବିଶ୍ୱକପ୍ ମୁକାବିଲା |
|---|
| ଜୁନ୍-୨୦, ଶନିବାର ରାତି |
| ନେଦରଲ୍ୟାଣ୍ଡସ-ସ୍ୱିଡେନ୍ |
| ହଷ୍ଟନ, ରାତି ୧୦.୩୦ |
| ଜର୍ମାନୀ-ଆଇଭରୀ କୋଷ୍ଟ |
| ଟରଣ୍ଟୋ, ରାତି ୧.୩୦ |
| ଜୁନ୍-୨୧ ରବିବାର |
| ଇକ୍ୱେଡର-କ୍ୟୁରାସାଓ |
| କାନସାସ ସିଟି, ସକାଳ ୫ଟା୩୦ |
| ଟ୍ୟୁନିସିଆ-ଜାପାନ |
| ଗୌଦାଲଜରା, ସକାଳ ୯.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

# ଡେଭିଡ୍‌ଙ୍କ ହ୍ୟାଟ୍ରିକ୍; ୪୦ ବର୍ଷ ପରେ ଜିତିଲା କାନାଡା

ଭାଙ୍କୋଭର,୧୯।୬(ଏଜେନ୍ସି)



ଜୋନାଥନ ଡେଭିଡ୍‌ଙ୍କ ହ୍ୟାଟ୍ରିକ୍ ବଳରେ ସ୍ଥାନୀୟ ବିସି ପ୍ଲେସ୍‌ଠାରେ ଗୁରୁବାର ଖେଳାଯାଇଥିବା ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ଘରୋଇ କାନାଡା ଦଳ ୬-୦ ଗୋଲରେ କତାରକୁ ପରାସ୍ତ କରିଛି। ଏହା ଫଳରେ ଦଳ ଫିଫା ବିଶ୍ୱକପ୍‌ରେ ଭାଗନେବାର ୪୦ ବର୍ଷ ପରେ ପ୍ରଥମ ବିଜୟର ସ୍ୱାଦ ଚାଖିଛି। ଏହା ବ୍ୟତୀତ କୋନକାକାଫ୍ ଦେଶ ମଧ୍ୟରେ ଏହି ବିଜୟ ବ୍ୟବଧାନ ସର୍ବବୃହତ୍। ଘରୋଇ ମାଟିରେ ଖେଳୁଥିବା କାନାଡ଼ା ୨ଟି ମ୍ୟାଚ୍‌ରୁ ସ୍ୱିଜରଲାଣ୍ଡ ସହ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛି। ଉଭୟ ଦେଶ ମଧ୍ୟରେ ଶେଷ ଲିଗ୍ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ର ଫଳାଫଳ ଉପରେ କେଉଁ ଦୁଇ ଦଳ ଗ୍ରୁପ୍-ବି'ରୁ ରାଉଣ୍ଡ ଅଫ୍ ୩୨ ବା ନକ୍‌ଆଉଟରେ ପ୍ରବେଶ କରିବେ ତାହା ସ୍ଥିର ହେବ। ଏହି ଗ୍ରୁପ୍‌ରେ ସ୍ଥାନ ପାଇଥିବା ଅନ୍ୟ ଦୁଇଦଳ ଗୋଟିଏ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଶେଷ ଦୁଇଟି ସ୍ଥାନରେ ରହିଛନ୍ତି। ଏହି ଦଳ ମଧ୍ୟରୁ ବୋସ୍‌ନିଆ ଓ ହର୍ଜଗୋଭିନା ୪-୦ ଏବଂ କତାର ୭-୦ ଗୋଲ ବ୍ୟବଧାନରେ ବିଜୟୀ ହେଲେ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିବାକୁ ଯୋଗ୍ୟତା ଅର୍ଜନ କରିପାରନ୍ତି।

ଏହି ମ୍ୟାଚ୍‌କୁ କାନାଡା ଆରମ୍ଭରୁ ଶେଷଯାଏ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିଥିଲା। ପ୍ରତିପକ୍ଷ ଗୋଲ ପୋଷ୍ଟ ଉପରେ କାନାଡା ୩୩ଟି ଓ କତାର ମାତ୍ର ୨ଟି ସଟ୍ ମାରିଥିଲା। ଖେଳର ୧୬ତମ ମିନିଟ୍‌ରେ ୩୧ ବର୍ଷୀୟ ଭେଟେରାନ ଷ୍ଟ୍ରାଇକର କାଏଲ ଲାରିନ୍ ପ୍ରଥମ ଗୋଲ ଦେଇଥିଲେ। ଏହା ପରେ ଡେଭିଡ୍ ପୂରା ନଜରରରେ ରହିଥିଲେ। ଖେଳର ୨୮ତମ ମିନିଟ୍‌ରେ ପ୍ରଥମ ଓ ଷ୍ଟପେଜ୍ ଟାଇମ୍‌ରେ ଦ୍ୱିତୀୟ ଗୋଲ ଦେଇ ପ୍ରଥମାର୍ଦ୍ଧ ସୁଦ୍ଧା ଦଳକୁ ୩-୦ ଗୋଲରେ ଅଗ୍ରଣୀ କରାଇଥିଲେ। ବିସି ପ୍ଲେସ୍ ଷ୍ଟାଡିୟମ୍‌ରେ ଉପସ୍ଥିତ ୫୨,୦୦୦ କାନାଡା ଦର୍ଶକ ଆନନ୍ଦରେ ଝୁଲିଉଠିଥିଲେ।

ଦ୍ୱିତୀୟାର୍ଦ୍ଧରେ କତାର ଆକ୍ରମଣ କରିବା ପୂର୍ବରୁ ଦ୍ୱିତୀୟ ଖେଳାଳି ରେଡକାର୍ଡ ପାଇବା ରଣନୀତି ପରିବର୍ତ୍ତନ କରିବାକୁ ହେଡ୍ କୋଚ୍‌ଙ୍କୁ ବାଧ କରିଥିଲା। ଖେଳର ୩୩ତମ ମିନିଟ୍‌ରେ ହୋମାମ ଅହମ୍ମଦ୍ ଓ ୫୩ତମ ମିନିଟ୍‌ରେ ଆସିମ ମୋଦିବୋଙ୍କୁ ବିପଜ୍ଜନକ ଖେଳ ଲାଗି ରେଡ୍‌କାର୍ଡ ଦିଆଯାଇଥିଲା। ଆସିମଙ୍କ ସହ ଧକ୍କା ଖାଇଥିବା କାନାଡାର ମିଡ୍‌ଫିଲ୍ଡର ଇସ୍‌ମାଏଲ କୋନଙ୍କ ଗୋଡ ଭାଙ୍ଗିଯାଇଛି। ଏହି ଲଢ଼େଇରେ ସେ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ବଦଳରେ ଖେଳିବାକୁ ଆସିଥିବା ନାଥାନ ସାଲିବାଙ୍କ ୬୬ତମ ମିନିଟ୍‌ରେ ମାରିଥିବା ସଟ୍‌କୁ ନିୟନ୍ତ୍ରଣ କରି ନ ପାରି ମହମ୍ମଦ୍ ମାନାଇ କତାର ଗୋଲ ପୋଷ୍ଟକୁ ବଲ ପଠାଇଦେଇଥିଲେ। ଏହା ପରେ ୭୫ତମ ମିନିଟ୍‌ରେ ଡେଭିଡ ଆଉ ଏକ ଗୋଲ ଦେଇ ହ୍ୟାଟ୍ରିକ୍ ଅର୍ଜନ କରିବା ସହ ଦଳକୁ ବୃହତ୍ ବିଜୟ ଭେଟିଦେଇଥିଲେ।



# ସବୁ ମହିଳା ରେଫରି

ଆଟଲାଣ୍ଟା,୧୯।୬(ଏଜେନ୍ସି): ଚେକିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଆଟଲାଣ୍ଟା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଗ୍ରୁପ୍-ଏ ଫିଫା ବିଶ୍ୱକପ୍ ମ୍ୟାଚକୁ ସମସ୍ତ ମହିଳା ରେଫରି (ସମସ୍ତେ ଆମେରିକାର) ପରିଚାଳନା କରି ଇତିହାସ ସୃଷ୍ଟି କରିଛନ୍ତି। ଏହି ମ୍ୟାଚ୍‌ର ମୁଖ୍ୟ ରେଫରି ହେଲେ ଟୋରି ପେନ୍‌ସୋ, ଦୁଇ ସହକାରୀ ରେଫରି ହେଲେ କାଥରିନ୍ ନେସ୍‌ବିଟ୍ ଓ ବ୍ରୁକ୍ ମାୟୋ। ଦ୍ୱିତୀୟଥର ଲାଗି ଫିଫା ପୁରୁଷ ବିଶ୍ୱକପ୍‌ର ସମସ୍ତ ମହିଳା ରେଫରିମାନେ ମ୍ୟାଚ୍ ପରିଚାଳନା କରିବାର ସୁଯୋଗ ପାଇଛନ୍ତି।

■ ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍
# ଶିବମ୍-ହୃଦେଶ ମିଳିତ ଅଗ୍ରଣୀ

ଭୁବନେଶ୍ୱର, ୧୯।୬ (ସମିସ): ନିଖିଳ ଓଡ଼ିଶା ଚେସ୍ ସଂଘ ଆନୁକୂଲ୍ୟରେ ପଟିଆରେ ଚାଲିଥିବା ୧୧ ବର୍ଷରୁ କମ୍ ରାଜ୍ୟ ଚେସ୍ ପ୍ରତିଯୋଗିତାର ଦ୍ୱିତୀୟ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ୪ର୍ଥ ରାଉଣ୍ଡ ଖେଳ ଶେଷ ସୁଦ୍ଧା ଗଞ୍ଜାମର ଦୁଇ ପ୍ରତିଭାବାନ ଖେଳାଳି ଶିଭମ ସାବତ ଓ ହୃଦେଶ ପାଣିଗ୍ରାହୀ ୪ ପଏଣ୍ଟ ଲେଖାଏ ପାଇ ମିଳିତ ଭାବେ ଅଗ୍ରଣୀ ଲାଭ କରିଛନ୍ତି। ଅପରପକ୍ଷରେ ବାଳିକାରେ କଟକର ସ୍ନେହସ୍ମିତା ରାମ ଓ ଖୋର୍ଦ୍ଧାର ପ୍ରୀତିକା ପ୍ରଧାନ ମଧ୍ୟ ୪ ପଏଣ୍ଟ ଲେଖାଏ ପାଇ ମିଳିତ ଭାବରେ ଅଗ୍ରଣୀ ହାସଲ କରିଛନ୍ତି। କ୍ରବାର ବାଳକ ବିଭାଗରେ ଢେଙ୍କାନାଳର ରେୟାଂଶ ଟପ୍ ସିଡ୍ ଆଦିତ୍ୟଙ୍କୁ ପରାସ୍ତ କରି ବଡ଼ ବିପର୍ଯ୍ୟୟ ଘଟାଇଥିଲେ। ମହିଳା ବିଭାଗରେ ପ୍ରୀତିକା ୪ ଘଣ୍ଟା କାଳ ଖେଳି ଅନିଷା ଆଚାର୍ଯ୍ୟଙ୍କୁ ହରାଇବା ଅନ୍ୟତମ ପ୍ରମୁଖ ଘଟଣା ରହିଥିଲା। ଆଜିର ଖେଳରେ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘର ସମ୍ପାଦକ ତପନ ସ୍ୱାଇଁ ଓ 'ଦୂରଦର୍ଶୀ'ର ସମ୍ପାଦକ ଦୁର୍ଗା ସାମନ୍ତରାୟ ଅତିଥିଭାବେ ଯୋଗ ଦେଇଥିଲେ।

■ ଜାତୀୟ ସିନିଅର ଆକ୍ୱାଟିକ୍
# କ୍ରମାଗତ ୨ୟ ସ୍ୱର୍ଣ୍ଣ ଜିତିଲେ ପ୍ରତ୍ୟାଶା

ଭୁବନେଶ୍ୱର, ୧୯।୬ (ସମିସ): ଅହମ୍ମଦାବାଦରେ ଚାଲିଥିବା ୭୯ତମ ଜାତୀୟ ସିନିଅର ଜଳକ୍ରୀଡ଼ା ଚାମ୍ପିଅନସିପ୍‌ରେ ଓଡ଼ିଶାର ତାରକା ସନ୍ତରଣକାରୀ ପ୍ରତ୍ୟାଶା ରାୟଙ୍କ ଚମକ ଜାରି ରହିଛି। ପ୍ରତ୍ୟାଶା କ୍ରମାଗତ ଦ୍ୱିତୀୟ ସ୍ୱର୍ଣ୍ଣ ସହ ପ୍ରତିଯୋଗିତାରେ ୩ୟ ପଦକ ଜିତିଛନ୍ତି। ଶୁକ୍ରବାର ଅନୁଷ୍ଠିତ ମହିଳା ୧୦୦ ମିଟର୍ ବ୍ୟାକ୍‌ଷ୍ଟ୍ରୋକରେ ପ୍ରତ୍ୟାଶା ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏହି ଦୂରତାକୁ ସେ ଏକ ମିନିଟ୍ ୦୪.୭୫ ସେକେଣ୍ଡରେ ଫିନିଶ କରି ପୋଡିୟମର ଶୀର୍ଷ ସ୍ଥାନ ହାସଲ କରିଥିଲେ। ପ୍ରତ୍ୟାଶା ପୂର୍ବରୁ ଗୁରୁବାର ୨୦୦ ମିଟର୍ ବ୍ୟାକଷ୍ଟ୍ରୋକରେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ସେହିଭଳି ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ସେ ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ହାସଲ କରିଥିଲେ।



## ଆଫଗାନିସ୍ତାନ ବିପକ୍ଷ ୩ୟ ଦିନିକିଆ ଆଜି
# ଚେନ୍ନାଇରେ କ୍ଲିନ୍‌ସୁଇପ୍ ଲକ୍ଷ୍ୟରେ ଭାରତ

ଚେନ୍ନାଇ, ୧୯।୬ (ଏଜେନ୍ସି): ଭ୍ରମଣକାରୀ ଆଫଗାନିସ୍ତାନ ଓ ଭାରତ ମଧ୍ୟରେ ଚାଲିଥିବା ଦିନିକିଆ ସିରିଜର ଅନ୍ତିମ ତଥା ୩ୟ ମ୍ୟାଚ୍ ଶନିବାର ଖେଳାଯିବ। ସ୍ଥାନୀୟ ଏମଏ ଚିଦାମ୍ବରମ ଷ୍ଟାଡିୟମ ଖେଳାଯିବାକୁ ଥିବା ଏହି ମ୍ୟାଚକୁ ଜିତି ଘରୋଇ ଭାରତ ସିରିଜ କ୍ଲିନସୁଇପ୍ କରିବା ଲକ୍ଷ୍ୟରେ ରହିଛି। ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତ ପୂର୍ବରୁ ସିରିଜର ପ୍ରଥମ ଦୁଇ ମୁକାବିଲାକୁ ଯଥାକ୍ରମେ ୭ ୱିକେଟ୍ ଓ ୧୭୦ ରନରେ ବିଜୟୀ ହୋଇଥିଲା। ଏହି ବିଜୟଧାରା ବଜାୟ ରଖି ଗିଲ୍ ବାହିନୀ ଏବେ ଚେନ୍ନାଇରେ ସିରିଜ ମୂଳପୋଛ କରିବାକୁ ପଡ଼ିଆକୁ ଓହ୍ଲାଇବ। ଭାରତ ୨-୦ରେ ଆଗୁଆ ସିରିଜ କବ୍‌ଜା କରିସାରିଥିବାରୁ ବେଞ୍ଚରେ ବସିଥିବା ଖେଳାଳିଙ୍କୁ ତୃତୀୟ ଦିନିକିଆରେ ସୁଯୋଗ ଦେବାର ଯଥେଷ୍ଟ ସୁଯୋଗ ରହିଛି। ଫଳରେ ଅଲ୍‌ରାଉଣ୍ଡର ନୀତୀଶ ରେଡ୍ଡୀ, ବାମହାତୀ ସ୍ପିନ-ଅଲ୍‌ରାଉଣ୍ଡର ହର୍ଷ ଦୁବେଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିପାରେ। ତେବେ ଯୁବ ଓପନର୍ ଯଶସ୍ୱୀ ଜୟସ୍ୱାଲଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଦ୍ୱିତୀୟ ଦିନିକିଆରେ ସେ ମାତ୍ର ୪ ରନ କରି ନିରାଶ କରିଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚରେ ଫେଲ୍ ମାରିଥିବା ଅଭିଜ୍ଞ ଲୋକେଶ ରାହୁଲଙ୍କୁ ଏଠାରେ ବଡ଼ ସ୍କୋର କରି ଫର୍ମକୁ ଫେରିବାର ଏକ ସୁଯୋଗ ରହିଛି। ଅପରପକ୍ଷରେ ଆଫଗାନିସ୍ତାନ ବିଜୟ ସହ ଏହି ସଂକ୍ଷିପ୍ତ ଗସ୍ତ ଶେଷ କରିବାକୁ ଲକ୍ଷ୍ୟ ରଖିଛି। ଭ୍ରମଣକାରୀ ଦଳ ପୂର୍ବରୁ ଏକମାତ୍ର ଟେଷ୍ଟ ଓ ପ୍ରଥମ ଦୁଇଟି ଦିନିକିଆ ହାରିସାରିଛି। ତେଣୁ ସାନ୍ତ୍ୱନାମୂଳକ ବିଜୟ ସହ ସ୍ୱଦେଶ ଫେରିବାକୁ ହସମତୁଲ୍ଲା ସାହିଦିଙ୍କ ଦଳ ପଡ଼ିଆକୁ ଓହ୍ଲାଇବ।

**ମ୍ୟାଚ ଆରମ୍ଭ: ଅପରାହ୍ଣ ୧:୩୦**
**ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟୱର୍କ**

■ **ହର୍ଷିତ ସାମିଲ**

ତୃତୀୟ ଦିନିକିଆ ଲାଗି ଭାରତୀୟ ଦଳରେ ଦ୍ରୁତ ବୋଲର ହର୍ଷିତ ରାଣାଙ୍କୁ ସାମିଲ କରାଯାଇଛି। ୨୪ ବର୍ଷୀୟ ଏହି ଦ୍ରୁତ ବୋଲର ଗତ ଟି-୨୦ ବିଶ୍ୱକପ୍ ସମୟରେ ଡାହାଣ ଆଣ୍ଠୁରେ ଆଘାତ ପାଇ ଦଳରୁ ଦୂରେଇ ରହିଥିଲେ। ଏପରିକି ଆଇପିଏଲ୍‌ରେ ମଧ୍ୟ ସେ ଖେଳିପାରି ନ ଥିଲେ।

## ଟି-୨୦ ବିଶ୍ୱକପ୍‌ରେ ଭାରତକୁ ଝଟ୍‌କା
# ଆହତ ଶ୍ରେୟଙ୍କା ଆଉଟ୍; ପ୍ରେମା ସାମିଲ



ନୂଆଦିଲ୍ଲୀ, ୧୯।୬ (ଏଜେନ୍ସି): ଇଂଲଣ୍ଡରେ ଚାଲିଥିବା ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ମଝିରୁ ଭାରତକୁ ଜୋର୍‌ଦାର ଝଟକା ଲାଗିଛି। ପ୍ରତିଭାବାନ ସ୍ପିନର ଶ୍ରେୟଙ୍କା ପାଟିଲ ଆଘାତଜନିତ ସମସ୍ୟା ଲାଗି ବିଶ୍ୱକପ୍‌ର ବଳକା ମ୍ୟାଚରୁ ବାଦ୍ ପଡ଼ିଛନ୍ତି। ବୁଧବାର ହେଡିଂଲୀରେ ନେଦରଲ୍ୟାଣ୍ଡସ ବିପକ୍ଷରେ ଅନୁଷ୍ଠିତ ମ୍ୟାଚରେ ଫିଲ୍ଡିଂ କରୁଥିବାବେଳେ ୨୩ ବର୍ଷୀୟା ଶ୍ରେୟଙ୍କାଙ୍କ ଗୋଇଠି ଗୁରୁତର ଭାବେ ମୋଡ଼ି ହୋଇଯାଇଥିଲା। ଫଳରେ ତାଙ୍କୁ ଚିକିତ୍ସା ଲାଗି ତୁରନ୍ତ ପଡ଼ିଆରୁ ବାହାରକୁ ନିଆଯାଇଥିଲା। ଶ୍ରେୟଙ୍କାଙ୍କ ସ୍ଥାନରେ ଏବେ ୨୪ ବର୍ଷୀୟା ଉତ୍ତରାଖଣ୍ଡ ଲେଗ୍-ସ୍ପିନର ପ୍ରେମା ରାୱତଙ୍କ ଭାରତୀୟ ଦଳରେ ସାମିଲ କରାଯାଇଛି। ପ୍ରେମା ଯଦି ଖେଳିବାର ସୁଯୋଗ ପାଆନ୍ତି ତେବେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପଦାର୍ପଣ କରିବେ। ମହିଳା ପ୍ରିମିୟର ଲିଗ୍‌ରେ ପ୍ରେମା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦଳରୁ ଗତ ଦୁଇ ସିଜନ ଧରି ଖେଳି ଆସୁଛନ୍ତି। ଚଳିତ ମହିଳା ଟି-୨୦ ବିଶ୍ୱକପ୍‌ରେ ଭାରତ ୨ଟି ମ୍ୟାଚ ଖେଳି ୨ ବିଜୟ ସହ ୪ ପଏଣ୍ଟ ପାଇ ଗ୍ରୁପ୍-ଏ'ର ଶୀର୍ଷରେ ରହିଛି। ହରମନପ୍ରୀତ୍ କୌରଙ୍କ ଦଳ ଏହାର ପରବର୍ତ୍ତୀ ମ୍ୟାଚରେ ରବିବାର ଦକ୍ଷିଣ ଆଫ୍ରିକାକୁ ଭେଟିବ।

■ ତ୍ରି-ରାଷ୍ଟ୍ରୀୟ-ଏ' ଦିନିକିଆ ସିରିଜ
# ଭାରତ-ଶ୍ରୀଲଙ୍କା ଫାଇନାଲ୍

ଡାମ୍ବୁଲା, ୧୯।୬ (ଏଜେନ୍ସି): ଶ୍ରୀଲଙ୍କାରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଦିନିକିଆ ଏ ସିରିଜର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ରବିବାର ଟାଇଟଲ୍ ପାଇଁ ଭାରତ-ଏ ସହ ଆୟୋଜକ ଶ୍ରୀଲଙ୍କା-ଏ'ର ଲଢ଼େଇ ହେବ। ଶୁକ୍ରବାର ଅନୁଷ୍ଠିତ ଅନ୍ତିମ ରାଉଣ୍ଡ-ରବିନ ମ୍ୟାଚରେ ଶ୍ରୀଲଙ୍କା-ଏ ୧୦୩ ରନରେ ଆଫଗାନିସ୍ତାନ-ଏ'କୁ ପରାସ୍ତ କରି ଫାଇନାଲକୁ ଉଠିଥିଲା। ଏହି ମ୍ୟାଚରେ ଘରୋଇ ଦଳର ଅଭିଷ୍କା ଫର୍ଣ୍ଣାଣ୍ଡୋ ୧୧୦ ରନର ଶତକୀୟ ପାଳି ଖେଳି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଶ୍ରୀଲଙ୍କା-ଏ ଚତୁର୍ଥ ମ୍ୟାଚରୁ ୩ୟ ବିଜୟ ସହ ୬ ପଏଣ୍ଟ ପାଇ ଶୀର୍ଷରେ ରହିଛି। ସେହିଭଳି ଭାରତ-ଏ ଦୁଇଟି ଲେଖାଏ ବିଜୟ ଓ ପରାଜୟ ସହ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଅପରପକ୍ଷରେ ଚାରୋଟି ମ୍ୟାଚରୁ ୩ଟି ପରାଜୟ ସହ ୨ ପଏଣ୍ଟ ପାଇ ଆଫଗାନିସ୍ତାନ-ଏ ବିଦାୟ ନେଇଛି।

# ଆଗୁଆ ଟି-୨୦ ସିରିଜ କବ୍‌ଜା କଲା ଅଷ୍ଟ୍ରେଲିଆ

ଚଟ୍ଟୋଗ୍ରାମ, ୧୯।୬ (ଏଜେନ୍ସି): ଘରୋଇ ବାଂଲାଦେଶ ବିପକ୍ଷରେ ଶୁକ୍ରବାର ଏଠାରେ ଅନୁଷ୍ଠିତ ଟି-୨୦ ସିରିଜର ଦ୍ୱିତୀୟ ମ୍ୟାଚକୁ ଅଷ୍ଟ୍ରେଲିଆ ୭ ରନରେ ଜିତିନେଇଛି। ଅଷ୍ଟ୍ରେଲିଆ ମ୍ୟାଟ୍ ରେନସ (୫୨ ବଲରେ ୮୯ ରନ)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ୫ ୱିକେଟରେ ୧୯୬ ରନ କରିଥିଲା। ଟିମ୍ ଡେଭିଡ୍ ମଧ୍ୟ ୨୬ ବଲରେ ୪୫ ରନର ଦ୍ରୁତ ପାଳି ଖେଳିଥିଲେ। ଜବାବରେ ବାଂଲାଦେଶ ସମସ୍ତ ବ୍ୟାଟର୍‌ଙ୍କ ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ୨୦ ଓଭରରେ ୬ ୱିକେଟ ହରାଇ ୧୮୯ ରନ କରିବାକୁ ସମର୍ଥ ହୋଇଥିଲା। ପୂର୍ବରୁ ପ୍ରଥମ ମୁକାବିଲାକୁ ୪ ୱିକେଟରେ ଜିତିଥିବା ଭ୍ରମଣକାରୀ ଅଷ୍ଟ୍ରେଲିଆ ଏଥିସହ ତିନି ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୨-୦ରେ ଆଗୁଆ କବଜା କରିନେଇଛି। ସିରିଜର ଶେଷ ମ୍ୟାଚ୍ ରବିବାର ଖେଳାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS